ମାଟ୍ରିକ୍

ପୃଥିବୀ-ଇତିହାସ

(ଯୁନିଅର)

ଓଡ଼ିଶା ପବ୍ଲିଶିଙ୍ଗ୍ ହାଉସ୍
ବ୍ରହ୍ମପୁର

Digitized by srujanika@gmail.com

ମାଟ୍ରିକ୍
ପୃଥିବୀ-ଇତିହାସ

(ଯୁନିଅର)

ଅଷ୍ଟମ ଶ୍ରେଣୀ ପାଇଁ

ଲେଖକ:—

ଶ୍ରୀ କାଶୀନାଥ ମହାପାତ୍ର, ବି. ଏ., ଓ. ଇଡ.

ସହକାରୀ ଶିକ୍ଷକ, ରାଣୀହାଟ ହାଇସ୍କୁଲ, କଟକ

ପଞ୍ଚମ ମୁଦ୍ରଣ

ପ୍ରକାଶକ:

ଓଡ଼ିଶା ପବ୍ଲିଶିଙ୍ଗ୍ ହାଉସ୍
ବ୍ରହ୍ମପୁର

୧୯୫୦

ମୂଲ୍ୟ ଏକଟଙ୍କା
ଅତିରିକ୍ତ ଅଠଅଣା

Digitized by srujanika@gmail.com

ସୂଚୀପତ୍ର

ଅଧ୍ୟାୟ	ବିଷୟ	ପୃଷ୍ଠା
	ପ୍ରାଚୀନ ଯୁଗ	
୧ ।	ଆଦିମ ମାନବ ଓ ତାହାର ଜୀବିକା	୧—୯
୨ ।	ପ୍ରାଚୀନ ସଭ୍ୟତାର ବିଭିନ୍ନ କେନ୍ଦ୍ର	୧୦—୨୫
୩ ।	ଭାରତ-ଇଉରୋପୀୟ ଜାତି	୨୫—୪୨
୪ ।	ବିଭିନ୍ନ ଦେଶର ଧର୍ମ	୪୨—୫୨
	ମଧ୍ୟ ଯୁଗ	
୫ ।	ନୋର୍ଡିକ ଓ ମଙ୍ଗୋଲ୍ ଜାତି	୫୨—୬୫
୬ ।	ମୁସଲମାନ୍ ଧର୍ମ ଓ ସାମ୍ରାଜ୍ୟ	୬୫—୭୨
୭ ।	ମଙ୍ଗୋଲ ଶକ୍ତିର ପୁନରଭ୍ୟୁଦୟ	୭୮—୮୫
୮ ।	ପଶ୍ଚିମ ଇଉରୋପର ନବଜାଗରଣ	୮୫—୧୦୨
	ଆଧୁନିକ ଯୁଗ	
୯ ।	ଇଉରୋପର ବିସ୍ତାର	୧୦୨—୧୨୧
୧୦ ।	ଶିଳ୍ପ ବିପ୍ଳବ	୧୨୧—୧୨୮
୧୧ ।	ଫରାସୀ ବିପ୍ଳବ	୧୨୮—୧୩୮
୧୨ ।	ଆଧୁନିକ ପୃଥିବୀ	୧୩୮—୧୫୯

Digitized by srujanika@gmail.com

ମାଟ୍ରିକ୍

ପୃଥିବୀ-ଇତିହାସ

(ଜୁନିଅର)

ପ୍ରାଚୀନ ଯୁଗ

ପ୍ରଥମ ଅଧ୍ୟାୟ

ଆଦିମ ମାନବ ଓ ତାହାର ଜୀବିକା

ପୃଥିବୀ—ଅମ୍ଭମାନଙ୍କର ପୃଥିବୀ ବିଶ୍ୱ ବ୍ରହ୍ମାଣ୍ଡରେ ଅବସ୍ଥିତ ଅସଂଖ୍ୟ ଗ୍ରହ ନକ୍ଷତ୍ରମାନଙ୍କ ମଧ୍ୟରୁ ଗୋଟିଏ । ଅନ୍ୟାନ୍ୟ ଗ୍ରହନକ୍ଷତ୍ର ସବୁ ପୃଥିବୀଠାରୁ ବହୁ ଦୂରରେ ଥିବାରୁ ସେଗୁଡ଼ିକ ଆମ ଆଖିକୁ ଅତି କ୍ଷୁଦ୍ର ଦେଖାଯାନ୍ତି । ଜ୍ୟୋତିର୍ବିଦ ପଣ୍ଡିତମାନଙ୍କ ମତରେ ମହାଶୂନ୍ୟ (Space) ମଧ୍ୟରେ ସୂର୍ଯ୍ୟ ଯେପରି ଅବସ୍ଥିତ, ସୂର୍ଯ୍ୟଠାରୁ ଆହୁରି ବଡ଼ ବଡ଼ ନକ୍ଷତ୍ର ମଧ୍ୟ ସେହିପରି ଅବସ୍ଥିତ । ମହାଶୂନ୍ୟ ମଧ୍ୟରେ ଘୂରୁଥିବା କୌଣସି ଏକ ବିରାଟ ନକ୍ଷତ୍ର ସୂର୍ଯ୍ୟ ଦେହରେ ଧକ୍କା ଖାଇବାରୁ ସୂର୍ଯ୍ୟର ଅଂଶ କ୍ଷୟ ହୋଇ ଆକାଶରେ ବିକ୍ଷିପ୍ତ ହୋଇ ଭିନ୍ନ ଭିନ୍ନ ଗ୍ରହମାନଙ୍କୁ ସୃଷ୍ଟି କରିଅଛି । ସୂର୍ଯ୍ୟଠାରୁ ବିଚ୍ଛିନ୍ନ ହୋଇଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ଗୋଟିଏ ।

ସୂର୍ଯ୍ୟଠାରୁ ବିଚ୍ଛିନ୍ନ ହେବା ସମୟରେ ପୃଥିବୀ ସୂର୍ଯ୍ୟପରି ଗୋଟିଏ ଉତ୍ତପ୍ତ ବାଷ୍ପମୟ ପଦାର୍ଥ ଥିଲା । କାଳକ୍ରମେ ଏହାର ଉପରିଭାଗ ଥଣ୍ଡା ହେବାକୁ ଲାଗିଲା । ଉପରିଭାଗ ଥଣ୍ଡା ହେବା ସଙ୍ଗେ ସଙ୍ଗେ ଉପର ସ୍ତର

Digitized by srujanika@gmail.com

ସଙ୍କୁଚିତ ହେବାକୁ ଲାଗିଲା । ଏଣୁ ଏଥିରେ ଅନେକ ଉଚ୍ଚ ପର୍ବତ, ସମତଳ ଭୂମି ଓ ନିମ୍ନଭୂମି ଦେଖାଗଲା । ପୃଥିବୀର ଚାରିପଟେ ପ୍ରାୟ ୨୦ ମାଇଲ ବ୍ୟାପୀ ଗୋଟିଏ ବାୟୁମଣ୍ଡଳ ଅଛି । ଏଥିରେ ଥିବା ନିମ୍ନଭୂମି ସବୁ ଜଳପୂର୍ଣ୍ଣ ଥାଏ । ପୃଥିବୀ ସୂର୍ଯ୍ୟର ଚାରିପଟେ ଗତିକରେ ଓ ନିଜର କକ୍ଷ ଚାରିପଟେ ମଧ୍ୟ ଘୂରେ । ସୂର୍ଯ୍ୟଠାରୁ ଆଲୋକ ଓ ଉତ୍ତାପ ପାଉଥିବାରୁ ଏଥିରେ ଉଦ୍ଭିଦ ଓ ପ୍ରାଣୀମାନଙ୍କର ବଞ୍ଚିରହିବା ସମ୍ଭବ ହୋଇଅଛି ।

ଉଦ୍ଭିଦ ଓ ଜୀବ ଜଗତ—ବୈଜ୍ଞାନିକମାନେ ସ୍ଥିର କରି ଅଛନ୍ତି ଯେ ଜଳଭାଗରେ ପ୍ରଥମେ ଜୀବ ଜଗତର ସୃଷ୍ଟି ହୋଇଥିଲା । ସେମାନଙ୍କ ମତରେ ଅଗଭୀର ଓ ସ୍ଥିର ଜଳ ମଧ୍ୟରେ ପ୍ରଥମେ ଏକ ପ୍ରକାର ଅଠାଳିଆ ମାଛ (Jelly fish) ସୃଷ୍ଟି ହୋଇଥିଲା । ଏହା ଏକକୋଷବିଶିଷ୍ଟ ପ୍ରାଣୀ ଥିଲା । ଏହି ପ୍ରାଣୀ ନିଜର ଶରୀରକୁ ଦୁଇ କିମ୍ବା ତତୋଧିକ ଭାଗରେ ବିଭକ୍ତ କରି ସଂଖ୍ୟା ବୃଦ୍ଧି କରୁଥିଲା । ଏହି ପ୍ରାଣୀମାନେ କାଳକ୍ରମେ ଜୀବନ ଧାରଣ ପାଇଁ ଦୁଇଟି ଭିନ୍ନ ମାର୍ଗ ଅନୁସରଣ କଲେ । କେତେକ ସ୍ଥିରହୋଇ ଏକ ସ୍ଥାନରେ ରହି ମାଟିରୁ ଖାଦ୍ୟ ସଂଗ୍ରହ କଲେ । ସେମାନେ ହେଲେ ଉଦ୍ଭିଦ । ଅନ୍ୟ କେତେକ ଖାଦ୍ୟ ସଂଗ୍ରହ କରିବାପାଇଁ ନାନା ସ୍ଥାନ ଭ୍ରମଣ କଲେ । ସେମାନେ ହେଲେ ଜୀବ । ଜୀବଜଗତର ପ୍ରାଣୀମାନେ ପରସ୍ପର ମଧ୍ୟରେ ଯୁଦ୍ଧ କରୁଥିଲେ । ବଳିଷ୍ଠ ପ୍ରାଣୀଠାରୁ ଆତ୍ମରକ୍ଷା କରିବାପାଇଁ ଦୁର୍ବଳ ପ୍ରାଣୀମାନେ ନାନା ପ୍ରକାର ଉପାୟ ଅବଲମ୍ବନ କଲେ । ଏହି ଚେଷ୍ଟାର ତାରତମ୍ୟ ଅନୁସାରେ ଏମାନଙ୍କର ଶରୀରରେ ନାନାପ୍ରକାର ପରିବର୍ତ୍ତନ ଦେଖାଗଲା । ଯୁଗଯୁଗ ଧରି ଏହିପରି ପରିବର୍ତ୍ତନ ହେବା ଫଳରେ ଏବଂ ଏହି ଜୀବମାନଙ୍କର କ୍ରମବିକାଶ ହେବା ଫଳରେ ସରୀସୃପ, ଅଣ୍ଡଜ ଓ ସ୍ତନ୍ୟପାୟୀ ପ୍ରାଣୀ ପୃଥିବୀରେ ଦେଖା ଯାଇଥିଲେ ।

Digitized by srujanika@gmail.com

ମନୁଷ୍ୟର ଜନ୍ମ— ପ୍ରାଣୀ ଜଗତର ଉଦ୍ଭିଦ ଓ ପ୍ରାଣୀମାନଙ୍କ ପରି ମନୁଷ୍ୟ ମଧ୍ୟ ପ୍ରକୃତିର ସନ୍ତାନ । ଅନ୍ୟାନ୍ୟ ପ୍ରାଣୀମାନଙ୍କ ପରି ମନୁଷ୍ୟ ମଧ୍ୟ କ୍ରମୋନ୍ନତି କରି ତାହାର ଉପସ୍ଥିତ ଅବସ୍ଥା ପ୍ରାପ୍ତ ହୋଇଅଛି । ବର୍ତ୍ତମାନର ଆକାର ପ୍ରାପ୍ତ ହେବା ପୂର୍ବରୁ ମନୁଷ୍ୟ ଜଙ୍ଗଲରେ ମର୍କଟ ମାନଙ୍କ ପରି ଦଳ ଦଳ ହୋଇ ବିଚରଣ କରୁଥିଲେ । ବର୍ତ୍ତମାନ ବଣ ଜଙ୍ଗଲରେ ଆମ୍ଭେମାନେ ଯେଉଁ ମର୍କଟମାନଙ୍କୁ ଦେଖିବାକୁ ପାଉ ମନୁଷ୍ୟ ସେହିପରି ମର୍କଟମାନଙ୍କର ବଂଶଧର । ମର୍କଟମାନେ ସାଧାରଣତଃ ବୃକ୍ଷାରୋହଣ କରି ଆତ୍ମରକ୍ଷା କରିଥାନ୍ତି । ବୃକ୍ଷାରୋହଣ କରିବାର ସୁଯୋଗ ନପାଇଲେ ସହଜରେ ହିଂସ୍ର ଜନ୍ତୁଙ୍କ ହାତରେ ପଡ଼ି ପ୍ରାଣ ହରାନ୍ତି । ପ୍ରାୟ ଖ୍ରୀ: ପୂ: ୫୦୦,୦୦୦ରେ ଉତ୍ତର ମେରୁଅଡ଼ୁ ବରଫନଦୀ ଦକ୍ଷିଣ ଅଡ଼କୁ ବୋହିଆସିଥିଲା । ସେତେବେଳେ ଏସିଆର ଉତ୍ତରାଞ୍ଚଳରେ ଯେଉଁ ହିଂସ୍ରଜନ୍ତୁ ଓ ମର୍କଟଜାତୀୟ ପ୍ରାଣୀମାନେ ଥିଲେ ସେମାନେ ବରଫ ନଦୀଦ୍ୱାରା ବିତାଡ଼ିତ ହୋଇ ଦକ୍ଷିଣଅଡ଼କୁ ପଳାଇ ଆସିଲେ ଏବଂ ଏସିଆର ତୃଣାଚ୍ଛାଦିତ ଭୂମିରେ (Stepis) ଆଶ୍ରୟ ନେବାକୁ ବାଧ୍ୟ ହେଲେ । ଏ ଅଞ୍ଚଳରେ ବଡ଼ ବଡ଼ ବୃକ୍ଷର ଏକାନ୍ତ ଅଭାବ ଥିଲା । ମର୍କଟମାନେ ହିଂସ୍ର ଜନ୍ତୁମାନଙ୍କ ଆକ୍ରମଣରୁ ରକ୍ଷା ପାଇବାପାଇଁ ବୃକ୍ଷାରୋହଣ କରିବାର ସୁଯୋଗ ପାଇଲେ ନାହିଁ । ତେଣୁ ସେମାନେ ଆତ୍ମରକ୍ଷା କରିବା ପାଇଁ ସିଧାଭାବେ ଦଣ୍ଡାୟମାନ ହୋଇ ହସ୍ତଦ୍ୱୟକୁ ପ୍ରଧାନ ଅସ୍ତ୍ରରୂପେ ବ୍ୟବହାର କରିବାକୁ ଶିକ୍ଷାକଲେ । ଏହିପରି କେତେଯୁଗ ଅତିକ୍ରମ ହେବାପରେ ଏହି ମର୍କଟ-ମାନେ ଚାଲିବାପାଇଁ ହସ୍ତଦ୍ୱୟକୁ ବ୍ୟବହାର ନକରି ସେଥିରେ ଖାଇବା ଓ ଆତ୍ମରକ୍ଷା ପାଇଁ ଅସ୍ତ୍ର ଧାରଣ କରିବା ପ୍ରଭୃତି କାର୍ଯ୍ୟ କଲେ ଏବଂ ସିଧାଭାବେ ଦଣ୍ଡାୟମାନ ହୋଇ ପାରିଲେ । କ୍ରମେ ଏମାନଙ୍କର ଲାଙ୍ଗୁଳ କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇ ଲୋପ ପାଇଲା; ଶରୀର ଲୋମଶୂନ୍ୟ

Acc. No. ... R No 230-69 (83

Digitized by srujanika@gmail.com

ମାନବର କ୍ରମୋନ୍ନତି

Digitized by srujanika@gmail.com

ହେଲା; ମସ୍ତିଷ୍କ ବୃହତ୍ ଓ ଶକ୍ତିଶାଳୀ ହେବାରୁ ଏମାନଙ୍କୁ ଇତର ପ୍ରାଣୀ ମାନଙ୍କ ଅପେକ୍ଷା ଅଧିକ ବଳଶାଳୀ କଲା । ଯୁଗାନ୍ତର ଧରି ଏହିପରି ପରିବର୍ତ୍ତନ ହେବା ଫଳରେ ଏହି ମର୍କଟମାନେ ମନୁଷ୍ୟରୂପେ ଭୂପୃଷ୍ଠରେ ପରିଚିତ ହେଲେ ।

ପୁରାତନ ପ୍ରସ୍ତର ଯୁଗ—ଆଦିମ ମାନବର କୌଣସି ନିର୍ଦ୍ଦିଷ୍ଟ ବାସସ୍ଥାନ ନଥିଲା । ଏମାନେ ଜଙ୍ଗଲରେ ଦଳ ଦଳ ହୋଇ ଭ୍ରମଣ କରୁଥିଲେ । ଶିକାର ଏମାନଙ୍କର ପ୍ରଧାନ ବ୍ୟବସାୟ ଥିଲା । ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ର ଏମାନେ ବ୍ୟବହାର କରୁଥିଲେ । ରାତିରେ ଏମାନେ ଗୁମ୍ଫାମାନଙ୍କରେ ଆଶ୍ରୟ ନେଉଥିଲେ । ଖ୍ରୀ: ପୂ: ୨୦,୦୦୦ ବେଳକୁ ଏମାନେ ଆତ୍ମରକ୍ଷା ପାଇଁ ଅଗ୍ନିର ବ୍ୟବହାର ଶିକ୍ଷା କରିଥିଲେ । ହିଂସ୍ର ଜନ୍ତୁମାନଙ୍କର ଆକ୍ରମଣରୁ ରକ୍ଷାପାଇବାପାଇଁ ଏମାନେ ଯେଉଁ ସ୍ଥାନରେ ରହୁଥିଲେ ତାହାର ଚତୁଃପଟେ ବୃତ୍ତାକାରରେ ଶୁଷ୍କ ପତ୍ର ଓ ଡାଳ ପ୍ରଭୃତି ଜମାକରି ସେଥିରେ ଅଗ୍ନି ସଂଯୋଗ କରି ଦେଉଥିଲେ । ହିଂସ୍ର ଜନ୍ତୁମାନେ ଏହି ଅଗ୍ନିରେଖା ପାରହୋଇ ଏମାନଙ୍କୁ ଆକ୍ରମଣ କରିପାରୁ ନଥିଲେ । ପଶୁ ପାଳନ, ଗୃହନିର୍ମାଣ ଓ କୃଷି ପ୍ରଭୃତି କାର୍ଯ୍ୟ ଏମାନଙ୍କୁ ଜଣା ନଥିଲା । ଏମାନେ ସ୍ପଷ୍ଟ ଉଚ୍ଚାରଣ କରି କଥା କହି ପାରୁନଥିଲେ । ସଙ୍କେତ ଓ ସ୍ୱରର ତାରତମ୍ୟଦ୍ୱାରା ଏମାନେ ପରସ୍ପରର ଭାବ ବୁଝି ପାରୁଥିଲେ । ସଂଖ୍ୟା ବୃଦ୍ଧି ହେବାରୁ ଶିକାର ଅନ୍ୱେଷଣରେ ଏମାନେ ବିକ୍ଷିପ୍ତ ହୋଇଯାଇ ପୃଥିବୀର ବିଭିନ୍ନ ଅଞ୍ଚଳରେ ବାସ କରିବାକୁ ଲାଗିଲେ । ଏହି ଯୁଗର ଶେଷ ସମୟକୁ ଲୋକମାନେ ସ୍ପଷ୍ଟ ଉଚ୍ଚାରଣ କରି କଥା କହିବାକୁ ଶିକ୍ଷା କରିଥିଲେ ।

ନୂତନ ପ୍ରସ୍ତର ଯୁଗ—ଆଦିମ ମାନବ ତାହାର ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ର ଗୁଡ଼ିକୁ ଅଧିକତର ଚିକ୍କଣ, ଧାରୁଆ ଓ ମୁନିଆ କଲା । ପ୍ରସ୍ତର

Digitized by srujanika@gmail.com

ନିର୍ମିତ ଉନ୍ନତ ଅସ୍ତ୍ରଶସ୍ତ୍ର ବ୍ୟବହୃତ ହେଉଥିବାରୁ ଏହି ଯୁଗକୁ ନୂତନ ପ୍ରସ୍ତର ଯୁଗ କୁହାଯାଏ । ଏହି ଯୁଗରେ ଲୋକମାନେ ଧନୁ ଓ ପ୍ରସ୍ତର ନିର୍ମିତ ଅସ୍ତ୍ରଶସ୍ତ୍ରରେ ଶୀକାର କରୁଥିଲେ, ମାଟିର ପାତ୍ର ନିର୍ମାଣ କରୁଥିଲେ, ଗଛର ତନ୍ତୁରେ ବସ୍ତ୍ର ବୟନ କରୁଥିଲେ ଏବଂ ଗୃହ ନିର୍ମାଣକରି ସେଥିରେ ବାସ କରୁଥିଲେ । ଏହି ଯୁଗରେ ଲୋକମାନେ ସୁନାର ଅଳଙ୍କାର ପରିଧାନ କରୁଥିଲେ, ପଶୁପାଳନ କରୁଥିଲେ ଓ ଭୂମି ଚୃଷ କରି ଶସ୍ୟ ରୋପଣ କରିବାକୁ ମଧ୍ୟ ଶିକ୍ଷା କରିଥିଲେ ।

ବିଭିନ୍ନ ଦଳ ଗଠନ—ପୁରାତନ ପ୍ରସ୍ତର ଯୁଗରେ ଲୋକମାନେ ପଶୁପାଳନ କରିବାକୁ ଶିକ୍ଷା କରି ନଥିଲେ । ନୂତନ ପ୍ରସ୍ତର ଯୁଗର ଆରମ୍ଭରେ ମନୁଷ୍ୟମାନେ ପ୍ରଥମେ କୁକୁରକୁ ପାଖରେ ରଖି ତାହାର ସାହାଯ୍ୟରେ ଶୀକାର କରିବାକୁ ଆରମ୍ଭକଲେ । ସେ ଯୁଗରେ ଶୀକାର ଲୋକମାନଙ୍କର ପ୍ରଧାନ ବ୍ୟବସାୟ ଥିବାରୁ ଲୋକମାନେ କୁକୁରଠାରୁ ବହୁତ ଉପକାର ପାଉଥିଲେ । ଗୋଟିଏ ପ୍ରାଣୀଠାରୁ ଉପକାର ପାଇ ଅନ୍ୟ କେତେକ ପ୍ରାଣୀଙ୍କୁ ନିଜ ପାଖରେ ରଖିବାକୁ ଇଚ୍ଛା କଲେ । କାଳକ୍ରମେ ଗାଈ, ମେଣ୍ଢା, ଛେଳି ପ୍ରଭୃତି ପଶୁମାନଙ୍କୁ ମନୁଷ୍ୟ ଗୃହପାଳିତ ପଶୁରୂପେ ପାଳନ କଲା ଏବଂ ସେମାନଙ୍କଠାରୁ ଦୁଧ,ଦହି,ଛେନା ପ୍ରଭୃତି ଖାଇ ଓ ଦର୍କାର ପଡ଼ିଲେ ସେମାନଙ୍କର ମାଂସ ମଧ୍ୟ ଖାଇ ଆନନ୍ଦରେ ଜୀବନଧାରଣ କଲା । କ୍ରମେ ଗୃହପାଳିତ ପଶୁମାନଙ୍କର ସଂଖ୍ୟା ବହୁତ ହେଲା ଏବଂ ସେମାନଙ୍କ ପାଇଁ ବିସ୍ତୃତ ଚରାଭୂମି ଆବଶ୍ୟକହେଲା । ଯେଉଁମାନେ ପଶୁମାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କଲେ ସେମାନେ ପଶୁମାନଙ୍କ ଚରାଭୂମି ଅନ୍ୱେଷଣରେ ପୃଥିବୀ-ସାରା ଇତସ୍ତତଃ ବୁଲି ବୁଲିଲେ । ଯେଉଁମାନେ ଭୂମିକର୍ଷଣ କରି ତହିଁରୁ ଉତ୍ପନ୍ନ ଶସ୍ୟ ଉପରେ ନିର୍ଭର କଲେ ସେମାନେ ନିର୍ଦ୍ଦିଷ୍ଟ ବାସସ୍ଥାନ କରି ସେହିଠାରେ ରହିଲେ । ଏହିରୂପେ ମାନବ ଜାତି ଭ୍ରମଣଶୀଳ

Digitized by srujanika@gmail.com

(Nomads) ଓ ସ୍ଥିର ବାସିନ୍ଦା (Settlers) ଏପରି ଦୁଇ ଦଳରେ ବିଭକ୍ତ ହୋଇଗଲେ ।

ଭ୍ରମଣଶୀଳ ଜାତି—ଭ୍ରମଣଶୀଳ ଲୋକମାନଙ୍କର ପଶୁ-ଚାରଣ ଏକମାତ୍ର ବ୍ୟବସାୟ ଥିଲା । ସେମାନେ ପଶୁମାନଙ୍କ ପାଇଁ ବିସ୍ତୃତ ଚାରଣଭୂମି ଆବଶ୍ୟକ କରୁଥିଲେ । ଏଣୁ ଏମାନେ ବିସ୍ତୃତ ତୃଣାଚ୍ଛାଦିତ ଭୂମିଥିବା ଅଞ୍ଚଳରେ ରହିବାକୁ ପସନ୍ଦ କରୁଥିଲେ । ସାହାରା ମରୁଭୂମିର ଆଖପାଖ ସ୍ଥାନ, ଆରବର ପାର୍ବତ୍ୟ ଅଞ୍ଚଳ ଓ ଏସିଆର ଷ୍ଟେପିସ୍‌ରେ ବିସ୍ତୀର୍ଣ୍ଣ ତୃଣାଚ୍ଛାଦିତ ଭୂମି ଥିବାରୁ ଏମାନେ ଏହି ସବୁ ସ୍ଥାନରେ ଦଳ ଦଳ ହୋଇ ଇତସ୍ତତଃ ଭ୍ରମଣ କରୁଥିଲେ । ଗୋଟିଏ ସ୍ଥାନରୁ ଘାସ ଶେଷ ହୋଇଗଲେ ଏମାନେ ପଶୁମାନଙ୍କୁ ଘେନି ଅନ୍ୟସ୍ଥାନକୁ ଯାଉଥିଲେ । ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିବାରୁ ଏମାନେ କୌଣସି ସ୍ଥାବର ସମ୍ପତ୍ତି କରିପାରୁ ନଥିଲେ । ଅସ୍ଥାବର ସମ୍ପତ୍ତି ମଧ୍ୟ ଏମାନଙ୍କର ଅତି ଅଳ୍ପ ଥିଲା । କାରଣ ନିଜ ଶରୀରରେ ଯେତିକି ଜିନିଷ ବହନ କରିନେବା ସମ୍ଭବ ସେତିକି ଜିନିଷ ଏମାନେ ରଖୁଥିଲେ ।

ଜୀବନରେ ଉନ୍ନତ କରିବାକୁ ହେଲେ କୌଣସି ଶିକ୍ଷା ଅନୁଷ୍ଠାନ ନିକଟରେ ରହି ନାନା ବିଷୟରେ ଶିକ୍ଷା ଗ୍ରହଣ କରିବା ଏକାନ୍ତ ଆବଶ୍ୟକ । ଭ୍ରମଣଶୀଳ ଲୋକମାନେ ସର୍ବଦା ଇତସ୍ତତଃ ଭ୍ରମଣ କରୁଥିବାରୁ କୌଣସି ଶିକ୍ଷା ଅନୁଷ୍ଠାନ ନିକଟରେ ସ୍ଥିରଭାବେ ରହିପାରୁ ନଥିଲେ । କୌଣସି ବିଦ୍ୟାଳୟରେ ରହି ପାଠପଢ଼ି ଶିକ୍ଷିତ ହେବା ଏମାନଙ୍କ ପକ୍ଷରେ ଅସମ୍ଭବ ଥିଲା । ତେଣୁ ଜୀବନରେ ଉନ୍ନତି କରିବା ଏମାନଙ୍କ ପକ୍ଷରେ ସମ୍ଭବ ହେଉନଥିଲା । ଚାରଣଭୂମିର ଅଭାବ ହେଲେ ଏମାନେ ସ୍ଥିରବାସିନ୍ଦାମାନଙ୍କର ଶସ୍ୟକ୍ଷେତରେ ପଶୁମାନଙ୍କୁ ଚରାଉଥିଲେ । ତେଣୁ ଉଭୟ ଦଳ ମଧ୍ୟରେ ଭୀଷଣ ଯୁଦ୍ଧ ଲାଗୁଥିଲା ।

Digitized by srujanika@gmail.com

ସ୍ଥିର ବାସିନ୍ଦା—ଶୀକାର ଉପରେ ନିର୍ଭର କରୁଥିବା ବେଳେ ମନୁଷ୍ୟ ପ୍ରତ୍ୟେକ ଦିନ ଆହାର ପାଇବା ସମ୍ଭବ ନଥିଲା । ପଶୁଚାରଣ ଦ୍ୱାରା ଅପେକ୍ଷାକୃତ ବେଶୀ ଖାଦ୍ୟ ପାଇବା ସମ୍ଭବ ହେଲେ ମଧ୍ୟ ପଶୁପାଳକମାନଙ୍କର ସମସ୍ତ ସମୟ ପଶୁମାନଙ୍କୁ ଚରାଇବାରେ କଟୁ-ଥିବାରୁ ସେମାନେ ଅନ୍ୟାନ୍ୟ କୌଣସି ଉନ୍ନତିକର କାର୍ଯ୍ୟ କରି ପାରୁ ନଥିଲେ । ଶୀକାର ଓ ପଶୁଚାରଣ ଅପେକ୍ଷା କୃଷି ଦ୍ୱାରା ବେଶୀ ଖାଦ୍ୟ ପାଇବା ଅଧିକ ସମ୍ଭବ । କୃଷି କାର୍ଯ୍ୟରେ ବର୍ଷ ଭରି ବାରବାସ ଖଟିବାକୁ ପଡେ ନାହିଁ । ତେଣୁ ଯେଉଁ ସମୟରେ କୃଷି କ୍ଷେତରେ କୌଣସି କାର୍ଯ୍ୟ କରିବା ଆବଶ୍ୟକ ନଥାଏ ସେ ସମୟତକ କୃଷିଜୀବୀ ସ୍ଥିର ବାସିନ୍ଦାମାନେ ନାନାପ୍ରକାର ଉନ୍ନତିକର କାର୍ଯ୍ୟ କରି ସମୟ କଟାଇଲେ ଏବଂ ଅଳ୍ପେ ଅଳ୍ପେ ଉନ୍ନତି କରିବାକୁ ଲାଗିଲେ ।

ସ୍ଥିର ବାସିନ୍ଦାମାନଙ୍କର କୃଷି ପ୍ରଧାନ ବ୍ୟବସାୟ ହୋଇଥିବାରୁ ସେମାନେ ନଦୀ କିମ୍ବା ଜଳାଶୟ ନିକଟରେ ରହୁଥିଲେ । ସେମାନେ ନୀଳ, ଟାଇଗ୍ରିସ୍, ଇଉଫ୍ରେଟିସ୍, ସିନ୍ଧୁ, ହୋୟାଙ୍ଗ୍‌ହୋ ପ୍ରଭୃତି ବଡ଼ ବଡ଼ ନଦୀ ନିକଟରେ ସ୍ଥାୟୀ ଗୃହ ନିର୍ମାଣ କରି ବାସ କରୁଥିଲେ । କାଳକ୍ରମେ ସେ ସବୁ ଅଞ୍ଚଳରେ ବଡ଼ ବଡ଼ ଗ୍ରାମ ଓ ସହର ସ୍ଥାପିତ ହୋଇଥିଲା । ଭ୍ରମଣଶୀଳ ଲୋକମାନେ ସମୟେ ସମୟେ ସେମାନଙ୍କୁ ଆକ୍ରମଣ କରୁଥିଲେ । ତେଣୁ ସେମାନେ ଏକତାବଦ୍ଧ ହୋଇ ଭ୍ରମଣ-ଶୀଳ ଲୋକମାନଙ୍କ ସଙ୍ଗେ ଯୁଦ୍ଧ କରୁଥିଲେ । ପ୍ରତ୍ୟେକ ଦଳରେ ଜଣେ ଲେଖାଏଁ ଦଳପତି ବା ରଜା ଥିଲେ । ରଜାମାନେ ଦଳ ମଧ୍ୟରେ ଶାନ୍ତି ସ୍ଥାପନ କରୁଥିଲେ ଏବଂ ଯୁଦ୍ଧ ସମୟରେ ଲୋକମାନଙ୍କର ଅଗ୍ରଣୀ ହୋଇ ଯୁଦ୍ଧକୁ ଯାଉଥିଲେ । ଶାନ୍ତି ସମୟରେ ରଜାମାନେ ଅଭ୍ୟନ୍ତରୀଣ ବିବାଦ ନିଷ୍ପତ୍ତି କରୁଥିଲେ ଏବଂ କୃଷି ଲବ୍ଧ ଶସ୍ୟକୁ ଲୋକମାନଙ୍କ ମଧ୍ୟରେ ସମାନ ଭାଗରେ ବଣ୍ଟନ କରୁଥିଲେ ।

Digitized by srujanika@gmail.com

ରାଜାମାନେ ନିଜର ପାରମ୍ପରିକ ସ୍ୱରୂପ କପିଳବର୍ଣ୍ଣ ଶସ୍ୟରୁ କେତେକ ଅଂଶ ଗ୍ରହଣ କରି ନିଜେ ପ୍ରତିପାଳିତ ହେଉଥିଲେ ।

ଧର୍ମବିଷୟକ ଧାରଣା—ମିଶର ବାସିନ୍ଦାମାନେ ପ୍ରକୃତିର ନାନାପ୍ରକାର ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ନିଜର କାର୍ଯ୍ୟକୁ ପ୍ରକୃତିର କାର୍ଯ୍ୟ ସହିତ ତୁଳନା କରି ସେମାନେ ସ୍ଥିର କରିଥିଲେ ଯେ କେତେକ ଅଦୃଶ୍ୟ ସର୍ବଶକ୍ତିମାନ ପୁରୁଷ ସବୁବେଳେ ସେମାନଙ୍କୁ ଘେରି ରହିଛନ୍ତି । ସେମାନଙ୍କ ଆକାର ଓ ଶକ୍ତି ସମ୍ବନ୍ଧରେ ମିଶର ବାସିନ୍ଦାମାନେ କୌଣସି ସଠିକ ଧାରଣା କରି ପାରୁନଥିଲେ । ତେଣୁ ସେମାନଙ୍କୁ ଅତିମାନବ ବା ଈଶ୍ୱର ବୋଲି କହୁଥିଲେ ଏବଂ ଈଶ୍ୱର ଯେ ଅନେକ ଏହା ସେମାନଙ୍କର ଧାରଣା ହୋଇଥିଲା । ଏହି ଦେବତା-ମାନଙ୍କ ମଧ୍ୟରୁ କେତେକଙ୍କ କାର୍ଯ୍ୟରେ ସେମାନେ ସନ୍ତୁଷ୍ଟ ଓ ଲାଭବାନ ହେଉଥିଲେ । ତେଣୁ ସେମାନଙ୍କୁ ପୂଜା ଓ ଅର୍ଘ୍ୟ ଦାନ କରୁଥିଲେ । ଅନ୍ୟ କେତେକଙ୍କ କାର୍ଯ୍ୟରେ ଭୀତ ତ୍ରସ୍ତ ହୋଇ ବଳିଦାନ ଓ ମନ୍ତ୍ର ପାଠଦ୍ୱାରା ସେମାନଙ୍କଠାରୁ ଆତ୍ମରକ୍ଷା କରିବାକୁ ଚେଷ୍ଟା କରୁଥିଲେ ।

ଭ୍ରମଣଶୀଳ ପଶୁପାଳକମାନେ ବିସ୍ତୀର୍ଣ୍ଣ ପ୍ରାନ୍ତରରେ ଅନନ୍ତ ଆକାଶତଳେ ଚିରକାଳ ଜୀବନ କଟାଉଥିଲେ । ତେଣୁ ସେମାନେ ପ୍ରକୃତିର ଗୋଟିଏ ମାତ୍ର ରୂପକୁ ବଂଶପରମ୍ପରା ଯୁଗଯୁଗ ଧରି ଦେଖି ଆସୁଥିଲେ । ସେହି ଏକମାତ୍ର ଦୃଶ୍ୟର ନିର୍ମାତାଙ୍କୁ ସେମାନେ ଈଶ୍ୱର ବୋଲି କହୁଥିଲେ । ତେଣୁ 'ଈଶ୍ୱର ଏକ' ଏହା ସେମାନଙ୍କର ଧାରଣା ହୋଇଥିଲା ।

Digitized by srujanika@gmail.com

ଦ୍ୱିତୀୟ ଅଧ୍ୟାୟ

ପ୍ରାଚୀନ ସଭ୍ୟତାର ବିଭିନ୍ନ କେନ୍ଦ୍ର

ସିନ୍ଧୁ ଉପତ୍ୟକା ସଭ୍ୟତା—ପୁରାତନ ପ୍ରସ୍ତର ଯୁଗରୁ ଆଦିମ ମାନବ ସିନ୍ଧୁ ଉପତ୍ୟକାରେ ବାସ କରୁଥିଲା । ଏହି ଲୋକ-ମାନଙ୍କର ଦେହ ଖର୍ବ, ବର୍ଣ୍ଣ ହଳଦିଆ, ନାକ ଚେପ୍ଟା ଓ କେଶ ଉପରୁ ତାମ୍ର ବର୍ଣ୍ଣ ଥିଲା । ଏମାନେ ମାଟିର ପାତ୍ର ନିର୍ମାଣ କରୁଥିଲେ ଏବଂ ପ୍ରସ୍ତର ନିର୍ମିତ ଅସ୍ତ୍ର ଶସ୍ତ୍ର ବ୍ୟବହାର କରୁଥିଲେ । ଶିକାର ଏମାନଙ୍କର ପ୍ରଧାନ ବ୍ୟବସାୟ ଥିଲା । ନାଗା, ଲେପ୍‌ଚା, କୁକି, ଭୁଟିଆ, ସାନ୍ତାଳ, ମୁଣ୍ଡା, ହୋ ପ୍ରଭୃତି ଜାତିର ଲୋକମାନେ ଏମାନଙ୍କର ବଂଶଧର । ଆସାମ ଓ ପୂର୍ବ ବଙ୍ଗରେ ଏହି ଶ୍ରେଣୀର ଅନେକ ଲୋକ ବାସ କରନ୍ତି ।

ଉତ୍ତର ପଶ୍ଚିମ ଗିରିପଥ ବାଟେ ପ୍ରାୟ ଖ୍ରୀ: ପୂ: ୫୦୦୦ ବର୍ଷ ତଳୁ ପୂର୍ବେ ଦ୍ରାବିଡ଼ ନାମକ ଏକ ଜାତିର ଲୋକ ଭାରତରେ ପ୍ରବେଶ କରି ସିନ୍ଧୁ ଉପତ୍ୟକାରେ ବସତି ସ୍ଥାପନ କରିଥିଲେ । କୃଷି ଏମାନଙ୍କର ପ୍ରଧାନ ବ୍ୟବସାୟ ଥିଲା । ସେମାନେ ଛବିଲିପି ସାହାଯ୍ୟରେ ଲେଖାପଢ଼ା କରୁଥିଲେ । ଆମ୍ଭମାନଙ୍କର ଗୋଟିଏ ଶବ୍ଦ ଲେଖିବା ପାଇଁ କେତେଗୁଡ଼ିଏ ଅକ୍ଷର ଆବଶ୍ୟକ ହୁଏ । କିନ୍ତୁ ସେମାନଙ୍କର ଅକ୍ଷର ନଥିଲା । ପ୍ରତ୍ୟେକ ଶବ୍ଦକୁ ଗୋଟିଏ ଲେଖାଏଁ ଛବିରେ ପ୍ରକାଶ କରୁଥିଲେ । ଏମିତି ଲେଖାକୁ ଛବିଲିପି କୁହାଯାଏ । ଦ୍ରାବିଡ଼-ମାନେ ସମୁଦ୍ରରେ ଜଳଯାତ୍ରା କରି ଦୂର ଦେଶରେ ବାଣିଜ୍ୟ କରୁଥିଲେ । ସେମାନଙ୍କ ମଧ୍ୟରେ ବହୁ ଈଶ୍ୱର ବିଶ୍ୱାସ ଥିଲା । ଶିବ ଓ ଦୁର୍ଗା ପ୍ରଭୃତି ମୂର୍ତ୍ତି ସହିତ ସାଦୃଶ୍ୟ ଥିବା କେତେକ ମୂର୍ତ୍ତି ସେମାନେ ପୂଜା କରୁଥିଲେ । ସେମାନେ ସ୍ତ୍ରୀଜାତି ପ୍ରତି ସମ୍ମାନ ପ୍ରଦର୍ଶନ

Digitized by srujanika@gmail.com

କରୁଥିଲେ । ସେମାନେ ଗ୍ରାମ ସଂଗଠନ କରି ବାସ କରୁଥିଲେ ଓ ଯୁଦ୍ଧ ସମୟରେ ଦଳପତିଙ୍କ ଅଧୀନରେ ଥାଇ ଯୁଦ୍ଧ କରୁଥିଲେ । ମହେଞ୍ଜୋଦାରୋ ଓ ହରପ୍ପାରୁ ବାହାରିବା ଧ୍ୱଂସାବଶେଷରୁ ଯେପରି ଜଣାଯାଏ ଦ୍ରାବିଡ଼ମାନେ ଉନ୍ନତ ଧରଣର ସହର ନିର୍ମାଣ କରିଥିଲେ । ଧାତୁ ନିର୍ମିତ ଅସ୍ତ୍ର ଶସ୍ତ୍ର ଓ କାରୁକାର୍ଯ୍ୟ ଖଚିତ ବାସନ ବ୍ୟବହାର କରୁଥିଲେ । ଏସବୁ ମାଟି, ତମ୍ବା, ବ୍ରୋଞ୍ଜ ଓ ଅନ୍ୟାନ୍ୟ ଧାତୁରେ ନିର୍ମିତ ହେଉଥିଲା । ସେମାନେ ହାତୀଦାନ୍ତ, ସୁନା ଓ ନାନା ରତ୍ନର ଅଳଙ୍କାର ବ୍ୟବହାର କରୁଥିଲେ । ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିବା ପରେ ଦ୍ରାବିଡ଼ମାନଙ୍କ ମଧ୍ୟରୁ କେତେକ ଦକ୍ଷିଣାତ୍ୟକୁ ପଳାଇଯାଇ ସେଠାରେ ରହିଲେ । ଆଉ କେତେକ ଆର୍ଯ୍ୟମାନଙ୍କ ସହିତ ଉତ୍ତର ଭାରତରେ ରହି ଆର୍ଯ୍ୟ ସଭ୍ୟତା ଅନୁକରଣ କରିଥିଲେ ।

(ମହେଞ୍ଜୋଦାରୋରୁ ବାହାରିଥିବା କେତେକ ପଦାର୍ଥର ଚିତ୍ର)

Digitized by srujanika@gmail.com

ନୀଳ ଉପତ୍ୟକା ସଭ୍ୟତା—ପ୍ରସ୍ତର ଯୁଗରେ ନିଗ୍ରୋମାନେ ଏହି ଉପତ୍ୟକାରେ ବାସ କରୁଥିଲେ । ଶିକାର ଓ ପଶୁଚାରଣ ଏମାନଙ୍କ ମଧ୍ୟରୁ କେତେକଙ୍କ ପ୍ରଧାନ ବ୍ୟବସାୟ ଥିଲା । ଅନ୍ୟ କେତେକ କୃଷି ଉପରେ ନିର୍ଭର କରୁଥିଲେ । ସେମାନେ ମୃତ

ପ୍ରାଚୀନ ସଭ୍ୟତାର କେନ୍ଦ୍ର ସ୍ଥଳ

ଦେହକୁ କବର କରୁଥିଲେ ଏବଂ ତାହା କରିବା ପୂର୍ବରୁ ଭକ୍ତିର ନିଦର୍ଶନ ସ୍ୱରୂପ ଶବ ଦେହରୁ କେତେକ ମାଂସ ଭକ୍ଷଣ କରୁଥିଲେ ।

Digitized by srujanika@gmail.com

ଆରବ ଦେଶରେ ସେ ସମୟରେ ହାମିଟିକ୍, ସେମିଟିକ୍ ପ୍ରଭୃତି ଅନେକ ଭ୍ରମଣଶୀଳ ଲୋକ ଦଳଦଳ ହୋଇ ବାସ କରୁଥିଲେ । ଖ୍ରୀ:ପୂ ୫୦୦୦ରେ ହାମିଟିକ୍‌ମାନେ ଏହି ଉପତ୍ୟକାର ଦକ୍ଷିଣାଞ୍ଚଳ ଆକ୍ରମଣ କରି ସେଠାରେ କେତେଗୁଡ଼ିଏ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ସ୍ଥାପନ କରିଥିଲେ । କପ୍‌ଟସ୍, ଅବିଡ଼ସ୍, ଥିବାସ୍, କାରନାକ୍ ପ୍ରଭୃତି ରାଜ୍ୟମାନ ଏଗୁଡ଼ିକ ମଧ୍ୟରେ ପ୍ରଧାନ ଥିଲେ । ଏହି ସମୟରେ ଆରବରେ ବାସ କରୁଥିବା ସେମିଟିକ୍‌ମାନେ ଏହି ଉପତ୍ୟକାର ଉତ୍ତରାଞ୍ଚଳ ଆକ୍ରମଣ କରି ସେଠାରେ ଅନେକ ଗୁଡ଼ିଏ ଛୋଟ ରାଜ୍ୟ ସ୍ଥାପନ କରିଥିଲେ । କାଳକ୍ରମେ ଅବିଡ଼ସ୍‌ର ରାଜା ଏହି ଉପତ୍ୟକାରେ ଥିବା ସବୁ ରାଜ୍ୟ ମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିଥିଲେ । ଖ୍ରୀ:ପୂ ୪୫୦୦ରୁ ୩୫୦୦ ମଧ୍ୟରେ ଏହି ଉପତ୍ୟକାରେ ବାସକରୁଥିବା ହାମିଟିକ୍ ଓ ସେମିଟିକ୍‌ମାନେ ବିଶେଷ ଉନ୍ନତି କରିଥିଲେ । ସେମାନେ ନଦୀଜଳର ଉତ୍‌ଥାନ ପତନ ବିଷୟରେ ଜ୍ଞାନ ଲାଭ କରିଥିଲେ । ନଦୀ ଜଳକୁ ନିୟନ୍ତ୍ରିତ କରି ଆବଶ୍ୟକ ମତେ ଶସ୍ୟ କ୍ଷେତ୍ରରେ ବ୍ୟବହାର କରୁଥିଲେ । ସେମାନେ ନଦୀଜଳର ବ୍ୟବହାର ପାଇଁ ପଞ୍ଜିକା ବ୍ୟବହାର କରୁଥିଲେ, ଲିଖନ ପ୍ରଣାଳୀ ଉଦ୍ଭାବନ କରିଥିଲେ ଓ ରାଜ୍ୟଶାସନପାଇଁ ବିସ୍ତୃତ ନିୟମାବଳୀ ପ୍ରଣୟନ କରିଥିଲେ । ସେମାନେ ନଦୀକୁ ଦେବତା ବୋଲି ମନୁଥିଲେ ଓ ରାଜାଙ୍କୁ ଭଗବାନଙ୍କର ପ୍ରତିନିଧି ବୋଲି ମନେ କରୁଥିଲେ । ଏ ଦେଶର ରାଜା 'ଫାରୋ' ନାମରେ ଅଭିହିତ ହେଉଥିଲେ ।

ଅବିଡ଼ସ୍‌ଠାରେ ତିନୋଟି ରାଜବଂଶ ରାଜତ୍ୱ କରିବା ପରେ ମେଙ୍ଫିସ ଏହି ରାଜ୍ୟର ରାଜଧାନୀ ହୋଇଥିଲା । ଚତୁର୍ଥ ରାଜବଂଶ ଏହିଠାରେ ଥାଇ ରାଜତ୍ୱ କରୁଥିବା ସମୟରେ ସେହି ବଂଶର ପ୍ରସିଦ୍ଧ

Digitized by srujanika@gmail.com

ରାଜା ପ୍ରଥମ କୁଫୁ (ଚିଓପ୍ସ) ଗିଜେ ସହର ନିକଟରେ ଗୋଟିଏ ପିରାମିଡ୍ ନିର୍ମାଣ କରାଇଥିଲେ। ଏହା ପଥରର ଗୋଟିଏ ବିରାଟ ସ୍ତୂପ। ଏହା ମଧ୍ୟରେ ଅନେକ କୋଠରୀ ଅଛି । କୁଫୁଙ୍କୁ ଏହି କୋଠରୀ ମଧ୍ୟରେ କବର କରାଯାଇଥିଲା। ଏହି ପିରାମିଡ୍‌ର ଉଚ୍ଚତା ୪୫୫ ଫୁଟ ଓ ଭୂମି ନିକଟରେ ପ୍ରତ୍ୟେକ ପାର୍ଶ୍ୱର ଲମ୍ବ ୭୦୦ ଫୁଟ। ଏହି ପିରାମିଡ୍‌ଟି ପୃଥିବୀର ସପ୍ତାଶ୍ଚର୍ଯ୍ୟମାନଙ୍କ ମଧ୍ୟରୁ ଗୋଟିଏ। ତାଙ୍କ ପରେ ଅନ୍ୟ ଫାରୋମାନେ ମଧ୍ୟ ନିଜର କବର ପାଇଁ ପିରାମିଡ୍ ଗଠନ କରାଇଥିଲେ। ଏହି ପିରାମିଡ୍‌ମାନଙ୍କ ନିକଟରେ ପ୍ରସ୍ତର ନିର୍ମିତ ଗୋଟିଏ ବିଚିତ୍ର ମୂର୍ତ୍ତି ଅଛି। ଏହାର ଶରୀର ସିଂହର ଶରୀର ପରି ଓ ମୁଣ୍ଡ ଗୋଟିଏ ସ୍ତ୍ରୀ ଲୋକର ମୁଣ୍ଡ ପରି। ଏହାକୁ ସ୍ଫିଙ୍କ୍ସ କୁହାଯାଏ। ଏହା କେବେ କାହାଦ୍ୱାରା ଗଠିତ ହୋଇଥିଲା ତାହା ଜଣାଯାଇ ନାହିଁ। ଏହାର ଉଚ୍ଚତା ୭୦ ଫୁଟ ଓ ଲମ୍ବ ୧୫୦ ଫୁଟ।

ଖ୍ରୀ: ପୂ: ୨୦୦୦ ରେ ଏହି ରାଜ୍ୟ ହିକ୍‌ସସ୍‌ମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିଲା। ହିକ୍‌ସସ୍‌ମାନେ ସିନାଇ ପର୍ବତ ଅଞ୍ଚଳର ଲୋକ। ସେମାନେ ଇଜିପ୍ଟରେ ପ୍ରାୟ ଶହେ ବର୍ଷ ରାଜତ୍ୱ କରିଥିଲେ। ହିକ୍‌ସସ୍‌-ମାନଙ୍କର ଅତ୍ୟାଚାର ସହି ନପାରି ଇଜିପ୍ଟ (ନୀଳ ଉପତ୍ୟକା) ର ଲୋକମାନେ ବିଦ୍ରୋହ କଲେ। ଏହି ବିଦ୍ରୋହ ଫଳରେ ପ୍ରାୟ ଶହେ ବର୍ଷ ରାଜତ୍ୱ କରିବା ପରେ ପ୍ରାୟ ଖ୍ରୀ: ପୂ: ୧୭୦୦ରେ ହିକ୍‌ସସ୍‌ମାନେ ଇଜିପ୍ଟରୁ ବିତାଡ଼ିତ ହୋଇଥିଲେ। ଏହାପରେ ଇଜିପ୍ଟର ଲୋକମାନେ ଉତ୍ତର ପୂର୍ବ ଅଡ଼କୁ ନିଜ ରାଜ୍ୟ ବଢ଼ାଇଥିଲେ। ଅଳ୍ପ କେତେକାଳ ମଧ୍ୟରେ ଇଉଫ୍ରେଟିସ୍ ନଦୀ ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଇଜିପ୍ଟ ସାମ୍ରାଜ୍ୟ ଭୁକ୍ତ ହୋଇଥିଲା। ଅଷ୍ଟାଦଶ ବଂଶର ତୃତୀୟ ଥଥ୍‌ମସ୍ ଓ ତୃତୀୟ ଆମେନହୋଟେପ୍ ନାମକ ଦୁଇ ଜଣ ପ୍ରସିଦ୍ଧ ରାଜା ନାନା ଉନ୍ନତିକର କାର୍ଯ୍ୟ କରି ଇଜିପ୍ଟର ମର୍ଯ୍ୟାଦା ବଢ଼ାଇଥିଲେ। ସେ ଦୁହିଁଙ୍କ ସମୟରେ

Digitized by srujanika@gmail.com

ଇଜିପ୍ଟରେ ବହୁ ସଂଖ୍ୟକ ପିରାମିଡ୍, ମନ୍ଦିର, ଅଟ୍ଟାଳିକା ଗଠିତ ହୋଇଥିଲା । ସେମାନେ ଦେଶରେ ସୁଶାସନ ଚଳାଇବାପାଇଁ ଅନେକ ନୂତନ ଆଇନ ପ୍ରଣୟନ କରିଥିଲେ । ସେମାନଙ୍କ ପରେ ଚତୁର୍ଥ ଆମେନ୍‌ହୁଟେପ୍ ରାଜା ହେଲେ । ତାଙ୍କ ସମୟରେ ଇଜିପ୍ଟରେ ଭୀଷଣ ଗଣ୍ଡଗୋଳ ଉପସ୍ଥିତ ହେଲା । ମନ୍ଦିରର ପୁରୋହିତମାନେ ରାଜ୍ୟର ସମସ୍ତ କ୍ଷମତା ଅପହରଣ କଲେ । ଫଳରେ ଇଜିପ୍ଟର ଶାସନତନ୍ତ୍ର ଦୁର୍ବଳ ହୋଇଗଲା । ବୈଦେଶିକ ଶତ୍ରୁମାନେ ଏହି ସୁଯୋଗ ପାଇ ବାରମ୍ବାର ଇଜିପ୍ଟ ଆକ୍ରମଣ କଲେ । ଆଭ୍ୟନ୍ତରୀଣ ଦୁର୍ବଳତା ହେତୁ ଇଜିପ୍ଟର ରାଜାମାନେ ସଫଳତାର ସହିତ ଯୁଦ୍ଧ କରି ନପାରିବାରୁ ଇଜିପ୍ଟ ସ୍ୱାଧୀନତା ହରାଇଲା ।



ଇଜିପ୍ଟର ଜାହାଜ

ପ୍ରାୟ ଖ୍ରୀ: ପୂ: ୧୦୦୦ ବେଳକୁ ଇଜିପ୍ଟର ଗୌରବମୟ ଜୀବନ ଶେଷ ହୋଇ ଆସିଥିଲା । କିନ୍ତୁ ସେତେବେଳକୁ ଇଜିପ୍ଟର ଲୋକମାନେ ଗୋଟିଏ ସୁସଭ୍ୟ ଜାତିରେ ପରିଣତ ହୋଇସାରିଥିଲେ । କୃଷି କାର୍ଯ୍ୟରେ ଓ କେନାଲ ଦ୍ୱାରା ଜଳ ସେଚନ କାର୍ଯ୍ୟରେ ଇଜିପ୍ଟର ଲୋକମାନେ ବିଶେଷ ଉନ୍ନତି କରିଥିଲେ । ଗଣିତ ଓ ପରିମିତି ଶାସ୍ତ୍ର ସେମାନଙ୍କୁ ବେଶ୍ ଜଣାଥିଲା । ସେମାନେ ବ୍ରୋଞ୍ଜର ଅସ୍ତ୍ର ଶସ୍ତ୍ର ଦ୍ୱାରା

Digitized by srujanika@gmail.com

କାଠରେ ସୁନ୍ଦର କାମ କରିପାରୁଥିଲେ, ନୌକା ଗଠନ କରି ବିଦେଶରେ ବାଣିଜ୍ୟ କରୁଥିଲେ । ସେମାନେ ସୂତା କାଟିବା, ଲୁଗା ବୁଣିବା ଓ ମାଟିର ପାତ୍ର ନିର୍ମାଣ କରିବାରେ ବେଶ୍ ଦକ୍ଷତା ଲାଭ କରିଥିଲେ ଓ ସୁନାର ଅଳଙ୍କାର ତିଆରି କରିପାରୁଥିଲେ । ଇଜିପ୍ଟର ଲୋକମାନେ ପାପିରସ୍ ନାମକ ଘାସରେ ଲେଖାଲେଖି କରୁଥିଲେ । ଏହି ପାପିରସ୍ ଶବ୍ଦରୁ ଇଂରେଜି ପେପର (Paper) ଶବ୍ଦ ହୋଇ-ଅଛି । ସେମାନେ ଅନେକ ଦେବ ଦେବୀ ପୂଜା କରୁଥିଲେ ଓ ପୁନର୍ଜନ୍ମରେ ବିଶ୍ୱାସ କରୁଥିଲେ । ନୀଳ ନଦୀକୁ ସନ୍ତୁଷ୍ଟ କରିବାପାଇଁ ଇଜିପ୍ଟର ଲୋକମାନେ ଛୋଟ ଛୋଟ ବାଳିକାମାନଙ୍କୁ ଏହି ନଦୀରେ ନିକ୍ଷେପ କରୁଥିଲେ ।

ବେବିଲୋନ ସାମ୍ରାଜ୍ୟ—ଟାଇଗ୍ରିସ ଓ ଇଉଫ୍ରେଟିସ୍ ନଦୀର ଉପତ୍ୟକାରେ ସୁମେରିୟ ନାମକ ଦଳେ ଲୋକ ପ୍ରାୟ ଖ୍ରୀ:ପୂ: ୪୦୦୦ ରେ ବସତି ସ୍ଥାପନ କରିଥିଲେ । ସମ୍ଭବତଃ ସେମାନେ ଦ୍ରାବିଡ଼ମାନଙ୍କ ସହିତ ଏସିଆରେ କୌଣସି ଏକ ସ୍ଥାନରେ ଏକତ୍ର ବାସ କରୁଥିଲେ । ଟାଇଗ୍ରିସ୍ ଉପତ୍ୟକାରେ ସେମାନେ ଅନେକ ଗୁଡ଼ିଏ ଛୋଟ ଛୋଟ ରାଜ୍ୟ ସ୍ଥାପନ କରିଥିଲେ । ସେହି ରାଜ୍ୟମାନଙ୍କ ମଧ୍ୟରେ ସର୍ବଦା ଯୁଦ୍ଧ ଲାଗୁଥିଲା । ସେମାନଙ୍କ ମଧ୍ୟରେ ଇରେଚ୍ ସବୁଠାରୁ ବଡ଼ ଓ ସର୍ବ ପ୍ରଧାନ ଥିଲା । କାଳକ୍ରମେ ଇରେଚର ରାଜା ଏହି ରାଜ୍ୟଗୁଡ଼ିକୁ ଜୟ କରି ଗୋଟିଏ ବଡ଼ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ଏହାର ନାମ ବେବିଲୋନ୍ ସାମ୍ରାଜ୍ୟ ।

ଖ୍ରୀ: ପୂ: ୨୭୫୦ ରେ ଅରବରୁ ଦଳେ ସେମିଟିକ୍ ଲୋକ ଆସି ଏହି ଦେଶ ଆକ୍ରମଣ କଲେ । ଏହି ସେମିଟିକ୍ ଦଳର ନେତା ସାରଗନ୍ ସୁମେରିୟମାନଙ୍କୁ ପରାସ୍ତ କରି ବେବିଲୋନ୍ ସାମ୍ରାଜ୍ୟ ଅଧିକାର କରିଥିଲେ । ସାରଗନ୍ ଓ ତାଙ୍କ ଦଳର ଲୋକମାନେ ବଡ଼

Digitized by srujanika@gmail.com

ଅସଭ୍ୟ ଥିଲେ । ସେମାନେ ସୁମେରୀୟ ଭାଷା ଓ ସଭ୍ୟତା ଗ୍ରହଣ କରିଥିଲେ । ସେମିଟିକ୍‌ମାନେ ଏହି ରାଜ୍ୟରେ କେତେ ବର୍ଷ ରାଜତ୍ୱ କରିବା ପରେ ଖ୍ରୀ: ପୂ: ୨୨୬୩ରେ ପୂର୍ବ ଓ ପଶ୍ଚିମ ଉଭୟ ପ୍ରାନ୍ତ ଶତ୍ରୁମାନେ ଏହି ଦେଶକୁ ଆକ୍ରମଣ କଲେ । ବେବିଲୋନର ପଶ୍ଚିମରେ ଆମୋରାଇଟ୍ ନାମକ ଦଳେ ଭ୍ରମଣଶୀଳ ଲୋକ ବାସ କରୁଥିଲେ । ଆମୋରାଇଟ୍‌ମାନଙ୍କର ନେତା ହାମ୍ମୁରାବି ଖ୍ରୀ:ପୂ: ୨୧୦୦ରେ ବେବିଲୋନ ଅଧିକାର କରିଥିଲେ । ସେ ଜଣେ ଉତ୍ତମ ଲୋକ ଥିଲେ । ବେବିଲୋନରେ ଭଲ ଶାସନ



ଚଳାଇବା ପାଇଁ ସେ ଅନେକ ଆଇନ ପ୍ରଣୟନ କରିଥିଲେ । ନ୍ୟାୟ ବିଚାର ଓ ସୁଶାସନ ପାଇଁ ସେ ପ୍ରସିଦ୍ଧି ଲାଭ କରିଥିଲେ ।

Digitized by srujanika@gmail.com

ଅମୋରାଇଟମାନେ ଏହି ରାଜ୍ୟରେ କେତେବର୍ଷ ରାଜତ୍ୱ କରିବା ପରେ ଖ୍ରୀ: ପୂ: ୧୯୨୫ ରେ ପୁନର୍ବାର ଶତ୍ରୁମାନେ ଏହି ରାଜ୍ୟକୁ ଆକ୍ରମଣ କଲେ । ଏହିପରି ବାରମ୍ବାର ଶତ୍ରୁମାନେ ଏହି ଦେଶକୁ ଆକ୍ରମଣ କରିବାରୁ ସୁମେରୀୟମାନେ ନିଜର ଅସ୍ତିତ୍ୱ ହରାଇଲେ । କ୍ରମେ ଏହି ଜାତି ଲୋପ ପାଇଯାଇଥିଲା ।

ସୁମେରୀୟମାନେ କେନାଲ ସାହାଯ୍ୟରେ ଜଳସେଚନ କରି କୃଷି କରୁଥିଲେ । ସେମାନେ ଗୋରୁ, ମେଣ୍ଢା ପ୍ରଭୃତି ପଶୁପାଳନ କରୁଥିଲେ । ଇଟାର ଗୃହ ଓ ମନ୍ଦିର ନିର୍ମାଣ କରୁଥିଲେ । ସେମାନଙ୍କର ପ୍ରଧାନ ଦେବତା ଏନ୍‌ଲିଲଙ୍କ ମନ୍ଦିର ନିପ୍ପୁରଠାରେ ଥିଲା । ସେମାନେ ଜାହାଜରେ ଜଳଯାତ୍ରା କରି ଭାରତରେ ଦ୍ରାବିଡ଼-ମାନଙ୍କ ସହିତ ବାଣିଜ୍ୟ କରୁଥିଲେ । ସେମାନେ ମାଟିର ଟାଇଲ ଉପରେ ଲେଖା ଲେଖି କରୁଥିଲେ । ଗଣିତ-ଜ୍ୟୋତିଷ ଶାସ୍ତ୍ର ସେମାନଙ୍କୁ ବେଶ ଜଣାଥିଲା । ସେମାନେ ସମୟକୁ ବର୍ଷ, ମାସ, ଦିନ, ଘଣ୍ଟା, ମିନିଟ, ସେକେଣ୍ଡରେ ବିଭକ୍ତ କରିଥିଲେ ଏବଂ ଜଳ ଘଟିକା ଓ ସୂର୍ଯ୍ୟ ଘଟିକା ବ୍ୟବହାର କରୁଥିଲେ । ଆଧୁନିକ ଯୁଗର ଆଇନ, ଜ୍ୟୋତିଷ ଶାସ୍ତ୍ର, ପଞ୍ଜିକା, ଓଜନ ଓ ଜମିର ପରିମାଣ, ଚକ ଓ କପି ପ୍ରଭୃତିର ବ୍ୟବହାର ସୁମେରୀୟ ସଭ୍ୟତାର ଦାନ ଉପରେ ପ୍ରତିଷ୍ଠିତ । ସୁମେରୀୟମାନେ ତିନି ଶ୍ରେଣୀରେ ବିଭକ୍ତ ଥିଲେ, ଯଥା:— ଭୂମ୍ୟଧିକାରୀ, ବଣିକ ଓ କ୍ରୀତଦାସ । ସୁମେରୀୟମାନଙ୍କର ସ୍ତ୍ରୀଲୋକ-ମାନେ ଶିକ୍ଷିତା ଓ ସ୍ୱାଧୀନା ଥିଲେ ।

ଆସିରିଆ ସାମ୍ରାଜ୍ୟ—ବେବିଲୋନ୍ ସାମ୍ରାଜ୍ୟର ଉତ୍ତରରେ ଅଳ୍ପ ଦଳେ ସିମେଟିକ୍ ଲୋକ ପ୍ରାୟ ଖ୍ରୀ: ପୂ: ୩୦୦୦ରେ ଗୋଟିଏ ରାଜ୍ୟ ସ୍ଥାପନ କରିଥିଲେ । ଏହାର ନାମ ଅସିରିଆ । ଅସର୍ ଓ

Digitized by srujanika@gmail.com

ନିନେଭେ ଏହି ରାଜ୍ୟର ଦୁଇଟି ପ୍ରଧାନ ସହର ଥିଲା । ଅସିରିୟାର ଲୋକମାନଙ୍କ ମଧ୍ୟରେ ଏକତା ପୂର୍ଣ୍ଣମାତ୍ରାରେ ଥିଲା । ଏହି ରାଜ୍ୟର ପଶ୍ଚିମରେ ହିଟାଇଟ୍ ନାମକ ଦଳେ ଲୋକ ବାସ କରୁଥିଲେ । ସେମାନେ ଅସିରିୟାକୁ ବାରମ୍ବାର ଆକ୍ରମଣ କରୁଥିଲେ । ହିଟାଇଟ୍‌ମାନଙ୍କ ସଙ୍ଗେ ସର୍ବଦା ଯୁଦ୍ଧ କରିବାକୁ ପଡ଼ୁଥିବାରୁ ଅସିରିୟାର ଲୋକମାନେ ବଡ଼ ଯୁଦ୍ଧପ୍ରିୟ ଥିଲେ । ସେମାନଙ୍କର ଯୁଦ୍ଧ ପ୍ରଣାଳୀ ବଡ଼ ଚମତ୍କାର ଥିଲା । ସବୁ ଜାତିମାନଙ୍କ ମଧ୍ୟରେ ଅସିରିୟାର ଯୋଦ୍ଧାମାନେ ସର୍ବ ପ୍ରଥମେ ଯୁଦ୍ଧରେ ଲୌହ ନିର୍ମିତ ଅସ୍ତ୍ର ଶସ୍ତ୍ର ବ୍ୟବହାର କରୁଥିଲେ । ବେବିଲୋନର ରାଜା ସରଗନ୍ ଏହି ରାଜ୍ୟ ଦଖଲ କରିଥିଲେ । ସରଗନ୍‌ଙ୍କ ମୃତ୍ୟୁପରେ ଅସିରିୟା ସ୍ୱାଧୀନ ହୋଇପାଇ ଥିଲା । ଖ୍ରୀ: ପୂ: ୧୧୦୦ ରେ ଅସିରିୟାର ରାଜା ପ୍ରଥମ ଟିଗଲାଥ୍ ପିଲେଜାର ବେବିଲୋନ୍ ଅଧିକାର କରିଥିଲେ । କିନ୍ତୁ ବେବିଲୋନ୍‌କୁ ଅଧୀନ କରିବା ପାଇଁ ଅସିରିଏନ୍‌ମାନଙ୍କୁ ବହୁଦିନ ଲାଗିଥିଲା । ବହୁ ଶତାବ୍ଦୀ ପର୍ଯ୍ୟନ୍ତ ଏହି ଦୁଇଜାତି ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା । ଏହି ସମୟ ମଧ୍ୟରେ କେତେବେଳେ ବେବିଲୋନ୍, କେତେବେଳେ ବା ଅସିରିୟା ବିଜୟ ଲାଭ କରି ଉଭୟ ଦେଶରେ ପ୍ରାଧାନ୍ୟ ବିସ୍ତାର କରୁଥିଲେ । (ଖ୍ରୀ: ପୂ: ୧୧୦୦ ରୁ ଖ୍ରୀ: ପୂ: ୭୪୫) ।

ଖ୍ରୀ: ପୂ: ୭୪୫ ରୁ ୬୦୬ ମଧ୍ୟରେ ଅସିରିୟା ସାମ୍ରାଜ୍ୟ ବିଶେଷ ଉନ୍ନତି କରିଥିଲା । ଖ୍ରୀ: ପୂ: ୭୪୫ ରେ ତୃତୀୟ ଟିଗଲାଥ୍ ପିଲେଜାର ବେବିଲୋନ୍ ଶକ୍ତି ଚୂର୍ଣ୍ଣ କରି ଗୋଟିଏ ବଡ଼ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ତାଙ୍କ ପରେ ଦ୍ୱିତୀୟ ସରଗନ୍ ଅସିରିୟାର ସମ୍ରାଟ ହେଲେ । ସରଗନ୍‌ଙ୍କ ପୁତ୍ର ସେନାଚେରିବ୍ ଇଜିପ୍ଟ

Digitized by srujanika@gmail.com

ବିରୁଦ୍ଧରେ ଯୁଦ୍ଧ ଯାତ୍ରା କରିଥିଲେ । ଦୁର୍ଭାଗ୍ୟକ୍ରମେ ହଠାତ୍ ପ୍ଲେଗ ରୋଗାକ୍ରାନ୍ତ ହୋଇ ତାଙ୍କର ସମସ୍ତ ସୈନ୍ୟ ମରିଯାଇଥିଲେ । ସେନାଚେରିବ୍ ଭଗ୍ନ ହୃଦୟରେ ସ୍ୱଦେଶକୁ ଫେରି ଆସିଲେ । ଫେରି ଆସିବା ପରେ ଦେଶରେ ବିଦ୍ରୋହ ଜାତ ହେଲା । ତାଙ୍କର ପୁତ୍ରମାନେ ମଧ୍ୟ ବିଦ୍ରୋହରେ ଯୋଗ ଦେଲେ । ଶେଷରେ ନିଜ ପୁତ୍ରମାନଙ୍କ ଦ୍ୱାରା ସେନାଚେରିବ୍ ନିହତ ହୋଇଥିଲେ । ତାଙ୍କ ମୃତ୍ୟୁପରେ ଦେଶରେ ଶାନ୍ତି ସ୍ଥାପିତ ହୋଇଥିଲା । ତାଙ୍କର ପୌତ୍ର ଅସର୍ବାନିପଲ୍ ପୁନର୍ବାର ଇଜିପ୍ଟ ବିରୁଦ୍ଧରେ ଯୁଦ୍ଧ ଯାତ୍ରା କରିଥିଲେ । ସେ ଇଜିପ୍ଟ ଜୟ କରି ନିଜ ରାଜ୍ୟ ସହିତ ମିଶାଇଥିଲେ ।

ଆସିରିୟାର ଲୋକମାନେ ବଡ଼ ଦୁର୍ଦ୍ଧର୍ଷ ଓ ଅତ୍ୟାଚାରୀ ଥିଲେ । ସେମାନଙ୍କର ଅତ୍ୟାଚାର ସହିନପାରି ବେବିଲୋନ, ଇଜିପ୍ଟ ପ୍ରଭୃତି ପରାଜିତ ଦେଶର ଲୋକମାନେ ମିଳିତ ହୋଇ ଆସିରିୟାର ରାଜଧାନୀ ନିନେଭେ ଆକ୍ରମଣ କରିଥିଲେ । ଖ୍ରୀ: ପୂ: ୬୦୬ ରେ ନିନେଭେ ଧ୍ୱଂସପ୍ରାପ୍ତ ହେଲା ଓ ଆସିରିୟାର ଶକ୍ତି ଚୂର୍ଣ୍ଣ ହେଲା ।

ଆସିରିୟାର ଶାସନ ପ୍ରଣାଳୀ ବଡ଼ କଠୋର ଥିଲା । ଏହି ରାଜ୍ୟରେ ବିଧିବଦ୍ଧ ନିୟମ ଅନୁସାରେ ଶାସନ କାର୍ଯ୍ୟ ପରିଚାଳିତ ହେଉଥିଲା । ଆସିରିଅନ୍‌ମାନଙ୍କର ଯୁଦ୍ଧପ୍ରଣାଳୀ ନୂତନ ଧରଣର ଥିଲା । ଲୌହର ଅସ୍ତ୍ର ଶସ୍ତ୍ର, ଲୌହ ନିର୍ମିତ ରଥ ଓ ଘୋଡ଼ା ସାହାଯ୍ୟରେ ସେମାନେ ଯୁଦ୍ଧ କରୁଥିଲେ । ବିଜିତ ଲୋକମାନଙ୍କ ଠାରୁ ସେମାନେ ବଡ଼ ନିର୍ଦ୍ଦୟ ଭାବରେ କର ଆଦାୟ କରୁଥିଲେ ।

ବେବିଲୋନ ଓ ଆସିରିୟାର ଲୋକମାନେ ବହୁ ଦେବ ଦେବୀ ପୂଜା କରୁଥିଲେ; ଭୂତ ପ୍ରେତରେ ବିଶ୍ୱାସ କରୁଥିଲେ ଓ ସେମାନଙ୍କ

Digitized by srujanika@gmail.com

ଠାରୁ ରକ୍ଷା ପାଇବା ପାଇଁ ମନ୍ତ୍ର ପାଠ କରୁଥିଲେ । ସେମାନେ ଦେବ ଦେବୀଙ୍କର ମୂର୍ତ୍ତି ଗଠନ କରି ପୂଜା କରୁଥିଲେ । ବେବିଲୋନ୍‌ରେ ମାରଡୁକ୍ ଓ ଆସିରିୟାରେ ଅସର୍, ସୂର୍ଯ୍ୟଙ୍କର ପ୍ରତିମୂର୍ତ୍ତି ରୂପେ ପୂଜା ପାଉଥିଲେ । ଏହିପରି ଅନୁ (ସ୍ୱର୍ଗ ଦେବତା), ବେଲ (ପୃଥିବୀ-ଦେବତା) ଓ ଇୟା (ସମୁଦ୍ର ଦେବତା) ପ୍ରଭୃତି ଦେବଦେବୀ ମୂର୍ତ୍ତି ସେମାନେ ପୂଜା କରୁଥିଲେ । ପ୍ରତ୍ୟେକ ମାସରେ ସେମାନଙ୍କର ପାଞ୍ଚଟି ନିର୍ଦ୍ଦିଷ୍ଟ ପବିତ୍ର ଦିବସ ଥିଲା । ସେ ଦିନ ମାନଙ୍କରେ ସେମାନେ ଅନାହାରରେ ରହୁଥିଲେ ଓ ବସ୍ତ୍ର ବଦଳାଉ ନଥିଲେ । ରାଜା ସେ ସମୟରେ ରାଜକାର୍ଯ୍ୟ କରୁନଥିଲେ, ଯାନବାହନରେ ଚଢୁ ନଥିଲେ, ଜନସାଧାରଣରେ କୌଣସି କଥା କହୁ ନଥିଲେ ଏବଂ ଔଷଧ ପର୍ଯ୍ୟନ୍ତ ବ୍ୟବହାର କରୁନଥିଲେ । ଅସିରିୟାନ୍‌ମାନଙ୍କର ପ୍ରଧାନ ଧର୍ମ ଗ୍ରନ୍ଥକୁ ଇଜ୍‌ତୁବାର କୁହାଯାଏ ।

ବେବିଲୋନ୍ ଓ ଅସିରିୟାର ଲୋକମାନେ ଶିକ୍ଷାରେ ବିଶେଷ ଉନ୍ନତି କରିଥିଲେ । ପୁରୁଷ ଓ ସ୍ତ୍ରୀ ଉଭୟେ ଶିକ୍ଷାଲାଭ କରୁଥିଲେ । ଗଣିତ ଓ ଗଣିତ-ଜ୍ୟୋତିଷ ଶାସ୍ତ୍ରରେ ସେମାନେ ବିଶେଷ ଉନ୍ନତି କରିଥିଲେ । ପ୍ରତ୍ୟେକ ମନ୍ଦିର ପାଖରେ ଆକାଶକୁ ପର୍ଯ୍ୟବେକ୍ଷଣ କରିବାପାଇଁ ଉଚ୍ଚ ଗମ୍ବୁଜମାନ ଥିଲା । ପର୍ଯ୍ୟବେକ୍ଷଣ-କାରୀମାନେ ସେଠାରେ ରହି ଆକାଶକୁ ପର୍ଯ୍ୟବେକ୍ଷଣ କରୁଥିଲେ ଏବଂ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣର ନିର୍ଦ୍ଦିଷ୍ଟ ସମୟ ଜାଣି ପାରୁଥିଲେ । ହାମୁରାବିଙ୍କର ଆଇନ ଗ୍ରନ୍ଥ ପାଠକଲେ ଜଣାଯାଏ ସେ ସମୟରେ ରାଜା ପ୍ରଜାମାନଙ୍କର ସେବକରୂପେ କାର୍ଯ୍ୟ କରୁଥିଲେ । ରାଜ୍ୟରେ ଅନେକ ବିଚାରପତି ଥିଲେ । ସେମାନଙ୍କ ବିଚାରରେ ସନ୍ତୁଷ୍ଟ ନହେଲେ ଅପରାଧୀମାନେ ରାଜାଙ୍କ

Digitized by srujanika@gmail.com

ପାଖରେ ଅପିଲ କରୁଥିଲେ । ହାମ୍ମୁରବିଙ୍କ ସମୟରେ ବେବିଲୋନରେ ଡାକ ବିଭାଗ ପ୍ରଚଳିତ ଥିଲା । ଦେଶର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଚିଠିପତ୍ର ଯିବା ଆସିବା କରିପାରୁଥିଲା । ରାଜ୍ୟରେ ଚୋର ଡକାୟତମାନଙ୍କର ଉପଦ୍ରବ ନଥିଲା । ସାଧାରଣ ଲୋକମାନେ ଅବାଧରେ ରାଜ୍ୟମଧ୍ୟରେ ଯାତାୟତ କରିପାରୁ ଥିଲେ ଏବଂ ବ୍ୟବସାୟ ବାଣିଜ୍ୟ କରିପାରୁଥିଲେ ।



କ୍ୟାଲଡିଆ ଓ ମେଡିଆନ୍ ସାମ୍ରାଜ୍ୟ

ପରବର୍ତ୍ତୀ ବେବିଲୋନ ସାମ୍ରାଜ୍ୟ—ଅସିରିୟା ସାମ୍ରାଜ୍ୟର ପତନ ପରେ କ୍ୟାଲ୍‌ଡିଅନ୍ ନାମକ ଆଉ ଏକ ଦଳ ଲୋକ ବେବିଲୋନ୍ ଆକ୍ରମଣ କରିଥିଲେ । କ୍ୟାଲ୍‌ଡିଅନ୍‌ମାନଙ୍କର ନେତା ନେବୁକାଡ୍‌ନେଜାର ବେବିଲୋନରେ ନୂତନ ସାମ୍ରାଜ୍ୟ ଗଠନ କରିଥିଲେ । ଏହାକୁ ପରବର୍ତ୍ତୀ ବେବିଲୋନ ସାମ୍ରାଜ୍ୟ ବା

Digitized by srujanika@gmail.com

ଗୁଲ୍ ଉଅନ୍ ସାମ୍ରାଜ୍ୟ କୁହାଯାଏ । ନେବୁଗ୍ଦନେଜାର ପାଲେଷ୍ଟାଇନ୍ ଓ ଫିନସିଆ ଜୟକର ନିଜ ରାଜ୍ୟ ସମ୍ପ୍ରସାରିତ ମଧ୍ୟ ଜାଳ ଥିଲେ । ସେ କେନାଲଗୁଡ଼ିକୁ ଉତ୍ତମରୂପେ ଖୋଳାଇ ଜଳସେଚନର ସୁବନ୍ଦୋବସ୍ତ କରିଥିଲେ । ତାଙ୍କର ସ୍ତ୍ରୀ ପାର୍ବତ୍ୟ ଅଞ୍ଚଳର ଲୋକ ଥିଲେ । ସେ ପାର୍ବତ୍ୟ ଅଞ୍ଚଳରେ ଜୀବନ କଟାଇ ଥିବାରୁ ବଣ ଜଙ୍ଗଲର ଦୃଶ୍ୟ ଦେଖିବାକୁ ଭଲ ପାଉଥିଲେ । ବେବିଲୋନ୍ ଅସି ସେପରି ଦୃଶ୍ୟ ଦେଖିବାକୁ ନପାଇ ସେ ବଡ଼ ଅଶାନ୍ତିରେ ଜୀବନ କାଟୁଥିଲେ । ତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ନେବୁଗ୍ଦନେଜାର ବେବିଲୋନରେ ଗୋଟିଏ ଝୁଲ ବଗିଚା ନିର୍ମାଣ କରାଇଥିଲେ । ତାହା ପ୍ରାଚୀନ ଯୁଗର ସପ୍ତାଶ୍ଚର୍ଯ୍ୟମାନଙ୍କ ମଧ୍ୟରୁ ଗୋଟିଏ । ରାଜ୍ୟରେ ଉତ୍ତମ ଶାସନ ଚଳାଇବା ପାଇଁ ସେ ବିସ୍ତୃତ ନିୟମାବଳୀ ଗଠନ କରିଥିଲେ । ତାଙ୍କ ପୁତ୍ର ନାଟବୋନିଡ଼ସ୍ ପାରସ୍ୟ ଦେଶର ରାଜା ସାଇରସଙ୍କ ଦ୍ୱାରା ଖ୍ରୀ: ପୂ: ୫୩୯ରେ ପରାସ୍ତ ହୋଇଥିଲେ । ଏହାପରେ ବେବିଲୋନ୍ ସାମ୍ରାଜ୍ୟ ପାରସ୍ୟ ସାମ୍ରାଜ୍ୟଭୁକ୍ତ ହୋଇଥିଲା ।

ଚୀନସଭ୍ୟତା—ପ୍ରାୟ ଖ୍ରୀ:ପୂ: ୩୦୦୦ରେ ମଙ୍ଗୋଲିଆରେ ବାସ କରୁଥିବା ଭ୍ରମଣଶୀଳ 'ଲୋକମାନଙ୍କ ମଧ୍ୟରୁ କେତେ ଦଳ ଲୋକ ଚୀନରେ ବସତି ସ୍ଥାପନ କରିଥିଲେ । ସେମାନେ ଦଳ ଦଳ ହୋଇ ଅସି ଚୀନରେ ଅନେକ ସ୍ୱାଧୀନ ରାଜ୍ୟ ଗଠନ କରିଥିଲେ । ଚୀନକୁ ଅସି ସେମାନେ କୃଷି କରି ସ୍ଥିର ବାସିନ୍ଦାରୂପେ ରହୁଥିଲେ । ଏହି ଛୋଟ ରାଜ୍ୟ ଗୁଡ଼ିକ ମଧ୍ୟରେ ସର୍ବଦା ଯୁଦ୍ଧ ଲାଗୁଥିଲା । ଏହାପରେ କେତେ ବର୍ଷ ଯିବା ପରେ ଯୁଓ ନାମକ ଜଣେ ଲୋକ ଏ ସବୁ ରାଜ୍ୟଗୁଡ଼ିକୁ ଏକତ୍ର କରି ଚୀନର ସମ୍ରାଟ ହୋଇଥିଲେ । ଯୁ.ଓ ବଂଶ ପରେ ଶାଙ୍ଗ ବଂଶ ଏବଂ ଉପରେ ଚୂଙ୍ଗ ବଂଶ

Digitized by srujanika@gmail.com

ରାଜତ୍ୱ କରୁଥିଲେ । ଏହି ସମ୍ରାଟମାନେ ଯୁଦ୍ଧ ସମୟରେ ଚୀନ-ମାନଙ୍କର ସେନାପତି ହେଉଥିଲେ ଏବଂ ଶାନ୍ତି ସମୟରେ ପ୍ରଧାନ ଧର୍ମଗୁରୁରୂପେ ଦେଶରେ ସମ୍ମାନ ପାଉଥିଲେ । ଏହା ଛଡ଼ା ସେମାନଙ୍କର ଅଉ କୌଣସି କ୍ଷମତା ନଥିଲା । ଛୋଟ ଛୋଟ ରାଜ୍ୟ ଗୁଡ଼ିକ କାର୍ଯ୍ୟତଃ ସ୍ୱାଧୀନ ଥିଲେ । ଶିନ୍ ବଂଶ ରାଜତ୍ୱ ଅରମ୍ଭ କରିବା ପରେ ଚୀନରେ ପ୍ରକୃତ ଏକତା ସ୍ଥାପିତ ହୋଇଥିଲା । ଶିନ୍ ବଂଶର ପ୍ରଥମ ସମ୍ରାଟ ଶି-ହ୍ୱାଙ୍ଗ୍-ଖି । ସେ ଦେଶରେ ଥିବା ଛୋଟ ରାଜ୍ୟଗୁଡ଼ିକ ଉପରେ ପ୍ରକୃତ କ୍ଷମତା ଲାଭ କରିଥିଲେ ଏବଂ ଚୀନର ପ୍ରକୃତ ସମ୍ରାଟ ହୋଇଥିଲେ । ହୁନମାନଙ୍କ ଆକ୍ରମଣରୁ ଚୀନ ଦେଶକୁ ରକ୍ଷା କରିବା ପାଇଁ ସେ ଉତ୍ତରରେ ଗୋଟିଏ ପ୍ରକାଣ୍ଡ ପ୍ରାଚୀର ନିର୍ମାଣ କରାଇଥିଲେ । ଶିନ୍ ବଂଶ ପରେ ହାନ୍ ବଂଶର ସମ୍ରାଟମାନେ ମାଞ୍ଚୁରିଆ, ମଙ୍ଗୋଲିଆ, ତୁର୍କିସ୍ଥାନ ଓ ତିବ୍ବତ ଉପରେ ଅଧିପତ୍ୟ ବିସ୍ତାର କରିଥିଲେ ଏବଂ ପୃଥିବୀର ଅନ୍ୟାନ୍ୟ ସଭ୍ୟ ଜାତିମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ । ଏମାନଙ୍କ ସମୟରେ ଚୀନାମାନେ ଇଉରୋପରେ ବାଣିଜ୍ୟ କରୁଥିଲେ ଏବଂ ବୌଦ୍ଧମାନେ ଚୀନରେ ବୌଦ୍ଧଧର୍ମ ପ୍ରଚାର କରୁଥିଲେ । ଏମାନଙ୍କ ସମୟରେ ଚୀନମାନେ ଉନ୍ନତ ଧରଣର ସଭ୍ୟତା ଲାଭ କରିଥିଲେ । ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ ଏହି ବଂଶ ରାଜତ୍ୱ କରିଥିଲେ ।

ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ବେଳକୁ ଚୀନାମାନେ ଗୋଟିଏ ସଭ୍ୟ ଜାତିରେ ପରିଣତ ହୋଇ ଯାଇଥିଲେ । ସେମାନେ ତୁଳିକଲମ ସାହାଯ୍ୟରେ ଲେଖା ଲେଖି କରୁଥିଲେ ଏବଂ କାଷ୍ଠ ଫଳକ ସାହାଯ୍ୟରେ ଅକ୍ଷର ଛାପିବାକୁ ଶିକ୍ଷା କରିଥିଲେ । ଏ ସମୟକୁ ପୃଥିବୀର କୌଣସି ଦେଶର ଲୋକେ ଛପା ଅକ୍ଷର ବ୍ୟବହାର

Digitized by srujanika@gmail.com

ତିଆରିବାକୁ ଶିକ୍ଷା କରିନଥିଲେ । ଚୀନାମାନେ କେନାଲ ସାହାଯ୍ୟରେ ଜଳ ସେଚନ କରି ଚାଷ କରୁଥିଲେ; ରେଶମ ସୂତାର ଲୁଗା ବ୍ୟବହାର କରୁଥିଲେ; ବ୍ରୋଞ୍ଜର ଅସ୍ତ୍ର ଶସ୍ତ୍ର ଓ ପାତ୍ର ବ୍ୟବହାର କରୁଥିଲେ ଏବଂ ନାନା ରଙ୍ଗରେ ଚିତ୍ର କରି କଳାବିଦ୍ୟାରେ ବିଶେଷ ନିପୁଣତା ଲାଭ କରିଥିଲେ ।

ତୃତୀୟ ଅଧ୍ୟାୟ

ଭାରତ-ଇଉରୋପୀୟ ଜାତି

(Indo-Europeans)

ଆଦିମ ବାସସ୍ଥାନ—ଭାରତ-ଇଉରୋପୀୟମାନେ ଡନ୍ୟୁବ ନଦୀ ଓ ଇଉରାଲ୍ ପର୍ବତର ମଧ୍ୟବର୍ତ୍ତୀ ସ୍ଥାନରେ ଦଳ ଦଳ ହୋଇ ବାସ କରୁଥିଲେ । ସେମାନେ ଶୁଭ୍ର ଓ ଦୀର୍ଘକାୟ ଲୋକ ଥିଲେ । ପଶୁଚାରଣ ସେମାନଙ୍କର ପ୍ରଧାନ ବ୍ୟବସାୟ ଥିଲା । ସେମାନେ ଘୋଡ଼ାର ବ୍ୟବହାର ଶିକ୍ଷା କରିଥିଲେ । ଆସିରିଆ ଓ ବେବିଲୋନର ଲୋକମାନେ ଏମାନଙ୍କଠାରୁ ଘୋଡ଼ାର ବ୍ୟବହାର ଶିକ୍ଷା କରିଥିଲେ । ଖ୍ରୀ: ପୂ: ଦ୍ୱାଦଶ ଶତାବ୍ଦୀ ବେଳକୁ ଆର୍ଯ୍ୟମାନେ ଲୁହାର ବ୍ୟବହାର ଶିକ୍ଷା କରିଥିଲେ । ସେମାନେ ଚାଷ କରୁଥିଲେ ଓ ଚାଷ ପାଇଁ ଯେଉଁ ଯେଉଁ ଯନ୍ତ୍ର ଅବଶ୍ୟକ ତାକୁ ତିଆରି କରୁଥିଲେ । ସେମାନେ ସାଧାରଣତଃ ଗହମ ଓ ବାର୍ଲି ଚାଷ କରୁଥିଲେ । ପ୍ରତ୍ୟେକ ଦଳରେ ଜଣେ ଜଣେ ଦଳପତି ଥିଲେ । ସେମାନେ ପ୍ରକୃତିର ସୁନ୍ଦର ବସ୍ତୁକୁ ପୂଜା କରୁଥିଲେ ।

ପୃଥିବୀର ବିଭିନ୍ନ ଅଞ୍ଚଳରେ ରାଜ୍ୟ ସ୍ଥାପନ—ପ୍ରାୟ ଖ୍ରୀ: ପୂ: ୨୦୦୦ ବର୍ଷ ତଳୁ ପୂର୍ବେ ଭାରତ-ଇଉରୋପୀୟ ମାନେ ଆଦିମ ବାସସ୍ଥାନ ତ୍ୟାଗ କରି ଦକ୍ଷିଣ ଅଡ଼କୁ ଗତି

Digitized by srujanika@gmail.com

ଭାରତ-ଇଉରୋପୀୟମାନଙ୍କର
ବିଭିନ୍ନ ଅଞ୍ଚଳରେ ବସତି ସ୍ଥାପନ
ଖ୍ରୀ: ପୂ: ୨୦୦୦ – ୨୦୦
ମଙ୍ଗୋଲ ଜାତି
ଟିଉଟନ
କେଲ୍ଟ
ମେଡିସ୍
ପାର୍ସି
ଆର୍ଯ୍ୟ
ଭାରତ
ମାସିଡୋନିଆନ
ଲିଡ଼ିଆନ
ଶ୍ୱେତକୃଷ୍ଣ ଜାତି

କରିଥିଲେ । ପ୍ରଥମେ ସେମାନଙ୍କ ମଧ୍ୟରୁ ଅର୍ଯ୍ୟ ନାମରେ ଅଭିହିତ ଦଳେ ଲୋକ ଭାରତ ଅଭିମୁଖେ ଯାତ୍ରା କଲେ । ହିନ୍ଦୁକୁଶ ଅଞ୍ଚଳରେ କିଛି କାଳ ରହିବା ପରେ ସେମାନେ ଦୁଇ ଦଳରେ ବିଭକ୍ତ ହୋଇ ଯାଇଥିଲେ । ସେଥିମଧ୍ୟରୁ ଦଳେ ଭାରତକୁ ଆସିଲେ ଓ ଆଉ ଦଳେ ଇରାନ୍ ମାଳଭୂମିରେ ରହିଲେ । ଖ୍ରୀ: ପୂ: ୨୦୦୦ ରୁ ୧୦୦୦ ମଧ୍ୟରେ ଅବଶିଷ୍ଟ ଭାରତ-ଇଉରୋପୀୟମାନେ ଦଳ ଦଳ ହୋଇ ଏସିଆ ଓ ଇଉରୋପରେ ବିକ୍ଷିପ୍ତ ହୋଇଯାଇ ଥିଲେ । ସେମାନଙ୍କ ମଧ୍ୟରୁ ମିଟାନିଅନ୍‌ମାନେ ସିରିଆରେ, ଲିଡିଅନ୍‌ମାନେ ଅନାଟୋଲିଅରେ, ଅସିଅନ୍‌ମାନେ ଥେସାଲି (ଗ୍ରୀସ୍) ରେ; ଡୋରି-ଅନ୍‌ମାନେ ପେଲୋପନିସସ୍‌ରେ; ଲାଟିନ୍‌ମାନେ ଇଟାଲିରେ ଏବଂ କେଲଟ୍‌ମାନେ ସ୍ପେନ୍, ଫ୍ରାନ୍ସ ଓ ଇଂଲଣ୍ଡରେ ବସତି ସ୍ଥାପନ କରିଥିଲେ ।

ଭାରତବର୍ଷ—ଆଜକୁ ପ୍ରାୟ ଚାରିହଜାର ବର୍ଷ ପୂର୍ବେ ଅର୍ଯ୍ୟମାନେ ପଞ୍ଜାବରେ ପ୍ରବେଶ କରିଥିଲେ । ପଞ୍ଜାବ ଓ ସିନ୍ଧୁ ପ୍ରଦେଶରେ ସେତେବେଳେ ଦ୍ରାବିଡ଼ମାନେ ବାସ କରୁଥିଲେ । ଅର୍ଯ୍ୟମାନେ ଦ୍ରାବିଡ଼ମାନଙ୍କ ସଙ୍ଗେ ଯୁଦ୍ଧ କରି ସେମାନଙ୍କୁ ଦାକ୍ଷିଣାତ୍ୟକୁ ତଡ଼ି ଦେଇଥିଲେ । ଅର୍ଯ୍ୟମାନେ ଦଳ ଦଳ ହୋଇ ଭାରତରେ ପ୍ରବେଶ କରିଥିଲେ । ପ୍ରତ୍ୟେକ ଦଳ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ସ୍ଥାପନ କରିଥିଲେ । ଏହି ରାଜ୍ୟମାନଙ୍କ ମଧ୍ୟରେ ଗାନ୍ଧାର, ପୁରୁ, ଯଦୁ ଓ ଭରତ ପ୍ରଭୃତି ଦଳର ରାଜ୍ୟଗୁଡ଼ିକ ପ୍ରଧାନ ଥିଲା । ସେଥିମଧ୍ୟରୁ ଭରତ ଦଳ ବିଶେଷ କ୍ଷମତାଶାଳୀ ଥିଲେ । ସେହିମାନଙ୍କ ନାମ ଅନୁସାରେ ଏ ଦେଶର ନାମ ହେଲା ଭାରତବର୍ଷ । ଦ୍ରାବିଡ଼ମାନଙ୍କ ମଧ୍ୟରୁ କେତେକ ଦାକ୍ଷିଣାତ୍ୟକୁ ପଳାଇଗଲେ । ଆଉ କେତେକ ଅର୍ଯ୍ୟମାନଙ୍କ ସହିତ ଉତ୍ତର

Digitized by srujanika@gmail.com

ଭାରତରେ ରହିଲେ । 'ଉତ୍ତର ଭାରତରେ ଆର୍ଯ୍ୟ ଓ ଦ୍ରାବିଡ଼ ସଭ୍ୟତାର ସମିଶ୍ରଣରେ ଏକ ମିଶ୍ରିତ ସଭ୍ୟତା ବିସ୍ତାର ଲାଭକଲା । କ୍ରମେ ଆର୍ଯ୍ୟମାନେ ପୂର୍ବଅଞ୍ଚଳ ଗଡ଼ିଭଳି କୋଶଳ, ବିଦେହ, କାଶୀ, ମଗଧ, ଅଙ୍ଗ, ବଙ୍ଗ, କଳିଙ୍ଗ ପ୍ରଭୃତି ଅନେକ ରାଜ୍ୟ ସ୍ଥାପନ କରି ସମସ୍ତ ଉତ୍ତର ଭାରତ ଅଧିକାର କରିଥିଲେ । ଆର୍ଯ୍ୟ ସଭ୍ୟତା ବିସ୍ତାର କରିବା ଉଦ୍ଦେଶ୍ୟରେ ଆର୍ଯ୍ୟମାନେ ଦାକ୍ଷିଣାତ୍ୟରେ ମଧ୍ୟ ପ୍ରବେଶ କରିଥିଲେ । ଦାକ୍ଷିଣାତ୍ୟରେ ସେତେବେଳେ ଚେର, ଚୋଳ, ପାଣ୍ଡ୍ୟ ଓ ଅନ୍ଧ୍ର ଏହିପରି ଚାରିଗୋଟି ଦ୍ରାବିଡ଼ ରାଜ୍ୟ ଥିଲା ।

ଉତ୍ତର ଭାରତର ରାଜାମାନେ ସର୍ବଦା ପରସ୍ପର ମଧ୍ୟରେ ଯୁଦ୍ଧ କରୁଥିଲେ । ଚକ୍ରବର୍ତ୍ତୀ ବା ସମ୍ରାଟ ହେବାପାଇଁ ଏହି ରାଜାମାନେ ଅଶ୍ୱମେଧ ଓ ରାଜସୂୟ ଯଜ୍ଞ କରୁଥିଲେ । ଏହି ଯୁଦ୍ଧ ବହୁବର୍ଷ ବ୍ୟାପୀ ଲାଗିଥିଲା । କିନ୍ତୁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ସମୟ ପର୍ଯ୍ୟନ୍ତ କୌଣସି ରାଜା ଭାରତରେ ବିଶାଳ ସାମ୍ରାଜ୍ୟ ସ୍ଥାପନ କରି ପାରିନଥିଲେ । (ଖ୍ରୀ: ପୂ: ୩୨୧) ।

ଗ୍ରାମ ଆର୍ଯ୍ୟମାନଙ୍କର ସବୁଠାରୁ କ୍ଷୁଦ୍ର ରାଜନୈତିକ ଅନୁଷ୍ଠାନ ଥିଲା । କେତେ ଗୁଡ଼ିଏ ଗ୍ରାମ ମିଳି ଗୋଟିଏ ଦଳ ବା ରାଜ୍ୟ ଗଠିତ ହୋଇଥିଲା । ପ୍ରତ୍ୟେକ ଗ୍ରାମରେ ଜଣେ ଲେଖାଏ ଅଗ୍ରଣୀ ଥିଲେ ଏବଂ ପ୍ରତ୍ୟେକ ଦଳର ମୁଖିଆଙ୍କୁ ଦଳପତି ବା ରାଜା କୁହାଯାଉଥିଲା । ରାଜପଦ ପ୍ରଥମେ ପୁରୁଷାନୁକ୍ରମିକ ନଥିଲା । ଦଳ ମଧ୍ୟରେ ଥିବା ଯୋଗ୍ୟତମ ଲୋକ ରାଜପଦରେ ଅଭିଷିକ୍ତ ହେଉଥିଲେ । ରାଜା କୁଶାସନ କଲେ ପ୍ରଜାମାନେ ଅନ୍ୟ ରାଜା ମନୋନୀତ କରୁଥିଲେ । ପ୍ରଜାମାନଙ୍କ ଦ୍ୱାରା ନିର୍ବାଚିତ 'ସଭା' ବା 'ସମିତି' ସାହାଯ୍ୟରେ ରାଜା ଶାସନ କରୁଥିଲେ । ସାଧାରଣତଃ ରାଜାମାନେ ନ୍ୟାୟ ପରାୟଣ, ଧର୍ମ ପରାୟଣ ଓ କର୍ତ୍ତବ୍ୟନିଷ୍ଠ ଥିଲେ ।

Digitized by srujanika@gmail.com

ବେଦ ଆର୍ଯ୍ୟମାନଙ୍କର ସବୁଠାରୁ ବଡ଼ ପବିତ୍ର ଧର୍ମଗ୍ରନ୍ଥ। ବେଦର ପ୍ରଭାବ ସମଗ୍ର ପୃଥିବୀର ସାହିତ୍ୟ ଉପରେ ପଡ଼ିଅଛି। ଏହା ଖ୍ରୀ: ପୂ:୨୦୦୦ ରୁ ୬୦୦ ମଧ୍ୟରେ ରଚିତ ହୋଇଥିଲା। ବୈଦିକ ଯୁଗରେ ଆର୍ଯ୍ୟମାନେ ଇନ୍ଦ୍ର, ବରୁଣ, ସୂର୍ଯ୍ୟ, ଚନ୍ଦ୍ର ପ୍ରଭୃତି ଦେବତାମାନଙ୍କୁ ପୂଜା କରୁଥିଲେ। କ୍ରମେ ଆର୍ଯ୍ୟମାନେ ଅନୁଭବ କଲେ ଯେ ବେଦ ବର୍ଣ୍ଣିତ ଦେବ ଦେବୀମାନେ ପ୍ରକୃତରେ ପରମାତ୍ମା ନୁହନ୍ତି। ସେମାନେ ସମସ୍ତେ କୌଣସି ଏକ ଶକ୍ତି ଦ୍ୱାରା ସୃଷ୍ଟ। ତେଣୁ ସେମାନେ ସେହି ପରମାତ୍ମାଙ୍କର ସୃଷ୍ଟି, ସ୍ଥିତି ଓ ଲୟ ଏହି ତିନୋଟି ବିଭିନ୍ନ କାର୍ଯ୍ୟକୁ ଯଥାକ୍ରମେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ନାମ ଦେଇ ତାଙ୍କୁ ପୂଜା କଲେ; କିନ୍ତୁ ଅଜ୍ଞ ଜନ ସାଧାରଣଙ୍କ ମନରେ ଏ ଭାବ ପ୍ରଳୟ ସୃଷ୍ଟି କରିବା ଉପରେ ବୈଦିକ ଯୁଗର ଦେବ ଦେବୀମାନଙ୍କର ପୂଜାର ବ୍ୟବସ୍ଥା ପୂର୍ବପରି ରହିଲା ଏବଂ ଏ ପର୍ଯ୍ୟନ୍ତ ମଧ୍ୟ ଅଛି।

ଆର୍ଯ୍ୟମାନଙ୍କର ପାରିବାରିକ ଓ ଗ୍ରାମ୍ୟ ଜୀବନର ଦୃଷ୍ଟାନ୍ତ ଅନ୍ୟ କୌଣସି ଦେଶରେ ଦେଖାଯାଏ ନାହିଁ। ସେମାନଙ୍କର ସମାଜରେ ସ୍ତ୍ରୀ ଲୋକମାନଙ୍କ ମଧ୍ୟରେ ପର୍ଦ୍ଦା ନଥିଲା। ପରିବାର ମଧ୍ୟରେ ପରସ୍ପର ପ୍ରତି ସ୍ନେହ ଓ ଭକ୍ତି ପ୍ରଦର୍ଶନ କରିବା ପାରିବାରିକ ଜୀବନର ପ୍ରଧାନ ଅଙ୍ଗ ଥିଲା। ଗ୍ରାମରେ ବାସ କରୁଥିବା ଲୋକମାନଙ୍କର ସମୂହ ଉନ୍ନତି ପାଇଁ ବିଦ୍ୟାଳୟ, ଆମୋଦ ପ୍ରମୋଦ ଓ ସଭା ସମିତି ପାଇଁ ସ୍ୱତନ୍ତ୍ର ଗୃହର ବ୍ୟବସ୍ଥା ଥିଲା। ସ୍ଥୂଳତଃ ଆର୍ଯ୍ୟମାନଙ୍କର ପାରିବାରିକ ଓ ସାମାଜିକ ଜୀବନ ବଡ଼ ମଧୁମୟ ଥିଲା।

ପାରସ୍ୟ—ଆର୍ଯ୍ୟମାନଙ୍କ ମଧ୍ୟରୁ ଦଳେ ଭାରତରେ ପ୍ରବେଶ କରି ଉତ୍ତର ଭାରତରେ ବସତି ସ୍ଥାପନ କରିଥିଲେ। ଅବଶିଷ୍ଟଦଳ

Digitized by srujanika@gmail.com

ହିନ୍ଦୁକୁଶ ପର୍ବତ ନିକଟରେ ବହୁକାଳ ରହିବା ପରେ ଦକ୍ଷିଣ ଅଞ୍ଚଳକୁ ଗତି କରିଥିଲେ । ସେମାନେ ଦଳ ଦଳ ହୋଇ ଆସି ଇରାନ୍ ମାଳଭୂମିରେ ଅନେକ ଗୁଡ଼ିଏ ଛୋଟ ଛୋଟ ରାଜ୍ୟ ସ୍ଥାପନ କରିଥିଲେ । ସେମାନଙ୍କ ମଧ୍ୟରେ ମେଡ଼ସ୍, ଇଲାମାଇଟ୍ ଓ ପାର୍ସିମାନେ ପ୍ରଧାନ । ପ୍ରଥମେ ମେଡ଼ସ୍‌ମାନେ ଏହି ସବୁ କ୍ଷୁଦ୍ର ରାଜ୍ୟ ଗୁଡ଼ିକୁ ପରାସ୍ତ କରି ସମସ୍ତ ଇରାନ୍ ମାଳଭୂମିରେ ଆଧିପତ୍ୟ ବିସ୍ତାର କରିଥିଲେ । ମେଡ଼ସ୍‌ମାନେ ଆସିରିଆନ୍‌ମାନଙ୍କୁ ଯୁଦ୍ଧରେ ଘୋଡ଼ା ବ୍ୟବହାର କରିବାକୁ ଶିକ୍ଷା ଦେଇଥିଲେ । ଖ୍ରୀ: ପୂ: ୬୦୦ ବେଳକୁ ସେମାନେ ଗୋଟିଏ ଶକ୍ତିଶାଳୀ ଜାତିରେ ପରିଣତ ହୋଇଥିଲେ । ଖ୍ରୀ: ପୂ: ୬୦୬ରେ ଆସିରିଆନ୍‌ମାନଙ୍କ ବିରୁଦ୍ଧରେ ଯେଉଁ ବିଦ୍ରୋହ ହୋଇଥିଲା, ସେଥିରେ ମେଡ଼ସ୍‌ମାନେ ମଧ୍ୟ ଯୋଗ ଦେଇଥିଲେ । ନିନେଭେ ଧ୍ୱଂସ ପାଇବାର ଅଳ୍ପ ସମୟ ପରେ ପାର୍ସିମାନଙ୍କର ନେତା ସାଇରସ୍ ମେଡ଼ସ୍‌ମାନଙ୍କୁ ପରାସ୍ତ କରି ସମସ୍ତ ଇରାନ୍ ମାଳଭୂମି ଅଧିକାର କଲେ ଏବଂ ପାର୍ସିମାନଙ୍କର ନାମ ଅନୁସାରେ ସେ ଦେଶର ନାମ ହେଲା ପାରସ୍ୟ ।

ସେ ସମୟରେ ଏସିଆମାଇନରରେ ଲିଡ଼ିଆ ନାମକ ଗୋଟିଏ କ୍ଷୁଦ୍ର ରାଜ୍ୟ ଥିଲା । ସାର୍ଡ଼ିସ୍ ଏହାର ରାଜଧାନୀ ଥିଲା । ସାଇରସ୍‌ଙ୍କ ସମୟରେ କ୍ରୋସସ୍ ଲିଡ଼ିଆର ରାଜା ଥିଲେ । କ୍ରୋସସ୍ ସେ ସମୟରେ ପୃଥିବୀରେ ସବୁଠାରୁ ବଡ଼ ଧନୀ ଲୋକ ଥିଲେ । ସାଇରସ୍ ମେଡ଼ସ୍‌ମାନଙ୍କୁ ପରାସ୍ତ କରି ଲିଡ଼ିଆ ଅଞ୍ଚଳକୁ ରାଜ୍ୟ ବିସ୍ତାର କରିବାକୁ ପ୍ରସ୍ତୁତ ହେଉଥିବାରୁ କ୍ରୋସସ୍ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ । ଉଭୟ ପକ୍ଷର ଯୁଦ୍ଧ ହେଲା । ଯୁଦ୍ଧରେ କ୍ରୋସସ୍ ପରାସ୍ତ ହୋଇ ବନ୍ଦୀ ହେଲେ । ସାଇରସ୍ ତାଙ୍କର ପ୍ରାଣନାଶ କରିବା ପାଇଁ ଗୋଟିଏ

Digitized by srujanika@gmail.com

ଅଭିନବ ଉପାୟ ଅବଲମ୍ବନ କରିଥିଲେ । ଗୋଟିଏ କାଠ ଗଦା ଉପରେ ତାଙ୍କୁ ଠିଆ କରାଇ ସେହି କାଠ ଗଦାରେ ନିଆଁ ଲଗାଇ ଦିଆଗଲା । କ୍ରୋସସ୍ ସେଥିରେ କାତର ନହୋଇ ଭଗବାନଙ୍କୁ ଆରାଧନା କରିବାକୁ ଲାଗିଲେ । ସାଇରସ୍ ତାଙ୍କର ଧର୍ମଭାବ ଦେଖି ସନ୍ତୁଷ୍ଟ ହୋଇ ନିଆଁ ଲିଭାଇବା ପାଇଁ ଆଦେଶ ଦେଲେ । କିନ୍ତୁ ଯେତେ ଚେଷ୍ଟା କଲେ ବି ନିଆଁ ଲିଭିଲା ନାହିଁ, ସାଇରସ୍ ବଡ଼ ଦୁଃଖିତ ହେଲେ । ସେହି ସମୟରେ କ୍ରୋସସ୍ ଭଗବାନଙ୍କୁ ନିଆଁ ଲିଭାଇ ଦେବା ପାଇଁ ପ୍ରାର୍ଥନା କଲେ । ପ୍ରବାଦ ଅଛି ଠିକ୍ ସେହି ସମୟରେ ଝଡ଼ ତୋଫାନ ମାଡ଼ି ଆସିଲା ଏବଂ ଅଜସ୍ର ବର୍ଷା ହୋଇ ସେହି ନିଆଁକୁ ଲିଭାଇ ଦେଲା ଏବଂ କ୍ରୋସସ୍‌ଙ୍କ ପ୍ରାଣ ରକ୍ଷାହେଲା । ସାଇରସ୍ ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ କାରାମୁକ୍ତ କଲେ କିନ୍ତୁ ତାଙ୍କ ରାଜ୍ୟ ତାଙ୍କୁ ଫେରାଇ ଦେଇ ନଥିଲେ ।

ସାଇରସ୍ ବେବିଲୋନ୍ ରାଜା ନାବୋନିଡସ୍‌ଙ୍କୁ ପରାସ୍ତ କରିଥିଲେ । ସେ ଆସିରିଆ ଓ ସିରିଆ ଜୟ କରି ଭୂମଧ୍ୟସାଗର ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ସାଇରସ୍‌ଙ୍କ ମୃତ୍ୟୁ ପରେ ତାଙ୍କ ପୁଅ କେମ୍ବିସେସ୍ ସମ୍ରାଟ ହେଲେ । ସେ ଇଜିପ୍ଟ ଜୟ କରି ପାରସ୍ୟ ସାମ୍ରାଜ୍ୟ ସହିତ ମିଶାଇଥିଲେ । ଇଜିପ୍ଟରୁ ଫେରିବା ପରେ ସେ ଦେଖିଲେ ଅନ୍ୟ ଜଣେ ଲୋକ ତାଙ୍କର ରାଜ୍ୟ ଅପହରଣ କରିଅଛି । ଏହା ଦେଖି ଦୁଃଖରେ ସେ ଆତ୍ମହତ୍ୟା କରିଥିଲେ । ତାଙ୍କ ପରେ ରାଜପଦ ପାଇଁ କିଛି ସମୟ ପର୍ଯ୍ୟନ୍ତ ଦେଶରେ ଅଶାନ୍ତି ଉପସ୍ଥିତ ହୋଇଥିଲା । ତତ୍ପରେ ଡେରାୟସ୍ ପାରସ୍ୟର ସମ୍ରାଟ ହେଲେ । ଡେରାୟସ୍ ପୂର୍ବରେ ସିନ୍ଧୁନଦୀ ପର୍ଯ୍ୟନ୍ତ ପାରସ୍ୟ ସାମ୍ରାଜ୍ୟକୁ ବଢ଼ାଇଥିଲେ ।

Digitized by srujanika@gmail.com

ଗ୍ରୀସ୍‌ କ୍ରୋସସ୍‌ଙ୍କ ଅଧୀନସ୍ଥ ରାଜ୍ୟ ଥିଲା । ପାର୍ସିମାନେ କ୍ରୋସସ୍‌କୁ ପରାସ୍ତ କରି ତାଙ୍କ ରାଜ୍ୟ ଅଧିକାର କରିଥିବାରୁ ଗ୍ରୀସ୍‌କୁ ତାଙ୍କର ଅଧୀନସ୍ଥ ରାଜ୍ୟ ବୋଲି ମନେ କରୁଥିଲେ । ଗ୍ରୀକ୍‌ମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ଲିଡ଼ିଆ ଆକ୍ରମଣ କଲେ ଏବଂ ଲିଡ଼ିଆର ରାଜଧାନୀ ସାର୍ଡ଼ିସ୍ ଧ୍ୱଂସ କଲେ । ଡେରାୟୁସ୍ ଗ୍ରୀକ୍ ମାନଙ୍କୁ ଦଣ୍ଡ ଦେବା ପାଇଁ ଗ୍ରୀସ୍ ଆକ୍ରମଣ କଲେ । ମାରାଥନ୍ ଠାରେ ଯୁଦ୍ଧ ହେଲା; କିନ୍ତୁ ଏହି ଯୁଦ୍ଧରେ ପାର୍ସିମାନେ ପରାସ୍ତ ହୋଇଥିଲେ ।



ଡେରାୟୁସ୍ ଦେଶରେ ଉତ୍ତମ ଶାସନ ଚଳାଇଥିଲେ । ସେ ସୁଶାଠାରୁ ସାର୍ଡ଼ିସ୍ ପର୍ଯ୍ୟନ୍ତ ଗୋଟିଏ ପ୍ରକାଣ୍ଡ ରାସ୍ତା ନିର୍ମାଣ କରାଇ-ଥିଲେ, ବ୍ୟବସାୟ ବାଣିଜ୍ୟରେ ଉନ୍ନତି କରାଇଥିଲେ ଓ ଦେଶରେ ଡାକ ଖବର ଚଳାଇଥିଲେ । ତାଙ୍କ ସମୟରେ ପ୍ରଜାମାନେ

Digitized by srujanika@gmail.com

ଅତି ଅଳ୍ପ କର ଦେଉଥିଲେ । ବାଣିଜ୍ୟ କ୍ଷେତ୍ରରୁ ଯାହା ଲାଭ ହେଉଥିଲା ସେଥିରେ ସେ ରାଜ୍ୟର ସମସ୍ତ ଖର୍ଚ୍ଚ ଚଳାଉଥିଲେ । ସେ ସବୁ ଧର୍ମକୁ ସମାନ ଚକ୍ଷୁରେ ଦେଖୁଥିଲେ ।

ଡେରାୟୁସଙ୍କ ପରେ ତାଙ୍କ ପୁଅ ଜେରକ୍‌ସସ୍ ପାରସ୍ୟର ସମ୍ରାଟ ହୋଇଥିଲେ । ସେ ୦ମ ଗ୍ରୀସ୍ ବିରୁଦ୍ଧରେ ଥର୍ମୋପିଲି ଓ ସାଲମିସ୍ ଠାରେ ଦୁଇବାର ଯୁଦ୍ଧ କରିଥିଲେ । ଦୁଇଥରଯାକ ପାର୍ସିମାନେ ପରାସ୍ତ ହୋଇଥିଲେ । ଜେରକ୍‌ସସ୍‌ଙ୍କ ପରେ ପାରସ୍ୟ ସାମ୍ରାଜ୍ୟ ଦୁର୍ବଳ ହୋଇ ଯାଇଥିଲା ।

ପାର୍ସିମାନେ ଜୋରାଷ୍ଟ୍ରର ଧର୍ମାବଲମ୍ବୀ ଥିଲେ । ଏହି ଧର୍ମର ପ୍ରବର୍ତ୍ତକ ଜୋରଷ୍ଟର ଦ୍ୱୈତବାଦ ପ୍ରଚାର କରିଥିଲେ । ତାଙ୍କ ମତରେ ଭଗବାନ ଏକ ନୁହନ୍ତି ବା ଅନେକ ନୁହନ୍ତି । ଭଗବାନ ଦୁଇ ବୋଲି ସେ ପ୍ରଚାର କରିଥିଲେ । ସେଥି ମଧ୍ୟରୁ ଗୋଟିଏ ସତ୍ ଓ ଅନ୍ୟ ଗୋଟିଏ ଅସତ୍ । ସେ ଏହି ଦୁଇ ଈଶ୍ୱରଙ୍କୁ ଯଥାକ୍ରମେ ଅର୍‌ମଜ୍ ଓ ଅହ୍ରିମନ୍ ନାମ ଦେଇଥିଲେ । ଏହି ଦେବତାମାନଙ୍କ ପାଇଁ ମୂର୍ତ୍ତି ନାହିଁ । କିନ୍ତୁ ପୂଜା ପାଇଁ ଏହି ଧର୍ମାବଲମ୍ବୀମାନଙ୍କର ମନ୍ଦିର, ପୂଜାପୀଠ ଓ ପୁରୋହିତ ଅଛନ୍ତି । ଏମାନେ ମୃତ ଦେହକୁ ଦାହ କିମ୍ବା କବର କରନ୍ତି ନାହିଁ । ମୃତ ବ୍ୟକ୍ତିର ଶବକୁ ଗୋଟିଏ ଖୋଲା ସ୍ଥାନରେ ରଖିଦିଆଯାଏ । ଗୃଧ୍ରମାନେ ତାକୁ ଭକ୍ଷଣ କରନ୍ତି । ଜୋରୋଷ୍ଟରଙ୍କ ଉପଦେଶାବଳୀ ଜେଣ୍ଡ ଅବେସ୍ତା ନାମକ ପୁସ୍ତକରେ ଲିଖିତ ଅଛି ।

ଗ୍ରୀସ୍ ଓ କ୍ରୀଟ୍—ଭୂମଧ୍ୟସାଗରର ପୂର୍ବାଞ୍ଚଳରେ କ୍ରୀଟ ନାମକ ଗୋଟିଏ କ୍ଷୁଦ୍ର ଦ୍ୱୀପ ଅଛି । ପ୍ରାୟ ଖ୍ରୀ: ପୂ: ୫୦୦୦ ରେ ଏଠାରେ ମିନୋଆନ୍ ନାମକ ଏକ ଜାତିର ଲୋକ ବାସ କରୁଥିଲେ ।

Digitized by srujanika@gmail.com

ଦ୍ରାବିଡ଼ ଓ ସୁମେରୀୟମାନଙ୍କ ସହିତ ଏମାନଙ୍କର ସାମଞ୍ଜସ୍ୟ ଥିଲା ଏବଂ ଏମାନେ ସେହିମାନଙ୍କର ସମସାମୟିକ ଥିଲେ । କ୍ରୀଟ୍‌ରେ ବହୁକାଳ ରହି ମିନୋଆନ୍‌ମାନେ ଉନ୍ନତ ଧରଣର ସଭ୍ୟତା ଲାଭ କରିଥିଲେ । ସେମାନେ ପ୍ରଧାନତଃ ବ୍ୟବସାୟୀ ଜାତି ଥିଲେ । ସେମାନେ ଜଳପଥରେ ନାନା ଦେଶ ଭ୍ରମଣ କରିଥିଲେ ଏବଂ ବାଣିଜ୍ୟ କରି ପ୍ରଚୁର ଧନ ସମ୍ପତ୍ତି ଲାଭ କରିଥିଲେ । ସେମାନେ ନାନା ସ୍ଥାନରେ ବିଶେଷତଃ ଗ୍ରୀସ୍‌ର ଦକ୍ଷିଣାଞ୍ଚଳରେ ଉପନିବେଶ ସ୍ଥାପନ କରିଥିଲେ । ସେମାନେ ଏସିଆମାଇନରରେ ଗୋଟିଏ ରାଜ୍ୟ ସ୍ଥାପନ କରିଥିଲେ । ଏହାର ନାମ ଟ୍ରୟ ଥିଲା । ଟ୍ରୟରେ ଜଣେ ସ୍ୱତନ୍ତ୍ର ମିନୋଆନ୍ ରାଜା ଥିଲେ । କ୍ରୀଟ୍‌ରେ ମିନୋଆନ୍‌ମାନଙ୍କର ଗୋଟିଏ ମନ୍ଦିର ଥିଲା । ଏହି ମନ୍ଦିରରେ ଯେଉଁ ଦେବତା ଥିଲେ ତାଙ୍କର ନାମ ମିନୋଟର । ଏହି ମୂର୍ତ୍ତିର ଅର୍ଦ୍ଧେକ ମନୁଷ୍ୟ ପରି ଓ ଅର୍ଦ୍ଧେକ ଷଣ୍ଢର ଆକାର ପରି । ଏହି ଦେବତାଙ୍କ ପାଖରେ ନରବଳି ଦିଆଯାଉ ଥିଲା ।

ଖ୍ରୀ:ପୂ: ୨୦୦୦ ପରେ ଭାରତ-ଇଉରୋପୀୟମାନଙ୍କ ମଧ୍ୟରୁ କେତେ ଦଳ ଲୋକ ଆସି ଗ୍ରୀସ୍‌ର ଉତ୍ତରାଞ୍ଚଳରେ ବାସ କଲେ । ପ୍ରତ୍ୟେକ ଦଳ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ସହର ଗଠନ କରିଥିଲେ । ଏହି ସହର ଗୁଡ଼ିକ ପରସ୍ପରଠାରୁ ପାହାଡ଼ କିମ୍ବା ମାଳଭୂମି ଦ୍ୱାରା ବିଚ୍ଛିନ୍ନ ଥିଲା । ପ୍ରତ୍ୟେକ ସହରର ଶାସନ ପ୍ରଣାଳୀ ଅନ୍ୟାନ୍ୟ ସହରମାନଙ୍କର ଶାସନ ପ୍ରଣାଳୀଠାରୁ ପୃଥକ୍ ଥିଲା । ଅମଲାତନ୍ତ୍ର, ପ୍ରଜାତନ୍ତ୍ର ଓ ରାଜତନ୍ତ୍ର ସବୁ ପ୍ରକାର ଶାସନପ୍ରଣାଳୀ ଏହି ସହର-ମାନଙ୍କରେ ପ୍ରଚଳିତ ଥିଲା । ଭୌଗୋଳିକ ପରିସ୍ଥିତି ହେତୁ ଏସବୁ ସହର ମଧ୍ୟରେ ଏକତା ସ୍ଥାପିତ ହେବା ଅସମ୍ଭବ ଥିଲା । ଏସବୁ

Digitized by srujanika@gmail.com

ସହରର ଲୋକମାନେ ଏକ ଭାଷା କହୁନଥିଲେ । କିନ୍ତୁ ସବୁ ସହରର ଲୋକମାନଙ୍କର ଗୋଟିଏ ସାଧାରଣ ନାମ ଥିଲା । ସେମାନେ ହେଲେନ୍ ନାମରେ ପରିଚିତ ଥିଲେ । ପ୍ରତ୍ୟେକ ସହରର ଯୁବକ-ମାନେ ବର୍ଷରେ ଥରେ ଅଲିମ୍ପିଅ ପାହାଡ଼ ନିକଟରେ ସମବେତ ହୋଇ ଖେଳ ପ୍ରତିଯୋଗିତାରେ ଯୋଗ ଦେଉଥିଲେ ଏବଂ କୌଣସି ସାଧାରଣ ଶତ୍ରୁର ସମ୍ମୁଖୀନ ହେବାକୁ ହେଲେ ସବୁ ସହରର ଲୋକେ ଏକଜୁଟ ମିଳି ଯୁଦ୍ଧ କରୁଥିଲେ ।

ମିନୋଆନ୍ ବ୍ୟବସାୟୀମାନେ ଗ୍ରୀସ୍‌ର ସହରମାନଙ୍କୁ ବ୍ୟବସାୟ ଉଦ୍ଦେଶ୍ୟରେ ଯାତାୟାତ କରୁଥିଲେ । ସେମାନେ ଗ୍ରୀକ୍ ପିଲା ବା ସ୍ତ୍ରୀ ଲୋକମାନଙ୍କୁ ଏକାକୀ ଦେଖିଲେ ସେମାନଙ୍କୁ ଧରି ନେଇ ମିନୋଟରଙ୍କ ପାଖରେ ବଳି ଦେଉଥିଲେ କିମ୍ବା କ୍ରୀତଦାସ ରୂପେ ରଖୁଥିଲେ । ଗ୍ରୀକ୍‌ମାନେ ଏକଥା ଜାଣିପାରି ମିନୋଅନ୍‌ମାନଙ୍କ ବିରୁଦ୍ଧ ଯୁଦ୍ଧ ଚଳାଇଲେ । ଏହି କାରଣରୁ ଉଭୟ ଜାତି ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା । ଥରେ ଟ୍ରୟର ରାଜା ପ୍ରାୟମ୍‌ଙ୍କ ପୁଅ ପାରିସ୍ ସ୍ପାର୍ଟର ରାଜା ମିନେଲସ୍‌ଙ୍କ ଘରେ ଅତିଥି ହୋଇଥିଲେ । ତାଙ୍କ ଘରେ କେତେ ଦିନ ରହିବା ପରେ ଦିନେ ମିନେଲସ୍ ଘରେ ନଥିବା ସମୟରେ ପାରିସ୍ ତାଙ୍କର ପରମା ସୁନ୍ଦରୀ ସ୍ତ୍ରୀ ହେଲେନ୍‌ଙ୍କୁ ଘେନି ଟ୍ରୟକୁ ପଳାଇଗଲେ । ମିନେଲସ୍ ଘରକୁ ଫେରି ଦେଖିଲେ ତାଙ୍କର ସ୍ତ୍ରୀ ନାହାନ୍ତି । ପାରିସ୍ ତାଙ୍କୁ ନେଇ ଯାଇଥିବାର ଖବର ପାଇ ସେ ଗ୍ରୀସ୍‌ର ଅନ୍ୟାନ୍ୟ ରାଜ୍ୟମାନଙ୍କୁ ଖବର ଦେଲେ ଓ ଟ୍ରୟ ସଙ୍ଗେ ଯୁଦ୍ଧ କରିବାକୁ ସେମାନଙ୍କ ସାହାଯ୍ୟ ମାଗିଲେ । ଗ୍ରୀସ୍‌ରେ ଥିବା ପ୍ରତ୍ୟେକ ସହରର ଲୋକେ ତାଙ୍କୁ ସାହାଯ୍ୟ ଦେଲେ । ଗୋଟିଏ ବିରାଟ ସେନା ଦଳ ଗଠିତ ହେଲା । ମିନେଲସ୍‌ଙ୍କ ଭ୍ରାତା

Digitized by srujanika@gmail.com

ଅଗାମେମ୍‌ନନ୍‌ଙ୍କ ନେତୃତ୍ୱରେ ଗ୍ରୀକ୍‌ମାନେ ଟ୍ରୟ ଆକ୍ରମଣ କଲେ । ଦଶବର୍ଷ ଯୁଦ୍ଧ ପରେ ଟ୍ରୟର ପତନ ହେଲା । ଗ୍ରୀକ୍‌ମାନେ ଟ୍ରୟ ଧ୍ୱଂସକରି ହେଲେନ୍‌ଙ୍କୁ ନେଇ ସ୍ୱଦେଶକୁ ଫେରିଲେ । ଏହାପରେ ମଧ୍ୟ ଗ୍ରୀକ୍‌ମାନେ ମିନୋଆନ୍ ମାନଙ୍କ ସହିତ ଯୁଦ୍ଧ କରିଥିଲେ ଏବଂ ମିନୋଆନ୍ ଜାତିକୁ ଲୋପ କରିଦେଇଥିଲେ ।

ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀରେ ଗ୍ରୀସ୍ ଲିଡ଼ିଆର ଅଧୀନସ୍ଥ ଥିଲା । ଲିଡ଼ିଆର ରଜା କ୍ରୋସସ୍ ପାର୍ସିମାନଙ୍କ ଦ୍ୱାରା ପରାସ୍ତ ହେବା ପରେ ପାର୍ସିମାନେ ଗ୍ରୀସ୍ ଉପରେ ଆଧିପତ୍ୟ ବିସ୍ତାର କରିଥିଲେ । ଏଣୁ ଗ୍ରୀସ୍ ଓ ପାରସ୍ୟ ମଧ୍ୟରେ ଯୁଦ୍ଧ ଲାଗିଥିବା କଥା ପୂର୍ବେ ବର୍ଣ୍ଣନା କରାଯାଇ ଅଛି । ଏ ସବୁ ଯୁଦ୍ଧରେ ଗ୍ରୀକ୍‌ମାନେ ସମସ୍ତେ ଏକତ୍ର ମିଳି ଯୁଦ୍ଧ କରୁଥିଲେ ।

ପାର୍ସିମାନଙ୍କୁ ପରାସ୍ତ କରିବା ପରେ ଗ୍ରୀସ୍‌ର କ୍ଷୁଦ୍ର ରାଜ୍ୟ ଗୁଡ଼ିକ ସ୍ୱାଧୀନ ଭାବେ ନିଜ ନିଜର ଉନ୍ନତି ପାଇଁ ଚେଷ୍ଟା କରିଥିଲେ । ଏମାନଙ୍କ ମଧ୍ୟରେ ଏଥେନ୍‌ସ ନାନା ଦିଗରେ ଉନ୍ନତି କରି ଗ୍ରୀସ୍‌ରେ ସର୍ବଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇଥିଲା । ଖ୍ରୀ:ପୂ: ୪୬୬ ରେ ପେରିକ୍ଲସ୍ ନାମକ ଜଣେ ଲୋକ ସ୍ୱୀୟ ପ୍ରତିଭା ବଳରେ ଏଥେନ୍‌ସର ଶାସନକର୍ତ୍ତା ହୋଇଥିଲେ । ତାଙ୍କର ଅଦମ୍ୟ ଚେଷ୍ଟାରେ ଏଥେନ୍‌ସର ଲୋକମାନେ ଲିଖନପ୍ରଣାଳୀ, ଭାଷା, ସାହିତ୍ୟ, ସ୍ଥାପତ୍ୟ, କଳା, ଯୁଦ୍ଧ ବିଦ୍ୟା, ଗଣିତ, ଜ୍ୟାମିତି, ଜ୍ୟୋତିଷ ଶାସ୍ତ୍ର ଓ ଦର୍ଶନ ଶାସ୍ତ୍ର ପ୍ରଭୃତି ପ୍ରତ୍ୟେକ ଦିଗରେ ଉନ୍ନତି କରି ଇତିହାସରେ ଅମରତ୍ୱ ଲାଭ କରିଅଛନ୍ତି ।

ପେରିକ୍ଲସ୍ ବଞ୍ଚି ଥାଉଁ ଥାଉଁ ଏଥେନ୍‌ସ ଓ ସ୍ପାର୍ଟା ମଧ୍ୟରେ ଯୁଦ୍ଧ ଲାଗିଥିଲା । (ଖ୍ରୀ:ପୂ: ୪୩୫ ରୁ ୪୦୪) । ଏହାକୁ ପେଲୋପ-

Digitized by srujanika@gmail.com

ନାସିଅନ୍ ସମର କୁହାଯାଏ । ପେରିକ୍ଲସ୍ ବଞ୍ଚିଥିବା ପର୍ଯ୍ୟନ୍ତ ଏଥେନସ୍ ସବୁ ଯୁଦ୍ଧରେ ଜୟଲାଭ କରୁଥିଲା । ଖ୍ରୀ: ପୂ: ୪୨୯ରେ ପେରିକ୍ଲସ୍ଙ୍କ ମୃତ୍ୟୁ ଘଟିଥିଲା । ଏହାପରେ ଏଥେନସ୍ର ସେନା ପ୍ରତ୍ୟେକ ଯୁଦ୍ଧରେ ହାରିଲେ । ଶେଷରେ ଖ୍ରୀ: ପୂ ୪୦୪ରେ ଏଥେନସ୍ ଧ୍ୱଂସ ପ୍ରାପ୍ତ ହେଲା । ସ୍ପାର୍ଟା ଜୟଲାଭ କରିଥିଲେ ମଧ୍ୟ ଏତେ ଦୁର୍ବଳ ହୋଇ ପଡ଼ିଥିଲା ଯେ ଆଉ ଜନତନ୍ତ୍ର କହିବା ସେ ଦେଶର ଲୋକମାନଙ୍କ ପକ୍ଷରେ ସମ୍ଭବ ହୋଇନଥିଲା ।

ଏଥେନସ୍ ଓ ସ୍ପାର୍ଟା ଦୁର୍ବଳ ହେବାପରେ ମେସିଡନ୍ର ରାଜା ଫିଲିପ୍ ଗ୍ରୀସ୍ର କ୍ଷୁଦ୍ର ରାଜ୍ୟଗୁଡ଼ିକୁ ଦମନ କରି ସମଗ୍ର ଗ୍ରୀସ୍ରେ ଅଧିପତ୍ୟ ବିସ୍ତାର କରିଥିଲେ । ଖ୍ରୀ: ପୂ: ୩୩୮ରେ ଗ୍ରୀସ୍ର ରାଜ୍ୟମାନଙ୍କର ଗୋଟିଏ ମିଳିତ କଂଗ୍ରେସ ବସିଥିଲା । ସେଥିରେ ଫିଲିପ୍ ସମଗ୍ର ଦେଶର ନେତାରୂପେ ଗୃହୀତ ହୋଇଥିଲେ । ଫିଲିପ୍ ତାଙ୍କର ସୈନ୍ୟମାନଙ୍କୁ ନୂତନ ଧରଣର ଶିକ୍ଷା ଦେଇ ଗୋଟିଏ ସୁଦକ୍ଷ ସୈନ୍ୟ ବାହିନୀ ଗଠନ କରିଥିଲେ । ଏହି ସୈନ୍ୟମାନଙ୍କ ସାହାଯ୍ୟରେ ସେ ଏସିଆ ଓ ଇଉରୋପ ଜୟ କରି ଏକ ବିରାଟ ସାମ୍ରାଜ୍ୟ ସ୍ଥାପନ କରିବାର କଳ୍ପନା କରିଥିଲେ । କିନ୍ତୁ ଖ୍ରୀ: ପୂ: ୩୩୬ ରେ ତାଙ୍କର ମୃତ୍ୟୁ ଘଟିବାରୁ ସେ ତାହା କରିପାରି ନଥିଲେ ।

ଫିଲିପ୍ଙ୍କ ମୃତ୍ୟୁପରେ ତାଙ୍କ ପୁଅ ଆଲେକ୍ଜାଣ୍ଡର୍ ଗ୍ରୀସ୍ର ରାଜା ହେଲେ । ସେ ପିତାଙ୍କ ସୈନ୍ୟ ବାହିନୀ ସାହାଯ୍ୟରେ ବିଜୟ ଅଭିଯାନରେ ବାହାରିଲେ । ସେ ପ୍ରଥମେ ସିରିୟାନ୍ମାନଙ୍କୁ ପରାସ୍ତ କରି ତତ୍ପରେ ଏସିଆମାଇନର ଆକ୍ରମଣ କଲେ । ସେଠାରେ ପାରସ୍ୟର ରାଜା ତୃତୀୟ ଡେରିୟସ୍ଙ୍କୁ ପରାସ୍ତ କରି ଇଜିପ୍ଟ ଅଭିମୁଖେ ଯାତ୍ରା କଲେ । ସେ ଇଜିପ୍ଟ ଜୟ କରି

Digitized by srujanika@gmail.com

ପୁନର୍ବାର ପାରସ୍ୟକୁ ଫେରିଲେ । ତୃତୀୟ ଡେରାୟୁସ୍ ଆଉ ଥରେ ପରାସ୍ତ ହୋଇ ପଳାଇଗଲେ । ଅଲେକ୍ଜାଣ୍ଡର ପାରସ୍ୟ ଜୟ କରି ଭାରତ ଅଭିମୁଖେ ବାହାରିଲେ । ଭାରତରେ ସିନ୍ଧୁ ନଦୀ ପର୍ଯ୍ୟନ୍ତ ଜୟ କରି ସେ

ଅଲେକ୍ଜାଣ୍ଡର

ବେବିଲୋନ୍‌କୁ ଫେରିଲେ । ବେବିଲୋନ୍ ଠାରେ ଅବସ୍ଥାନ କରୁଥିବା ସମୟରେ ଅତିରିକ୍ତ ମଦ୍ୟପାନ ହେତୁ ତାଙ୍କର ମୃତ୍ୟୁ ଘଟିଥିଲା (ଖ୍ରୀ:ପୂ: ୩୨୩) । ଅଲେକ୍‌ଜାଣ୍ଡରଙ୍କ ମୃତ୍ୟୁପରେ ତାଙ୍କ ସାମ୍ରାଜ୍ୟ ତାଙ୍କ ସେନାପତିମାନଙ୍କ ମଧ୍ୟରେ ବିଭକ୍ତ ହୋଇପାଇ

Digitized by srujanika@gmail.com

ଥିଲା । ସେମାନଙ୍କ ମଧ୍ୟରୁ ସେଲ୍ୟୁକସ୍ ଏସିଆଖଣ୍ଡ ପାଇଥିଲେ, ଟୋଲେମି ଇଜିପ୍ଟ ପାଇଲେ ଏବଂ ଆଣ୍ଟିଗୋନସ୍ ଗ୍ରୀସ୍ ପାଇଲେ ।

ଆଲେକ୍‌ଜାଣ୍ଡର ଆଲେକ୍‌ଜାଣ୍ଡ୍ରିଆ ନାମରେ ଅନେକ ଗୁଡ଼ିଏ ସହର ସ୍ଥାପନ କରିଥିଲେ । ସେମାନଙ୍କ ମଧ୍ୟରେ ଇଜିପ୍ଟ ଅନ୍ତର୍ଗତ



ଆଲେକ୍‌ଜାଣ୍ଡରଙ୍କ ସାମ୍ରାଜ୍ୟ ବିସ୍ତାର

ଆଲେକ୍‌ଜାଣ୍ଡ୍ରିଆ ସର୍ବପ୍ରଧାନ । ଏଠାକୁ ଏସିଆ ଓ ଇଉରୋପର ପ୍ରତ୍ୟେକ ଦେଶର ଲୋକେ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ଯାତାୟାତ କରୁଥିଲେ । ସାହିତ୍ୟ,ବିଜ୍ଞାନ,ଦର୍ଶନ ଓ ଧର୍ମ ପ୍ରଭୃତି ସବୁ ବିଷୟରେ ଏଠାରେ ଚର୍ଚ୍ଚା ହେଉଥିଲା । ଏଠାରେ ଥିବା ପ୍ରକାଣ୍ଡ ପୁସ୍ତକାଗାର ସେ ସମୟରେ ପୃଥିବୀରେ ଅଦ୍ୱିତୀୟ ଥିଲା । ବଡ଼ ବଡ଼ ପଣ୍ଡିତମାନେ ଏଠାରେ ବହୁ ଶାସ୍ତ୍ର ଅଧ୍ୟୟନ କରି ପ୍ରସିଦ୍ଧି ଲାଭ କରିଥିଲେ ।

Digitized by srujanika@gmail.com

ରୋମ ସାମ୍ରାଜ୍ୟ—ଭୂମଧ୍ୟସାଗରେ ଉପକୂଳବର୍ତ୍ତୀ ଦେଶରେ ଲୋକ ବହୁକାଳ ପୂର୍ବେ ଇଟାଲୀରେ ଟାଇବର ନଦୀ କୂଳରେ ବାସ କରୁଥିଲେ । ପ୍ରାୟ ଖ୍ରୀ:ପୂ: ୨୦୦୦ରେ ଭାରତ-ଇଉରୋପୀୟ-ମାନଙ୍କ ମଧ୍ୟରୁ ଦଳେ ଲୋକ ସେମାନଙ୍କୁ ତଡ଼ି ସେଠାରେ ବାସକଲେ । ପରେ ଲାଟିନ୍ ମାନେ ମଧ ଏହି ଦେଶକୁ ଯାଇ ସେଠାରେ ବସତି ସ୍ଥାପନ କରିଥିଲେ । ଇଟାଲୀର ସୁଦୂର ଦକ୍ଷିଣରେ ଗ୍ରୀକ୍‌ମାନେ ବସତି ସ୍ଥାପନ କରିଥିଲେ । ଲାଟିନ୍‌ମାନଙ୍କର ପ୍ରଧାନ ସହର ରୋମ କାଳକ୍ରମେ ସମଗ୍ର ଇଟାଲୀରେ ପ୍ରାଧାନ୍ୟ ବିସ୍ତାର କରିଥିଲା ଏବଂ ରୋମର ରାଜା ଇଟାଲୀରେ ଶାସନ କଲେ । ଖ୍ରୀ: ପୂ: ୫୦୯ରେ ଇଟାଲୀରେ ବିଦ୍ରୋହ ହୋଇଥିଲା । ବିଦ୍ରୋହୀମାନେ ରାଜାଙ୍କୁ ସିଂହାସନଚ୍ୟୁତ କରି ଦେଶରେ ପ୍ରଜାତନ୍ତ୍ର ଶାସନ ଚଳାଇ-ଥିଲେ, କିନ୍ତୁ ସାଧାରଣ ପ୍ରଜାମାନେ ରାଜ୍ୟ ଶାସନର କୌଣସି କ୍ଷମତା ପାଇନଥିଲେ । କାରଣ ରାଜ୍ୟର ଧନୀ, ଶିକ୍ଷିତ ଓ କ୍ଷମତାଶାଳୀ ଲୋକଙ୍କ ଦ୍ୱାରା ଗଠିତ ସଭା ବା 'ସିନେଟ' ରାଜ୍ୟର ସମସ୍ତ କ୍ଷମତା ହସ୍ତଗତ କରିଥିଲା । ଖ୍ରୀ:ପୂ:୨୭୫ ବେଳକୁ ରୋମର ସିନେଟ୍ ସମଗ୍ର ଇଟାଲୀରେ ଏକତା ସ୍ଥାପନ କରି ରୋମ ସାମ୍ରାଜ୍ୟକୁ ବଢ଼ାଇବା ପାଇଁ ଚେଷ୍ଟା କରିଥିଲା ।

ଖ୍ରୀ:ପୂ: ୨୦୦୦ରେ ଦଳେ ସେମିଟିକ୍ ଲୋକ ପାଲେଷ୍ଟାଇନ୍‌ର ଉତ୍ତରରେ ଫିନିସିଆ ନାମକ ଗୋଟିଏ ରାଜ୍ୟ ସ୍ଥାପନ କରିଥିଲେ । ସେମାନେ ସାମୁଦ୍ରିକ ଜାତି ଥିଲେ ଏବଂ ବ୍ୟବସାୟ ବାଣିଜ୍ୟ କରି ପ୍ରଚୁର ଧନ ସମ୍ପତ୍ତି ଲାଭ କରିଥିଲେ । ସେମାନେ ପୃଥିବୀର ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ବାଣିଜ୍ୟ କରୁଥିଲେ ଏବଂ ନାନା ସ୍ଥାନରେ ଉପନିବେଶ ସ୍ଥାପନ କରିଥିଲେ । ଆଫ୍ରିକାର ଉତ୍ତର ଉପକୂଳରେ

Digitized by srujanika@gmail.com

କାର୍‌ଥେଜ୍ ସେମାନଙ୍କର ପ୍ରଧାନ ଉପନିବେଶ ଥିଲା । ଫିନିସି-
ଅନ୍‌ମାନେ ଯୁଦ୍ଧ ବିଦ୍ୟା ଜାଣିନଥିଲେ । ତେଣୁ ସେମାନଙ୍କୁ ବଡ଼
ଅସୁବିଧା ଭୋଗ କରିବାକୁ ପଡ଼ୁଥିଲା । ଇଜିପ୍ଟ, ଅସିରିଆ, ବେବିଲୋନ୍
ଓ ପାରସ୍ୟର ଲୋକମାନେ ଏମାନଙ୍କୁ ବାରମ୍ବାର ଆକ୍ରମଣ କଲେ ।
ତେଣୁ ଫିନିସିଅନ୍‌ମାନେ ବାଧ୍ୟ ହୋଇ ଫିନିସିଆ ତ୍ୟାଗକରି
ସେମାନଙ୍କର ପ୍ରଧାନ ଉପନିବେଶ କାର୍‌ଥେଜ୍‌ରେ ରହିଲେ ।
ସେଠାରେ ସେମାନେ ଯୁଦ୍ଧ ବିଦ୍ୟା ଶିକ୍ଷାକଲେ ଏବ ନିଜ ରାଜ୍ୟକୁ
ଗୃହଅଢେ ବିସ୍ତାର କରିବାକୁ ଚେଷ୍ଟା କଲେ । ଖ୍ରୀ: ପୂ: ୨୬୪
ବେଳକୁ କାର୍‌ଥେଜ୍‌ର ଲୋକମାନେ ଆଫ୍ରିକାର ଉତ୍ତର ଉପକୂଳ,
ସ୍ପେନ, କର୍ସିକା, ସାର୍ଡ଼ିନିଆ, ସିସିଲି ଜୟ କରି ଅତ୍ରୁର ଉତ୍ତରକୁ
ରାଜ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଥିଲେ । ରୋମାନ୍‌ମାନେ ଏହି
ସମୟକୁ ଦକ୍ଷିଣକୁ ରାଜ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଥିଲେ ।
ତେଣୁ ଉଭୟ ଜାତି ମଧ୍ୟରେ ତିନିଥର ଭୀଷଣ ଯୁଦ୍ଧ
ହୋଇଥିଲା । ଏହି ଯୁଦ୍ଧକୁ ପିଉନିକ୍ ସମର କୁହାଯାଏ । ସେ
ସମୟରେ କାର୍‌ଥେଜ୍‌ରେ ହାନିବାଲ୍ ନାମକ ଜଣେ ରାଜା ଥିଲେ ।
ସେ ଜଣେ ସୁଦକ୍ଷ ସେନାପତି ଥିଲେ । ସେ ବହୁବାର ଦକ୍ଷତାର
ସହିତ ରୋମାନ୍‌ମାନଙ୍କ ସଙ୍ଗେ ଯୁଦ୍ଧ କରିଥିଲେ; କିନ୍ତୁ ଶେଷରେ
ପରାସ୍ତ ହୋଇ କାର୍‌ଥେଜ୍‌କୁ ଫେରି ଆସିଲେ । ରୋମାନ୍‌ମାନେ
କାର୍‌ଥେଜ୍ ଆକ୍ରମଣ କଲେ । ହାନିବାଲ୍ କାର୍‌ଥେଜ୍ ଛାଡ଼ି
ପଳାଇ ଗଲେ ଏବ ଇଜିପ୍ଟରେ ପ୍ରାଣତ୍ୟାଗ କଲେ । କାର୍‌ଥେଜ୍
ରୋମାନ୍‌ମାନଙ୍କର ହସ୍ତଗତ ହେଲା । ଏହାପରେ ରୋମ ସାମ୍ରାଜ୍ୟ
ସ୍ପେନଠାରୁ ଇଜିପ୍ଟ ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଥିଲା ।
ତତ୍ପରେ ରୋମାନ୍‌ମାନେ ଗ୍ରୀସ୍, ଫ୍ରାନସ୍, କ୍ରୀଟ, ସିରିଆ,
ସାଇପ୍ରସ୍, ବ୍ରିଟେନ୍ ଓ ଇଜିପ୍ଟ ଜୟ କରି ନିଜ

Digitized by srujanika@gmail.com

ସାମ୍ରାଜ୍ୟରେ ମିଶାଇଥିଲେ ଏବଂ ଭୂମଧ୍ୟସାଗରରେ ଏକାଧିପତ୍ୟ ବିସ୍ତାର କରିଥିଲେ ।

ପିଉନିକ୍ ସମର ଚାଲିଥିବା ସମୟରେ ରୋମର ସିନେଟର ସଭ୍ୟମାନେ ଦକ୍ଷତାର ସହିତ ଶାସନ କରୁଥିଲେ । ସାମ୍ରାଜ୍ୟ ବୃଦ୍ଧି ସଙ୍ଗେ ଅତ୍ୟଧିକ ଅର୍ଥ ଓ କ୍ଷମତା ଲାଭ କରିବାରୁ ସିନେଟର ସଭ୍ୟମାନେ ଯଥେଚ୍ଛାଚାର ଶାସନ ଚଳାଇ ଅପ୍ରିୟ ହୋଇ ପଡ଼ିଲେ । ଫଳରେ ରାଜ୍ୟରେ ବିଦ୍ରୋହ ଉପସ୍ଥିତ ହେଲା । ଜୁଲିଅସ୍ ସିଜର ନାମକ ଜଣେ ଲୋକ ପ୍ରାଣପଣେ ଚେଷ୍ଟା କରି ଏହି ବିଦ୍ରୋହ ବନ୍ଦ କରିଥିଲେ । ସେ ସିନେଟର ସଭ୍ୟମାନଙ୍କ ଠାରୁ ରାଜ୍ୟର ସମସ୍ତ କ୍ଷମତା ହସ୍ତଗତ

କଲେ । ଏତଦ୍ଦ୍ୱାରା ରୋମର ସ୍ୱାଧୀନଚେତା ଲୋକମାନେ ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କଲେ । ଜୁଲିଅସ୍ ସିଜର ସମସ୍ତ କ୍ଷମତା ନିଜ ହାତରେ ରଖିଥିଲେ ମଧ୍ୟ ରାଜ୍ୟର ସମୂହ ଉନ୍ନତି ପାଇଁ ସମସ୍ତ କାର୍ଯ୍ୟ କରୁଥିଲେ । ତଥାପି ଷଡ଼ଯନ୍ତ୍ରକାରୀମାନେ ତାଙ୍କୁ ହତ୍ୟା କରିଥିଲେ । ଏହାପରେ ରୋମ ସାମ୍ରାଜ୍ୟରେ ପୁନର୍ବାର ବିଶୃଙ୍ଖଳା ଉପସ୍ଥିତ ହେଲା । ଅକ୍ଟେଭିଅନ ସିଜର ଚେଷ୍ଟା କରି ପୁନର୍ବାର ଶାନ୍ତି ସ୍ଥାପନ କରିଥିଲେ । ସେ ପ୍ରଜାତନ୍ତ୍ର ଓ ରାଜତନ୍ତ୍ରର

Digitized by srujanika@gmail.com

ସମ୍ରାଜ୍ୟରେ ଗୋଟିଏ ନୂତନ ଶାସନପଦ୍ଧତି ଚଳାଇଥିଲେ । ଏହି ନୂତନ ଶାସନ ବ୍ୟବସ୍ଥା ଦୀର୍ଘ ତିନି ଶତାବ୍ଦୀ ପର୍ଯ୍ୟନ୍ତ ସୁଚାରୁରୂପେ କାର୍ଯ୍ୟ କରିଥିଲା । ଏହି ସମୟ ମଧ୍ୟରେ କ୍ଳଡିଅସ୍, ନେରୋ, ଟ୍ରାଜାନ୍, ହାଡ୍ରିଅନ୍, ଅଣ୍ଟୋନିଅସ୍, ପାଇଅସ୍, ମାର୍କସ୍, ଅରେଲିଅସ୍ ପ୍ରଭୃତି ସମ୍ରାଟମାନେ ରାଜତ୍ୱ କରି ରୋମର ଇତିହାସକୁ ଉଜ୍ଜ୍ୱଳ କରିଥିଲେ । ଏମାନେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିଥିଲେ । ଅନେକ ରାସ୍ତା ନିର୍ମାଣ କରିଥିଲେ, ଆଇନ ଓ ବିଚାର ବିଭାଗର ସଂସ୍କାର କରିଥିଲେ, ବ୍ୟବସାୟ ବାଣିଜ୍ୟରେ ଉନ୍ନତି କରିଥିଲେ ଏବଂ ଉନ୍ନତ ଧରଣର ଅନେକ ପ୍ରାସାଦ ନିର୍ମାଣ କରାଇଥିଲେ । ଏମାନଙ୍କ

ଚେଷ୍ଟାରେ ଏସିଆ ଓ ଇଉରୋପ ମଧ୍ୟରେ ଘନିଷ୍ଠ ସମ୍ପର୍କ ସ୍ଥାପିତ ହୋଇଥିଲା ।

ମାର୍କସ୍ ଅରେଲିଅସ୍‌ଙ୍କ ମୃତ୍ୟୁପରେ ରାଜ୍ୟରେ ବିଶୃଙ୍ଖଳା ଉପସ୍ଥିତ ହୋଇଥିଲା । ଦୂରବର୍ତ୍ତୀ ଦେଶ ଗୁଡ଼ିକ ସ୍ୱାଧୀନ

Digitized by srujanika@gmail.com

ହୋଇଗଲେ । ଦେଶରେ ଅରାଜକତା, ଦୁର୍ଭିକ୍ଷ ଉପସ୍ଥିତ ହୋଇଥିଲା ଓ ସଂକ୍ରାମକ ରୋଗ ବ୍ୟାପି ଅନେକ ଲୋକଙ୍କର ପ୍ରାଣନାଶ କରିଥିଲା । ଅବଶିଷ୍ଟ ଲୋକମାନେ ନଷ୍ଟ ଚରିତ୍ର ହୋଇ ନାନା ଉପଦ୍ରବ ସୃଷ୍ଟି କରିଥିଲେ । ସମ୍ରାଟ ଥିଓଡୋସିଅସ୍ ଏହିପରି ସମୟରେ ସିଂହାସନ ଆରୋହଣ କରିଥିଲେ । ସେ ତାଙ୍କ ଜୀବନରେ ଏସବୁ ଅସୁବିଧା ଦୂର କରି ପାରିନଥିଲେ । ତାଙ୍କର ଦୁଇଟି ପୁତ୍ର ଥିଲେ । ତାଙ୍କର ଇଚ୍ଛା ଥିଲା ଯେ ତାଙ୍କ ଅନ୍ତେ ତାଙ୍କର ଦୁଇଟିଯାକ ପୁତ୍ର ରାଜା ହେବେ । କାର୍ଯ୍ୟତଃ ମଧ୍ୟ ସେହିପରି ହୋଇଥିଲା । ଥିଓଡୋସିଅସ୍ଙ୍କ ମୃତ୍ୟୁପରେ ତାଙ୍କର ଦୁଇ ପୁତ୍ର ରୋମ ସାମ୍ରାଜ୍ୟକୁ ଦୁଇଭାଗ କରି ବାଣ୍ଟି ନେଇଥିଲେ । ଜଣେ ପୂର୍ବାର୍ଦ୍ଧର ରାଜା ହେଲେ; ଅନ୍ୟଜଣେ ପଶ୍ଚିମାର୍ଦ୍ଧର ରାଜା ହେଲେ । ଏପରି ହେବା ଦ୍ୱାରା ରୋମ ସାମ୍ରାଜ୍ୟ ଅଧିକ ଦୁର୍ବଳ ହୋଇ ଯାଇଥିଲା । ଏହି ସମୟରେ ଉତ୍ତରରୁ ନୋର୍ଡିକମାନେ ରୋମ ସାମ୍ରାଜ୍ୟର ପଶ୍ଚିମାର୍ଦ୍ଧକୁ ଆକ୍ରମଣ କଲେ । ଦେଶରେ ଅଶାନ୍ତି ଥିବାରୁ ପଶ୍ଚିମାର୍ଦ୍ଧର ସମ୍ରାଟ ସଫଳତାର ସହିତ ଯୁଦ୍ଧ କରିପାରି ନଥିଲେ । ଫଳରେ ଏହି ଅଞ୍ଚଳରେ ନୋର୍ଡିକ୍‌ମାନେ ରାଜତ୍ୱ କଲେ । ରୋମ ସାମ୍ରାଜ୍ୟର ପୂର୍ବାର୍ଦ୍ଧ ବହୁ ବାଧାବିଘ୍ନ ମଧ୍ୟଦେଇ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ତିଷ୍ଠି ପାରିଥିଲା । ଏହାକୁ ବାଇଜାଣ୍ଟାଇନ୍ ସାମ୍ରାଜ୍ୟ କୁହାଯାଉଥିଲା । କନ୍‌ଷ୍ଟାଣ୍ଟିନୋପଲ (ଆଧୁନିକ ଇସ୍ତାନ୍‌ବୁଲ) ତାହାର ରାଜଧାନୀ ଥିଲା ।

ରୋମର ଲୋକମାନେ ଯୁପିଟର, ମାର୍ସ, ମିନର୍ଭା ପ୍ରଭୃତି ଅନେକ ଦେବ ଦେବୀଙ୍କୁ ପୂଜା କରୁଥିଲେ ଓ ସମ୍ରାଟଙ୍କ ମୂର୍ତ୍ତିକୁ ମଧ୍ୟ ଦେବତା ପରି ପୂଜା କରୁଥିଲେ । ଧର୍ମ ବିଷୟକ ସମସ୍ତ ବିଷୟର ଭାର ଗୋଟିଏ

Digitized by srujanika@gmail.com

ସମ୍ରାଟ ଉପରେ ନ୍ୟସ୍ତ ଥିଲା । ଏହି ସମ୍ରାଟର ସମ୍ମାନପଦଭକୁ ପୋଣ୍ଟି- ଫେକସ୍ ମାକ୍ସିମସ୍ (Pontifex Maximus) କୁହାଯାଉଥିଲା । ଖ୍ରୀଷ୍ଟଧର୍ମ ସମ୍ପୃକ୍ତ ରୋମର ଲୋକମାନଙ୍କ ମନରୁ ଏହି ଦେବ ଦେବୀମାନଙ୍କ ପ୍ରତି ଆସ୍ଥା କମିଯାଇ ଥିଲା । ଶାନ୍ତି ସମୟରେ ରୋମାନ୍‌ମାନେ ଯାତ୍ରା ଓ ନାଟକର ଅଭିନୟ କରି ସମୟ କଟାଉଥିଲେ । ଏ ସବୁ ଅଭିନୟ ଅପେକ୍ଷା ବନ୍ୟପଶୁ ଲଢେଇ ଓ କ୍ରୀତଦାସ ଲଢେଇ ବିଶେଷ ଆନନ୍ଦଦାୟକ ଥିଲା । ବନ୍ୟ ପଶୁ ଲଢେଇ ପାଇଁ ଧନୀ ଲୋକମାନେ ହାତୀ, ବାଘ, ସିଂହ, କୁମ୍ଭୀର ପ୍ରଭୃତି ନାନା ପ୍ରକାର ପଶୁ ବହୁ ସଂଖ୍ୟାରେ ଅଯୋଜନ କରି ଓ ବହୁ ଅର୍ଥ ବ୍ୟୟ କରି ଦର୍ଶକମାନଙ୍କୁ ଆନନ୍ଦ ଦାନ କରୁଥିଲେ । କ୍ରୀତଦାସ ଲଢେଇ ସବୁଠାରୁ ବେଶୀ ଚିତ୍ତାକର୍ଷକ ଥିଲା । ଏହି ଯୁଦ୍ଧରେ କେତେକ କ୍ରୀତଦାସ ବା ହତଭାଗ୍ୟ ଲୋକଙ୍କୁ ପ୍ରାଚୀର ପରିବେଷ୍ଟିତ ଗୋଟିଏ ପ୍ରାଙ୍ଗଣ ମଧ୍ୟକୁ ଛାଡ଼ି ଦିଆଯାଏ । ସେମାନେ ଦୁଇ ଦଳରେ ବିଭକ୍ତ ହୋଇ ଅସ୍ତ୍ର ସାହାଯ୍ୟରେ ଯୁଦ୍ଧ କରନ୍ତି । ସେମାନଙ୍କ ମଧ୍ୟରୁ କେହି ଆହତ ହେଲେ ସେ ସେଠାରୁ ଚାଲି ଯିବାପାଇଁ ତର୍ଜନୀ ନିର୍ଦ୍ଦେଶ କରି ଦର୍ଶକମାନଙ୍କର ଅନୁମତି ଭିକ୍ଷା କରେ । ଦର୍ଶକମାନେ ସେମାନଙ୍କର ଅନୁଗ୍ରହ ବା ନିଗ୍ରହ ବୃଦ୍ଧାଙ୍ଗୁଳି ନିର୍ଦ୍ଦେଶ କରି ଜଣାନ୍ତି । ଅନୁଗ୍ରହ ଲାଭ କଲେ ଆହତ ଲୋକଟି ବାହାରକୁ ଅସି ଜୀବନ ରକ୍ଷାକରେ ନଚେତ୍ ପୁନର୍ବାର ଯୁଦ୍ଧ କରି ପ୍ରାଣ ହରାଏ । ଯୁଦ୍ଧ ଶେଷରେ ମୃତ ବ୍ୟକ୍ତି ଅଙ୍କୁଶ ସାହାଯ୍ୟରେ ବାହାରକୁ ଟଣା ହୋଇ ଆସେ । ଏହି ନିଷ୍ଠୁର ଦୃଶ୍ୟ ଦେଖି ରୋମର ଲୋକମାନେ ଅଶେଷ ଆନନ୍ଦ ଉପଲବ୍ଧି କରୁଥିଲେ ।

Digitized by srujanika@gmail.com

ରୋମାନ୍‌ମାନେ ଗ୍ରୀକ୍ ଭାଷା, ସାହିତ୍ୟ, କଳା ଓ ସ୍ଥାପତ୍ୟ ପ୍ରଭୃତି ଅନୁକରଣ କରି ବିଶେଷ ଉନ୍ନତି କରିଥିଲେ । ଶାସନ ପ୍ରଣାଳୀ ଓ ରାଜନୀତି କ୍ଷେତ୍ରରେ ମଧ୍ୟ ରୋମାନ୍‌ମାନେ ଗ୍ରୀକ୍‌ମାନଙ୍କୁ ଅନୁକରଣ କରିଥିଲେ ।

ଚତୁର୍ଥ ଅଧ୍ୟାୟ

ବିଭିନ୍ନ ଦେଶର ଧର୍ମ

(ଖ୍ରୀ: ପୂ: ୬୦୦ ରୁ ୭୦୦ ଖ୍ରୀଷ୍ଟାବ୍ଦ)

ଖ୍ରୀ: ପୂ: ଷଷ୍ଠ ଶତାବ୍ଦୀରେ ଧର୍ମର ଅବସ୍ଥା—ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀ ବେଳକୁ ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶରେ ପିତୁଳା ପୂଜା ପ୍ରଚଳିତ ଥିଲା । ପୁରୋହିତମାନେ ସମାଜରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ । ଏମାନେ ରାଜ୍ୟ ଶାସନରେ ମଧ୍ୟ ପ୍ରତିପତ୍ତି ବିସ୍ତାର କରୁଥିଲେ । ପ୍ରଥମେ ପ୍ରଥମେ ପୂଜା କରିବା ପାଇଁ ଅଳ୍ପ ସମୟ ଓ ଅଳ୍ପ ଖର୍ଚ୍ଚ ଆବଶ୍ୟକ ହେଉଥିଲା । କ୍ରମେ ପୂଜା ପ୍ରଣାଳୀ ଜଟିଳ ହେଲା ଓ ପୂଜାର ଖର୍ଚ୍ଚ ମଧ୍ୟ ଦୁର୍ବହ ହେଲା । ଚିନ୍ତାଶୀଳ ଓ ଶିକ୍ଷିତ ଲୋକମାନେ ଏପରି ପୂଜା କରିବାକୁ ଆଦୌ ଇଚ୍ଛା କଲେ ନାହିଁ । କେବଳ ସ୍ତ୍ରୀ ଓ ଦୁର୍ବଳ ଲୋକମାନଙ୍କୁ ଛାଡ଼ି ଦେଲେ ଅନ୍ୟ ସମସ୍ତେ ଏପରି ପୂଜା ପ୍ରତି ବୀତଶ୍ରଦ୍ଧ ହୋଇଥିଲେ ଓ ଧର୍ମ ବିଷୟକ ଅଶାନ୍ତି ସର୍ବତ୍ର ଦେଖା ଯାଇଥିଲା । ଖ୍ରୀ: ପୂ: ଷଷ୍ଠ ଶତାବ୍ଦୀ ବେଳକୁ ଏହିଭଳି ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶରେ ପରିସ୍ଥିତି ହୋଇଥିଲା । ଏହି ଶତାବ୍ଦୀରେ ଅନେକ ଧର୍ମ ପ୍ରଚାରକ ବାହାରି ନୂତନ ଧର୍ମ ପ୍ରଚାର କରିଥିଲେ । ସେମାନଙ୍କ ମଧ୍ୟରେ ବୁଦ୍ଧଦେବ,

Digitized by srujanika@gmail.com

କନ୍‌ଫୁସିଅସ୍, ଲାଓସି ଓ ଜିଉମାନେ ପ୍ରଧାନ । ସେମାନେ କେହୁ ତାହାଙ୍କୁ ଜାଣିନଥିଲେ । ପ୍ରତ୍ୟେକ ଧର୍ମ ପ୍ରଚାରକ ସ୍ୱାଧୀନ ଭାବେ ନିଜ ନିଜର ମତ ପ୍ରଦେଶରେ ପ୍ରଚାର କରିଥିଲେ ।

ବୁଦ୍ଧଦେବ—ନେପାଳ ଅନ୍ତର୍ଗତ କପିଳବାସ୍ତୁ ନଗରରେ ଶୁଦ୍ଧୋଦନ ନାମରେ ଜଣେ ରାଜା ଥିଲେ । ଗୌତମ ତାଙ୍କର ପୁତ୍ର ।

Digitized by srujanika@gmail.com

ପିଲାଦିନେ ଗୌତମ ଯୁଦ୍ଧବିଦ୍ୟା ଶିକ୍ଷା କରୁଥିଲେ । ରାଜ ପରିବାରରେ ଭୋଗ ବିଳାସରେ ରହୁଥିଲେ ମଧ୍ୟ ସେ ସଂସାର ପ୍ରତି ବଡ଼ ଉଦାସୀନ ଥିଲେ । ତାଙ୍କର ସଂସାର ପ୍ରତି ଉଦାସୀନତା କ୍ରମେ ବଢ଼ିବାରୁ ଶୁଦ୍ଧୋଦନ ତାଙ୍କୁ ଅଳ୍ପ ବୟସରେ ବିବାହ କରାଇ ଦେଲେ । ସେଥିରେ ମଧ୍ୟ ତାଙ୍କର ମନ ବଦଳିଲା ନାହିଁ । ସଂସାରର ଦୁଃଖ ଯନ୍ତ୍ରଣା ସ୍ୱଚକ୍ଷୁରେ ଦେଖି ସଂସାର ପ୍ରତି ତାଙ୍କର ବିରାଗ ଜନ୍ମିଥିଲା । ଦିନେ ରାତିରେ ସେ ତାଙ୍କର ନିଦ୍ରିତା ସ୍ତ୍ରୀ ଓ ଶିଶୁ ପୁତ୍ରଙ୍କୁ ପରିତ୍ୟାଗ କରି ଜଣେ ବିଶ୍ୱସ୍ତ ଭୃତ୍ୟ ସହିତ ଅଶ୍ୱ ପୃଷ୍ଠରେ ନଅରରୁ ବହୁ ଦୂରକୁ ଚାଲିଯାଇ ଥିଲେ । ସେଠାରୁ ଭୃତ୍ୟଙ୍କୁ ଫେରାଇ ଦେଇ ସନ୍ନ୍ୟାସୀ ବେଶରେ ନାନା ସ୍ଥାନ ଭ୍ରମଣ କଲେ ।

ପ୍ରଥମେ ସେ ମଗଧର ରାଜଧାନୀ ରାଜଗୃହ ଠାରେ ଜଣେ ବ୍ରାହ୍ମଣଙ୍କ ନିକଟରେ ହିନ୍ଦୁ ଦର୍ଶନ ଶାସ୍ତ୍ର ଅଧ୍ୟୟନ କଲେ । ସେଠାରେ ସଂସାରର ଦୁଃଖରୁ ପରିତ୍ରାଣ ପାଇବାର କୌଣସି ସନ୍ତୋଷଜନକ ଉପାୟ ନପାଇବାରୁ ଗୟାଠାରେ ଧର୍ମଚର୍ଚ୍ଚା କଲେ । ନିରଞ୍ଜନା ନଦୀ କୂଳରେ ଗୋଟିଏ ଅଶ୍ୱତ୍ଥ ବୃକ୍ଷ ମୂଳରେ ଧ୍ୟାନ କରୁଥିବା ସମୟରେ ହଠାତ୍ ତାଙ୍କ ମନରେ ଜ୍ଞାନର ଉଦୟ ହେଲା ଯେ ମନୁଷ୍ୟ ଯଦି ନିଜ ମନ ମଧ୍ୟରେ ବଞ୍ଚି ରହିବା ଓ ଭୋଗ କରିବାର ଇଚ୍ଛାକୁ ଦମନ କରେ ତାହା ହେଲେ କୌଣସି ପ୍ରକାର ଦୁଃଖ ତାଙ୍କୁ ସ୍ପର୍ଶ କରି ପାରିବ ନାହିଁ । ଯେଉଁ ଲୋକ ନିଜ ମନକୁ ଯେତିକି ପରିମାଣରେ ଆୟତ୍ତ କରିପାରେ ସେ ଲୋକ ସେହି ପରିମାଣରେ ସଂସାରର ଦୁଃଖରୁ ପରିତ୍ରାଣ ଲାଭ କରିପାରେ । ଏହାକୁ ତତ୍ତ୍ୱଜ୍ଞାନ ମନେ କରି ସେ ନିଜକୁ ବୁଦ୍ଧ (ତତ୍ତ୍ୱଜ୍ଞ) ନାମ

Digitized by srujanika@gmail.com

ଦେଉଥିଲେ ଏବଂ ଆନନ୍ଦ ମନରେ ଏହି ଜ୍ଞାନ ଲୋକମାନଙ୍କ ମଧ୍ୟରେ ପ୍ରଚାର କରିବା ପାଇଁ ବାହାରିଲେ ।

ସେ କହୁଥିଲେ ଯେ ମନୁଷ୍ୟ ନିଜେ ନିଜର ଭାଗ୍ୟ ବିଧାତା । ସେ ଇହ ଜନ୍ମରେ ଯେପରି କାର୍ଯ୍ୟ କରେ ପରଜନ୍ମରେ ସେହି କାର୍ଯ୍ୟ ବିବେଚନାରେ ଉଚ୍ଚ ବା ନୀଚ ଅବସ୍ଥା ପ୍ରାପ୍ତ ହୁଏ । ଉତ୍ତରୋତ୍ତର ଭଲ କାମ କଲେ ଆତ୍ମା ଉଚ୍ଚରୁ ଉଚ୍ଚତର ଅବସ୍ଥା ପ୍ରାପ୍ତ ହୋଇ ଶେଷରେ ନିର୍ବାଣ ଲାଭ କରେ । ଉତ୍ତରୋତ୍ତର ଖରାପ କାମ କଲେ ନୀଚରୁ ନୀଚତର ଅବସ୍ଥା ପ୍ରାପ୍ତ ହୋଇ ଆତ୍ମା ସଂସାରରେ ବହୁ କଷ୍ଟ ଭୋଗ କରେ । ସଦାଚାର, ସଚ୍ଚରିତ୍ରା, ସତ୍ ଉଦ୍ଦେଶ୍ୟ ଓ ଆତ୍ମସଂଯମ ପ୍ରଭୃତି ଅଷ୍ଟମାର୍ଗ ଦ୍ୱାରା ଆତ୍ମାକୁ ପବିତ୍ର କରିବା ପାଇଁ ସେ ଲୋକମାନଙ୍କୁ ଉପଦେଶ ଦେଉଥିଲେ । ବୁଦ୍ଧଦେବଙ୍କର ଉପଦେଶ ଓ ବୌଦ୍ଧଧର୍ମର ସମସ୍ତ ନିୟମାବଳୀ ତ୍ରିପିଟକ ନାମକ ଗ୍ରନ୍ଥରେ ଲିପିବଦ୍ଧ ଅଛି । ଏହା ସୂତ୍ର, ବିନୟ, ଓ ଅଭିଧର୍ମ ଏପରି ତିନିଭାଗରେ ବିଭକ୍ତ । ସୂତ୍ରରେ ବୁଦ୍ଧ ଦେବଙ୍କର କଥୋପକଥନ, ବିନୟରେ ବୌଦ୍ଧ ଧର୍ମର ନିୟମାବଳୀ ଓ ଅଭିଧର୍ମରେ ବୌଦ୍ଧ ଧର୍ମର ପ୍ରଧାନ ତତ୍ତ୍ୱମାନ ଲିଖିତ ଅଛି । ତାଙ୍କ ମୃତ୍ୟୁ ପରେ ଅଶୋକ ଓ କନିଷ୍କ ପ୍ରଭୃତି ରାଜାମାନଙ୍କ ଯତ୍ନରେ ବୌଦ୍ଧଧର୍ମ ଚତୁର୍ଦ୍ଦିଗରେ ପ୍ରସାର ଲାଭ କରିଥିଲା । ପରବର୍ତ୍ତୀ କାଳରେ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଅଯୋଗ୍ୟତା ହେତୁ ଓ ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍ଥାନ ହେତୁ ବୌଦ୍ଧ ଧର୍ମ ଭାରତରୁ ଲୋପ ପାଇଲା; କିନ୍ତୁ ଭାରତ ବାହାରେ ବର୍ତ୍ତମାନ ଯୁଗରେ ପ୍ରାୟ ପଞ୍ଚାଶ କୋଟି ବୌଦ୍ଧ ଧର୍ମାବଲମ୍ବୀ ଅଛନ୍ତି ।

Digitized by srujanika@gmail.com

କନ୍‌ଫୁସିଅସ୍‌—କନ୍‌ଫୁସିଅସ୍‌ ଚୀନ ଦେଶରେ ଖ୍ରୀ: ପୂ: ୫୮୧ ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ସମୟରେ ଚୀନରେ ଚୁଓ ବଂଶୀୟ ସମ୍ରାଟମାନେ ରାଜତ୍ୱ କରୁଥିଲେ । ଚୁଓ ସମ୍ରାଟ ମାନଙ୍କ ଅଧୀନରେ ଚୀନରେ ଅନେକ ଗୁଡ଼ିଏ କରଦ ରାଜ୍ୟ ଥିଲା । କରଦ ରାଜାମାନେ ସାଧାରଣତଃ ବଡ଼ ଅତ୍ୟାଚାରୀ ଓ ବିଳାସୀ ଥିଲେ । ସେମାନେ ପ୍ରଜାମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାର କରୁଥିଲେ । ସାଧାରଣ ଲୋକମାନେ ଅତ୍ୟାଚାରିତ, ପ୍ରପୀଡ଼ିତ ଓ ଦରିଦ୍ର ଥିବାରୁ ନାନା ପ୍ରକାର କୁକାର୍ଯ୍ୟ କରି ଜୀବନକୁ କଳୁଷିତ କରୁଥିଲେ । ଶାସକ ଓ ଶାସିତମାନଙ୍କ ମଧ୍ୟରେ ସଦ୍ଭାବ ବା ସହଯୋଗ ନଥିଲା; ତେଣୁ ସମାଜରେ ଘୋର ବିଶୃଙ୍ଖଳା ଉପସ୍ଥିତ ହୋଇଥିଲା । ଚୀନ ଦେଶକୁ ଏହି ସଙ୍କଟରୁ ଉଦ୍ଧାର କରିବା ପାଇଁ କନ୍‌ଫୁସିଅସ୍‌ ଜୀବନ ସାରା ଚେଷ୍ଟା କରିଥିଲେ ।

ସେ ଜଣେ ବିଦ୍ୱାନ୍‌, ବୁଦ୍ଧିମାନ୍‌ ଓ କଷ୍ଟସହିଷ୍ଣୁ ଲୋକ ଥିଲେ । ସେ ରାଜା, ପ୍ରଜା, ଧନୀ, ନିର୍ଦ୍ଧନ ସବୁ ଲୋକମାନଙ୍କୁ ନିଜ ନିଜର କର୍ତ୍ତବ୍ୟ କରିବାକୁ ବୁଝାଇଥିଲେ । ତାଙ୍କ ପ୍ରଚାରରେ ଆତ୍ମା ବା ଈଶ୍ୱରଙ୍କ ସମ୍ବନ୍ଧରେ କିଛି ନଥିଲା । ସେ ବସ୍ତୁତଃ ଧର୍ମ-ପ୍ରଚାରକ ନଥିଲେ । ସେ ଜଣେ ସମାଜ ସଂସ୍କାରକ । ଚୀନ ଦେଶର ଲୋକମାନଙ୍କ ମଧ୍ୟରୁ ଯେପରି କୁସଂସ୍କାର ଲୋପ ପାଇବ ଏବଂ ପ୍ରତ୍ୟେକ ଲୋକ ଯେପରି ତାହାର କର୍ତ୍ତବ୍ୟ କରି ଜଣେ ଭଲ ନାଗରିକ (citizen) ହୋଇ ପାରିବ ସେଥିପାଇଁ ସେ ଜୀବନ ବ୍ୟାପୀ ଚେଷ୍ଟା କରିଥିଲେ । ସେ ଲୋକମାନଙ୍କୁ ଉଦାହରଣ ଉପଯୁକ୍ତରେ ଶିକ୍ଷା ଦେଇଥିଲେ । ଦେଶ, କାଳ ଓ ପାତ୍ର ବିବେଚନାରେ ଉଚ୍ଚ, ନୀଚ ସବୁ ଶ୍ରେଣୀର ଲୋକମାନଙ୍କର କେଉଁଠାରେ କିପରି ବ୍ୟବହାର କରିବାକୁ ହେବ ତାହା ସେ ଲୋକମାନଙ୍କୁ ଶିକ୍ଷା

Digitized by srujanika@gmail.com

ଦେଇଥିଲେ ଏବଂ ପାରିବାରୀୟ କାର୍ଯ୍ୟ ନିୟମ ଓ ଶୃଙ୍ଖଳାର ସମ୍ପୃକ୍ତ କରିବାକୁ ଲୋକମାନଙ୍କୁ ଉପଦେଶ ଦେଇଥିଲେ । ଖ୍ରୀ: ପୂ: ୪୭୯ ରେ ତାଙ୍କର ମୃତ୍ୟୁ ଘଟିଥିଲା । ସେ ବଞ୍ଚିଥିବା ସମୟରେ ଚୀନ ଦେଶର ଲୋକମାନେ ତାଙ୍କର ଉପଦେଶ ଗ୍ରହଣ କରିବା ପାଇଁ ବେଶୀ ଆଗ୍ରହ ପ୍ରକାଶ କରିନଥିଲେ । ତାଙ୍କର ମୃତ୍ୟୁ ପରେ ଲୋକମାନେ ତାଙ୍କ ଉପଦେଶର ମହତ୍ତ୍ୱ ବୁଝିଥିଲେ ଏବଂ ବହୁ ସଂଖ୍ୟକ ଲୋକ ତାଙ୍କ ଉପଦେଶ ଅନୁସାରେ କାର୍ଯ୍ୟ କରୁଥିଲେ ।

ଲାଓତ୍ସି—କନ୍‌ଫୁସିଅସ୍‌ଙ୍କ ପରେ ଲାଓତ୍ସି ଚୀନରେ ସମାଜର ପୁନର୍ଗଠନ ପାଇଁ ପ୍ରଚାର ଆରମ୍ଭ କରିଥିଲେ । କନ୍‌ଫୁସି-ଅସ୍‌ଙ୍କ ପରେ ଲାଓତ୍ସିଙ୍କର ମଧ୍ୟ ସମାଜରୁ ଦୁଃଖ, ଦାରିଦ୍ର୍ୟ ଲୋପ କରିବା ପ୍ରଧାନ ଉଦ୍ଦେଶ୍ୟ ଥିଲା; କିନ୍ତୁ ଲାଓତ୍ସି ସେଥିପାଇଁ ଭିନ୍ନ ମାର୍ଗ ଅବଲମ୍ବନ କରିବା ପାଇଁ ଲୋକମାନଙ୍କୁ ବୁଝାଇଥିଲେ । ଲାଓତ୍ସି କହୁଥିଲେ ଯେତେବେଳେ ପର୍ଯ୍ୟନ୍ତ ଜଣେ ଲୋକର ଅନ୍ୟ କେତେକ ଲୋକଙ୍କ ଉପରେ କୌଣସି ନା କୌଣସି କ୍ଷମତା ଥିବ, ସେତେବେଳେ ପର୍ଯ୍ୟନ୍ତ ଜଣେ ଅନ୍ୟ ଜଣକ ପରେ ଅନ୍ୟାୟ ଆଚରଣ କରିବା ସମ୍ଭବ ହେଉଥିବ । ତେଣୁ ସେ ତତ୍କାଳୀନ ଶାସନତନ୍ତ୍ରକୁ ଆମୂଳଚୂଳ ପରିବର୍ତ୍ତନ କରି ରାଜା ଓ ରାଜକର୍ମଚାରୀଙ୍କ ଠାରୁ ସମସ୍ତ କ୍ଷମତା କାଢ଼ିନେବା ପାଇଁ ଲୋକମାନଙ୍କୁ ଉପଦେଶ ଦେଉଥିଲେ । ଲାଓତ୍ସି ଏ ଦିଗରେ ବିଶେଷ କୃତକାର୍ଯ୍ୟ ହୋଇ ପାରି ନଥିଲେ । ତାଙ୍କ ମୃତ୍ୟୁ ପରେ ତାଙ୍କର ଶିଷ୍ୟମାନେ ବିକୃତ ଭାବରେ ଏହି ମତ ପ୍ରଚାର କରିବାରୁ ସଫଳତା ଲାଭ କରି ପାରି ନଥିଲେ ।

ହିବ୍ରୁ ଜାତି—ଭୂମଧ୍ୟସାଗରର ପୂର୍ବ ଉପକୂଳରେ ପାଲେଷ୍ଟାଇନ୍ ନାମରେ ଗୋଟିଏ ଦେଶ ଅଛି । ଏଠାରେ ହିବ୍ରୁ

Digitized by srujanika@gmail.com

ନାମକ ଦଳେ ସେମିଟିକ୍ ଲୋକ ବାସ କରୁଥିଲେ । ସେମାନଙ୍କର ଧର୍ମକୁ ଯିହୁଦୀ ଧର୍ମ କୁହାଯାଏ । ସେମାନେ ଈଶ୍ୱର ଏକ ବୋଲି ବିଶ୍ୱାସ କରନ୍ତି ଏବଂ ତାଙ୍କୁ ଜେହୋଭା ବୋଲି ଡାକନ୍ତି । ହିବ୍ରୁମାନେ ଆରବରେ ଧର୍ମ ପ୍ରଚାର କରିଥିଲେ । ଆରବର କେତେକ ଲୋକ ଏହି ଧର୍ମ ଗ୍ରହଣ କରିଥିଲେ ଏବଂ ଆରବରୁ ଆସି ପାଲେଷ୍ଟାଇନ୍‌ରେ ରହିଥିଲେ । ସେମାନଙ୍କୁ ଜିଉ କୁହାଯାଏ । ଜିଉମାନେ ଭାରତରେ ଇହୁଦୀ ନାମରେ ପରିଚିତ । ହିବ୍ରୁ ଓ ଜିଉ ମାନଙ୍କର ବିଶ୍ୱାସ ଯେ ଭଗବାନ ତାଙ୍କୁ ପାଲେଷ୍ଟାଇନ୍ ରାଜ୍ୟ ଦାନ କରିଅଛନ୍ତି । ତେଣୁ କୌଣସି ଜାତି ତାଙ୍କ ଠାରୁ ସେହି ରାଜ୍ୟ ଛଡ଼ାଇ ନେଇ ପାରିବ ନାହିଁ । ସେମାନେ ଭଗବାନଙ୍କର ଶ୍ରେଷ୍ଠ ପୁତ୍ର । ମେସିଅ ଭଗବାନଙ୍କର ଅବତାର ରୂପେ ପୃଥିବୀରେ ଜନ୍ମଗ୍ରହଣ କରିବେ ଓ ସେମାନଙ୍କୁ ପ୍ରଚୁର ଧନ ସମ୍ପତ୍ତି ବାଣ୍ଟିବେ । ଏହି ଜାତି ଥରେ ଦୁର୍ଭିକ୍ଷ ପ୍ରପୀଡ଼ିତ ହୋଇ ଇଜିପ୍ଟକୁ ପଳାଇ ଥିଲେ । ବହୁ ବର୍ଷ ପରେ ପୁଣି ସେଠାରୁ ଫେରିଆସି ପାଲେଷ୍ଟାଇନ୍‌ରେ ରହିଲେ । ଅଥଚରେ ବେବିଲୋନର ରାଜା ନେବୁଚାଦନେଜାର ଜିଉମାନଙ୍କୁ ବନ୍ଦୀ କରି ବେବିଲୋନ୍‌କୁ ନେଇ ଯାଇଥିଲେ । ପାରସ୍ୟର ରାଜା ସାଇରସ୍ ବେବିଲୋନ୍ ଜୟ କରିବା ପରେ ସେମାନଙ୍କୁ କାରମୁକ୍ତ କରିଥିଲେ । ତତ୍ପରେ ଜିଉମାନେ ଫେରିଆସି ସେହି ପାଲେଷ୍ଟାଇନ୍‌ରେ ରହିଲେ । ଏହି ଦୁଇ ଘଟଣା ପରେ ଜିଉମାନେ ଜେହୋଭାଙ୍କ ଠାରେ ଦୃଢ଼ ବିଶ୍ୱାସ ସ୍ଥାପନ କରି ଥିଲେ ଏବଂ ଅଧିକ ଉତ୍ସାହରେ ଧର୍ମ ପ୍ରଚାର କରିଥିଲେ । ସେମାନେ ଲୋକମାନଙ୍କୁ ସ୍ୱାଧୀନ ଭାବେ ବିବେକାନୁମୋଦିତ କାମ କରିବାକୁ ପ୍ରବର୍ତ୍ତିତ ଥିଲେ ଏବଂ ନ୍ୟାୟାନ୍ୟାୟ ବିଚାର କରିବାକୁ ଅନୁରୋଧ କରୁଥିଲେ । ଜିଉମାନଙ୍କର

Digitized by srujanika@gmail.com

ପ୍ରଧାନ ଧର୍ମ ଗ୍ରନ୍ଥ ବାଇବଲ୍ ପୃଥିବୀର ସଭ୍ୟତା ଉପରେ ଅଶେଷ ପ୍ରଭାବ ବିସ୍ତାର କରିଅଛି ।

ଅଲେକ୍ଜାଣ୍ଡର ଏହି ରାଜ୍ୟ ଜୟ କରିଥିଲେ । ତାଙ୍କ ମୃତ୍ୟୁ ପରେ ତାଙ୍କର ଜଣେ ସେନାପତି ଟୋଲେମି ପାଲେଷ୍ଟାଇନ୍ ଅଧିକାର କରିଥିଲେ । ତତ୍ପରେ ସେଲ୍ୟୁକସ୍‌ଙ୍କର ବଂଶଧରମାନେ ଖ୍ରୀ:ପୂ: ୧୯୮ ରେ ଏହି ଦେଶ ଅଧିକାର କରିଥିଲେ । ଜିଉମାନେ ବିଦ୍ରୋହ କରି ଖ୍ରୀ: ପୂ ୧୪୧ରେ ସ୍ୱାଧୀନ ହୋଇଥିଲେ । ରୋମାନ୍-ମାନେ ଖ୍ରୀ:ପୂ: ୬୪ ରେ ପାଲେଷ୍ଟାଇନ୍‌ର ରାଜଧାନୀ ଜେରୁ-ଜେଲମ ଅଧିକାର କରିଥିଲେ । ଜିଉମାନେ ବିଦ୍ରୋହ କରିବାରୁ ରୋମାନ୍‌ମାନେ ୬ ଖ୍ରୀଷ୍ଟାବ୍ଦରେ ସମଗ୍ର ପାଲେଷ୍ଟାଇନ୍ ଅଧିକାର କରିଥିଲେ ।

ଯିଶୁ ଖ୍ରୀଷ୍ଟ ଓ ଖ୍ରୀଷ୍ଟଧର୍ମ—ପାଲେଷ୍ଟାଇନ୍ ରୋମ ସାମ୍ରାଜ୍ୟ-ଭୁକ୍ତ ହେବା ପରେ ଜିଉମାନେ ସାମ୍ରାଜ୍ୟ ସ୍ଥାପନ କରି ଉନ୍ନତି କରିବା ଆଶା ତ୍ୟାଗ କରିଥିଲେ; କିନ୍ତୁ ମେସିଅଙ୍କର ଜନ୍ମ ଓ ଉଜ୍ଜ୍ୱଳ ଭବିଷ୍ୟତର ସୁଖ ସ୍ୱପ୍ନ ସେମାନଙ୍କୁ ନୂତନ ଉତ୍ସାହରେ ଧର୍ମ ପ୍ରଚାର କାର୍ଯ୍ୟରେ ଲଗାଇ ଦେଇଥିଲା । ଅଳ୍ପ କାଳ ମଧ୍ୟରେ ସେମାନେ ଏସିଆ ଓ ଇଉରୋପର ପ୍ରାୟ ପ୍ରତ୍ୟେକ ଦେଶରେ ବିକ୍ଷିପ୍ତ ହୋଇ ଯାଇଥିଲେ ଓ ଅନେକ ଲୋକଙ୍କୁ ନିଜ ଧର୍ମରେ ଦୀକ୍ଷିତ କରିପାରି ଥିଲେ । ପାଲେଷ୍ଟାଇନ୍ ବାହାରେ ଥିବା ଜିଉମାନଙ୍କ ମଧ୍ୟରେ ଏକତା ପୂର୍ଣ୍ଣ ମାତ୍ରାରେ ଥିଲା । କିନ୍ତୁ ପାଲେଷ୍ଟାଇନ୍‌ରେ ଥିବା ଜିଉମାନଙ୍କ ମଧ୍ୟରେ ଆଦୌ ଏକତା ନଥିଲା । ପାଲେଷ୍ଟାଇନ୍‌ର ଜିଉମାନେ ଦୁଇ ଦଳରେ ବିଭକ୍ତ ଥିଲେ ଓ ପରସ୍ପର ମଧ୍ୟରେ କଳହ କରୁଥିଲେ । ପାଲେଷ୍ଟାଇନ୍‌ର

Digitized by srujanika@gmail.com

ଅବସ୍ଥା ଏହିପରି ଥିବା ସମୟରେ ପାଲେଷ୍ଟାଇନର ଅନ୍ତର୍ଗତ ନାଜାରେଥ୍ ନାମକ ସ୍ଥାନରେ ଯିଶୁଖ୍ରୀଷ୍ଟ ଖ୍ରୀ: ପୂ ୪ଠରେ ଜନ୍ମ ଗ୍ରହଣ କରିଥିଲେ ।



ବୟଃପ୍ରାପ୍ତ ହେବା ପରେ ଯିଶୁଖ୍ରୀଷ୍ଟ ଯୁଡା ଧର୍ମ ବିଷୟରେ ବହୁତ ଚିନ୍ତା କରିଥିଲେ । ସେ ଦେଖିଲେ ଯେ ଜିଉମାନଙ୍କର ଭଗବତ୍ ପ୍ରେମ ମୂଳରେ ଅର୍ଥ ଲାଭର ଆଶା ନିହିତ ଅଛି । ସେ ଏପରି ଉକ୍ତିକୁ ନିନ୍ଦା କରିଥିଲେ । ଜିଉମାନଙ୍କ ଧର୍ମ ଭାବରେ ଅସନ୍ତୁଷ୍ଟ ହୋଇ ସେ ଗାଲିଲିଓ ଠାରେ ଏକ ନୂତନ ଧର୍ମ ପ୍ରଚାର କରିଥିଲେ ।

Digitized by srujanika@gmail.com

ବ୍ୟକ୍ତିଗତ ତ୍ୟାଗ, ସାର୍ବଜନୀନ ପ୍ରେମ ଓ ଅସାଧାରଣ ମାନବିକତା ବଳରେ ସେ ପାଲେଷ୍ଟାଇନ୍‌ରେ ଅତି ପ୍ରିୟ ହୋଇ ପଡ଼ିଲେ । ଜିଉମାନେ ତାଙ୍କୁ ମେସିଆ ମନେ କରି ଅତି ଭକ୍ତି କରୁଥିଲେ; କିନ୍ତୁ ସେ ପ୍ରଚାର କଲେ ଯେ ଧନୀ ଲୋକଙ୍କ ପକ୍ଷରେ ସ୍ୱର୍ଗକୁ ଯିବା ଅସମ୍ଭବ । ତେଣୁ ଧନୀ ଜିଉମାନେ ଆଉ ତାଙ୍କୁ ଆଦର କଲେ ନାହିଁ । ଯିଶୁ ପ୍ରତିମା ପୂଜାକୁ ଘୃଣା କରୁଥିଲେ ଓ ସିଜାରଙ୍କ ମୂର୍ତ୍ତି ପୂଜାକୁ ମଧ୍ୟ ପସନ୍ଦ କରୁନଥିଲେ । ତେଣୁ ଧନୀ ଜିଉମାନେ ତାଙ୍କୁ ସମାଜଦ୍ରୋହୀ ଓ ରୋମାନ୍‌ମାନେ ତାଙ୍କୁ ରାଜଦ୍ରୋହୀ ମନେ କରୁଥିଲେ । ଜେରୁଜେଲମ୍‌ରେ ଧର୍ମ ପ୍ରଚାର କରୁଥିବା ସମୟରେ ଜିଉମାନଙ୍କ ଚେଷ୍ଟାରେ ଯିଶୁଖ୍ରୀଷ୍ଟ ରୋମାନ୍‌ମାନଙ୍କ ଦ୍ୱାରା ବନ୍ଦୀ ହୋଇଥିଲେ । ଜେରୁଜେଲମ୍‌ର ତତ୍କାଳୀନ ରୋମାନ୍ ଶାସନକର୍ତ୍ତା ପଣ୍ଟିଅସ୍ ପାଇଲେଟ୍ ରାଜଦ୍ରୋହ ଅପରାଧରେ ଯିଶୁଙ୍କୁ ପ୍ରାଣଦଣ୍ଡ ଆଦେଶ ଦେଲେ । ଘାତୁକମାନେ ତାଙ୍କୁ ଦୁଇଟି କାଠ (କ୍ରସ୍) ରେ ବାନ୍ଧି ତାଙ୍କ ଶରୀର ସାରା କଣ୍ଟା ପିଟି ତାଙ୍କୁ ମାରିଦେଇ ଥିଲେ ।

ଯିଶୁଖ୍ରୀଷ୍ଟ ଏକେଶ୍ୱରବାଦ ପ୍ରଚାର କରିଥିଲେ । ସେ କହୁଥିଲେ ଯେ ଭଗବାନ ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖନ୍ତି । ତାଙ୍କ ରାଜ୍ୟରେ ପକ୍ଷପାତ ବିଚାର ନାହିଁ । ଯଥେଷ୍ଟ ପାପ କରି ମଧ୍ୟ ପରେ ସତ୍‌କର୍ମ କରି ଭଗବାନଙ୍କ ଅନୁଗ୍ରହ ଲାଭ କରି ପାରିଲେ ଲୋକ ସ୍ୱର୍ଗକୁ ଯାଇପାରେ । ଆତ୍ମାକୁ ପବିତ୍ର କରି, ମନରୁ ଦୁଶ୍ଚିନ୍ତା ଦୂର କରି, ଅର୍ଥଲାଭର ଆଶା ତ୍ୟାଗ କରି, ପ୍ରାଣୀ ଜଗତର ସମସ୍ତଙ୍କୁ ସ୍ନେହ କଲେ ଭଗବାନ ସନ୍ତୁଷ୍ଟ ହୁଅନ୍ତି । ସତ୍‌ଚିନ୍ତା ଓ ସତ୍ ଆଚରଣ କରିବାକୁ ସେ ଲୋକମାନଙ୍କୁ ବୁଝାଉଥିଲେ ।

Digitized by srujanika@gmail.com

ତାଙ୍କର ମୃତ୍ୟୁ ପରେ ଗ୍ରୀସ୍ ଅନ୍ତର୍ଗତ ଟାରସସ୍‌ର ମହାପୁରୁଷ ପଲ (Paul) ଖ୍ରୀଷ୍ଟଧର୍ମକୁ ସାମାନ୍ୟ ପରିବର୍ତ୍ତିତ କରି ନୂତନ ଆକାରରେ ପ୍ରଚାର କରିଥିଲେ । ପଲ୍‌ଙ୍କ ଚେଷ୍ଟାରେ ଖ୍ରୀଷ୍ଟଧର୍ମ ଚାରିଆଡ଼େ ପ୍ରସାର ଲାଭ କରିଥିଲା । ଶେଷରେ ରୋମାନ୍‌ମାନେ ମଧ୍ୟ ଏହି ଧର୍ମ ଗ୍ରହଣ କରିଥିଲେ । ଖ୍ରୀଷ୍ଟିଆନ୍ ମାନଙ୍କର ଧାରଣା ଥିଲା ଯେ ଯିଶୁଖ୍ରୀଷ୍ଟଙ୍କ ଶିଷ୍ୟ ପିଟର୍ ପ୍ରଥମେ ରୋମରେ ଖ୍ରୀଷ୍ଟଧର୍ମ ପ୍ରଚାର କରିଥିଲେ । ପାଲେଷ୍ଟାଇନ୍ ବାହାରେ ରୋମ ହେଉଛି ପ୍ରଥମ ସ୍ଥାନ, ଯେଉଁଠାରେ କି ଯିଶୁଖ୍ରୀଷ୍ଟଙ୍କର ମହାନ୍ ଧର୍ମ ପ୍ରଚାରିତ ହୋଇଥିଲା । ତେଣୁ ରୋମ ପ୍ରତି ସମ୍ମାନ ଦେଖାଇବା ପାଇଁ ରୋମର ପ୍ରଧାନ ଧର୍ମଯାଜକ ବା ବିଶପ୍ ଅନ୍ୟାନ୍ୟ ଦେଶର ବିଶପ୍ ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହୋଇଥିଲେ । କାଳକ୍ରମେ ସେ ପୋପ୍ ପଦ ପାଇଥିଲେ । ଆଜିକାଲି ମଧ୍ୟ ରୋମର ବିଶପଙ୍କୁ ପୋପ୍ କୁହାଯାଉଅଛି । ପୋପ୍ ଖ୍ରୀଷ୍ଟିଆନମାନଙ୍କର ଧର୍ମଗୁରୁ ରୂପେ ଇଉରୋପରେ ପ୍ରଭୂତ କ୍ଷମତା ବିସ୍ତାର କରିଥିଲେ ।

ମଧ୍ୟଯୁଗ

ପଞ୍ଚମ ଅଧ୍ୟାୟ

ନୋର୍ଡିକ୍ ଓ ମଙ୍ଗୋଲ୍ ଜାତି

ନୋର୍ଡିକ୍ ଜାତି—ଇଟାଲୀରେ ଯେତେବେଳେ ଲାଟିନ୍-ମାନେ ବିରାଟ ସାମ୍ରାଜ୍ୟ ସ୍ଥାପନ କରି ସୁଖ ସମୃଦ୍ଧିରେ ରହୁଥିଲେ ସେତେବେଳେ ଇଉରୋପର ଉତ୍ତର ପଶ୍ଚିମ ବିଶେଷତଃ ସ୍କାଣ୍ଡିନେ-ଭିଆ ଅଞ୍ଚଳରେ ଭ୍ରମଣଶୀଳ ଲୋକମାନେ ବାସ କରୁଥିଲେ ।

Digitized by srujanika@gmail.com

ସେମାନଙ୍କୁ ନୋର୍ଡିକ୍ ଜାତି କୁହାଯାଏ । ବହୁ ଶତାବ୍ଦୀ ସେଠାରେ ରହିବା ପରେ ସେମାନଙ୍କର ବଂଶ ବୃଦ୍ଧି ହେଲା ଏବଂ ପଶୁମାନଙ୍କୁ ଚରାଇବା ପାଇଁ ଚରାଭୂମିର ଅଭାବ ହେଲା । ତେଣୁ ସେମାନେ ସେ ସ୍ଥାନ ତ୍ୟାଗକରି ଦକ୍ଷିଣ ଅଞ୍ଚଳକୁ ଗତି କରିଥିଲେ । ଖ୍ରୀ: ପୂ: ପ୍ରଥମ ଶତାବ୍ଦୀରେ ସେମାନେ ଆଦିମ ବାସ ସ୍ଥାନ ତ୍ୟାଗ କରିଥିଲେ । କିଛି କାଳ ପରେ ସେମାନେ ଦୁଇ ଦଳରେ ବିଭକ୍ତ ହୋଇଯାଇ ଥିଲେ । ସେଥି ମଧ୍ୟରୁ ଗୋଟିଏ ଦଳର ନାମ ଟିଉଟନ୍ ଓ ଆଉ ଗୋଟିଏ ଦଳର ନାମ ଗଥ୍ । ଟିଉଟନ୍‌ମାନେ କାଳକ୍ରମେ ସାକ୍ସନ, ଫ୍ରାଙ୍କ, ଲୋମ୍ବାର୍ଡ, ବର୍ଗଣ୍ଡିଅନ୍ ଏପରି କେତେକ ଦଳରେ ବିଭକ୍ତ ହୋଇ ଯାଇଥିଲେ ଏବଂ ଗଥ୍‌ମାନେ ନର୍ସ, ସ୍ୱେଭସ୍, ସୁଇଡ୍ସ, ଡେନ୍ସ, ଭିସିଗଥ୍, ଅଷ୍ଟ୍ରୋଗଥ୍ ଓ ଭାଣ୍ଡାଲ୍ ପ୍ରଭୃତି କେତେକ ଦଳରେ ବିଭକ୍ତ ହୋଇ ଯାଇଥିଲେ । ଦକ୍ଷିଣକୁ ଗତି କରିବାରୁ ସେମାନଙ୍କୁ ରୋମାନ୍ ସୈନ୍ୟ ବାହିନୀର ସମ୍ମୁଖୀନ ହେବାକୁ ପଡ଼ିଲା । ରୋମାନ୍‌ମାନେ ସେମାନଙ୍କୁ ବାଧା ଦେବାରୁ ସେମାନଙ୍କର ଅଗ୍ରଗତିରେ ବାଧା ପଡ଼ିଲା । ସେମାନେ ରୋମ ସାମ୍ରାଜ୍ୟର ଉତ୍ତରରେ ଦଳ ଦଳ ହୋଇ ଭିନ୍ନ ଭିନ୍ନ ସ୍ଥାନରେ ବାସ କଲେ । ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ସେମାନେ ଏହିପରି ଭାବରେ ରହୁଥିଲେ ।

ସେମାନେ ଶୁଭ୍ର ଓ ଦୀର୍ଘକାୟ ଲୋକ ଥିଲେ । ପ୍ରତ୍ୟେକ ଦଳରେ ଜଣେ ଜଣେ ଦଳପତି ଥିଲେ । ଦଳରେ ଥିବା ସାବାଳକ ଲୋକମାନେ ଦଳପତିଙ୍କୁ ନିର୍ବାଚନ କରୁଥିଲେ । ସେମାନେ ଯୋଦ୍ଧା ଓ ପରିଶ୍ରମୀ ଥିଲେ । ସେମାନେ ମଧ୍ୟେ ମଧ୍ୟେ ରୋମ ସାମ୍ରାଜ୍ୟକୁ ଆକ୍ରମଣ କରୁଥିଲେ ଏବଂ ରୋମାନ୍‌ମାନଙ୍କ ସଂସ୍ପର୍ଶରେ

Digitized by srujanika@gmail.com

ଆସି କ୍ରମେ ରୋମ ସଭ୍ୟତା ଅବଲମ୍ବନ କରିଥିଲେ । ରୋମାନ୍ ସମ୍ରାଟଙ୍କର ସୈନ୍ୟର ଅଭାବ ପଡ଼ିଲେ ସେମାନେ ନୋର୍ଡ଼ିକ୍‌ମାନଙ୍କ ମଧ୍ୟରୁ ଲୋକ ସଂଗ୍ରହ କରି ସୈନ୍ୟବାହିନୀରେ ନିଯୁକ୍ତ କରୁଥିଲେ ଏବଂ ସେମାନଙ୍କୁ ରୋମ ସାମ୍ରାଜ୍ୟରେ ରହିବା ପାଇଁ ଅନୁମତି ଦେଉଥିଲେ । ଏହିରୂପେ ସେମାନେ ରୋମ ସାମ୍ରାଜ୍ୟରେ ପ୍ରବେଶ କଲେ । କ୍ରମେ ରୋମାନ୍ ସୈନ୍ୟବାହିନୀରେ ନୋର୍ଡ଼ିକ୍‌ମାନଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା ।

ମଙ୍ଗୋଲ ଜାତି—ଚୀନ ଦେଶର ଉତ୍ତର ପଶ୍ଚିମରେ ମଙ୍ଗୋଲ୍ ନାମକ ଗୋଟିଏ ଭ୍ରମଣଶୀଳ ଜାତିର ଲୋକ ବାସ କରୁଥିଲେ । ସେମାନେ ଯେଉଁ ଅଞ୍ଚଳରେ ବାସ କରୁଥିଲେ ତାକୁ ମଙ୍ଗୋଲିଆ କୁହାଯାଏ । ସେମାନେ ଦଳ ଦଳ ହୋଇ ବାସ କରୁଥିଲେ । ପ୍ରତ୍ୟେକ ଦଳର ଭିନ୍ନ ଭିନ୍ନ ନାମ ଥିଲା । ଚରାଭୂମିର ଅଭାବ ହେଲେ ସେମାନେ ମଙ୍ଗୋଲିଆ ବାହାରକୁ ଆସି ପଶୁମାନଙ୍କୁ ଚରାଉଥିଲେ । କାଳକ୍ରମେ ସେମାନଙ୍କ ମଧ୍ୟରୁ ହୁନ, ତାତାର, ଫନ୍, ଇଉଚି, ପାର୍ଥିଆ, ଏପ୍ ଥାଲାଇଟ୍, ତୁର୍କି ପ୍ରଭୃତି ଦଳ ଗୁଡ଼ିକ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ମଙ୍ଗୋଲିଆର ବହୁ ଦୂରକୁ ଚାଲି ଯାଇଥିଲେ । ହୁନ ଦଳ ସବୁଠାରୁ ବଡ଼ ଓ ଶକ୍ତିଶାଳୀ ଥିଲେ । ହୁନମାନେ ଖ୍ରୀ: ପୂ: ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ ଚୀନ ଦେଶକୁ ବାରମ୍ବାର ଆକ୍ରମଣ କରି ଚୀନାମାନଙ୍କର ଶସ୍ୟ କ୍ଷେତ ସବୁ ନଷ୍ଟକରି ଦେଉଥିଲେ । ଚୀନ ଦେଶର ପ୍ରସିଦ୍ଧ ରାଜା ଶି-ହୁଙ୍ଗ୍-ଟି ହୁନମାନଙ୍କ ଆକ୍ରମଣରୁ ଚୀନ ଦେଶକୁ ରକ୍ଷା କରିବା ଲାଗି ଚୀନ ଦେଶର ଉତ୍ତରରେ ଗୋଟିଏ ପ୍ରକାଣ୍ଡ ପ୍ରାଚୀର ନିର୍ମାଣ କରାଇଥିଲେ ।

ଏହାପରେ ହୁନମାନଙ୍କ ମଧ୍ୟରୁ କେତେକ ମଙ୍ଗୋଲିଆରେ ସ୍ଥିର ହୋଇ ରହିଲେ, ଅନ୍ୟ କେତେକ ପଶ୍ଚିମାଭିମୁଖେ ଯାତ୍ରା

Digitized by srujanika@gmail.com

ଛିଲେ । ବାହରେ ଇଉଚିମାନଙ୍କ ସହିତ ସେମାନଙ୍କର ସଂଘର୍ଷ ହୋଇଥିଲା । ଇଉଚିମାନେ ହୁନମାନଙ୍କ ଦ୍ୱାରା ପରାସ୍ତ ହୋଇ ଦକ୍ଷିଣ ଅଞ୍ଚଳକୁ ପଳାଇଗଲେ ଏବଂ ବକ୍ଟ୍ରିଆର ଗ୍ରୀକ୍ ସାମ୍ରାଜ୍ୟରେ ପ୍ରବେଶ କଲେ । ବକ୍ଟ୍ରିଆର ଗ୍ରୀକ୍‌ମାନେ ଇଉଚିମାନଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ଇଉଚିମାନେ ଏଠାରେ ଅର୍ଦ୍ଧ ସଭ୍ୟତା ଅନୁକରଣ କଲେ ଏବଂ ସିଦ୍ଧୀୟାନ୍ ନାମରେ ଅଭିହିତ ହେଲେ । କୁଶାଣମାନେ ମଧ୍ୟ ଏହିମାନଙ୍କର ଏକ ଶାଖା । କୁଶାଣମାନେ ଭାରତ ଆକ୍ରମଣ କରି ବନାରସ ପର୍ଯ୍ୟନ୍ତ ରାଜ୍ୟ ଜୟ କରିଥିଲେ । କନିଷ୍କ ଏହି ବଂଶର ଶ୍ରେଷ୍ଠ ରାଜା । ସେ ହିନ୍ଦୁ ଶିକ୍ଷା ଓ ସଭ୍ୟତାକୁ ବିଶେଷ ଆଦର କରୁଥିଲେ । ତାଙ୍କ ଯତ୍ନରେ ସଂସ୍କୃତ ସାହିତ୍ୟର ଅଶେଷ ଉନ୍ନତି ସାଧିତ ହୋଇଥିଲା ଓ ବୌଦ୍ଧଧର୍ମ ଭାରତ ବାହାରେ ପ୍ରଚାରିତ ହୋଇଥିଲା । କୁଶାଣମାନେ କାଳକ୍ରମେ ହିନ୍ଦୁମାନଙ୍କ ସହିତ ମିଶି ଯାଇଥିଲେ । ହୁନମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ପାର୍ଥିଆମାନେ ପାରସ୍ୟ ଦେଶରେ ପ୍ରବେଶ କରି ସେଠାରେ ଗୋଟିଏ ସାମ୍ରାଜ୍ୟ ସ୍ଥାପନ କରିଥିଲେ ଏବଂ ତୁର୍କିମାନେ ଚୀନ ଦେଶର ପଶ୍ଚିମରେ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ସ୍ଥାପନ କରିଥିଲେ । ଏହାକୁ ତୁର୍କିସ୍ଥାନ କୁହାଯାଏ ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ହୁନମାନେ ବାହରେ ଇଉଚି, ପାର୍ଥିଆ, ତୁର୍କିମାନଙ୍କୁ ଦକ୍ଷିଣ ଅଞ୍ଚଳକୁ ତଡ଼ିଦେଇ କାସ୍ପିଅନ୍ ହ୍ରଦ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ । ସେତେବେଳେ ଫିନ୍‌ମାନେ ବାଲ୍‌ଟିକ୍ ସାଗରର ପଶ୍ଚିମ ଉପକୂଳରେ ବାସ କରୁଥିଲେ ଏବଂ ନୋର୍ଡିକ୍‌ମାନେ କାସ୍ପିଅନ୍ ହ୍ରଦର ପଶ୍ଚିମାଞ୍ଚଳରେ ବାସ କରୁଥିଲେ ।

ଇଉରୋପରେ ନୂତନ ରାଜ୍ୟ ସୃଷ୍ଟି—ହୁନମାନେ କାସ୍ପିଅନ୍ ହ୍ରଦ କୂଳରେ ପ୍ରାୟ ଛଅଶତ ବର୍ଷ ରହିଗଲେ ।

Digitized by srujanika@gmail.com

ଲୋକ ସଂଖ୍ୟା ବଢ଼ିବାରୁ ଓ ଚରାଭୂମିର ଅଭାବ ହେବାରୁ ସେମାନେ ପୁଣି ପଶ୍ଚିମ ଅଞ୍ଚଳକୁ ଗତି କଲେ । କାସ୍ପିଅନ୍ ହ୍ରଦର ପଶ୍ଚିମରେ ନୋର୍ଡ଼ିକ୍‌ମାନେ ଦଳ ଦଳ ହୋଇ ବାସ କରୁଥିଲେ । ହୁନମାନେ ସେ ଅଞ୍ଚଳେ ଗତି କରିବାରୁ ଉଭୟ ଜାତି ମଧ୍ୟରେ ଯୁଦ୍ଧ ହୋଇଥିଲା । ପ୍ରଥମେ ହୁନମାନେ ଆଲାନ୍, ଅଷ୍ଟ୍ରୋଗଥ୍ ଓ ଭିସିଗଥ୍‌ମାନଙ୍କୁ ଆକ୍ରମଣ କରିଥିଲେ । ଭିସିଗଥ୍‌ମାନେ ଆକ୍ରମଣରୁ ରକ୍ଷା ପାଇବା ପାଇଁ ରୋମ ସମ୍ରାଟଙ୍କର ଶରଣ ପଶିଲେ । ରୋମ ସମ୍ରାଟ ନିଜର ସାମ୍ରାଜ୍ୟ ମଧ୍ୟରେ ଭିସିଗଥ୍‌ମାନଙ୍କୁ ବିସ୍ତୃତ ଭୂଖଣ୍ଡ ଛାଡ଼ି ଦେଇଥିଲେ । ଏହା ପରେ ହୁନ ଆକ୍ରମଣ କିଛି ଦିନ ପାଇଁ ବନ୍ଦ ହୋଇଗଲା । ଏହି ସମୟ ମଧ୍ୟରେ ଭିସିଗଥ୍-ମାନେ ରୋମ ସମ୍ରାଟଙ୍କ ବିରୁଦ୍ଧରେ ବିଦ୍ରୋହକରି ସ୍ୱାଧୀନ ଭାବରେ ରହିଲେ । ରୋମ ସମ୍ରାଟ ଥିଓଡୋସିଅସ୍‌ଙ୍କ ମୃତ୍ୟୁ ପରେ ରୋମ ସାମ୍ରାଜ୍ୟ ଦୁଇ ଭାଗରେ ବିଭକ୍ତ ହୋଇଯାଇ ଦୁର୍ବଳ ହୋଇ ଯାଇଥିଲା । ଏତିକିବେଳେ ଭିସିଗଥ୍ ଓ ଭାଣ୍ଡାଲ ପ୍ରଭୃତି ନୋର୍ଡ଼ିକ୍ ଜାତିର ଲୋକମାନେ ରୋମାନ୍‌ମାନଙ୍କୁ ଆକ୍ରମଣ କରି ପରାସ୍ତ କଲେ । ଭିସିଗଥ୍‌ମାନେ ରୋମରେ ରାଜତ୍ୱ କଲେ ଏବଂ ଭାଣ୍ଡାଲ୍-ମାନେ ସ୍ପେନ୍, ଫ୍ରାନ୍ସ ଓ କାର୍‌ଥେଜ ଅଞ୍ଚଳରେ ନୂତନ ରାଜ୍ୟ ସ୍ଥାପନ କଲେ ।

ନୋର୍ଡ଼ିକ୍‌ମାନେ ଇଉରୋପରେ ରୋମ ସାମ୍ରାଜ୍ୟକୁ ଭାଙ୍ଗି ନୂତନ ରାଜ୍ୟ ସ୍ଥାପନ କରୁଥିବା ସମୟରେ ହୁନମାନେ ପୁନର୍ବାର ସେମାନଙ୍କୁ ଆକ୍ରମଣ କଲେ । ହୁନମାନଙ୍କର ନେତା ଆଟିଲ କନ୍‌ଷ୍ଟାଣ୍ଟିନୋପଲର ରୋମାନ୍‌ମାନଙ୍କୁ ପରାସ୍ତ କରି ୪୫୧ ଖ୍ରୀ: ରେ ଗଲ୍‌ଦେଶ (ଫ୍ରାନ୍ସ) ଆକ୍ରମଣ କଲେ । ଗଥ୍, ଭାଣ୍ଡାଲ ଓ ଫ୍ରାଙ୍କ୍ ପ୍ରଭୃତି ନୋର୍ଡ଼ିକ୍ ଜାତିର ବିଭିନ୍ନ ଦଳର ଲୋକମାନେ ଏକତ୍ର

Digitized by srujanika@gmail.com

ମିଶି ସେମାନଙ୍କର ସାଧାରଣ ଶତ୍ରୁ ହୁନ ନେତା ଅଟିଲଙ୍କୁ ଗ୍ୟାଲନ୍ସ ଯୁଦ୍ଧ କ୍ଷେତ୍ରରେ ଭେଟିଲେ । ଉଭୟ ପକ୍ଷର ଭୀଷଣ ଯୁଦ୍ଧ ହେବା ପରେ ଅଟିଲ ପରାସ୍ତ ହେଲେ । ଏହାପରେ ଅଟିଲ ସେଠାରୁ ଫେରିବାକୁ ବାଧ୍ୟ ହେଲେ । ଫେରିବା ସମୟରେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା । (୪୫୩ ଖ୍ରୀ:) । ତାଙ୍କ ମୃତ୍ୟୁ ପରେ ହୁନମାନେ ଆଉ ପୂର୍ବକୁ ନଫେରି ଇଉରୋପର ପୂର୍ବାଞ୍ଚଳରେ କେତେକ ରାଜ୍ୟ ସ୍ଥାପନ କରି ରହିଲେ ଏବଂ ଜୋର୍ଡ଼ିକ୍‌ମାନେ ଇଉରୋପର ପଶ୍ଚିମାଞ୍ଚଳରେ ଭିନ୍ନ ଭିନ୍ନ ରାଜ୍ୟ ସ୍ଥାପନ କରି ରହିଲେ । ଜୋର୍ଡ଼ିକ୍‌ମାନଙ୍କ ଦ୍ୱାରା ସ୍ଥାପିତ ରାଜ୍ୟମାନଙ୍କ ମଧ୍ୟରେ ଫ୍ରାଙ୍କ୍‌ମାନଙ୍କ ଦ୍ୱାରା ସ୍ଥାପିତ ରାଜ୍ୟ ସର୍ବପ୍ରଧାନ ଥିଲା ।

ଫ୍ରାଙ୍କ ସାମ୍ରାଜ୍ୟ—ଫ୍ରାଙ୍କମାନଙ୍କର ନେତା କ୍ଲୋଭିସ୍ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଗଲ୍ ଦେଶରେ ଗୋଟିଏ ରାଜ୍ୟ ସ୍ଥାପନ କରିଥିଲେ । ତାଙ୍କ ଦଳର ନାମ ଅନୁସାରେ ସେ ଦେଶର ନାମ ହେଲା ଫ୍ରାନ୍ସ । କ୍ଲୋଭିସ୍‌ଙ୍କ ଦ୍ୱାରା ସ୍ଥାପିତ ରାଜବଂଶକୁ ମେରୋଭିଞ୍ଜିଅନ୍ ରାଜବଂଶ କୁହାଯାଏ । କ୍ଲୋଭିସ୍ ରୋମ ସମ୍ରାଟ ଥିଓଡୋରିକ୍‌ଙ୍କ କନ୍ୟାଙ୍କୁ ବିବାହ କରିଥିଲେ । ଥିଓଡୋରିକ୍ ଖ୍ରୀଷ୍ଟୀଅନ୍ ଥିଲେ; କିନ୍ତୁ କ୍ଲୋଭିସ୍ ହିଦେନ୍ ଧର୍ମାବଲମ୍ବୀ ଥିଲେ । ହିଦେନ୍‌ମାନେ ଅସଭ୍ୟ ଓ ଦୁର୍ଦ୍ଦାନ୍ତ ଲୋକ ଥିଲେ । କ୍ଲୋଭିସ୍‌ଙ୍କ ସ୍ତ୍ରୀ ତାଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବା ପାଇଁ ଯେତେ ଚେଷ୍ଟା କରି ମଧ୍ୟ ସଫଳ ହୋଇ ନଥିଲେ । ଥରେ କ୍ଲୋଭିସ୍ ଅଲେମାନ୍ ନାମକ ଆଉ ଦଳେ ଦୁର୍ଦ୍ଦାନ୍ତ ଲୋକଙ୍କ ସହିତ ଯୁଦ୍ଧ କରୁଥିଲେ । ଯୁଦ୍ଧରେ ପରାଜୟର ସୂଚନା ପାଇ ସେ ଯିଶୁଖ୍ରୀଷ୍ଟଙ୍କୁ ସ୍ମରଣ କଲେ ଏବଂ ଯୁଦ୍ଧରେ ଜୟଲାଭ କଲେ ଖ୍ରୀଷ୍ଟଧର୍ମ ଗ୍ରହଣ କରିବେ ବୋଲି ପ୍ରତିଜ୍ଞା କଲେ । ସୌଭାଗ୍ୟକ୍ରମେ

Digitized by srujanika@gmail.com

ସେ ଯୁଦ୍ଧରେ ଜୟକରି ଖ୍ରୀଷ୍ଟଧର୍ମ ଗ୍ରହଣ କଲେ । ଏହାପରେ ତାଙ୍କର ପ୍ରଜାମାନେ ମଧ୍ୟ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ଏବଂ ସଭ୍ୟ ହୋଇଥିଲେ । କ୍ଲୋଭିସ୍‌ଙ୍କ ବଂଶଧରମାନେ ଅଷ୍ଟମ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହି ବଂଶର ଶେଷ ରାଜାମାନଙ୍କ ସମୟରେ ରାଜବାଟୀରେ କାର୍ଯ୍ୟ କରୁଥିବା ମେୟର ଉପାଧିଧାରୀ କର୍ମଚାରୀମାନେ ସମସ୍ତ କ୍ଷମତା ଅପହରଣ କରି ଦେଶରେ ସର୍ବେସର୍ବା ହୋଇଥିଲେ ।

ଏହି ସମୟରେ ମୁସଲମାନମାନେ ଆରବଠାରୁ ସ୍ପେନ ପର୍ଯ୍ୟନ୍ତ ରାଜ୍ୟ ଜୟକରି ଫ୍ରାନ୍ସ ଆକ୍ରମଣ କରିଥିଲେ । ସେତେବେଳେ ଚାର୍ଲସ୍ ମାର୍ଟେଲ ମେୟର ଥିଲେ । ସେ ପ୍ରସିଦ୍ଧ ଟୁର୍ସ୍ ଯୁଦ୍ଧରେ ମୁସଲମାନମାନଙ୍କୁ ପରାସ୍ତ କରିଥିଲେ । ଏହି ବିଜୟ ଫଳରେ ଫ୍ରାଙ୍କ୍‌ମାନେ ସେମାନଙ୍କର ସ୍ୱାଧୀନତା ଓ ଧର୍ମକୁ ରକ୍ଷାକରି ପାରିଥିଲେ । ଚାର୍ଲସ୍ ମାର୍ଟେଲ୍‌ଙ୍କ ପୁଅ ପେପିନ୍ ମେରୋଭିଞ୍ଜିଆନ୍ ବଂଶର ଶେଷ ରାଜାଙ୍କୁ ସିଂହାସନଚ୍ୟୁତ କରି ନିଜେ ସମ୍ରାଟ ହୋଇଥିଲେ । ପେପିନ୍‌ଙ୍କ ଦ୍ୱାରା ସ୍ଥାପିତ ରାଜବଂଶକୁ କାରୋଲିଞ୍ଜିଆନ୍ ରାଜବଂଶ କୁହାଯାଏ । ଚାର୍ଲେମେନ୍ (ଚାର୍ଲସ୍ ଦି ଗ୍ରେଟ୍) ଏହି ବଂଶର ପ୍ରସିଦ୍ଧ ସମ୍ରାଟ ଥିଲେ ।

ଚାର୍ଲେମେନ୍ (୭୭୧-୮୧୪)—ଚାର୍ଲେମେନ୍ ସମ୍ରାଟ ହେବା ପରେ ସାମ୍ରାଜ୍ୟକୁ ବଢ଼ାଇବାକୁ ଚେଷ୍ଟା କରିଥିଲେ । ସେ ଜର୍ମାନୀର ପଶ୍ଚିମାର୍ଦ୍ଧ ଓ ଇଟାଲୀର ଉତ୍ତରାର୍ଦ୍ଧ ଜୟକରି ନିଜ ରାଜ୍ୟ ସହିତ ମିଶାଇଥିଲେ । ଖ୍ରୀଷ୍ଟଧର୍ମର ପ୍ରଚାର ଲାଗି ସେ ସ୍ଲାଭ୍, ଅଭାର୍ ଓ ସାକ୍ସନ୍‌ମାନଙ୍କ ସହିତ ଏବଂ ସ୍ପେନରେ ଥିବା ମୁସଲମାନ (ସାରାସିନ୍) ମାନଙ୍କ ସହିତ ବହୁବାର ଯୁଦ୍ଧ କରିଥିଲେ । ଚାର୍ଲେମେନ୍‌ଙ୍କର

Digitized by srujanika@gmail.com

ପରାକ୍ରମ ଦେଖି ରୋମର ପୋପ ତାଙ୍କୁ ନିଜ ପକ୍ଷକୁ ଆଣିବାକୁ ଇଚ୍ଛା କରିଥିଲେ । ଶାର୍ଲେମେନ୍ ଖ୍ରୀଷ୍ଟଧର୍ମର ପୃଷ୍ଠପୋଷକ ଥିବାରୁ ସେ ବିଶେଷ ଆଶାନ୍ୱିତ ହୋଇଥିଲେ । ପରେ ଶାର୍ଲେମେନ୍ ରୋମକୁ ଯାଇଥିଲେ । ସେତେବେଳେ ତୃତୀୟ ଲିଓ ରୋମର ପୋପ ଥିଲେ । ସେ ଶାର୍ଲେମେନ୍ଙ୍କୁ ସନ୍ତୁଷ୍ଟ କରିବା ପାଇଁ ତାଙ୍କୁ ରୋମର ସମ୍ରାଟ ପଦରେ ଅଭିଷିକ୍ତ କରିଦେଲେ । ସେହି ଦିନ ଠାରୁ ରୋମ ସାମ୍ରାଜ୍ୟକୁ ପବିତ୍ର ରୋମ ସାମ୍ରାଜ୍ୟ (Holy Roman Empire) କୁହାଯାଇଥିଲା ।



ଶାର୍ଲେମେନ୍ ଯେ କେବଳ ବିଶାଳ ସାମ୍ରାଜ୍ୟର ଅଧୀଶ୍ୱର ଥିଲେ ତାହା ନୁହେଁ । ସେ ରାଜ୍ୟକୁ ଉତ୍ତମ ରୂପେ ଶାସନ କରିବା ପାଇଁ ଅନେକ ଆଇନ ପ୍ରଣୟନ କରିଥିଲେ । ଉଚ୍ଚ ବେତନ ଭୋଗୀ ଅନେକ ରାଜକର୍ମଚାରୀ ନିଯୁକ୍ତ କରିଥିଲେ ।

Digitized by srujanika@gmail.com

ସେମାନଙ୍କର କାର୍ଯ୍ୟକୁ ନିଜେ ପର୍ଯ୍ୟବେକ୍ଷଣ କରୁଥିଲେ । ସେ ନିଜେ ଲେଖି ପଢ଼ି ପାରୁନଥିଲେ; କିନ୍ତୁ ଶିକ୍ଷା ପ୍ରତି ତାଙ୍କର ଯଥେଷ୍ଟ ଆଦର ଥିଲା । ତାଙ୍କର ରାଜଧାନୀ ଏକ୍ସଲାଚାପେଲ (Aix-la-chapple) ଶିକ୍ଷାର ପ୍ରଧାନ କେନ୍ଦ୍ର ଥିଲା । ବିଭିନ୍ନ ଦେଶର ଶିକ୍ଷିତ ଲୋକମାନେ ଏଠାରେ ନିଯୁକ୍ତ ହୋଇଥିଲେ ଓ ରାଜ ଦରବାରରେ ଆଦର ଓ ସମ୍ମାନ ପାଉଥିଲେ । ତାଙ୍କ ସମୟରେ ଆରବରେ ହାରୁନ୍-ଅଲ୍-ରସିଦ୍ ରାଜା ଥିଲେ ଏବଂ ବାଇଜାଣ୍ଟାଇନ୍ ସାମ୍ରାଜ୍ୟରେ ଆଇରେନି ସାମ୍ରାଜ୍ଞୀ ଥିଲେ । ଚାର୍ଲେମେନ୍ ହାରୁନ୍-ଅଲ୍-ରସିଦଙ୍କ ସହିତ ଚିଠିପତ୍ର ଦ୍ୱାରା ସମ୍ପର୍କ ସ୍ଥାପନ କରିଥିଲେ । ଉଭୟଙ୍କ ମଧ୍ୟରେ ସଦ୍ଭାବ ସ୍ଥାପିତ ହୋଇଥିଲା । ୮୧୪ ଖ୍ରୀ: ରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଚାର୍ଲେମେନ୍ଙ୍କ ମୃତ୍ୟୁ ପରେ ତାଙ୍କ ସାମ୍ରାଜ୍ୟ ତାଙ୍କର ତିନି ପୁତ୍ରଙ୍କ ମଧ୍ୟରେ ବିଭକ୍ତ ହୋଇ ଯାଇଥିଲା । ସେମାନେ ଭଲ ଶାସନ କରି ନପାରିବାରୁ ରାଜ୍ୟରେ ବିଶୃଙ୍ଖଳା ଉପସ୍ଥିତ ହେଲା । ଉତ୍ତରରୁ ନର୍ସ ନାମକ ଦଳେ ଭ୍ରମଣଶୀଳ ଲୋକ ଆସି ଏହି ରାଜ୍ୟ ଆକ୍ରମଣ କରିଥିଲେ । ନର୍ସମାନଙ୍କ ଆକ୍ରମଣ ଫଳରେ ଇଉରୋପରେ ପୁନର୍ବାର ଅରାଜକତା ଉପସ୍ଥିତ ହେଲା । କେତେକ ବର୍ଷ ଏପରି ଅଶାନ୍ତିରେ କଟିବା ପରେ ଅଟୋ ଦ ଗ୍ରେଟ୍ ଜର୍ମାନୀରେ ଓ ହ୍ୟୁଗ କାପେଟ୍ ଫ୍ରାନ୍ସରେ ସ୍ୱତନ୍ତ୍ର ସ୍ୱାଧୀନରାଜ୍ୟ ସ୍ଥାପନ କରିଥିଲେ । ଏହି ଯୁଗରେ ଇଉରୋପର ଆଧୁନିକ ରାଜ୍ୟ ଗୁଡ଼ିକ ମଧ୍ୟ ଗଠିତ ହୋଇଥିଲା ।

ଚାର୍ଲେମେନ୍ଙ୍କ ମୃତ୍ୟୁ ପରେ ଇଉରୋପରେ ଯେ ବିଶୃଙ୍ଖଳା ଉପସ୍ଥିତ ହେଲା ତାହା ଫଳରେ ଦୁର୍ବଳ, ଦରିଦ୍ର ଓ ନିରକ୍ଷର

Digitized by srujanika@gmail.com

ପ୍ରଜାମାନଙ୍କର ଧନ ଓ ଜୀବନ ସର୍ବଦା ବିପଦସଙ୍କୁଳ ହୋଇଥିଲା । ଚୋର୍, ଡକାୟତ ଓ ବଳବାନର ଦୁର୍ବଳ ଉପରେ ଅତ୍ୟାଚାର ପ୍ରପୀଡ଼ନ ସଙ୍ଖ୍ୟାର ଚାରିଆଡ଼େ ଘଟିଲା । ଏସବୁ ବିପଦରୁ ରକ୍ଷା ପାଇବା ପାଇଁ ଦୁର୍ବଳ ଲୋକମାନେ ସବଳ ଲୋକଙ୍କର ଆଶ୍ରୟ ନେବାକୁ ଇଚ୍ଛା କଲେ । ଫଳରେ ବଳବାନ୍ ଓ ବୁଦ୍ଧିମାନ୍ ଲୋକଙ୍କ ଅଧୀନରେ ଅନେକ ଆଶ୍ରିତ ଲୋକ ରହିଲେ । ପରବର୍ତ୍ତୀ କାଳରେ ଏହି ପ୍ରଥା ଫିଉଡାଲ ପ୍ରଥା (Feudalism) ନାମରେ ଅଭିହିତ ହୋଇଥିଲା ଏବଂ ବହୁ ଦିନ ସ୍ଥାୟୀ ହୋଇଥିଲା ।

ଷଷ୍ଠ ଅଧ୍ୟାୟ

ମୁସଲମାନ ଧର୍ମ ଓ ସାମ୍ରାଜ୍ୟ

ପ୍ରାଚୀନ ଆରବ—ଆରବ ଦେଶର ଅଧିକାଂଶ ଅଞ୍ଚଳ ମରୁଭୂମି । ଏହି ଦେଶର ସମୁଦ୍ର ଉପକୂଳବର୍ତ୍ତୀ କେତେକ ସ୍ଥାନ ଉର୍ବର । ତେଣୁ ସେହି ଅଞ୍ଚଳରେ ମକ୍କା, ମଦିନା ପ୍ରଭୃତି କେତେକ ସହର ଦେଖାଯାଏ । ଏହି ସହର ମାନଙ୍କରେ ସ୍ଥିର ବାସିନ୍ଦାମାନେ ଘରଦ୍ୱାର କରି ଥିଲେ ଓ ଜମି ଚାଷ କରି ଜୀବିକା ନିର୍ବାହ କରୁଥିଲେ । ଅନ୍ୟାନ୍ୟ ଅଞ୍ଚଳ ଭ୍ରମଣଶୀଳ ଲୋକମାନଙ୍କର ବାସସ୍ଥାନ ଥିଲା । ଏହି ଦେଶରେ ଥିବା ଭ୍ରମଣଶୀଳ ଲୋକମାନେ ଦଳ ଦଳ ହୋଇ ବାସ କରୁଥିଲେ । ସମୟ ସମୟରେ ଦଳେ ଦଳେ ଭ୍ରମଣଶୀଳ ଲୋକ ଏ ଦେଶରୁ ପଳାଇଯାଇ ଅନ୍ୟାନ୍ୟ ଦେଶର ସ୍ଥିର ବାସିନ୍ଦାମାନଙ୍କ ସହିତ ଯୁଦ୍ଧ କରି ସେମାନଙ୍କୁ ଧ୍ୱଂସ କରି ତାଙ୍କ ଜାଗାରେ ରହୁଥିଲେ କିମ୍ବା ସେମାନଙ୍କ ଉପରେ ରାଜତ୍ୱ କରି ଓ ସେହିମାନଙ୍କ ସଭ୍ୟତା

Digitized by srujanika@gmail.com

ଅନୁକରଣ କରି ସଭ୍ୟ ହୋଉଥିଲେ । ଏହି ଦେଶରୁ ସେମିଟିକ୍ ଓ ହାମିଟିକ୍ ଲୋକମାନେ ଯାଇ ବେବିଲୋନ୍ ଓ ଏସିରିଆରେ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ପାଲେଷ୍ଟାଇନ୍‌ରେ ବାସ କରୁଥିବା ହିବ୍ରୁ ଓ ଜିଉମାନେ ପ୍ରଥମେ ଏହି ଦେଶର ଲୋକ ଥିଲେ । ଏହି ଦେଶର ସେମିଟିକ୍ ମାନେ ଫିନିସିଆରେ ରାଜ୍ୟ ସ୍ଥାପନ କରିଥିଲେ । ସେଠାରେ ରହିବା ପରେ ଫିନିସିଅନ୍-ମାନେ ଜଳ ପଥରେ ବାଣିଜ୍ୟ କରି କାଳ କ୍ରମେ ଗୋଟିଏ ବଡ଼ ବ୍ୟବସାୟୀ ଜାତି ହୋଇ ଉଠିଥିଲେ । ଏହି ଦେଶରେ ସେମିଟିକ୍, ହାମିଟିକ୍ ଓ ହିକ୍‌ସସ୍‌ମାନେ ଇଜିପ୍ଟରେ ମଧ୍ୟ ରାଜ୍ୟ ସ୍ଥାପନ କରି ବଡ଼ ଉନ୍ନତ ହୋଇଥିଲେ । ଏ ଦେଶରୁ ଚାଲିଯାଇ ବାହାରେ ଏ ଦେଶର ଲୋକମାନେ ବଡ଼ ଉନ୍ନତ କରିଥିଲେ କିନ୍ତୁ ଏ ଦେଶର ଯେଉଁମାନେ ବାହାରକୁ ଯାଇନଥିଲେ ସେମାନେ ସେହିପରି ଅନୁନ୍ନତ ଥିଲେ ଓ ପ୍ରଧାନତଃ ଭ୍ରମଣଶୀଳ ଜୀବନ ଯାପନ କରୁଥିଲେ ।

ଷଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଏ ଦେଶରେ ଲୋକମାନେ ବଡ଼ ସରଳ ଜୀବନ ଯାପନ କରୁଥିଲେ । ସେମାନେ ବଡ଼ ଅଭିମାନୀ ଓ କଳହପ୍ରିୟ ଥିଲେ । ମକ୍କା ସେମାନଙ୍କର ପ୍ରଧାନ ତୀର୍ଥସ୍ଥାନ ଥିଲା । ସେମାନେ ଅନେକ ଦେବ ଦେବୀଙ୍କୁ ପୂଜା କରୁଥିଲେ । ସେମାନଙ୍କର ପ୍ରଧାନ ମନ୍ଦିର ମକ୍କାରେ ଥିଲା । ତାହାର ନାମ କାବା । ସେହି ମନ୍ଦିରରେ ୩୬୦ଟି ଦେବ ଦେବୀଙ୍କର ମୂର୍ତ୍ତି ଥିଲା । ଗୋଟିଏ ପ୍ରକାଣ୍ଡ କୃଷ୍ଣବର୍ଣ୍ଣ ପ୍ରସ୍ତର ଏହି ଦେବ-ଦେବୀମାନଙ୍କ ମଧ୍ୟରେ ସର୍ବ ଶ୍ରେଷ୍ଠ ଥିଲା । ଆରବରେ ବାସ କରୁ-ଥିବା ବିଭିନ୍ନ ଦଳମାନଙ୍କ ମଧ୍ୟରେ ସର୍ବଦା ବିବାଦ ଥିଲେ ସୁଦ୍ଧା ସେମାନେ ବର୍ଷରେ ଥରେ ଦଳଗତ ବିବାଦ ଭୁଲିଯାଇ ମକ୍କାକୁ

Digitized by srujanika@gmail.com

ତୀର୍ଥ ଦର୍ଶନ କରିବାକୁ ଯାଉଥିଲେ । ମଦିନାର ଲୋକମାନେ ଜିଉ ଧର୍ମ ଦ୍ୱାରା ପ୍ରଭାବିତ ହୋଇ ଥିବାରୁ ମକ୍କାର ଲୋକମାନେ ମଦିନାର ଲୋକମାନଙ୍କୁ ଘୃଣା କରୁଥିଲେ ।

ମହମ୍ମଦ—ମହମ୍ମଦ ମକ୍କାରେ ୫୭୦ ଖ୍ରୀଷ୍ଟାବ୍ଦରେ ଗୋଟିଏ ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରିଥିଲେ । ଜନ୍ମର କିଛି ଦିନ ପୂର୍ବରୁ ତାଙ୍କ ପିତା ଏବଂ ଜନ୍ମ ହେବାର କେତେ ବର୍ଷ ପରେ ତାଙ୍କର ମାତା ମଧ୍ୟ ମରିଯାଇଥିଲେ । ଅସହାୟ ଅବସ୍ଥାରେ ପଡ଼ି ପିଲାଦିନେ ସେ ମେଷପାଳକ ରୂପେ ଜୀବନ କଟାଇ ଥିଲେ । କ୍ରମେ ବାଲ୍ୟାବସ୍ଥା ଅତିକ୍ରମ କରି ଯୌବନରେ ପଦାର୍ପଣ କଲେ । ତାଙ୍କୁ ୨୫ ବର୍ଷ ବୟସ ବେଳେ ସେ ଖାଦେଜା ନାମକ ଜଣେ ଧନୀ ବିଧବାଙ୍କ ଘରେ ଚାକିରି କଲେ । ପରେ ଖାଦେଜା ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ବିବାହ କଲେ । ଖାଦେଜାଙ୍କୁ ବିବାହ କରିବା ପରେ ତାଙ୍କ ଜୀବନରେ ଗୋଟିଏ ନୂତନ ଅଧ୍ୟାୟ ଫିଟିଥିଲା । ଭରଣ ପୋଷଣ ପାଇଁ କୌଣସି କାର୍ଯ୍ୟ କରିବାକୁ ନପଡ଼ିବାରୁ ସେ ଅଧିକାଂଶ ସମୟ ଧର୍ମ ଚର୍ଚ୍ଚାରେ କଟାଇଲେ । ସେ ସମୟରେ ଜିଉମାନେ ମଦିନାରେ ଧର୍ମ ପ୍ରଚାର କରୁଥିଲେ । ମହମ୍ମଦ ବହୁବାର ମଦିନାକୁ ଯାଇ ଜିଉମାନଙ୍କଠାରୁ ସେମାନଙ୍କର ଧର୍ମ ବିଷୟରେ ଶୁଣିଥିଲେ । ସମ୍ଭବତଃ 'ଈଶ୍ୱର ଏକ' ଏହି ଧାରଣା ମହମ୍ମଦ ଜିଉମାନଙ୍କଠାରୁ ଗ୍ରହଣ କରିଥିଲେ ।

କିଛି ଦିନ ପର୍ଯ୍ୟନ୍ତ ମହମ୍ମଦ ତାଙ୍କ ସ୍ତ୍ରୀ ଓ ଚାକରମାନଙ୍କ ପାଖରେ 'ଈଶ୍ୱର ଏକ' ଏହି ସମ୍ବନ୍ଧରେ ଗପ କରିଥିଲେ । କାବା ମନ୍ଦିରର ଦେବଦେବୀମାନଙ୍କ ସମ୍ବନ୍ଧରେ ସେ ବହୁ ଚିନ୍ତା କରିଥିଲେ ଏବଂ ସେମାନେ ଯେ ଦେବତା ନୁହନ୍ତି ଏହା ତାଙ୍କର ଧାରଣା

Digitized by srujanika@gmail.com

ଖୋଇଥିଲା । ଭଗବାନଙ୍କ ସମ୍ବନ୍ଧରେ ତାଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ଧାରଣା ହେବା ପରେ ସେ ପ୍ରକାଶ୍ୟରେ ଜନସାଧାରଣରେ 'ଈଶ୍ୱର ଏକ' ଏହି ସମ୍ବନ୍ଧରେ ବକ୍ତୃତା ଦେବାକୁ ଲାଗିଲେ । ସେ ଯେଉଁ ନୂତନ ଧର୍ମ ପ୍ରଚାର କରିଥିଲେ ତାକୁ ଇସଲାମ ଧର୍ମ କୁହାଯାଏ । ଏହି ଧର୍ମର ସାରତତ୍ତ୍ୱ ହେଉଛି—ଈଶ୍ୱର ଏକ । ତାଙ୍କୁ ଭକ୍ତି କଲେ ଓ ସତ୍ କାର୍ଯ୍ୟ କଲେ ଲୋକ ସ୍ୱର୍ଗକୁ ଯାଏ । ତାଙ୍କୁ ଅବଜ୍ଞା କଲେ ଓ ଅସତ୍ କାର୍ଯ୍ୟ କଲେ ଲୋକ ନରକଗାମୀ ହୁଏ । ଦୈନନ୍ଦିନ କାର୍ଯ୍ୟକୁ ସତ୍ ମାର୍ଗରେ ନିୟନ୍ତ୍ରଣ କରିବା ପାଇଁ ସେ କେତେକ ନିୟମ ଗଠନ କରିଥିଲେ । ତାଙ୍କର ଉପଦେଶାବଳୀ କୋରାନ୍ ନାମକ ଧର୍ମ ପୁସ୍ତକରେ ଲିଖିତ ଅଛି ।

ଇସ୍‌ଲାମ ଧର୍ମ ପ୍ରଚାର—ମକ୍‌କାରେ ଧର୍ମ ପ୍ରଚାର କରିବା ପାଇଁ ମହମ୍ମଦଙ୍କୁ ବଡ଼ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା । ମକ୍‌କାରେ ବାସ କରୁଥିବା ପ୍ରାୟ ପ୍ରତ୍ୟେକ ଗୃହସ୍ଥ କାବା ମନ୍ଦିରର ପୁରୋହିତ ଥିଲେ ଏବଂ ମନ୍ଦିରରୁ ଯାହା ପାଉଥିଲେ ସେଥିରେ ନିଜ ପରିବାରର ଭରଣ ପୋଷଣ ଚଳାଉଥିଲେ । ମହମ୍ମଦ କାବା ମନ୍ଦିରରେ ଥିବା ମୂର୍ତ୍ତି ଗୁଡ଼ିକ ଦେବତା ବୋଲି ସ୍ୱୀକାର କରି ନଥିଲେ । ମହମ୍ମଦଙ୍କ ଧର୍ମ ପ୍ରସାର ଲାଭ କଲେ ସେମାନଙ୍କର ଅଯ୍ୟର ପନ୍ଥା ଲୋପ ପାଇଯିବ ବୋଲି ସେମାନେ ଅଶଙ୍କା କରିଥିଲେ । ତେଣୁ ସେମାନେ ମହମ୍ମଦଙ୍କ ପ୍ରଚାରରେ ଅସନ୍ତୋଷ ପ୍ରକାଶ କରିଥିଲେ । କିନ୍ତୁ ଖାଦେଜା ପ୍ରତିବର୍ଷ ମନ୍ଦିରକୁ ବିପୁଳ ଅର୍ଥ ଦାନ କରୁଥିବାରୁ ଓ ମକ୍‌କାରେ ତାଙ୍କର ବିଶେଷ ପ୍ରତିପତ୍ତି ଥିବାରୁ ସେମାନେ ମହମ୍ମଦଙ୍କୁ ବାଧା ଦେଇପାରି ନଥିଲେ । ଖାଦେଜାଙ୍କ ମୃତ୍ୟୁପରେ ଅବସ୍ଥା ଭିନ୍ନ ଆକାର ଧାରଣ କଲା । ମକ୍‌କାର ଲୋକମାନେ

Digitized by srujanika@gmail.com

ମହମ୍ମଦଙ୍କ ବିରୁଦ୍ଧରେ ସମବେତ ହେଲେ । ସେମାନଙ୍କ ଉତ୍ତେଜନାକୁ ସମ୍ଭାଳି ନପାରି ମହମ୍ମଦ ଥରେ କାବା ମନ୍ଦିରକୁ ଯାଇଥିଲେ ଏବଂ ସେଥିରେ ଥିବା ମୂର୍ତ୍ତିଗୁଡ଼ିକ ଯେ ପ୍ରକୃତ ଦେବତା ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ । କିନ୍ତୁ ସେଠାରୁ ଫେରି ସେ ଘୋର ଅନୁତାପ କରିଥିଲେ ଏବଂ ଆଉ ଜୀବନରେ ସେପରି କରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ ।

ଏହି ଘଟନା ପରେ ମହମ୍ମଦ ପୁନର୍ବାର ନିଜର ବିଶ୍ୱାସ ଅନୁସାରେ ପୂର୍ବପରି ପ୍ରଚାର କାର୍ଯ୍ୟ ଆରମ୍ଭ କଲେ । ଏଥିରେ ମକ୍କାର ଲୋକମାନେ ଘୋର ଉତ୍ତ୍ୟକ୍ତ ହୋଇ ତାଙ୍କୁ ହତ୍ୟା କରି-ବାକୁ ସ୍ଥିର କଲେ । ମହମ୍ମଦ ପ୍ରାଣ ଭୟରେ ମକ୍କାରୁ ୬୨୨ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ମାସ ୨୦ ତାରିଖରେ ମଦିନାକୁ ପଳାଇ ଯାଇଥିଲେ । ସେହି ଦିନଠାରୁ ମୁସଲମାନମାନଙ୍କର ହିଜିରି ଅବ୍ଦ ପ୍ରଚଳିତ ଅଛି ।

ମଦିନାରେ ଧର୍ମ ପ୍ରଚାର କରିବାକୁ ମହମ୍ମଦଙ୍କୁ କଷ୍ଟ ସ୍ୱୀକାର କରିବାକୁ ପଡ଼ି ନଥିଲା । ମଦିନା ଓ ମକ୍କା ମଧ୍ୟରେ ଆଗରୁ ଶତ୍ରୁତା ଥିଲା । 'ଈଶ୍ୱର ଏକ' ଏକଥା ମଦିନାର ଲୋକମାନେ ଯିହୁଦୀମାନଙ୍କ ଠାରୁ ବହୁବାର ଶୁଣିଥିଲେ । ତେଣୁ ସେମାନେ ସହଜରେ ମହମ୍ମଦଙ୍କ ଧର୍ମ ଗ୍ରହଣ କରିଥିଲେ । ମଦିନାର ଲୋକେ ଇସ୍‌ଲାମ ଧର୍ମ ଗ୍ରହଣ କରି ସାରିବା ପରେ ମହମ୍ମଦ ସେହିମାନଙ୍କ ସାହାଯ୍ୟରେ ମକ୍କାରେ ଧର୍ମ ପ୍ରଚାର କରିବାକୁ ବାହାରିଲେ । ମଦିନାର ଲୋକମାନେ ଅସ୍ତ୍ର ଶସ୍ତ୍ର ସଜ୍ଜିତ ହୋଇ ଯାଇଥିଲେ; କିନ୍ତୁ ମକ୍କାର ଲୋକମାନେ ଯୁଦ୍ଧ ପାଇଁ ଆଦୌ ପ୍ରସ୍ତୁତ ନଥିଲେ । ମହମ୍ମଦ ମକ୍କାରେ ପ୍ରବେଶ କରିବା ପରେ (୬୨୯ ଖ୍ରୀ:) ମକ୍କାର ଲୋକମାନେ ସାମାନ୍ୟ ପ୍ରତିରୋଧ କରି ପରାସ୍ତ

Digitized by srujanika@gmail.com

ହୋଇଥିଲେ ଏବଂ ବାଧ୍ୟ ହୋଇ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ଏହି ଘଟଣାର ତିନି ବର୍ଷ ମଧ୍ୟରେ ମହମ୍ମଦ ସମସ୍ତ ଆରବ ଦେଶ ଜୟ କରି ଆରବବାସୀମାନଙ୍କୁ ନିଜ ଧର୍ମରେ ଦୀକ୍ଷିତ କରିଥିଲେ । ୬୩୨ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଓମେୟାଦ୍ ବଂଶ—ମହମ୍ମଦ ଧର୍ମ ପ୍ରଚାର କରୁକରୁ ଆରବର ଶାସନ ଭାର ମଧ୍ୟ ଗ୍ରହଣ କରିଥିଲେ । ସେ ମଦିନାରେ ରହି ଶାସନ କରୁଥିଲେ । ଅବୁବେକ୍‌ର ତାଙ୍କର ପ୍ରଧାନ ଶିଷ୍ୟ ଥିଲେ । ମହମ୍ମଦ ଅବୁବେକ୍‌ରଙ୍କ କନ୍ୟାଙ୍କୁ ବିବାହ କରିଥିଲେ । ଅବୁବେକ୍‌ର ମହମ୍ମଦଙ୍କୁ ବହୁ ବିପଦରୁ ରକ୍ଷା କରିଥିଲେ ଏବଂ ନିଷ୍ଠାପର ଭାବରେ ତାଙ୍କ ଧର୍ମ ପ୍ରଚାର କରୁଥିଲେ । ମହମ୍ମଦଙ୍କ ପରେ ତାଙ୍କ ଧର୍ମକୁ ରକ୍ଷା କରିବା ଓ ପ୍ରଚାର କରିବା ପାଇଁ ତାଙ୍କ ଛଡ଼ା ଆଉ କେହି ଲୋକ ଆରବରେ ନଥିଲେ । ତେଣୁ ଅବୁ-ବେକ୍‌ର ମହମ୍ମଦଙ୍କ ପରେ ଆରବର ଶାସନ ଭାର ଗ୍ରହଣ କରିଥିଲେ ଏବଂ ଖାଲିଫ୍ (ଉତ୍ତରାଧିକାରୀ) ପଦ ଧାରଣ କରିଥିଲେ । ମହମ୍ମଦ କିମ୍ବା ଅବୁବେକ୍‌ର ନିଜକୁ ରଜା ବୋଲି ଭାବୁ ନଥିଲେ । ସେମାନେ ଦେଶର ନେତା ବା ଚାଳକ ଥିଲେ । ମହମ୍ମଦ ବଞ୍ଚିଥିବା ବେଳେ ସିରିୟା ଜୟ କରିବା ପାଇଁ ଆଶା ପୋଷଣ କରିଥିଲେ । କିନ୍ତୁ ତାହା ଅପୂର୍ଣ୍ଣ ଥିଲା । ଅବୁବେକ୍‌ର ଖାଲିଫ୍ ହେବା ପରେ ସିରିୟା ବିରୁଦ୍ଧରେ ଯୁଦ୍ଧ କଲେ । ସିରିୟା ଆରବ ସାମ୍ରାଜ୍ୟ ଭୁକ୍ତ ହେଲା । ତତ୍ପରେ ଆରବୀୟମାନେ ରାଜ୍ୟ ଜୟ କରିବା ପାଇଁ ଓ ବ୍ୟବସାୟ ବାଣିଜ୍ୟ କରିବା ପାଇଁ ପୂର୍ବ ଓ ପଶ୍ଚିମରେ ଥିବା ରାଜ୍ୟମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବା ଆବଶ୍ୟକ ହେଲା । ଏସବୁ କରିବା ପାଇଁ ଦାମସ୍କସ୍ ରାଜଧାନୀ ହେବା ଏକାନ୍ତ

Digitized by srujanika@gmail.com

ଅବଶ୍ୟକ ଥିଲା । ତେଣୁ ଅବୁବେକ୍‌ର ମଦିନାରୁ ଦାମସ୍କସ୍‌କୁ ରାଜଧାନୀ ଉଠାଇ ନେଇଥିଲେ । ୬୩୪ ଖ୍ରୀ: ରେ ଆବୁବେକ୍‌ରଙ୍କର ମୃତ୍ୟୁ ହୋଇଥିଲା ।

ଅବୁବେକ୍‌ରଙ୍କ ପରେ ମହମ୍ମଦଙ୍କ ଶାଳକ ଓମର ଖାଲିଫ ହୋଇଥିଲେ । ସେ ମଧ୍ୟ ମହମ୍ମଦ ଓ ଅବୁବେକ୍‌ରଙ୍କ ପରି ସରଳ ଓ ନିରଳସ ଜୀବନ ଯାପନ କରି ଆରବୀୟମାନଙ୍କର ଆଦର୍ଶ ସ୍ଥାନୀୟ ହୋଇଥିଲେ । ତାଙ୍କ ଚେଷ୍ଟାରେ ଆରବୀୟମାନେ ଇଜିପ୍‌ଟ, ମେସୋପୋଟାମିଆ, ପାରସ୍ୟ ଓ ଜେରୁଜେଲମ୍ ଜୟ କରିଥିଲେ । ପାରସ୍ୟ ଜୟ କରିବା ପାଇଁ ତୁମୁଳ ସଂଗ୍ରାମ କରିବାକୁ ପଡ଼ିଥିଲା । ସେତେବେଳେ ପାର୍ଥୀୟମାନେ ପାରସ୍ୟରେ ରାଜତ୍ୱ କରୁଥିଲେ । ପାର୍ଥୀୟମାନଙ୍କର ରଜା ରୁସ୍ତାମ୍ ହସ୍ତୀମାନଙ୍କ ସାହାଯ୍ୟରେ ଯୁଦ୍ଧ କରିଥିଲେ । ଯୁଦ୍ଧ କ୍ଷେତ୍ରରେ ହସ୍ତୀମାନେ ଆହତ ହୋଇ ଇତସ୍ତତଃ ପଳାଇବାକୁ ଲାଗିଲେ । ଏତଦ୍ଦ୍ୱାରା ସୈନ୍ୟମାନଙ୍କ ମଧ୍ୟରେ ବିଶୃଙ୍ଖଳା ଉପସ୍ଥିତ ହେଲା । କିଛି ସମୟ ଏହିପରି ଇତସ୍ତତଃ ହେବା ପରେ ପାର୍ଥୀୟ ସୈନ୍ୟମାନଙ୍କୁ ଫିଙ୍ଗାଇ ଦେଇ ହସ୍ତୀମାନେ ବାହାରକୁ ପଳାଇ ଗଲେ । ଏହି ସୁଯୋଗ ପାଇ ଆରବୀୟମାନେ ପାରସ୍ୟର ବିଶୃଙ୍ଖଳିତ ସୈନ୍ୟମାନଙ୍କୁ ଆକ୍ରମଣ କଲେ । ପାର୍ଥୀୟମାନେ ପରାସ୍ତ ହେଲେ । ରୁସ୍ତାମ୍ ମଧ୍ୟ ଏହି ଯୁଦ୍ଧରେ ନିହତ ହୋଇଥିଲେ ।

ଜେରୁଜେଲମ୍‌ର ସୈନ୍ୟମାନେ ଆରବୀୟମାନଙ୍କ ଦ୍ୱାରା ପରାସ୍ତ ହୋଇଥିଲେ ସତ୍ୟ କିନ୍ତୁ ସେମାନେ ଆରବୀୟ ସୈନ୍ୟମାନଙ୍କଠାରେ ଆତ୍ମସମର୍ପଣ ନ କରି ଓମାରଙ୍କ ପାଖରେ ଆତ୍ମସମର୍ପଣ କରିବାକୁ କହିଲେ । ଓମାର ସେତେବେଳେ ମଦିନାରେ ଥିଲେ ।

Digitized by srujanika@gmail.com

ମଦିନାରୁ ଜେରୁଜେଲମ୍ ୬୦୦ ମାଇଲ ଦୂର । ତଥାପି ଓମାର ଗୋଟିଏ ଓଟ ଉପରେ ଚଢ଼ି ଜଣେ ଚାକର ସଙ୍ଗରେ ନେଇ ଜେରୁଜେଲମ୍‌କୁ ଗଲେ । ସେଠାରେ ପହଞ୍ଚିବା ବେଳେ ତାଙ୍କର ସେନାପତିମାନେ ମୂଲ୍ୟବାନ୍ ପୋଷାକ ପିନ୍ଧି ତାଙ୍କୁ ଅଭ୍ୟର୍ଥନା କରିବାକୁ ଆସିଥିଲେ । ଏହା ଦେଖି ଓମାର ବିରକ୍ତ ହୋଇ ଓଟରୁ ଓହ୍ଲାଇ ପଡ଼ି ସେମାନଙ୍କୁ ତିରସ୍କାର କରିଥିଲେ ଓ ସେମାନଙ୍କୁ ବାଲି ଓ ପଥର ଫୋପାଡ଼ିଥିଲେ । ସେମାନେ ଭୟରେ ଦୂରକୁ ପଳାଇ ଗଲେ ଏବଂ ଓମାରଙ୍କ ପଛେ ପଛେ ଚାଲିଥିଲେ ! ଜେରୁଜେଲମ୍ ଅଧିକାର କରିବା ପରେ ସେ ତାଙ୍କର ସେନାପତି ମାନଙ୍କୁ ମହମ୍ମଦଙ୍କ ପରି ସରଳ ଜୀବନ ଯାପନ କରିବାକୁ ପରାମର୍ଶ ଦେଇଥିଲେ ।

ଅବୁବେକ୍‌ର ଓ ଓମାର ଯେଉଁ ଆଦର୍ଶ ସ୍ଥାପନ କରିଥିଲେ ସେହି ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ଆରବୀୟମାନେ ବହୁଦେଶ ଜୟ କରିଥିଲେ । ମହମ୍ମଦଙ୍କ ମୃତ୍ୟୁର ଏକଶତ ବର୍ଷ ମଧ୍ୟରେ ମୁସଲମାନମାନେ ପୂର୍ବରେ ସିନ୍ଧୁନଦୀ ପର୍ଯ୍ୟନ୍ତ, ଉତ୍ତରରେ ଚୀନଦେଶ ପର୍ଯ୍ୟନ୍ତ ଓ ପଶ୍ଚିମରେ ସ୍ପେନ ପର୍ଯ୍ୟନ୍ତ ରାଜ୍ୟ ଜୟ କରି ବିଶାଳ ସାମ୍ରାଜ୍ୟ ସ୍ଥାପନ କରିପାରିଥିଲେ । ଏହାର ଅନ୍ୟାନ୍ୟ କାରଣ ମଧ୍ୟ ଥିଲା । ପ୍ରଥମତଃ ସେ ସମୟରେ ରୋମ ସାମ୍ରାଜ୍ୟର ପତନ ହୋଇସାରି ଥିଲା ଏବଂ ନୋର୍ଡ଼ିକ୍‌ମାନେ ଇଉରୋପରେ ନୂତନ ରାଜ୍ୟମାନ ଗଠନ କରୁଥିଲେ । ଦ୍ୱିତୀୟତଃ ଖ୍ରୀଷ୍ଟଧର୍ମ ଅପେକ୍ଷା ମୁସଲମାନ ଧର୍ମର ତତ୍ତ୍ୱ ବୁଝିବା ସହଜ ଥିଲା । ତୃତୀୟତଃ ଇଉରୋପୀୟ ସମାଜରେ ଧନୀ ଓ ଦରିଦ୍ରମାନଙ୍କ ମଧ୍ୟରେ ଆଦୌ ସଦ୍‌ଭାବ ନଥିଲା; ମୁସଲମାନମାନେ ସାମ୍ୟ ଓ ମୈତ୍ରୀ ଭାବ ପ୍ରଚାର

Digitized by srujanika@gmail.com

କରୁଥିଲେ । ଏସବୁ କାରଣରୁ ମୁସଲମାନମାନେ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ନିଜ ଧର୍ମରେ ଦୀକ୍ଷିତ କରି ପାରୁଥିଲେ । ମୁସଲମାନ ସୈନ୍ୟମାନେ ସ୍ପେନ ଜୟ କରିସାରି ଫ୍ରାନ୍ସ୍ ମଧ୍ୟ ଆକ୍ରମଣ କରିଥିଲେ । ଫ୍ରାନ୍ସ୍‌ର ମେୟର ଚାର୍ଲସ୍ ମାର୍ଟେଲ୍ ଟୁର ଯୁଦ୍ଧରେ ମୁସଲମାନମାନଙ୍କୁ ପରାସ୍ତ କରିବା ପରେ ସେମାନଙ୍କର ଅଗ୍ରଗତି ସେହିଠାରେ ଶେଷ ହୋଇଥିଲା ।

ଅବୁବେକର୍ ଓ ଓମାରଙ୍କ ପରେ ଖାଲିଫ୍‌ମାନେ ବିଳାସୀ ହୋଇଯାଇଥିଲେ । ସେମାନେ ମହମ୍ମଦଙ୍କ ମହତ୍ତ୍ୱ ଆଦର୍ଶ ଭୁଲି-ଯାଇ କ୍ଷମତା ଲୋଭରେ ଖାଲିଫ ପଦ ପାଇଁ ପରସ୍ପର ମଧ୍ୟରେ ଯୁଦ୍ଧ କରୁଥିଲେ । ଏହି ଯୁଦ୍ଧ ଫଳରେ ମୁସଲମାନମାନେ କାଳ-କ୍ରମେ ଶିଆ ଓ ସୁନ୍ନୀ ଏପରି ଦୁଇ ଦଳରେ ବିଭକ୍ତ ହୋଇ ଯାଇଥିଲେ । ଓମେୟାବ୍ ଖାଲିଫ୍‌ମାନେ ୭୫୦ ଖ୍ରୀ: ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ ।

ମହମ୍ମଦଙ୍କ ପିତୃବ୍ୟ ଅବ୍‌ବାସ୍‌ଙ୍କର ଜଣେ ବଂଶଧର ଓମେୟାବ୍ ବଂଶର ଶେଷ ଖାଲିଫ୍‌ଙ୍କୁ ହତ୍ୟାକରି (୭୫୦) ଆରବର

Digitized by srujanika@gmail.com

ଖାଲିଫ୍ ହୋଇଥିଲେ । ସେ ଓମେୟାବ୍ ବଂଶରେ ଥିବା ସବୁ ପୁରୁଷ ଲୋକମାନଙ୍କୁ ହତ୍ୟା କରି ମୃତ ଶରୀର ଗୁଡ଼ିକୁ ଏକ ସ୍ଥାନରେ ଜମା କରିଥିଲେ ଏବଂ ତାହା ଉପରେ ଗୋଟିଏ ଚମତ୍କାର ଦରି ପକାଇଥିଲେ । ସେହି ଦରି ଉପରେ ବସି ସେ ତାଙ୍କର ବନ୍ଧୁମାନଙ୍କ ସହିତ ଭୋଜନ କରିଥିଲେ । ଏହାଙ୍କଦ୍ୱାରା ସ୍ଥାପିତ ରାଜବଂଶକୁ ଅବାସିଦ୍ ରାଜବଂଶ କୁହାଯାଏ । ହାରୁନ୍-ଅଲ୍-ରସିଦ ଏହି ବଂଶର ଶ୍ରେଷ୍ଠ ରାଜା ଥିଲେ ।

ଆବାଶିଦ୍ ବଂଶ—ହାରୁନ୍-ଅଲ୍-ରସିଦ ଅବାଶିଦ୍ ବଂଶର ଶ୍ରେଷ୍ଠ ରାଜା ଥିଲେ । ସେ ୭୮୬ ଖ୍ରୀଷ୍ଟାବ୍ଦରେ ସିଂହାସନ ଅରୋହଣ କରିଥିଲେ । ଖାଲିଫ୍ ହେବା ପରେ ସେ ଡାମସ୍କସ୍‌ରୁ ବାଗ୍‌ଦାଦକୁ ରାଜଧାନୀ ଉଠାଇ ନେଇଥିଲେ । ଅରବ ଉପନ୍ୟାସଗୁଡ଼ିକ ତାଙ୍କର କୀର୍ତ୍ତିରେ ପୂର୍ଣ୍ଣ । ଦୟା, କ୍ଷମା, ସୁବିଚାର ଓ ସୁଶାସନ ପାଇଁ ସେ ଜଗତ ବିଖ୍ୟାତ ହୋଇଅଛନ୍ତି । ତାଙ୍କର ପ୍ରଗାଢ଼ ଯତ୍ନରେ ବାଗ୍‌ଦାଦ ସାରା ପୃଥିବୀରେ ଗୋଟିଏ ବିଖ୍ୟାତ ଶିକ୍ଷା କେନ୍ଦ୍ର ହୋଇଥିଲା । ସେ ଅରବ ସାମ୍ରାଜ୍ୟରେ ଅତୁର ମଧ୍ୟ ଅନେକ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ । ସେ ଦେଶରେ ଅନେକ ଚିକିତ୍ସାଳୟ, ବିଦ୍ୟାଳୟ, କଲେଜ ସ୍ଥାପନ କରିଥିଲେ ଏବଂ ଦେଶ ବିଦେଶରେ ବ୍ୟବସାୟ ବାଣିଜ୍ୟ କରିବା ପାଇଁ ବ୍ୟବସାୟୀମାନଙ୍କୁ ଉତ୍ସାହିତ କରିଥିଲେ । ସେ ଅନେକ ରାଜକର୍ମଚାରୀ ନିଯୁକ୍ତ କରିଥିଲେ ଏବଂ ଛଦ୍ମ ବେଶରେ ଚାରିଆଡ଼େ ଭ୍ରମଣ କରି କର୍ମଚାରୀମାନଙ୍କର କାର୍ଯ୍ୟ ପରିଦର୍ଶନ କରୁଥିଲେ । ତାଙ୍କ ସମୟରେ ଫ୍ରାନ୍ସରେ ଚାର୍ଲେମେନ୍ ସମ୍ରାଟ ଥିଲେ । ହାରୁନ୍ ଚାର୍ଲେମେନ୍‌ଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ । ୮୦୯ ଖ୍ରୀଷ୍ଟାବ୍ଦରେ ତାଙ୍କର

Digitized by srujanika@gmail.com

ମୃତ୍ୟୁ ଘଟିଥିଲା । ତାଙ୍କର ମୃତ୍ୟୁପରେ ଆରବ ସାମ୍ରାଜ୍ୟ ଖଣ୍ଡ ଖଣ୍ଡ ହୋଇ ଯାଇଥିଲା । ସେଲ୍‌ଜକ୍ ତୁର୍କୀମାନେ ଏହି ରାଜ୍ୟ ଆକ୍ରମଣ କରି ଅଧିକାର କରିଥିଲେ ।

ଆରବ ସଭ୍ୟତା—ଆରବୀୟମାନେ ଅନ୍ୟାନ୍ୟ ସଭ୍ୟ ଦେଶମାନଙ୍କ ସଂସ୍ପର୍ଶରେ ଆସି ସଭ୍ୟ ହୋଇଥିଲେ । କ୍ରମେ ଏହି ଦେଶରେ ଅନେକ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଆରବୀୟମାନେ ସାହିତ୍ୟ, ଗଣିତ, ଦର୍ଶନ, କଳା ଓ ସ୍ଥାପତ୍ୟ ପ୍ରଭୃତି ପ୍ରତ୍ୟେକ ବିଭାଗରେ ଉନ୍ନତି କରିଥିଲେ । ସେମାନେ ବିଜ୍ଞାନ ଚର୍ଚ୍ଚାରେ ମଧ୍ୟ ବିଶେଷ ଉନ୍ନତି କରିଥିଲେ । ଇଉରୋପୀୟମାନେ ପ୍ରଥମେ ଆରବୀୟମାନଙ୍କଠାରୁ ବିଜ୍ଞାନ ବିଷୟରେ ଶିକ୍ଷା ଲାଭ କରିଥିଲେ । ତେଣୁ ଆଧୁନିକ ବିଜ୍ଞାନ ଯୁଗର ସଭ୍ୟତାକୁ ଆରବୀୟ ସଭ୍ୟତାର ଦାନ ବୋଲି କୁହାଯାଏ । ବାଇଜାଣ୍ଟିଅମ୍ ଓ ପାରସ୍ୟ ଦେଶର ସଂସ୍ପର୍ଶରେ ଆସି ଆରବୀୟମାନେ ସମାଜରେ ସ୍ତ୍ରୀ ଲୋକମାନଙ୍କ ମଧ୍ୟରେ ପର୍ଦ୍ଦା ପ୍ରଥା ଚଳାଇଥିଲେ । ମୁସଲମାନ୍‌ମାନେ ଭାରତକୁ ଆସିବା ପରେ ଏହି ପ୍ରଥା ଭାରତରେ ବ୍ୟାପିଥିଲା ।

କ୍ରୁସେଡ଼ ଯୁଦ୍ଧ—ଏକାଦଶ ଶତାବ୍ଦୀର ପ୍ରାରମ୍ଭରେ ସେଲ୍‌ଜକ୍ ତୁର୍କୀମାନେ ଓକ୍‌ସସ୍ ନଦୀ ପାରହୋଇ ଦକ୍ଷିଣ ଅଞ୍ଚଳକୁ ଗତି କରିଥିଲେ । ଆରବ ସାମ୍ରାଜ୍ୟରେ ପ୍ରବେଶ କରି ସେମାନେ ମୁସଲମାନ୍ ଧର୍ମ ଗ୍ରହଣ କରିଥିଲେ । ସେମାନେ ଖଲିଫଙ୍କ ଉପରେ କ୍ଷମତା ବିସ୍ତାର କରିଥିଲେ । ସେମାନଙ୍କର ନେତା ୧୦୫୮ ଖ୍ରୀଷ୍ଟାବ୍ଦରେ ସୁଲ୍‌ତାନ୍ ଉପାଧି ଧାରଣକରି ଆରବ ସାମ୍ରାଜ୍ୟର ଶାସନ ଭାର ଗ୍ରହଣ କରିଥିଲେ । ଏଥିପୂର୍ବେ ପାଲେ-ଷ୍ଟାଇନ୍ ଆରବୀୟ ମୁସଲମାନମାନଙ୍କ ଅଧୀନରେ ଥିଲା । ସେ

Digitized by srujanika@gmail.com

ସମୟରେ ଖ୍ରୀଷ୍ଟୀୟାନ୍‌ମାନେ ଅବାଧରେ ପାଲେଷ୍ଟାଇନ୍‌କୁ ଯିବା ଆସିବା କରିପାରୁଥିଲେ । ସେଲଜୁକ୍ ତୁର୍କୀମାନେ ଖ୍ରୀଷ୍ଟୀୟାନ୍‌ମାନଙ୍କୁ ଭଲ ପାଉନଥିଲେ । ସେଲଜୁକ୍ ତୁର୍କୀମାନେ ପାଲେଷ୍ଟାଇନ୍‌କୁ ଆସୁଥିବା ଖ୍ରୀଷ୍ଟୀୟାନ୍ ତୀର୍ଥ ଯାତ୍ରୀମାନଙ୍କ ଉପରେ ନାନାପ୍ରକାର ଅତ୍ୟାଚାର କଲେ । ପିଟର ନାମକ ଜଣେ ଖ୍ରୀଷ୍ଟୀୟାନ୍ ସନ୍ନ୍ୟାସୀ ତୀର୍ଥଯାତ୍ରୀମାନଙ୍କର ନିର୍ଯାତନା ସ୍ୱଚକ୍ଷୁରେ ଦେଖି ତୁର୍କୀମାନଙ୍କ ବିରୁଦ୍ଧରେ ଇଉରୋପରେ ପ୍ରଚାର କଲେ ।

ପୋପ୍ ଦ୍ୱିତୀୟ ଅରବାନ୍ ୧୦୯୫ ଖ୍ରୀଷ୍ଟାବ୍ଦରେ କ୍ଲେର୍‌ମେଣ୍ଟ୍-ଠାରେ ଗୋଟିଏ ବିରାଟ ସଭା ଆହ୍ୱାନ କରିଥିଲେ । ସେଠାରେ ସେ ଖ୍ରୀଷ୍ଟୀୟାନ୍‌ମାନଙ୍କୁ ସଂଗଠିତ କରି ସେହିବର୍ଷ ମୁସଲମାନମାନଙ୍କ ବିରୁଦ୍ଧରେ ଦଳେ ସୈନ୍ୟ ପଠାଇଥିଲେ । ଖ୍ରୀଷ୍ଟଧର୍ମର ମର୍ଯାଦା ରକ୍ଷାକରିବା ପାଇଁ ଯୁଦ୍ଧ କରୁଥିବାରୁ ଏହି ଯୋଦ୍ଧାମାନେ ପ୍ରତ୍ୟେକେ ଗୋଟିଏ ଲେଖାଏଁ କ୍ରସ୍ ଅଙ୍ଗରେ ଧାରଣ କରୁଥିଲେ । ତେଣୁ ଏହି ଯୁଦ୍ଧକୁ କ୍ରୁସେଡ୍ ଯୁଦ୍ଧ କୁହାଯାଏ ।

କ୍ରୁସେଡ୍ ଯୁଦ୍ଧର ଘଟଣାବଳୀ—ଏହି ଯୁଦ୍ଧ ୧୦୯୫ ଠାରୁ ୧୨୯୨ ପର୍ଯନ୍ତ ଲାଗିଥିଲା । ଏହି ଦୁଇ ଶତାବ୍ଦୀ ମଧ୍ୟରେ ଭିନ୍ନ ଭିନ୍ନ ସମୟରେ ସାତ ଗୋଟି ଯୁଦ୍ଧ ହୋଇଥିଲା । ପ୍ରଥମେ ଏହି ଯୋଦ୍ଧାମାନେ ଧର୍ମଭାବାପନ୍ନ ହୋଇ ଯୁଦ୍ଧ କରୁଥିବାରୁ ତୁର୍କୀ-ମାନଙ୍କ ବିରୁଦ୍ଧରେ ସଫଳତାର ସହିତ ଯୁଦ୍ଧ କରିପାରିଥିଲେ । ପରେ ଏହି ଯୋଦ୍ଧାମାନେ ଏସିଆରେ ବାଣିଜ୍ୟ କରି ଲାଭବାନ୍ ହେବେ ବୋଲି ଆଶା କରି ଯୁଦ୍ଧ କଲେ । ସେମାନଙ୍କର ଧର୍ମଭାବ ଅଳ୍ପେ ଅଳ୍ପେ କମିଗଲା । ତେଣୁ ସେମାନେ ଶେଷ କେତେକ

Digitized by srujanika@gmail.com

ଯୁଦ୍ଧରେ ତୁର୍କମାନଙ୍କୁ ପରାସ୍ତ କରି ପାରି ନଥିଲେ । ପ୍ରଥମ ଯୁଦ୍ଧରେ ଜୟଲାଭ କରି ଖ୍ରୀଷ୍ଟିୟାନ୍‌ମାନେ ଜେରୁଜେଲମ୍ ଅଧିକାର କରିଥିଲେ । ଏହାପରେ ଜଣେ ଖ୍ରୀଷ୍ଟିୟାନ୍ ରାଜା ପାଲେଷ୍ଟାଇନ୍‌ରେ ଶାସନ କରୁଥିଲେ । ଖ୍ରୀଷ୍ଟିୟାନ୍‌ମାନେ ୮୮ ବର୍ଷ ପର୍ଯ୍ୟନ୍ତ ଏଠାରେ ରାଜତ୍ୱ କରିବା ପରେ ଇଜିପ୍ଟର ମୁସଲମାନ ଶାସନକର୍ତ୍ତା ସାଲଦିନ୍ ପାଲେଷ୍ଟାଇନ୍ ଅଧିକାର କଲେ । ଏହାପରେ ଖ୍ରୀଷ୍ଟିୟାନ୍‌ମାନେ ବହୁବାର ଯୁଦ୍ଧ କରି ମଧ୍ୟ ପାଲେଷ୍ଟାଇନ୍ ଅଧିକାର କରି ପାରିନଥିଲେ । ବିଗତ ପ୍ରଥମ ମହାସମର ପର୍ଯ୍ୟନ୍ତ ପାଲେଷ୍ଟାଇନ୍ ମୁସଲମାନମାନଙ୍କ ଅଧୀନରେ ଥିଲା । ୧୯୧୮ ରେ ବ୍ରିଟିଶ, ଫରାସୀ ଓ ଭାରତୀୟ ସୈନ୍ୟମାନଙ୍କର ସମବେତ ଚେଷ୍ଟାରେ ପାଲେଷ୍ଟାଇନ୍‌କୁ ମୁସଲମାନମାନଙ୍କ ହାତରୁ ରକ୍ଷା କରାଯାଇ ଅଛି । ବର୍ତ୍ତମାନ ଏହି ରାଜ୍ୟ ଇଂରେଜମାନଙ୍କଦ୍ୱାରା ଶାସିତ ହେଉଅଛି । ପାଲେଷ୍ଟାଇନ୍‌ରେ ବାସ କରୁଥିବା ଖ୍ରୀଷ୍ଟିୟାନ୍, ମୁସଲମାନ ଓ ଜିଉମାନେ ସ୍ୱାଧୀନତା ପାଇଁ ଆନ୍ଦୋଳନ ଚଳାଇ ଅଛନ୍ତି ।

କ୍ରୁସେଡ୍ ଯୁଦ୍ଧର ଫଳାଫଳ—କ୍ରୁସେଡରମାନେ ଦୀର୍ଘ ଦୁଇ ଶତାବ୍ଦୀ ପର୍ଯ୍ୟନ୍ତ ଗ୍ରୀସ୍ ଓ ଏସିଆର ଉନ୍ନତ ସଭ୍ୟତାର ସଂସ୍ପର୍ଶରେ ଆସି ଅନେକ କଥା ଶିକ୍ଷା କରିଥିଲେ । ସେ ସମୟରେ ଏସିଆରେ ଅନେକ ବଡ଼ ବଡ଼ ସହର ଓ ବିଶ୍ୱବିଦ୍ୟାଳୟ ଥିଲା । ଇଉରୋପୀୟମାନେ ଏସିଆକୁ ଅନୁକରଣ କରି ଇଉରୋପରେ ବଡ଼ ବଡ଼ ସହର ଓ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ । ଆରବୀୟମାନଙ୍କର ସଂସ୍ପର୍ଶରେ ଆସି ଇଉରୋପୀୟମାନେ ବିଜ୍ଞାନ ଚର୍ଚ୍ଚା କରିଥିଲେ । ବିଜ୍ଞାନରେ ଉନ୍ନତି କରି ଇଉରୋପୀୟମାନେ ଆଧୁନିକ ଯୁଗରେ ଉନ୍ନତିର ଚରମ ସୀମାରେ ଉପନୀତ ହୋଇଅଛନ୍ତି ।

Digitized by srujanika@gmail.com

ସପ୍ତମ ଅଧ୍ୟାୟ

ମଙ୍ଗୋଲ୍ ଶକ୍ତିର ପୁନରଭ୍ୟୁଦୟ

ଚେଙ୍ଗିସ୍ ଖାଁ—ମଙ୍ଗୋଲ୍‌ମାନେ ଦଳ ଦଳ ହୋଇ ମଙ୍ଗୋଲିଆରେ ବାସ କରୁଥିଲେ । ଖ୍ରୀ: ପୂ: ତୃତୀୟ ଶତାବ୍ଦୀରେ ଏମାନଙ୍କ ମଧ୍ୟରୁ ହୁନ, ତାତାର, ଫିନ୍, ଏସ୍ଥୋନିଆନ୍ ଓ ତୁର୍କୀ ପ୍ରଭୃତି କେତେ ଦଳ ମଙ୍ଗୋଲିଆ ତ୍ୟାଗ କରି ଅନ୍ୟତ୍ର ଗମନ କରିଥିଲେ । ଅବଶିଷ୍ଟ ଯେଉଁମାନେ ମଙ୍ଗୋଲିଆରେ ଥିଲେ ସେମାନେ ଖ୍ରୀଷ୍ଟୀୟ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଶାନ୍ତରେ ଥିଲେ । ପଶୁଚାରଣ ସେମାନଙ୍କର ପ୍ରଧାନ ବ୍ୟବସାୟ ଥିଲା । ସେ ସମୟରେ ବଲ୍‌କାଶ୍ ହ୍ରଦ ଠାରୁ ବୈକାଲ ହ୍ରଦ ପର୍ଯ୍ୟନ୍ତ ବିସ୍ତୃତ ଅଞ୍ଚଳରେ କେବଳ ଘାସ ବ୍ୟତୀତ ଅନ୍ୟ କିଛି ଜନ୍ମୁ ନଥିଲା । ମଙ୍ଗୋଲ୍‌ମାନେ ଦଳ ଦଳ ହୋଇ ଏହି ବିସ୍ତୃତ ତୃଣାଚ୍ଛାଦିତ ଭୂମିରେ ସେମାନଙ୍କର ପଶୁମାନଙ୍କୁ ଚରାଉଥିଲେ, ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଚୀନଦେଶର ସମ୍ରାଟ-ମାନେ ସେମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରୁଥିଲେ ।

ତ୍ରୟୋଦଶ ଶତାବ୍ଦୀର ପ୍ରାରମ୍ଭରେ ହଠାତ୍ ସେମାନଙ୍କ ମଧ୍ୟରେ ନୂତନ ଜାଗରଣ ଉପସ୍ଥିତ ହେଲା । ମଙ୍ଗୋଲ୍‌ମାନେ ଚେଙ୍ଗିସ୍ ଖାଁ ନାମକ ଜଣେ ଲୋକଙ୍କ ଅଧୀନରେ ସଂଗଠିତ ହୋଇ ଦକ୍ଷିଣରେ ଥିବା ସଭ୍ୟ ଦେଶମାନଙ୍କୁ ଆକ୍ରମଣ କରିଥିଲେ । ସେତେ-ବେଳେ ଚୀନ ଦେଶ ଦୁଇ ଭାଗରେ ବିଭକ୍ତ ହୋଇଯାଇ ଦୁର୍ବଳ ହୋଇ ଯାଇଥିଲା । ଚୀନର ଉତ୍ତରାଞ୍ଚଳରେ ହୁନମାନେ ଗୋଟିଏ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ତାହାର ନାମ ଥିଲା କିନ୍ ସାମ୍ରାଜ୍ୟ । ପେକିନ୍ ତାହାର ରାଜଧାନୀ ଥିଲା । ଚୀନର ଦକ୍ଷିଣ ଅଞ୍ଚଳରେ ଶଙ୍ଗ୍ ରାଜବଂଶ ଅନ୍ୟ ଏକ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ସେ ସମୟକୁ

Digitized by srujanika@gmail.com

ଆରବର ମୁସଲମାନ ସାମ୍ରାଜ୍ୟ ମଧ୍ୟ ଭାଙ୍ଗିଯାଇ ଦୁର୍ବଳ ହୋଇ ପଡ଼ିଥିଲା । ଏ ସବୁ କାରଣରୁ ଚେଙ୍ଗିସ୍ ଖାଁଙ୍କର ବିଜୟ ଅଭିଯାନ ଅତି ସୁଗମ ହୋଇଥିଲା । ଚେଙ୍ଗିସ୍ ଖାଁ ପ୍ରଥମେ ଚିନ୍ ସାମ୍ରାଜ୍ୟ ଆକ୍ରମଣ କରିଥିଲେ । ୧୨୧୪ରେ ସେ ଚୁନ୍‌ମାନଙ୍କୁ ପରାସ୍ତ କରି ଚିନ୍ ସାମ୍ରାଜ୍ୟ ଦଖଲ କଲେ ଏବଂ କାରାକୋରମ୍‌କୁ ରାଜଧାନୀ କରି ସେଇଠାରୁ ଚୀନର ଉତ୍ତରାଞ୍ଚଳରେ ଶାସନ କରିବାକୁ ଲାଗିଲେ । ତାପରେ ସେ ପୂର୍ବରେ କୋରିଆ ଓ ପଶ୍ଚିମରେ ଝାନ୍‌ଗଟ୍ ସାମ୍ରାଜ୍ୟ ଅଧିକାର କରିଥିଲେ । ଚେଙ୍ଗିସ୍ ଖାଁ ଓ ତାଙ୍କର ଲୋକମାନେ ଭ୍ରମଣଶୀଳ ଲୋକ ଥିଲେ । ସେମାନଙ୍କର ସହର, ଗ୍ରାମ ବା ଘରଦ୍ୱାର କିଛି ଆବଶ୍ୟକ ନଥିଲା । ତେଣୁ ସେ ଏହି ବିଜିତ ରାଜ୍ୟମାନଙ୍କରେ ଥିବା ସମୃଦ୍ଧ ଗ୍ରାମ ଓ ସହର ଗୁଡ଼ିକୁ ଧ୍ୱଂସ କରି ବିସ୍ତୃତ ତୃଣଭୂମି ତିଆରି କରିବାକୁ ମନସ୍ଥ କରିଥିଲେ । କିନ୍ତୁ ସୌଭାଗ୍ୟକ୍ରମେ ସେ ତାଙ୍କର କଳ୍ପନାକୁ କାର୍ଯ୍ୟରେ ପରିଣତ କରିପାରି ନଥିଲେ ।

ଝାନ୍‌ଗଟ୍ ସାମ୍ରାଜ୍ୟର ଦକ୍ଷିଣରେ ଖାରିସ୍‌ମିଅଁ (ଖିଭ) ନାମକ ଆଉ ଗୋଟିଏ ସାମ୍ରାଜ୍ୟ ଥିଲା । ମଙ୍ଗୋଲ୍ ବ୍ୟବସାୟୀମାନେ ଏହି ସାମ୍ରାଜ୍ୟରେ ବ୍ୟବସାୟ କରୁଥିଲେ । ଥରେ କୌଣସି କାରଣରୁ ଖାରିସ୍‌ମିଅଁର ଜଣେ ରାଜକର୍ମଚାରୀ କେତେଜଣ ମଙ୍ଗୋଲ ବ୍ୟବସାୟୀଙ୍କ ଉପରେ ଉତ୍ୟକ୍ତ ହୋଇ ସେମାନଙ୍କୁ ପ୍ରାଣଦଣ୍ଡ ଦେଇଥିଲେ । ଏ ସମ୍ବାଦ ଚେଙ୍ଗିସ୍ ଖାଁଙ୍କ ନିକଟରେ ପହଞ୍ଚିଲା । ଖାରିସ୍‌ମିଅଁ ସମ୍ରାଟଙ୍କ ସହିତ ସଦ୍‌ଭାବ ସ୍ଥାପନ କରିବା ଚେଙ୍ଗିସ୍ ଖାଁଙ୍କର ଉଦ୍ଦେଶ୍ୟ ଥିଲା । ତେଣୁ ସେ ଏଥିରେ ଉତ୍ୟକ୍ତ ନହୋଇ ଏହି ଘଟଣାର ଉଚିତ ବିଚାର କରି ଉକ୍ତ କର୍ମଚାରୀଙ୍କୁ ଦଣ୍ଡ ଦେବା ପାଇଁ ଖାରିସ୍‌ମିଅଁ ସମ୍ରାଟଙ୍କ ନିକଟକୁ ଦୂତ ପ୍ରେରଣ

Digitized by srujanika@gmail.com

କଲେ । ଖାରସ୍ମିଅଁ ସମ୍ରାଟ ଚେଙ୍ଗିସ୍ ଖାଁଙ୍କୁ ରାଜା ବୋଲି ସ୍ୱୀକାର ନକରି ଏହି ଦୂତଙ୍କୁ ମଧ୍ୟ ହତ୍ୟା କଲେ । ଏଥିରେ ଚେଙ୍ଗିସ୍ ଖାଁ ଉତ୍ତ୍ୟକ୍ତ ହୋଇ ଖାରସ୍ମିଅଁ ଆକ୍ରମଣ କରିବାକୁ ସମସ୍ତ ଆୟୋଜନ କଲେ । ଦୁର୍ଦ୍ଦାନ୍ତ ମଙ୍ଗୋଲ ସୈନ୍ୟମାନଙ୍କର ଗତିରୋଧ କରିବା ଖାରସ୍ମିଅଁର ସରକାରଙ୍କ ପକ୍ଷରେ ଅସମ୍ଭବ ହେଲା । ସହର ପରେ ସହର ମଙ୍ଗୋଲମାନଙ୍କର ହସ୍ତଗତ ହେଲା । ଶେଷରେ ଖାରସ୍-

ମିଅଁର ରାଜଧାନୀ ସମରକନ୍ଦ ମଧ୍ୟ ଧ୍ୱଂସ ପ୍ରାପ୍ତ ହେଲା । ଖାରସ୍-ମିଅଁର ତାତ୍କାଳୀନ ସମ୍ରାଟ ଜଲାଲୁଦ୍ଦିନ ପଳାଇ ଆସି ଦିଲ୍ଲୀରେ ସମ୍ରାଟ ଅଲ୍ତାମସ୍‌ଙ୍କ ଆଶ୍ରୟ ନେଲେ । ଚେଙ୍ଗିସ୍ ଖାଁ ସିନ୍ଧୁ ନଦୀ ପର୍ଯ୍ୟନ୍ତ ତାଙ୍କୁ ଗୋଡ଼ାଇ ସେଠାରୁ ଫେରିଥିଲେ । ତତ୍ପରେ ଚେଙ୍ଗିସ୍ ଖାଁ ରୁଷ ଦେଶ ଆକ୍ରମଣ କରି ସେ ଦେଶର ଅଧିକାଂଶ ଅଞ୍ଚଳ ଦଖଲ କରିଥିଲେ । ୧୨୨୭ ଖ୍ରୀ: ରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଓଗଡ଼ାଇ ଖାଁ ।—ଚେଙ୍ଗିସ୍ ଖାଁଙ୍କ ମୃତ୍ୟୁ ପରେ ମଙ୍ଗୋଲ-ମାନଙ୍କ ମଧ୍ୟରେ ଥିବା ମୁଖ୍ୟ ଲୋକମାନେ ଚେଙ୍ଗିସ୍ ଖାଁଙ୍କ ପୁତ୍ର

Digitized by srujanika@gmail.com

ଓଗଡ଼ାଇ ଖାଁଙ୍କୁ ଖାଁ ବା ସମ୍ରାଟ ପଦରେ ଅଭିଷିକ୍ତ କରିଥିଲେ । ଓଗଡ଼ାଇ ମଧ୍ୟ ପିତାଙ୍କପରି ଜଣେ ପ୍ରତିଭାଶାଳୀ ଲୋକ ଥିଲେ । ସେ ସମ୍ରାଟ ହେବା ପରେ ଇଉରୋପରେ ମଙ୍ଗୋଲ ସାମ୍ରାଜ୍ୟକୁ ବଢ଼ାଇବାକୁ ଚେଷ୍ଟା କରିଥିଲେ । ସେଥିପାଇଁ ତାଙ୍କୁ ନୋର୍ଡିକ୍ ମାନଙ୍କ ସହିତ ଭୀଷଣ ଯୁଦ୍ଧ କରିବାକୁ ପଡ଼ିଥିଲା । ମଙ୍ଗୋଲମାନେ ନୋର୍ଡିକ୍ ମାନଙ୍କୁ ପ୍ରତ୍ୟେକ ଯୁଦ୍ଧରେ ପରାସ୍ତ କରିଥିଲେ । ଅଳ୍ପ କେତେବର୍ଷ ମଧ୍ୟରେ ଓଗଡ଼ାଇ ମସ୍କୋ, କଏଭ, କ୍ରାକ୍ ଓ ପୋଲାଣ୍ଡ ଓ ହଙ୍ଗେରି ଜୟକରି ବିଶାଳ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ଓଗଡ଼ାଇ ଜର୍ମାନ୍‌ମାନଙ୍କୁ ମଧ୍ୟ ୧୨୪୧ରେ ଲିବ୍‌ନିଜ୍ ଯୁଦ୍ଧରେ ପରାସ୍ତ କରିଥିଲେ । ଖ୍ରୀ: ୧୨୪୨ରେ ହଠାତ୍ ଓଗଡ଼ାଇଙ୍କର ମୃତ୍ୟୁ ଘଟି ଯିବାରୁ ମଙ୍ଗୋଲ୍‌ମାନଙ୍କର ଗୌରବମୟ ଜୀବନ ଶେଷହୋଇ ଆସିଲା ।

ମଙ୍ଗୁ ଖାଁ—ଓଗଡ଼ାଇଙ୍କ ମୃତ୍ୟୁ ପରେ ମଙ୍ଗୋଲମାନଙ୍କ ମଧ୍ୟରେ ସମ୍ରାଟ ପଦପାଇଁ ଘୋର ବିବାଦ ଉପସ୍ଥିତ ହୋଇଥିଲା । କେତେ ବର୍ଷ ଅଶାନ୍ତିରେ କଟିବା ପରେ ମଙ୍ଗୁଖାଁ ମଙ୍ଗୋଲ ସାମ୍ରାଜ୍ୟର ସମ୍ରାଟ ହେଲେ । ସେ ତାଙ୍କର ଭ୍ରାତା କୁବ୍‌ଲାଇଖାଁଙ୍କୁ ଚୀନର ଶାସନକର୍ତ୍ତା ନିଯୁକ୍ତ କରିଥିଲେ ଓ ଅନ୍ୟ ଏକ ଭ୍ରାତା ହୁଲାଗୁଙ୍କୁ ପାରସ୍ୟ ଓ ସିରିଆର ଶାସନକର୍ତ୍ତା ନିଯୁକ୍ତ କରିଥିଲେ । କୁବ୍‌ଲାଇ ଖାଁ ଚୀନର ଦକ୍ଷିଣାଞ୍ଚଳରେ ରାଜତ୍ୱ କରୁଥିବା ଶଙ୍ଗ ସମ୍ରାଟଙ୍କ ସହିତ ଯୁଦ୍ଧ କରି ତାଙ୍କୁ ପରାସ୍ତ କରିଥିଲେ ଏବଂ ଦକ୍ଷିଣ ଚୀନକୁ ମଙ୍ଗୋଲ୍ ସାମ୍ରାଜ୍ୟ ଭୁକ୍ତ କରିଥିଲେ । ଏଣେ ହୁଲାଗୁ ପାରସ୍ୟ ଓ ସିରିଆ (ବେବିଲନ୍ ଓ ଆସିରିଆ)ରେ ନିର୍ମମ ହତ୍ୟାକାଣ୍ଡ ଚଳାଇ ଓ ପୁରାତନ କୀର୍ତ୍ତି ଗୁଡ଼ିକୁ ଧ୍ୱଂସ କରି ସେ ଅଞ୍ଚଳରେ ମଙ୍ଗୋଲ୍ ପ୍ରାଧାନ୍ୟ ବିସ୍ତାର କରିଥିଲେ ।

Digitized by srujanika@gmail.com

କୁବଲାଇ ଖାଁ—ମଙ୍ଗୁ ଖାଁଙ୍କର ମୃତ୍ୟୁପରେ କୁବଲାଇ ଖାଁ ନାମକୁ ମାତ୍ର ସମ୍ରାଟ ହେଲେ କିନ୍ତୁ ସେ କେବଳ ପୂର୍ବପର ଚୀନ ଦେଶରେ ଶାସନ କରୁଥିଲେ । ତୁର୍କିଷ୍ଥାନ, ପାରସ୍ୟରେ ସ୍ୱାଧୀନ ଭାବେ ରାଜତ୍ୱ କଲେ । ମଙ୍ଗୋଲ ସାମ୍ରାଜ୍ୟର ଅନ୍ୟାନ୍ୟ ଅଂଶ ଗୁଡ଼ିକ କାର୍ଯ୍ୟତଃ ସ୍ୱାଧୀନ ହୋଇଥିଲେ; କିନ୍ତୁ କୁବଲାଇ ଖାଁ ନାମକୁ ମାତ୍ର ସେମାନଙ୍କ ଉପରେ ସମ୍ରାଟ ଥିଲେ । କୁବ୍‌ଲାଇଙ୍କ ମୃତ୍ୟୁ ପରେ ମଙ୍ଗୋଲ ସାମ୍ରାଜ୍ୟ ପାଞ୍ଚଭାଗରେ ବିଭକ୍ତ ହୋଇଯାଇଥିଲା ।

କୁବଲାଇ ଖାଁଙ୍କ ସମୟରେ ଇଟାଲୀ ଅନ୍ତର୍ଗତ ଭେନିସ ସହରର ମାର୍କୋପୋଲ ନାମକ ଜଣେ ପରିବ୍ରାଜକ ଚୀନକୁ ଯାଇଥିଲେ । କୁବଲାଇ ତାଙ୍କ ଉପରେ ସନ୍ତୁଷ୍ଟ ହୋଇ ତାଙ୍କୁ ଚୀନର ରାଜକାର୍ଯ୍ୟରେ ନିଯୁକ୍ତ କରିଥିଲେ । ସେ ଅନେକ ବର୍ଷ ଚୀନରେ ରହି ଦକ୍ଷତାର ସହିତ କାର୍ଯ୍ୟ କରିଥିଲେ ଏବଂ ଚୀନ ଓ ତାହାର ପାର୍ଶ୍ୱବର୍ତ୍ତୀ ରାଜ୍ୟମାନଙ୍କ ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିଥିଲେ । ଚୀନରୁ ଫେରି ସେ ଗୋଟିଏ ଭ୍ରମଣବୃତ୍ତାନ୍ତ ଲେଖି-ଥିଲେ । ସେଥିରେ ସେ କୁବଲାଇଙ୍କର ଭୂରି ଭୂରି ପ୍ରଶଂସା କରିଅଛନ୍ତି ।

ମଙ୍ଗୋଲ ଧର୍ମ ଓ ଶାସନ ପ୍ରଣାଳୀ—ଚେଙ୍ଗିସ୍ ଖାଁ ନିରକ୍ଷର ଥିଲେ । ଦୂତମାନଙ୍କ ହାତରେ ମୌଖିକ ଖବର ପଠାଇ ସେ ତାଙ୍କର ବିରାଟ ସାମ୍ରାଜ୍ୟକୁ ଶାସନ କରୁଥିଲେ । ମଙ୍ଗୋଲ-ମାନେ ଲିଖନ ବିଦ୍ୟା ଜାଣିନଥିଲେ । ବହୁବର୍ଷ ପରେ ଲିଖନ ବିଦ୍ୟା ବୋଲି ଗୋଟିଏ ବିଦ୍ୟା ଅଛି ବୋଲି ସେ ଚୀନାମାନଙ୍କ-ଠାରୁ ଜାଣିଥିଲେ । ସେ ନିଜେ ଲେଖି ଶିଖିବାକୁ ଚେଷ୍ଟା କରି-ନଥିଲେ କିନ୍ତୁ ତାଙ୍କର ପୁତ୍ର ଓ କର୍ମଚାରୀମାନଙ୍କୁ ଏହି ବିଦ୍ୟା

Digitized by srujanika@gmail.com

ଶିଖିବାକୁ ଆଦେଶ ଦେଇଥିଲେ । ଅଳ୍ପ କେତେ ବର୍ଷ ମଧ୍ୟରେ ଅନେକେ ମଙ୍ଗୋଲ ଲେଖି ପଢ଼ି ଜାଣିଲେ ଏବଂ ଶାସନ କାର୍ଯ୍ୟ ସୁଚାରୁ ରୂପେ ନିର୍ବାହ କରି ପାରିଲେ । ପ୍ରଥମ ଅବସ୍ଥାରେ ଚେଙ୍ଗିସ୍ ଖାଁ ଖଡ୍‌ଗ ସାହାଯ୍ୟରେ ଶାସନ କରୁଥିଲେ । ପରେ ସେ ଚୀନ ଦେଶର ଏଲୁଡ଼-ଚୁରୁ-ସାଇ ନାମକ ଜଣେ ବିଜ୍ଞ ଲୋକଙ୍କୁ ନିଜର ମନ୍ତ୍ରୀ ନିଯୁକ୍ତ କରିଥିଲେ । ତାଙ୍କର ପରାମର୍ଶ ଗ୍ରହଣ କରିବା ଦିନଠାରୁ ଚେଙ୍ଗିସ୍ ଅତି ଉନ୍ନତ ଧରଣର ଶାସନ ଚଳାଇ ପାରିଥିଲେ । ଓଗଡ଼ାଇ ଓ କୁବଲାଇଙ୍କ ସମୟରେ ଇଉରୋପ ଓ ଏସିଆର ବିଭିନ୍ନ ଦେଶରୁ ଅନେକ ଲୋକ ବ୍ୟବସାୟ, ବାଣିଜ୍ୟ, ବିଦ୍ୟାଚର୍ଚ୍ଚା ଉଦ୍ଦେଶ୍ୟରେ ମଙ୍ଗୋଲ ରାଜଦରବାରରେ ସମବେତ ହେଉଥିଲେ ଓ ମଙ୍ଗୋଲ ସମ୍ରାଟମାନଙ୍କଠାରୁ ଯଥେଷ୍ଟ ଆଦର ଓ ସହାନୁଭୂତି ପାଉଥିଲେ ।

ମଙ୍ଗୋଲମାନେ ଶାମ ଧର୍ମାବଲମ୍ବୀ ଥିଲେ । ସେମାନେ ନୀଳ ଗଗନକୁ ପୂଜା କରୁଥିଲେ । ମଙ୍ଗୋଲ ସମ୍ରାଟମାନେ ବଡ଼ ଉଦାରମନା ଲୋକ ଥିଲେ । ମହତ ଲୋକର କଥାକୁ ସେମାନେ ଆଗ୍ରହର ସହିତ ଶୁଣୁଥିଲେ । ମୁସଲମାନ ଓ ବୌଦ୍ଧ ଧର୍ମ ପ୍ରଚାରକମାନେ ମଙ୍ଗୋଲମାନଙ୍କୁ ନିଜନିଜ ଧର୍ମରେ ଦୀକ୍ଷିତ କରିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ମଙ୍ଗୋଲମାନେ ଏହିସବୁ ଧର୍ମ ଗ୍ରହଣ କରିବାକୁ ହଠାତ୍ ରାଜି ହୋଇନଥିଲେ । କୁବଲାଇ ଖାଁ ମାର୍କୋପୋଲଙ୍କ ପିତା ଓ ପିତୃବ୍ୟଙ୍କ ସଂସ୍ପର୍ଶରେ ଆସି ଖ୍ରୀଷ୍ଟଧର୍ମ ପ୍ରତି ଅଗ୍ରହ ପ୍ରକାଶ କରିଥିଲେ । ତେଣୁ ସେ ଦୁହିଁଙ୍କୁ ଖଣ୍ଡେ ଚିଠିଦେଇ ପୋପଙ୍କ ପାଖକୁ ପଠାଇଥିଲେ । ଚିଠିରେ ୧୦୦ ଜଣ ଖ୍ରୀଷ୍ଟ ଧର୍ମ ପ୍ରଚାରକ ଚୀନକୁ ପଠାଇବା ପାଇଁ ସେ ପୋପଙ୍କୁ

Digitized by srujanika@gmail.com

ଅନୁରୋଧ କରିଥିଲେ । ସେ ସମୟରେ ପୋପ ପଦପାଇଁ ଗଣ୍ଡ-ଗୋଳ ଲାଗିଥିବାରୁ ସେମାନେ କେହି ପୋପ ନଥିଲେ । ତେଣୁ କୁବଲାଇଙ୍କର ଆଶା ବ୍ୟର୍ଥ ହୋଇଥିଲା । ଦୁଇବର୍ଷ ପରେ ଜଣେ ପୋପ ନିର୍ବାଚିତ ହେଲେ କିନ୍ତୁ ସେ ୧୦୦ ଜଣ ଯୋଗ୍ୟ ଲୋକ ପାଇନଥିଲେ । ବହୁତ ଚେଷ୍ଟାକରି ପୋପ ଦୁଇଜଣ ମାତ୍ର ଧର୍ମ ପ୍ରଚାରକ ପଠାଇଲେ । ଏତଦ୍ଦ୍ୱାରା କୁବଲାଇଙ୍କର ଖ୍ରୀଷ୍ଟଧର୍ମ ପ୍ରତି ଯେଉଁ ସମ୍ମାନ ଥିଲା ତାହା କମି ଯାଇଥିଲା । ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିବେ ନାହିଁ ବୋଲି ସ୍ଥିର କଲେ । କୁବଲାଇ ବଞ୍ଚିଥିବା ପର୍ଯ୍ୟନ୍ତ ମଙ୍ଗୋଲମାନେ ଅନ୍ୟ କୌଣସି ଧର୍ମ ଗ୍ରହଣ କରିନଥିଲେ । ତାଙ୍କ ମୃତ୍ୟୁ ପରେ ମଙ୍ଗୋଲ ସାମ୍ରାଜ୍ୟ ପାଞ୍ଚ ଭାଗରେ ବିଭକ୍ତ ହୋଇ ଯାଇଥିଲା । ଚୀନରେ ଥିବା ମଙ୍ଗୋଲମାନେ ବୌଦ୍ଧଧର୍ମ ଗ୍ରହଣ କଲେ ଏବଂ ରୁଷିଆ, ତୁର୍କିସ୍ଥାନ ଓ ପାରସ୍ୟରେ ଥିବା ମଙ୍ଗୋଲ-ମାନେ ମୁସଲମାନ ଧର୍ମ ଗ୍ରହଣ କରିଥିଲେ ।

ଅଟୋମେନ୍ ତୁର୍କି—ଚେଙ୍ଗିସ୍ ଖାଁ ତୁର୍କିସ୍ଥାନ ଆକ୍ରମଣ କରିବା ସମୟରେ ସେ ଦେଶର ଦଳେ ଲୋକ ଚେଙ୍ଗିସ୍ ଖାଁଙ୍କ ଅଧୀନରେ ରହିବାକୁ ଇଚ୍ଛା କରିନଥିଲେ । ସେମାନେ ତୁର୍କିସ୍ଥାନରୁ ପଳାଇ ଯାଇ ସେଲଜୁକ୍ ତୁର୍କିମାନଙ୍କ ଅନୁମତି କ୍ରମେ ଏସିଆ ମାଇନରରେ ବସତି ସ୍ଥାପନ କରିଥିଲେ । ସେମାନଙ୍କର ନେତା ଉସ୍‌ମାନ୍ ନାମକ ଜଣେ ଲୋକଙ୍କର ବଂଶଧର ଥିଲେ । ତାଙ୍କର ନାମ ଅନୁସାରେ ସେମାନେ ନିଜକୁ ଉସ୍‌ମାନ୍ଲି ବା ଅଟୋମେନ୍ ତୁର୍କି ବୋଲି କହୁଥିଲେ । କେତେ ବର୍ଷ ପରେ ଯେତେବେଳେ ସେଲଜୁକ୍ ତୁର୍କିମାନେ ଦୁର୍ବଳ ହୋଇଗଲେ ସେତେବେଳେ ଅଟୋମେନ୍ ତୁର୍କିମାନେ ମେସିଡନ୍, ଏପିରସ୍, ଇଲିରିଆ, ଯୁଗୋ-ସ୍ଲାଭିଆ ଓ ବୁଲ୍‌ଗେରିଆ ପ୍ରଭୃତି ଜୟ କରି ବିଶେଷ କ୍ଷମତାଶାଳୀ

Digitized by srujanika@gmail.com

ହୋଇଥିଲେ । ଅଟୋମେନ୍ ସାମ୍ରାଜ୍ୟର ସୁଲତାନ୍ ଦ୍ୱିତୀୟ ମହମ୍ମଦ ୧୪୫୩ ଖ୍ରୀ: ରେ କନ୍‌ଷ୍ଟାଣ୍ଟିନୋପଲ୍ ଅଧିକାର କରିଥିଲେ । କନ୍‌ଷ୍ଟାଣ୍ଟିନୋପଲ୍ ପତନ ପରେ ସେ ଦେଶର ଉଚ୍ଚଶିକ୍ଷିତ ଗ୍ରୀକ୍ ପଣ୍ଡିତମାନେ ଗ୍ରୀକ୍ ଭାଷାରେ ଲିଖିତ ପ୍ରାଚୀନ ପୁସ୍ତକଗୁଡ଼ିକୁ ସଙ୍ଗରେ ନେଇ ଇଟାଲୀର ଦକ୍ଷିଣାଞ୍ଚଳରେ ଆଶ୍ରୟ ନେଇଥିଲେ । ମହମ୍ମଦଙ୍କ ପୌତ୍ର ପୋଲାଣ୍ଡ ଓ ଆର୍ମେନିଆ ଜୟ କରିଥିଲେ ଓ ତାଙ୍କର ପୁତ୍ର ସୁଲେମାନ୍ ପୂର୍ବରେ ବାଗ୍‌ଦାଦ୍ ଓ ପଶ୍ଚିମରେ ହଙ୍ଗେରୀ ଜୟ କରିଥିଲେ ଏବଂ ଫ୍ରାନ୍‌ସ ରାଜାଙ୍କ ସାହାଯ୍ୟରେ ଜର୍ମାନ୍ ସମ୍ରାଟଙ୍କୁ ପରାସ୍ତ କରିଥିଲେ । ଜର୍ମାନ୍ ସମ୍ରାଟ ପଞ୍ଚମ ଚାର୍ଲସ୍ ଅଟୋମେନ୍ ସୁଲତାନଙ୍କୁ କର ଦେଉଥିଲେ । ସୁଲେ-ମାନଙ୍କ ସମୟରେ ଅଟୋମେନ୍ ସାମ୍ରାଜ୍ୟ ଅତି ବଳଶାଳୀ ହୋଇଥିଲା ।

ଅଷ୍ଟମ ଅଧ୍ୟାୟ

ପଶ୍ଚିମ ୟୁରୋପରେ ନବଜାଗରଣ

ମଧ୍ୟ ଯୁଗରେ ୟୁରୋପର ଅବସ୍ଥା— ଚାର୍ଲେମେନ୍‌ଙ୍କ ମୃତ୍ୟୁପରେ ପଶ୍ଚିମ ୟୁରୋପରେ ପ୍ରାୟ ପ୍ରତ୍ୟେକ ଦେଶରେ ଫିଉଡାଲ୍ ପ୍ରଥା ପ୍ରଚଳିତ ହୋଇଥିଲା । ଏହି ପ୍ରଥା ଅନୁସାରେ ପ୍ରତ୍ୟେକ ରାଜ୍ୟର ରାଜାଙ୍କ ଅଧୀନରେ ଅନେକ ବେରନ୍ (ଜମିଦାର) ଥିଲେ । ବେରନ୍‌ମାନେ ଯୁଦ୍ଧ ସମୟରେ ରାଜାଙ୍କୁ ସୈନ୍ୟ ଯୋଗାଉଥିଲେ । ବେରନ୍‌ମାନଙ୍କ ଅଧୀନରେ ଯେଉଁ ପ୍ରଜାମାନେ ଥିଲେ ସେମାନଙ୍କୁ ଟେନାଣ୍ଟ କୁହାଯାଉଥିଲା । ଟେନାଣ୍ଟମାନେ ବେରନ୍‌ମାନଙ୍କଠାରୁ

Digitized by srujanika@gmail.com

ଜମି ନେଇ ଗ୍ରହଣ କରୁଥିଲେ ଏବଂ ଯୁଦ୍ଧ ସମୟରେ ବେରନ୍‌-ମାନଙ୍କୁ ସୈନ୍ୟ ଯୋଗାଇବା ସେମାନଙ୍କର ପ୍ରଧାନ କାର୍ଯ୍ୟ ଥିଲା । ଏହା ଛଡ଼ା ସେମାନେ ବେରନ୍ ମାନଙ୍କୁ ଅନ୍ୟାନ୍ୟ ଅନେକ ପ୍ରକାର ପାଉଣା ମଧ୍ୟ ଦେଉଥିଲେ । ଟେନାଣ୍ଟମାନେ ମଧ୍ୟ ତାଙ୍କ ଅଧୀନରେ ଅନ୍ୟ ଲୋକ ରଖି ସୈନ୍ୟ ଯୋଗାଇବା ସର୍ତ୍ତରେ ସେମାନଙ୍କୁ ଜମି ଗ୍ରହଣ କରିବାକୁ ଦେଉଥିଲେ । ସେମାନଙ୍କୁ ସବ୍ ଟେନାଣ୍ଟ କୁହା ଯାଉଥିଲା । ସବ୍‌ଟେନାଣ୍ଟ, ଟେନାଣ୍ଟ ଓ ବେରନ୍ ମାନେ ନିଜ ନିଜର ଊର୍ଦ୍ଧ୍ୱସ୍ଥ ଲୋକମାନଙ୍କର ଅନୁଗତ ଥିଲେ ଏବଂ ତାଙ୍କର ଇଚ୍ଛା ଅନୁ-ସାରେ କାର୍ଯ୍ୟ କରୁଥିଲେ । ରାଜାଙ୍କର ବେରନ୍ ମାନଙ୍କ ଅଧୀନରେ ଥିବା ଟେନାଣ୍ଟମାନଙ୍କ ଉପରେ କୌଣସି ଅଧିକାର ନଥିଲା । ଏହି ପ୍ରଥା ଇଂଲଣ୍ଡର ରାଜାମାନଙ୍କୁ ଦୁର୍ବଳ କରିଦେଇଥିଲା । କାରଣ ବେରନ୍ ମାନେ ବିଦ୍ରୋହ କଲେ ରାଜା ସେମାନଙ୍କୁ ଦମନ କରିବା ପାଇଁ ସୈନ୍ୟ ସଂଗ୍ରହ କରି ପାରୁନଥିଲେ । ରାଜା ବୁଦ୍ଧିମାନ ଓ ପରାକ୍ରମଶାଳୀ ଥିଲେ । ବେରନ୍‌ମାନଙ୍କୁ ନିଜର ଆୟତ୍ତରେ ରଖିପାରୁ ଥିଲେ ଏବଂ ଦୁର୍ବଳ ହେଲେ ବେରନ୍‌ମାନଙ୍କୁ ଦମନ କରିନପାରି ସେମାନଙ୍କ ଦ୍ୱାରା ଶାସିତ ହେଉଥିଲେ ।

ଏହାଛଡ଼ା ରାଜାଙ୍କର ଆଉ ଏକ ଅସୁବିଧା ଥିଲା । ପୋପ ଇଉରୋପର ରାଜ୍ୟମାନଙ୍କରେ ଥିବା ସବୁ ଚର୍ଚ୍ଚର ମାଲିକ ଥିଲେ । ପ୍ରତ୍ୟେକ ଚର୍ଚ୍ଚ ଅଧୀନରେ ଅନେକ ଭୂଖଣ୍ଡ ଥିଲା । ଚର୍ଚ୍ଚର ବିଶପମାନେ ଜମିର ରାଜସ୍ୱ ରାଜାଙ୍କୁ ଦେଉ ଥିଲେ । ୧୦୭୩ ଖ୍ରୀ:ରେ ସପ୍ତମ ଗ୍ରିଗୋରି (ହିଲ୍‌ଡେବ୍ରାଣ୍ଡ) ପୋପ ହେଲେ । ସେ ଚର୍ଚ୍ଚ-ମାନଙ୍କୁ ରାଜାଙ୍କ ପାଖରେ ଅନୁଗତ ନ ହେବା ପାଇଁ ଆଦେଶ ଦେଲେ । ପ୍ରତ୍ୟେକ ଚର୍ଚ୍ଚ ତାଙ୍କର ଆଦେଶ ମାନି କାର୍ଯ୍ୟକଲେ । ରାଜାମାନେ ଚର୍ଚ୍ଚ ଅଧୀନରେ ଥିବା ଜମିର ରାଜସ୍ୱ ପାଇଲେ ନାହିଁ ।

Digitized by srujanika@gmail.com

ଏହାର ଫଳରେ ରାଜା ଓ ଧର୍ମଯାଜକମାନଙ୍କ ମଧ୍ୟରେ ବହୁବର୍ଷ ଧରି ବିବାଦ ଲାଗି ପ୍ରତ୍ୟେକ ଦେଶରେ ଅଶାନ୍ତି ସୃଷ୍ଟି କରିଥିଲା ।

ରାଜା, ବେରନ୍ ଓ ଧର୍ମଯାଜକମାନଙ୍କ ମଧ୍ୟରେ ଧାରାବାହିକ ବିବାଦ ଲାଗିବା ଫଳରେ ପ୍ରତ୍ୟେକ ଦେଶର ପ୍ରଜାମାନେ ବଡ଼ ଅସୁବିଧାରେ ପଡ଼ିଥିଲେ । ଏହି ସମ୍ପର୍କରେ ଯେତେ ଯୁଦ୍ଧ ହେଲା ତାହାର ବ୍ୟୟଭାର ସାଧାରଣ ପ୍ରଜାମାନଙ୍କ ଉପରେ ପଡ଼ିଲା । ବେରନ୍ ଓ ଧର୍ମଯାଜକମାନେ ପ୍ରଜାମାନଙ୍କ ଉପରେ ନାନା ପ୍ରକାର କରଧାର୍ଯ୍ୟ କରି ସେମାନଙ୍କୁ ସର୍ବସ୍ୱାନ୍ତ କରି ପକାଇଲେ । ଇଉରୋପର ଅବସ୍ଥା ଏହିପରି ଥିବା ସମୟରେ କ୍ରୁସେଡ୍ ଯୁଦ୍ଧ ଲାଗିଥିଲା । କ୍ରୁସେଡ୍ ଯୁଦ୍ଧରେ ଅନେକ ବେରନ୍ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଅନେକେ ଏହି ଯୁଦ୍ଧରେ ପ୍ରାଣ ତ୍ୟାଗ କଲେ ଏବଂ ଅନେକ ସର୍ବସ୍ୱାନ୍ତ ହେଲେ । ପଞ୍ଚଦଶ ଶତାବ୍ଦୀ ବେଳକୁ କେବଳ ଫ୍ରାନ୍ସ ବ୍ୟତୀତ ପ୍ରାୟ ପ୍ରତ୍ୟେକ ଦେଶରୁ ବେରନ୍‌ମାନଙ୍କର ଶକ୍ତି ଲୋପ ପାଇଥିଲା ଏବଂ ରାଜାମାନେ ନିଜନିଜ ଦେଶରେ ଏକାଧିପତ୍ୟ ବିସ୍ତାର କରିଥିଲେ ।

ବେରନ୍‌ମାନଙ୍କର ଅବନତି ଘଟୁଥିବା ସମୟରେ ଧର୍ମଯାଜକମାନଙ୍କର ମଧ୍ୟ ଅବନତି ଘଟୁଥିଲା । ପୋପଙ୍କର ବିଳାସ ଓ ଅର୍ଥଲିପ୍ସାରେ ଲୋକମାନେ ଘୋର ଅସନ୍ତୁଷ୍ଟ ଥିଲେ । ଏହି ସମୟରେ ଫ୍ରାନ୍ସର ରାଜାଙ୍କର ପୋପଙ୍କ ସହିତ ବିବାଦ ହେଲା । ଏହି ବିବାଦର ପରିଣାମରେ ଚତୁର୍ଦ୍ଦଶ ଶତାବ୍ଦୀରେ ଇଉରୋପରେ ଦୁଇଜଣ ପୋପ ରହିଲେ । ସେମାନଙ୍କ ମଧ୍ୟରୁ ଜଣେ ଫ୍ରାନ୍ସରେ ଥିଲେ ଓ ଅନ୍ୟଜଣେ ରୋମରେ ଥିଲେ । ଇଉରୋପରେ ଦୁଇଜଣ

Digitized by srujanika@gmail.com

ପୋପ ରହିବାରୁ ଇଉରୋପୀୟମାନେ କୌଣସି ପୋପଙ୍କ ଆଦେଶ ମାନୁନଥିଲେ । କ୍ରମେ ଲୋକମାନଙ୍କର ଧର୍ମ ବିଶ୍ୱାସ ଶିଥିଳ ହୋଇଗଲା । ସାଧାରଣ ଲୋକମାନେ ମଧ୍ୟ ପୋପଙ୍କର କ୍ଷମତା ଓ ଧର୍ମଭାବ ସମ୍ବନ୍ଧରେ ସନ୍ଦେହ୍‌ଧ ହେଲେ । ତେଣୁ ଧର୍ମ ସମ୍ବନ୍ଧରେ ସେମାନେ ସ୍ୱାଧୀନ ଭାବରେ ଚିନ୍ତା କରିବାକୁ ଲାଗିଲେ ।

ଆଧୁନିକ ଯୁଗର ଆବିର୍ଭାବ—ପଞ୍ଚଦଶ ଶତାବ୍ଦୀ ବେଳକୁ ବେରନ୍ ସମ୍ପ୍ରଦାୟ ଲୋପ ପାଇଥିଲା ଏବଂ ଧର୍ମ ବିଷୟରେ ସ୍ୱାଧୀନ ଭାବେ ଚିନ୍ତା କରିବାପାଇଁ ଲୋକମାନେ ଅଭ୍ୟସ୍ତ ହୋଇଥିଲେ । ମଧ୍ୟଯୁଗରେ ଇଉରୋପର ପ୍ରତ୍ୟେକ ଦେଶରେ ଅନେକ ମଠ ଥିଲା । ପ୍ରତ୍ୟେକ ମଠରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ଥିଲା । ଏହି ବିଦ୍ୟାଳୟମାନଙ୍କରେ କେବଳ ଲାଟିନ୍ ପଢ଼ାଯାଉଥିଲା । ସେତେବେଳେ କେବଳ ଧର୍ମଯାଜକ ଓ ସନ୍ନ୍ୟାସୀମାନେ ପାଠପଢୁଥିଲେ । ଏହାଛଡ଼ା ଅନ୍ୟ କୌଣସି ବିଦ୍ୟାଳୟ କୌଣସି ଦେଶରେ ନଥିଲା । ସାଧାରଣ ଲୋକମାନେ ବଡ଼ ଗରିବ ଥିଲେ ଏବଂ ଶିକ୍ଷା ପାଇବାର କୌଣସି ସୁଯୋଗ ପାଉନଥିଲେ । ମଧ୍ୟଯୁଗର ଶେଷଆଡ଼କୁ ପ୍ରତ୍ୟେକ ଦେଶରେ ବ୍ୟବସାୟ ବାଣିଜ୍ୟର ଯଥେଷ୍ଟ ଉନ୍ନତି ହୋଇଥିଲା ଏବଂ ପ୍ରତ୍ୟେକ ଦେଶରେ ବହୁସଂଖ୍ୟକ ବିଦ୍ୟାଳୟ ସ୍ଥାପିତ ହୋଇଥିବାରୁ ସାଧାରଣ ଲୋକମାନେ ଶିକ୍ଷାଲାଭ କରି-ପାରିବାର ସୁବିଧା ପାଇଥିଲେ ।

ଅଟୋମେନ୍ ତୁର୍କିମାନେ କନ୍‌ଷ୍ଟାଣ୍ଟିନୋପଲ୍ ଜୟ କରିବା ଫଳରେ ଗ୍ରୀସ୍‌ରୁ ଯେଉଁ ପଣ୍ଡିତମାନେ ପଳାଇ ଆସିଥିଲେ ସେମାନେ ଏହି ସମୟରେ ଦକ୍ଷିଣ ଇଟାଲୀରେ ଗ୍ରୀକ୍ ସାହିତ୍ୟ, ଦର୍ଶନ ଓ ଧର୍ମ ସମ୍ବନ୍ଧରେ ପ୍ରଚାର କରୁଥିଲେ । ସେତେବେଳକୁ

Digitized by srujanika@gmail.com

ଇଉରୋପୀୟମାନଙ୍କର ଚିନ୍ତାଧାର ଉନ୍ମୁକ୍ତ ଥିବାରୁ ସେମାନେ ଗ୍ରୀକ୍ ପଣ୍ଡିତମାନଙ୍କର କଥାକୁ ଗ୍ରହଣ କରିଥିଲେ । ଇଉରୋପୀୟମାନଙ୍କର ବିଶ୍ୱାସ ଥିଲା ଯେ ଆତ୍ମାକୁ ପବିତ୍ର କରିବା ପାଇଁ ଅହଂ ଭାବ ତ୍ୟାଗ କରି ନାନାପ୍ରକାର ବ୍ରତ ଓ ଉପବାସ ଦ୍ୱାରା ଶରୀରକୁ କଷ୍ଟ ଦେବା ଆବଶ୍ୟକ । କିନ୍ତୁ ଗ୍ରୀକ୍ ପଣ୍ଡିତମାନେ ଧର୍ମ ସମ୍ବନ୍ଧରେ ନୂତନ ତଥ୍ୟ ପ୍ରଚାର କରିଥିଲେ । ସେମାନେ କହୁଥିଲେ ଯେ ଈଶ୍ୱର ଅର୍ଥ ପୃଥିବୀ ଓ ମନୁଷ୍ୟକୁ ବୁଝାଏ । ମନୁଷ୍ୟ ଯଦି ପୃଥିବୀକୁ ଓ ନିଜ ମଧ୍ୟରେ ଥିବା ଶକ୍ତିକୁ ଭଲକରି ବୁଝେ ତାହା ହେଲେ ସେ ଈଶ୍ୱରଙ୍କର ଦର୍ଶନ ଲାଭ କରିଅଛି ବୋଲି ଜଣାପାଏ । ନିଜର ଶକ୍ତିକୁ ବଢ଼ାଇବା ଓ ନିଜର ଶକ୍ତିକୁ ଭଲକରି ଚିହ୍ନିବା ମନୁଷ୍ୟର ଚରମ ଲକ୍ଷ୍ୟ ହେବା ଉଚିତ ବୋଲି ସେମାନେ କହୁଥିଲେ । ସେତେବେଳକୁ ଖ୍ରୀଷ୍ଟଧର୍ମର ଆଦର୍ଶ ପ୍ରତି ଲୋକମାନଙ୍କର ଶ୍ରଦ୍ଧା କମି ଯାଉଥିବାରୁ ଇଉରୋପୀୟମାନେ ଗ୍ରୀକ୍ ପଣ୍ଡିତମାନଙ୍କର ଉପଦେଶ ପ୍ରତି ଆକୃଷ୍ଟ ହୋଇଥିଲେ । ଗ୍ରୀକ୍ ପଣ୍ଡିତମାନଙ୍କର ପ୍ରଚାର ଫଳରେ ଇଉରୋପୀୟମାନେ ଅନ୍ଧ ବିଶ୍ୱାସ ଓ ଆଦର୍ଶବାଦ (Dogmatism) ତ୍ୟାଗ କରି ସତ୍ୟର ଅନୁସନ୍ଧାନ କରିବାକୁ ଲାଗିଲେ । ପ୍ରତ୍ୟେକ ପଦାର୍ଥକୁ ବିଶ୍ଳେଷଣ କରି ତାର ଗୁଣ, କାର୍ଯ୍ୟ ଓ ଅନ୍ୟ ପଦାର୍ଥ ସହିତ ସମ୍ପର୍କ ସ୍ଥିର କରିବା ପାଇଁ ଇଉରୋପର ପ୍ରତ୍ୟେକ ଦେଶରେ ପ୍ରଗାଢ଼ ଅଧ୍ୟବସାୟ ଆରମ୍ଭ ହେଲା । ଫଳରେ ଜଡ଼ବିଜ୍ଞାନ ଚର୍ଚ୍ଚା, ଭୌଗୋଳିକ ଆବିଷ୍କାର ଓ ଧର୍ମ ସଂସ୍କାର ଆନ୍ଦୋଳନ ପ୍ରଭୃତି କାର୍ଯ୍ୟରେ ଇଉରୋପୀୟମାନେ ସେମାନଙ୍କର ସମସ୍ତ ସମୟ କଟାଇଥିଲେ ।

ବୈଜ୍ଞାନିକ ଆବିଷ୍କାର—ଧର୍ମ ଓ ବିଜ୍ଞାନ ପରସ୍ପରର ବିରୁଦ୍ଧାତ୍ମକ ଥିବାରୁ ପୋପ ବିଜ୍ଞାନ ଚର୍ଚ୍ଚାକୁ ଆଦୌ ଭଲ ପାଉ-

Digitized by srujanika@gmail.com

ନଥିଲେ । ବୈଜ୍ଞାନିକମାନେ ପ୍ରତ୍ୟେକ ବିଷୟର ଗୃଷ୍ଟ ପ୍ରମାଣ ଗ୍ରହଣ କରନ୍ତି କିନ୍ତୁ ଧର୍ମଯାଜକମାନେ ପ୍ରମାଣ ଅପେକ୍ଷା ବିଶ୍ୱାସ ଉପରେ ବେଶୀ ନିର୍ଭର କରନ୍ତି । ତେଣୁ ଧର୍ମଯାଜକ ଓ ବୈଜ୍ଞାନିକମାନଙ୍କ ମଧ୍ୟରେ ସଦ୍ଭାବ ସ୍ଥାପିତ ହେବା ଅସମ୍ଭବ । ଏସବୁ ଅସୁବିଧା ସତ୍ତ୍ୱେ ଷୋଡ଼ଶ ଶତାବ୍ଦୀରେ ଇଉରୋପର ଅନେକ ଲୋକ ବିଜ୍ଞାନ ଚର୍ଚ୍ଚା କରିଥିଲେ ଏବଂ ଅନେକ ନୂତନ ତଥ୍ୟ ଆବିଷ୍କାର କରିଥିଲେ । ସେମାନଙ୍କ ମଧ୍ୟରେ କୁପରନିକସ୍, ଗାଲିଲିଓ, ନିଉଟନ୍ ଓ ହାରଭେ ପ୍ରଧାନ ।

ସେ ସମୟରେ ଖ୍ରୀଷ୍ଟିଆନ୍‌ମାନେ ବିଶ୍ୱାସ କରୁଥିଲେ ଯେ ପୃଥିବୀ ବିଶ୍ୱବ୍ରହ୍ମାଣ୍ଡର କେନ୍ଦ୍ର । ପୃଥିବୀ ସ୍ଥିର ଅଛି ଓ ସୂର୍ଯ୍ୟ ପୃଥିବୀ ଚାରିପଟେ ଘୂରୁଅଛି । ଯେଉଁମାନେ ଏହାର ବିରୁଦ୍ଧ ମତ ପ୍ରକାଶ କରୁଥିଲେ ସେମାନେ ଧର୍ମ ଦ୍ରୋହ ଅପରାଧରେ ଦଣ୍ଡିତ ହେଉଥିଲେ । କୁପରନିକସ୍ ଗ୍ରହ ନକ୍ଷତ୍ରମାନଙ୍କର ଗତିବିଧି ଲକ୍ଷ୍ୟ କରି ପ୍ରମାଣ କରିଥିଲେ ଯେ ପୃଥିବୀ ସୂର୍ଯ୍ୟଠାରୁ ସାନ, ତାହା ସୂର୍ଯ୍ୟ ଚାରିପଟେ ଘୂରୁଅଛି ଏବଂ ନକ୍ଷତ୍ରମାନଙ୍କ ମଧ୍ୟରୁ ଅନେକ ସୂର୍ଯ୍ୟଠାରୁ ବହୁଗୁଣରେ ବଡ଼ । ପୋପ ଏହା ସ୍ୱୀକାର କରିବାର ପାଇଁ ନଥିଲେ । କୁପରନିକସ୍ ଜଣେ ପ୍ରତିପତ୍ତିଶାଳୀ ଲୋକ ଥିବାରୁ ପୋପ ତାଙ୍କୁ ଦଣ୍ଡ ଦେଇ ପାରିନଥିଲେ । ଗାଲିଲିଓ ଦୂରବୀକ୍ଷଣ ଯନ୍ତ୍ର ଉଦ୍ଭାବନ କରି ଗ୍ରହ ନକ୍ଷତ୍ରମାନଙ୍କର ଆକାର ଓ ଗତିବିଧି ସମ୍ବନ୍ଧରେ ନୂତନ ତଥ୍ୟ ଆବିଷ୍କାର କରିଥିଲେ । ସେ କୁପରନିକସ୍ ମତକୁ ସମର୍ଥନ କରିଥିଲେ । ସେ କୁପରନିକସ୍‌ଙ୍କଠାରୁ ଦୁର୍ବଳ ଲୋକ ଥିବାରୁ ପୋପ ତାଙ୍କୁ ତିନିବର୍ଷ ଜେଲଦଣ୍ଡ ଦେଇଥିଲେ । ପୃଥିବୀର ଗୁରୁତ୍ୱ କମାଇ ଦେଇଥିବାରୁ ତାଙ୍କର ମହାପାପ ହୋଇଥିଲା ବୋଲି ପୋପ କହିଲେ । ତାଙ୍କର

Digitized by srujanika@gmail.com

ମତ ପ୍ରତ୍ୟାହାର କରିବାକୁ ପୋପ ତାଙ୍କୁ ବାଧ୍ୟ କରିଥିଲେ । ଗାଲିଲିଓ ବାଧ୍ୟ ହୋଇ ତାଙ୍କର ମତ ପ୍ରତ୍ୟାହାର କଲେ । ତଥାପି ତାଙ୍କୁ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିଲା ଏବଂ ଜେଲଖାନାରେ ତାଙ୍କୁ ପ୍ରତି ସପ୍ତାହରେ ଥରେ ଲେଖାଏଁ ବାଇବେଲରୁ ୭ଟି କରି ସ୍ତୋତ୍ର ବୋଲିବାକୁ ପଡ଼ୁଥିଲା । ଏ ସବୁ ଅତ୍ୟାଚାର ସତ୍ତ୍ୱେ ବୈଜ୍ଞାନିକମାନେ ବିଜ୍ଞାନ ଚର୍ଚ୍ଚା ତ୍ୟାଗ କରିନଥିଲେ । ଏହି ଯୁଗରେ ହାରଭେ ନାମକ ଅନ୍ୟ ଜଣେ ବୈଜ୍ଞାନିକ ଶରୀରରେ ରକ୍ତ ସଞ୍ଚାଳନ କିପରି ହୁଏ ତାହା ଆବିଷ୍କାର କରିଥିଲେ ଏବଂ ନିଉଟନ୍ ପ୍ରମାଣ କରିଥିଲେ ଯେ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଅଛି ।

ଭୌଗୋଳିକ ଆବିଷ୍କାର—କ୍ରୁସେଡ ଯୁଦ୍ଧ ସମୟରୁ ଇଉରୋପୀୟମାନେ ଭାରତ ସହିତ ବାଣିଜ୍ୟ କରିବାକୁ ଆରମ୍ଭ କରିଥିଲେ । ସେ ସମୟରେ ଇଟାଲୀରେ ଅବସ୍ଥିତ ଜେନୋଆ ଓ ଭେନିସ୍ ନାମକ ଦୁଇଟି ସହରର ଲୋକମାନେ ଇଉରୋପରେ ପ୍ରସିଦ୍ଧ ବ୍ୟବସାୟୀ ଥିଲେ । ସେହିମାନେ ଇଉରୋପରୁ ସ୍ଥଳପଥରେ ଏସିଆକୁ ଆସି ଭାରତ ସହିତ ବାଣିଜ୍ୟ କରୁଥିଲେ । ନବଜାଗରଣ ଯୁଗରେ ଇଉରୋପରେ ଅନେକ ନୂତନ ସହର ସ୍ଥାପିତ ହୋଇଥିଲା । ଏହି ନୂତନ ସହରରେ ବାସ କରୁଥିବା ଲୋକମାନେ ବ୍ୟବସାୟ ବାଣିଜ୍ୟ କରି ଉନ୍ନତି କରିଥିଲେ । ଜେନୋଆ ଓ ଭେନିସ୍‌କୁ ଅନୁକରଣ କରି ସେମାନେ ଭାରତ ସହିତ ବାଣିଜ୍ୟ ସମ୍ପର୍କ ରଖିବାକୁ ଉଦ୍ୟମ କଲେ । ସେ ସମୟରେ ଏସିଆକୁ ଆସିବା ପାଇଁ ଯେଉଁ ସ୍ଥଳପଥ ଥିଲା ତାହା ଅଟୋମେନ୍ ତୁର୍କିମାନଙ୍କ ଦ୍ୱାରା ଅଧିକୃତ ହୋଇଥିଲା । ବହୁସଂଖ୍ୟକ ଇଉରୋପୀୟ ସେମାନଙ୍କ ରାଜ୍ୟ ଦେଇ ଯିବା ଆସିବା କରିବାରୁ ତୁର୍କିମାନେ ଇଉରୋପୀୟମାନଙ୍କୁ ସେ ବାଟରେ ଯିବା ପାଇଁ ଅନୁମତି ଦେଲେ ନାହିଁ । ଭାରତକୁ

Digitized by srujanika@gmail.com

ସ୍ଥଳପଥ ଏହିରୂପେ ବନ୍ଦ ହୋଇଯିବାରୁ ଇଉରୋପୀୟମାନେ ଜଳପଥ ଅବିଷ୍କାର କରିବା ପାଇଁ ପ୍ରାଣପଣେ ଚେଷ୍ଟା କଲେ ।



ଇଉରୋପୀୟମାନଙ୍କ ମଧ୍ୟରେ ସର୍ବ ପ୍ରଥମେ ପର୍ତ୍ତୁଗୀଜମାନେ ଭାରତକୁ ଜଳପଥ ଅବିଷ୍କାର କରିବା ପାଇଁ ଚେଷ୍ଟା କରିଥିଲେ । ପର୍ତ୍ତୁଗୀଜମାନଙ୍କ ଚେଷ୍ଟାରେ ଆଫ୍ରିକାର ପଶ୍ଚିମ ଉପକୂଳରେ କେତେକ ସ୍ଥାନ ଅବିଷ୍କୃତ ହୋଇଥିଲା । ୧୪୮୬ ଖ୍ରୀ: ରେ ବାର୍ଥୋଲୋମିଉ ଡାଏସ୍ ଆଫ୍ରିକାର ଦକ୍ଷିଣ ଉପକୂଳ ଅବିଷ୍କାର କରିଥିଲେ ।

Digitized by srujanika@gmail.com

କଲମ୍ବସ୍—ପର୍ତ୍ତୁଗୀଜମାନେ **ଅଫ୍ରିକାର** ଉପକୂଳ **ଅବିଷ୍କାର** କରୁଥିବା ସମୟରେ କଲମ୍ବସ୍ **ଆଟଲାଣ୍ଟିକ୍** ପାରହୋଇ ଭାରତକୁ ଯିବା ପାଇଁ କଳ୍ପନା କଲେ । କଲମ୍ବସ୍ ଇଟାଲୀ ଅନ୍ତର୍ଗତ ଜେନୋଆ ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଦରିଦ୍ର ଥିଲେ ମଧ୍ୟ ସେ ନିଜର ବୁଦ୍ଧି ବଳରେ ଜଣେ ଭଲ ନାବିକ ହୋଇ ପାରିଥିଲେ । ମାର୍କୋପୋଲ୍ଙ୍କ ଭ୍ରମଣ ବୃତ୍ତାନ୍ତ ପାଠ କରି ସେ ବୁଝିଲେ ଯେ ଚୀନ ଓ ଜାପାନ ଅତି ସମୃଦ୍ଧିଶାଳୀ ରାଜ୍ୟ । ସେଠାକୁ ଗଲେ ସେ ପ୍ରଚୁର ଧନ ସମ୍ପତ୍ତି ଲାଭ କରିପାରିବେ ବୋଲି ତାଙ୍କର ଧାରଣା ହେଲା । ମାର୍କୋପୋଲ ଚୀନ ଦେଶକୁ ଅତି ବିଶାଳ ବୋଲି ବର୍ଣ୍ଣନା କରିଥିଲେ । ତେଣୁ କଲମ୍ବସ୍ ଭାବିଲେ ଯେ ପଶ୍ଚିମ ପଟେ **ଆଟଲାଣ୍ଟିକ୍** ମହାସାଗରରେ ଅଳ୍ପ ଦୂର ଗଲେ ସେ ଚୀନରେ ପହଞ୍ଚି ପାରିବେ । ସେତେବେଳକୁ ସେ ମାର୍କୋ-ପୋଲଙ୍କଠାରୁ ଚୀନରେ ବ୍ୟବହୃତ ହୋଇଥିବା ନାବିକମାନଙ୍କର କମ୍ପାସ୍ ପାଇଥିଲେ ଏବଂ ତାହାକୁ ନିଜର ବୁଦ୍ଧିବଳରେ ଉନ୍ନତ କରି ଗଠନ କରିଥିଲେ । ତେଣୁ **ଆଟଲାଣ୍ଟିକ୍** ମହାସାଗରରେ ଜଳ ଯାତ୍ରା କରିବା ତାଙ୍କ ପକ୍ଷରେ ସହଜ ହେବ ବୋଲି ତାଙ୍କର ଦୃଢ଼ ଧାରଣା ହୋଇଥିଲା ।

କଲମ୍ବସ୍ ଏହି ଉଦ୍ଦେଶ୍ୟରେ ପର୍ତ୍ତୁଗାଲର ରଜାକୁ ସାହାଯ୍ୟ ମାଗିଲେ । ପର୍ତ୍ତୁଗାଲର ରଜା ତାଙ୍କ କଥା ଶୁଣି ହସିଲେ । ସେତେ-ବେଳେ **ଆଟଲାଣ୍ଟିକ୍** ମହାସାଗର ସମ୍ବନ୍ଧରେ ଇଉରୋପୀୟମାନଙ୍କର ଅଦ୍ଭୁତ ଧାରଣା ଥିଲା । ସେମାନେ ଭାବୁଥିଲେ ଯେ **ଆଟଲାଣ୍ଟିକ୍** ମହାସାଗର ବଡ଼ ବଡ଼ ସାମୁଦ୍ରିକ ରାକ୍ଷସମାନଙ୍କ ଦ୍ୱାରା ପୂର୍ଣ୍ଣ । ସେମାନେ ଜାହାଜ ସମେତ ଲୋକମାନଙ୍କୁ ଗିଳିପକାଇବେ ବୋଲି ସେମାନଙ୍କର ବିଶ୍ୱାସ ଥିଲା । ତେଣୁ ପର୍ତ୍ତୁଗାଲ୍ର ରଜା କଲମ୍ବସ୍ଙ୍କ

Digitized by srujanika@gmail.com

ଇଣ୍ଡିଆକୁ ହସରେ ଉଡ଼ାଇ ଦେଲେ । ତା ପରେ କଲମ୍ବସ୍ ରାସ୍ତାରେ ଗଲାବେଳେ ଲୋକମାନେ ତାଙ୍କୁ ପାଗଲ ବୋଲି ଉପହାସ କରିବାକୁ ଲାଗିଲେ । ସେ ହତୋତ୍ସାହ ହୋଇ ସ୍ପେନକୁ ପଳାଇ ଆସିଲେ ।

କଲମ୍ବସ୍

ସ୍ପେନକୁ ଆସି ସେ ସ୍ପେନର ରାଜା ଫର୍ଡିନାଣ୍ଡଙ୍କୁ ସାହାଯ୍ୟ ମାଗିଲେ । ସେ ସମୟରେ ସେ ମୁସଲମାନ୍ (ସାରସିନ୍) ମାନଙ୍କ ସହିତ ଘୋର ଯୁଦ୍ଧରେ ରତ ଥିଲେ । ସେ କଲମ୍ବସ୍‌ଙ୍କ କଥା ଶୁଣିଲେ ନାହିଁ । ଯୁଦ୍ଧରେ ଜୟଲାଭ କରିବା ପରେ ମଧ୍ୟ କଲମ୍ବସ୍‌ଙ୍କ

Digitized by srujanika@gmail.com

ପ୍ରସ୍ତାବ ଅସମ୍ଭବ ବୋଲି କହି ତାଙ୍କୁ କୌଣସି ସାହାଯ୍ୟ ଦେଲେ ନାହିଁ । ସେ ହତୋତ୍ସାହ ହୋଇ ଫେରିବା ସମୟରେ ଫର୍ଡିନାଣ୍ଡଙ୍କ ସ୍ତ୍ରୀ ଇସାବେଲା ତାଙ୍କୁ ତିନୋଟି ଜାହାଜ ଦେବେ ବୋଲି ପ୍ରତିଶ୍ରୁତି ଦେଲେ । ଏଥିରେ କଲମ୍ବସ୍‌ଙ୍କର ଆଶାର ସଞ୍ଚାର ହେଲା । ସେ ଜଳ ଯାତ୍ରାର ସମସ୍ତ ଆୟୋଜନ କଲେ; କିନ୍ତୁ କୌଣସି ନାବିକ ତାଙ୍କ ସହିତ ଯିବା ପାଇଁ ଇଚ୍ଛୁକ ହେଲେ ନାହିଁ । ଫର୍ଡିନାଣ୍ଡ ତାଙ୍କୁ ଲୋକ ଯୋଗାଇବା ପାଇଁ ଗୋଟିଏ କୌଶଳ କଲେ । ତାଙ୍କ ରାଜ୍ୟରେ ଯେଉଁ ନରହନ୍ତା ଓ ଦସ୍ୟୁମାନଙ୍କୁ ପ୍ରାଣଦଣ୍ଡ ଆଦେଶ ହୋଇଥିଲା ସେମାନଙ୍କୁ ଡକାଗଲା । କଲମ୍ବସ୍‌ଙ୍କ ସାଙ୍ଗରେ ଗଲେ ସେମାନଙ୍କର ପ୍ରାଣଦଣ୍ଡ ଆଦେଶ ପ୍ରତ୍ୟାହାର କରାଯିବ ବୋଲି ତାଙ୍କୁ କୁହାଗଲା । ତେଣୁ ସେମାନେ ଅବଶ୍ୟ ମୃତ୍ୟୁରୁ ରକ୍ଷାପାଇବା ପାଇଁ ଅଟଲାଣ୍ଟିକ୍‌ରେ ଜଳଯାତ୍ରା କରିବାକୁ ସମ୍ମତ ହେଲେ । ଏହିରୂପେ କଲମ୍ବସ୍ ଜାହାଜ ଓ ଲୋକ ଆୟୋଜନ କରି ୧୪୯୨ ଖ୍ରୀ: ରେ ତାଙ୍କର ଇତିହାସ ପ୍ରସିଦ୍ଧ ଜଳଯାତ୍ରା ଆରମ୍ଭ କଲେ ।

ବିସ୍ତୀର୍ଣ୍ଣ ଅଟଲାଣ୍ଟିକ୍ ମହାସାଗରରେ ତାଙ୍କୁ ଦୀର୍ଘ ଦୁଇମାସ ନଅଦିନ ଜଳଯାତ୍ରା କରିବାକୁ ପଡ଼ିଥିଲା । ଏହି ସମୟ ମଧ୍ୟରେ ସେ ଖାଦ୍ୟ ପାନୀୟ ଅଭାବରୁ ବହୁ ଦୁଃଖ ଓ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କର ନାବିକମାନେ ହତୋତ୍ସାହ ହୋଇ କଲମ୍ବସ୍‌ଙ୍କୁ ହତ୍ୟାକରିବା ପାଇଁ ଚେଷ୍ଟା କରିଥିଲେ । କିନ୍ତୁ କଲମ୍ବସ୍ ସବୁ ବିପଦରୁ ରକ୍ଷା ପାଇଥିଲେ । ଶେଷରେ ସେ ଅକ୍ଟୋବର ମାସ ୧୨ ତାରିଖରେ ସାନ୍‌ସାଲ୍ ଭାଡର ଦ୍ୱୀପରେ ପହଞ୍ଚିଲେ । ଏତେଦିନ ପରେ ସ୍ଥଳ ଭାଗ ଦେଖି ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ନାବିକମାନେ ମଧ୍ୟ ଆନନ୍ଦରେ ନାଚିବାକୁ ଲାଗିଲେ ।

Digitized by srujanika@gmail.com

ଗଲମ୍ବସ୍ ଏହି ଦ୍ୱୀପରେ ପ୍ରବେଶ କରି ସେଠାର ଅଧିବାସୀଙ୍କ ସହିତ ସଦ୍ଭାବ ସ୍ଥାପନ କରିଥିଲେ । ସେମାନେ ମଧ୍ୟ କଲମ୍ବସ୍ ଓ ତାଙ୍କର ନାବିକମାନଙ୍କ ସହିତ ଭଦ୍ର ବ୍ୟବହାର କରିଥିଲେ । ସେ ଚୀନ ପରବର୍ତ୍ତେ ଜାପାନ କିମ୍ବା ଭାରତରେ ପହଞ୍ଚିଲେ ବୋଲି ଭାବିଥିଲେ । ତତ୍ପରେ ସେ ବାହାମା ଓ କ୍ୟୁବା ଦ୍ୱୀପ ଅବିଷ୍କାର କରି ତାଙ୍କର ନାବିକମାନଙ୍କ ମଧ୍ୟରୁ କେତେକଙ୍କୁ ସେହି ଦ୍ୱୀପମାନଙ୍କରେ ରଖି ଦେଇ ସ୍ପେନକୁ ଫେରି ଆସିଲେ ।

କଲମ୍ବସ୍ ସ୍ପେନକୁ ଫେରି ଆସିବାବେଳେ ସାଙ୍ଗରେ ଏହି ଦ୍ୱୀପମାନଙ୍କରୁ କେତେକ ଲୋକ ଓ ପଶୁ ପକ୍ଷୀ ନେଇ ଯାଇଥିଲେ । ସ୍ପେନର ରାଜା ଏସବୁ ଦେଖି କଲମ୍ବସ୍‌ଙ୍କ କଥାରେ ବିଶ୍ୱାସ କଲେ ଏବଂ ତାଙ୍କୁ ମହାସମାରୋହରେ ଅଭ୍ୟର୍ଥନା କରିଥିଲେ । ଏହି ଦ୍ୱୀପଗୁଡ଼ିକ ସ୍ପେନର ଅଧୀନସ୍ଥ ରାଜ୍ୟ ବୋଲି ଘୋଷଣା କରାଗଲା ଏବଂ କଲମ୍ବସ୍ ସେ ସବୁର ଶାସନକର୍ତ୍ତା ନିଯୁକ୍ତ ହେଲେ ।

କଲମ୍ବସ୍ ପୁନର୍ବାର ଅନେକ ଜାହାଜ ଓ ଲୋକ ନେଇ ଅଟଲାଣ୍ଟିକ୍‌ରେ ଜଳଯାତ୍ରା କଲେ । ଏଥର ସେ ଆହୁରି ଅନେକ ଦ୍ୱୀପ ଓ ଦକ୍ଷିଣ ଆମେରିକାର ପୂର୍ବ ଉପକୂଳ ଆବିଷ୍କାର କରିଥିଲେ । କିନ୍ତୁ ସେ ଏସିଆର ପୂର୍ବ ଉପକୂଳ ଆବିଷ୍କାର କରିଥିଲେ ବୋଲି ମୃତ୍ୟୁ ପର୍ଯ୍ୟନ୍ତ ବିଶ୍ୱାସ କରିଥିଲେ । ଏହି ଅଞ୍ଚଳରେ ସୁନା ପାଇବା ପାଇଁ କଲମ୍ବସ୍ ଯଥାସାଧ୍ୟ ଚେଷ୍ଟା କରିଥିଲେ; କିନ୍ତୁ ତାହା ସଫଳ ହୋଇ ନଥିଲା । ତେଣୁ ସେ କ୍ରୀତଦାସ ବ୍ୟବସାୟ ଆରମ୍ଭକଲେ । ସ୍ପେନର ରାଜା ଏଥିରେ ବିରକ୍ତ ହୋଇ ତାଙ୍କୁ ସେଠାରୁ ଡକାଇ ଆଣିଲେ । ଏହାପରେ ସେ ଆଉ ଦୁଇଥର ଜଳଯାତ୍ରା କରିଥିଲେ । କିନ୍ତୁ ତାଙ୍କର କୁଶାସନ ହେତୁ ତାଙ୍କୁ

Digitized by srujanika@gmail.com

ଅବିଷ୍କୃତ ଅଞ୍ଚଳର ଶାସନକର୍ତ୍ତା ରୂପେ ପଠାଯାଇ ନଥିଲା । ସ୍ୱାସ୍ଥ୍ୟ ନଷ୍ଟ ହେବାରୁ ସେ ସ୍ପେନକୁ ଫେରି ଅସିଲେ ଏବଂ ୧୫୦୯ ରେ ପ୍ରାଣତ୍ୟାଗ କରିଥିଲେ । କଲମ୍ବସ୍‌ଙ୍କ ପରେ ଭେସ୍‌ପୁସି ଅମେରିଗୋ ନାମକ ଜଣେ ଇଟାଲୀୟ ନାବିକ ସମସ୍ତ ଉତ୍ତର ଓ ଦକ୍ଷିଣ ଅମେରିକା ଅବିଷ୍କାର କରିଥିଲେ । ତାଙ୍କର ନାମ ଅନୁସାରେ ଏହି ମହାଦେଶର ନାମ ଅମେରିକା ହେଲା ।

ଭାସ୍କୋଡ଼ିଗାମା—କଲମ୍ବସଙ୍କ ଜଳଯାତ୍ରା ଦ୍ୱାରା ଅନୁପ୍ରାଣିତ ହୋଇ ପର୍ତ୍ତୁଗାଲର ଭାସ୍କୋଡ଼ଗାମା ଭାରତକୁ ଜଳପଥ ଅବିଷ୍କାର କରିବା ପାଇଁ ଗୁରିଗୋଟି ଜାହାଜ ନେଇ ୧୪୯୭ରେ ପୂର୍ବଅଡ଼କୁ ଜଳଯାତ୍ରା ଅରମ୍ଭ କଲେ । ଡାଏସ୍‌ଙ୍କଦ୍ୱାରା ଅବିଷ୍କୃତ ପଥ ଅନୁସରଣ କରି ସେ ଉତ୍ତମାଶା ଅନ୍ତରୀପ ପାର ହେଲେ । ତପରବର୍ଷ ସେ ମେଲିଣ୍ଡାଠାରେ ପହଞ୍ଚିଲେ । ସେଠାରୁ ସେ ଜଣେ ଆରବୀୟ ନାବିକଙ୍କ ସାହାଯ୍ୟରେ ଭାରତ ମହାସାଗର ପାର ହୋଇ କାଲିକଟରେ ପହଞ୍ଚିଲେ (୨୦-୫-୧୪୯୮) । ସେତେବେଳେ ଅରବୀୟ ମୁସଲମାନମାନେ ଭାରତରେ ବାଣିଜ୍ୟ କରୁଥିଲେ । ପର୍ତ୍ତୁଗୀଜମାନଙ୍କୁ ଦେଖି ସେମାନଙ୍କର ଈର୍ଷା ହେଲା । ପର୍ତ୍ତୁଗୀଜ-ମାନେ ଭାରତରେ ବାଣିଜ୍ୟ କଲେ ସେମାନଙ୍କର କ୍ଷତି ହେବା ଭୟରେ ସେମାନେ କାଲିକଟର ରଜା ଜାମୋରିନ୍‌ଙ୍କୁ ସେମାନଙ୍କ ବିରୁଦ୍ଧରେ ଉତ୍ତେଜିତ କଲେ । ଜାମୋରିନ୍‌ଙ୍କଠାରୁ ସାହାଯ୍ୟ ପାଇ ଅରବୀୟ ବ୍ୟବସାୟୀମାନେ ପର୍ତ୍ତୁଗୀଜମାନଙ୍କୁ ସମୁଦ୍ର କୂଳରେ ବନ୍ଦୀକରି ରଖିଥିଲେ । ଭାସ୍କୋଡ଼ଗାମା ବଳ ପ୍ରୟୋଗକରି ସେଠାରୁ ପଳାଇ ଅସିଥିଲେ ।

ତତ୍ପରେ ଭାସ୍କୋଡ଼ଗାମା ପର୍ତ୍ତୁଗାଲ୍‌କୁ ଫେରି ଅସିଲେ । ପର୍ତ୍ତୁଗାଲ୍‌ର ରଜା ତାଙ୍କୁ ସମ୍ମାନର ସହିତ ଗ୍ରହଣ କରିଥିଲେ ଏବଂ

Digitized by srujanika@gmail.com

ତେର ଗୋଟି ଜାହାଜ ଭାରତକୁ ପଠାଇଲେ । ଏଥର ମଧ୍ୟ ପର୍ତ୍ତୁଗୀଜ୍‌ମାନେ ଭାରତରେ ସଦ୍‌ବ୍ୟବହାର ପାଇନଥିଲେ । ପର୍ତ୍ତୁଗୀଜ୍‌ମାନେ ବିଫଳ ମନୋରଥ ହୋଇ ଫେରିଯିବାରୁ ଭାସ୍କୋଡ଼-ଗାମା ୧୫୦୨ ରେ ପୁନର୍ବାର ଭାରତକୁ ଆସିଲେ । କାଲିକଟରେ ପହଞ୍ଚି ସେ ଉକ୍ତ ସହରଟିକୁ ତୋପର ଆଘାତରେ ଧ୍ୱଂସ କରି ସେଠାର ଲୋକ ମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କଲେ । ସେଠାରୁ ସେ କୋଚିନ୍ ଗଲେ । କୋଚିନ୍‌ରେ ସେ କେତେକ ବାଣିଜ୍ୟଗତ ସୁବିଧା ପାଇଲେ । ତତ୍ପରେ ସେ ସମୁଦ୍ର ଉପକୂଳରେ ଥିବା ଅନେକ ସହରକୁ ଯାଇ ବାଣିଜ୍ୟର ସୁବନ୍ଦୋ-ବସ୍ତ କରି ୧୫୦୩ ରେ ପର୍ତ୍ତୁଗାଲ୍‌କୁ ଫେରିଲେ । ଏଥର ସେ ପର୍ତ୍ତୁଗାଲ୍‌ର

ଭାସ୍କୋଡ଼ଗାମା

ରଜାଙ୍କଠାରୁ ସମ୍ମାନ ଓ ବହୁ ଅର୍ଥ ପାଇଥିଲେ ଏବଂ ୨୦ ବର୍ଷ ପର୍ଯ୍ୟନ୍ତ ନିଜଘରେ ଶାନ୍ତିରେ କଟାଇଥିଲେ । ଇତ୍ୟବସରରେ ପର୍ତ୍ତୁଗୀଜ୍‌ମାନେ ଭାରତରେ ଅନେକ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ ଏବଂ ଅନେକ ସ୍ଥାନରେ ଶାସନ କରିବାର ଅଧିକାର ମଧ୍ୟ ପାଇଥିଲେ । ଏ ସବୁ ଅଞ୍ଚଳରେ ପର୍ତ୍ତୁଗୀଜ ଶାସନକର୍ତ୍ତାମାନେ

Digitized by srujanika@gmail.com

ଭଲ ଶାସନ କରୁ ନଥିବାରୁ ପର୍ତ୍ତୁଗାଲ୍‌ର ରଜା ପୁନର୍ବାର ଭାସ୍କୋଡ଼ ଗାମାଙ୍କୁ ୧୫୨୦ ରେ ଶାସନକର୍ତ୍ତା କରି ପଠାଇଲେ । କିନ୍ତୁ ସେହି ବର୍ଷ ତାଙ୍କର ମୃତ୍ୟୁ ଘଟିଥିଲା ।

ମାଗେଲାନ୍--ମାଗେଲାନ୍ ନାମକ ସ୍ପେନ ଦେଶର ଅନ୍ୟ ଜଣେ ନାବିକ ଆଟଲାଣ୍ଟିକ୍ ପାର ହୋଇ ଏସିଆକୁ ଯିବା ପାଇଁ ଇଚ୍ଛା କରିଥିଲେ । ସେ ୧୫୧୯ ରେ ୫ଟି ଜାହାଜ ଓ ୨୮୦ ଜଣ ଲୋକ ଘେନି ଜଳଯାତ୍ରା ଆରମ୍ଭ କଲେ । ଆଟଲାଣ୍ଟିକ ପାର ହୋଇ ସେ ଦକ୍ଷିଣ ଆମେରିକାର ଦକ୍ଷିଣ ସୀମାରେ ପହଞ୍ଚିଲେ । ସେଠାରୁ ସେ ପ୍ରଶାନ୍ତ ମହାସାଗରରେ ପ୍ରବେଶ କଲେ । ପ୍ରଶାନ୍ତ ମହାସାଗରରେ ବହୁଦିନ ଯାତ୍ରା କରିବା ପରେ ସେ ଫିଲିପାଇନ୍ ଦ୍ୱୀପପୁଞ୍ଜରେ ପହଞ୍ଚିଲେ । ଫିଲିପାଇନ୍‌ରେ ସେ ସମୟକୁ ପର୍ତ୍ତୁଗୀଜ-ମାନେ ବାଣିଜ୍ୟ କରୁଥିଲେ । ମାଗେଲାନ୍ ଯେତେବେଳେ ଫିଲିପାଇନ୍‌ରେ ପହଞ୍ଚିଲେ ସେତେବେଳେ ସେହି ଦ୍ୱୀପପୁଞ୍ଜର ଅଧି-ବାସୀମାନଙ୍କ ମଧ୍ୟରେ ଅନ୍ତର୍ବିବାଦ ଲାଗିଥିଲା । ସେଠାର ଲୋକ-ମାନେ ଦୁଇ ଦଳରେ ବିଭକ୍ତ ହୋଇ ପରସ୍ପର ମଧ୍ୟରେ ଯୁଦ୍ଧ କରୁଥିଲେ । ମାଗେଲାନ୍ ଏହି ଯୁଦ୍ଧରେ ଗୋଟିଏ ପକ୍ଷରେ ଯୋଗ ଦେଲେ । ତାଙ୍କର ଲୋକମାନଙ୍କ ମଧ୍ୟରୁ ବାଟରେ ଅନେକ ମରି ଯାଇଥିଲେ ଏବଂ ୩ଟି ଜାହାଜ ବୁଡ଼ି ଯାଇଥିଲା । ତେଣୁ ମାଗେଲାନ୍ ସଫଳତାର ସହିତ ଯୁଦ୍ଧ କରି ନ ପାରି ନିହତ ହୋଇଥିଲେ । ତାଙ୍କ ମୃତ୍ୟୁପରେ ପର୍ତ୍ତୁଗୀଜମାନେ ତାଙ୍କର ଜାହାଜମାନଙ୍କ ମଧ୍ୟରୁ ଗୋଟିଏ ନେଇଗଲେ । ଅବଶିଷ୍ଟ ଗୋଟିଏ ମାତ୍ର ଜାହାଜ ରହିଲା । ତାହା ନାମ ଭିକ୍ଟୋରିଆ । ସେଥିରେ ୩୧ ଜଣ ଲୋକ ଥିଲେ । ସେହି ଲୋକମାନେ ଉକ୍ତ ଜାହାଜଟିକୁ ଘେନି ସେଠାରୁ ପଳାଇ

Digitized by srujanika@gmail.com

ଅସିଲେ ଏବଂ ଭାରତ ମହାସାଗର ପାର ହୋଇ ଭାସ୍କୋଡ଼ଗାମାଙ୍କ ଦ୍ୱାରା ଆବିଷ୍କୃତ ପଥ ଅନୁସରଣ କରି ସ୍ପେନଠାରେ ପହଞ୍ଚିଲେ । ଏହି ଭିକ୍ଟୋରିଅ ଜାହାଜ ଓ ସେଥିରେ ଥିବା ଲୋକମାନେ ସର୍ବ ପ୍ରଥମେ ପୃଥିବୀର ଚାରିପଟ ପ୍ରଦକ୍ଷିଣ କରିଥିଲେ ।

ଡ୍ରେକ୍— ସ୍ପେନର ଲୋକମାନେ ଉତ୍ତର ଓ ଦକ୍ଷିଣ ଆମେରିକାରେ ଉପନିବେଶ ସ୍ଥାପନକରି ସେଠାରେ ଥିବା ଖଣି-ମାନଙ୍କରୁ ସୁନା ଓ ରୁପା ବୋହି ଆଣିଥିଲେ । ଏହିପରି କେତେ କାଳ ଚାଲିବା ପରେ ସ୍ପେନ୍ ସାରା ପୃଥିବୀରେ ସବୁଠାରୁ ବଡ଼ ଧନୀ ଦେଶ ହୋଇଥିଲା । ସ୍ପେନର ବିଭବ ଦେଖି ଅନ୍ୟାନ୍ୟ ଇଉରୋପୀୟ-ମାନେ ବିଶେଷତଃ ଇଂରେଜମାନେ ବଡ଼ କାତର ହୋଇ ପଡ଼ିଥିଲେ । ସେ ସମୟରେ ଧର୍ମ ଓ ରାଜନୈତିକ କାରଣରୁ ଇଂଲଣ୍ଡ ଓ ସ୍ପେନ ମଧ୍ୟରେ ଘୋର ବିବାଦ ଲାଗିଥିଲା । ତେଣୁ ଇଂରେଜ ନାବିକମାନେ ଆଟଲାଣ୍ଟିକ୍ ମହାସାଗରରେ ସ୍ପେନର ବାଣିଜ୍ୟ ଜାହାଜଗୁଡ଼ିକୁ ଲୁଣ୍ଠନ କରି ସେଥିରେ ଥିବା ଧନ ରତ୍ନ ସବୁ ଇଂଲଣ୍ଡକୁ ନେଇ ଆସୁଥିଲେ । ଏହି ନାବିକମାନଙ୍କ ମଧ୍ୟରେ ସାର ଫ୍ରାନ୍ସିସ୍ ଡ୍ରେକ୍ ନାମକ ଜଣେ ଲୋକ ସର୍ବପ୍ରଧାନ ଥିଲେ ।

ତାଙ୍କ ଜୀବନରେ ସେ ବହୁବାର ଆମେରିକାକୁ ଯାଇଥିଲେ ଏବଂ ଇଂରେଜ ନାବିକମାନଙ୍କ ମଧ୍ୟରେ ସେ ସର୍ବ ପ୍ରଥମ ପ୍ରଶାନ୍ତ ମହାସାଗରକୁ ଅବଲୋକନ କରିଥିଲେ । ପ୍ରଶାନ୍ତ ମହାସାଗରକୁ ଦେଖି ସେ ତାକୁ ଅତିକ୍ରମ କରିବାପାଇଁ ପ୍ରତିଜ୍ଞା କରିଥିଲେ । ଏହି ଉଦ୍ଦେଶ୍ୟ ସାଧନ କରିବା ପାଇଁ ସେ ୧୫୭୭ ଖ୍ରୀଷ୍ଟାବ୍ଦରେ ପାଞ୍ଚଟି ଜାହାଜ ନେଇ ପ୍ଲାଇମାଉଥ୍ ବନ୍ଦରରୁ ଜଳଯାତ୍ରା ଆରମ୍ଭ କରିଥିଲେ । ଆଟଲାଣ୍ଟିକ୍ ମହାସାଗର ପାର ହୋଇ ସେ ଦକ୍ଷିଣ

Digitized by srujanika@gmail.com

ଅମେରିକାର ହର୍ଣ୍ଣ ଅନ୍ତରୀପରେ ପହଞ୍ଚିଲେ । ସେଠାରୁ ସେ ପ୍ରଶାନ୍ତ ମହାସାଗରରେ ପ୍ରବେଶ କଲେ । ବାଟରେ ତାଙ୍କୁ ବହୁତ ଦୁଃଖ କଷ୍ଟ ଓ କ୍ଷତି ସହ୍ୟ କରିବାକୁ ପଡ଼ୁଥିଲା । ତାଙ୍କର ଜାହାଜମାନଙ୍କ ମଧ୍ୟରୁ ଗୋଟିଏ ଜାହାଜ ଜଳମଗ୍ନ ହୋଇ ଯାଇଥିଲା । ଅବଶିଷ୍ଟ ଗୋଲଡ଼ନ୍ ହିନ୍ଦ୍ (Golden Hind) ନାମକ ଗୋଟିଏ ଜାହାଜକୁ ନେଇ ସେ ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗର ପାର ହୋଇ ଉତ୍ତମାଶା ଅନ୍ତରୀପ ଦେଇ ୧୫୮୦ ରେ ସ୍ୱଦେଶକୁ ଫେରି ଆସିଥିଲେ । ଉକ୍ତୋଇଥ ଜାହାଜ ପରେ ଗୋଲ୍ଡନ୍ ହିନ୍ଦ୍ ଜାହାଜ ପୃଥିବୀର ଚାରିପଟ ପ୍ରଦକ୍ଷିଣ କରିଥିଲା ।

ଧର୍ମ ସଂସ୍କାର—ଖ୍ରୀଷ୍ଟିଆନମାନଙ୍କର ଉପାସନା ମନ୍ଦିରକୁ ଗିର୍ଜା (ଚର୍ଚ୍ଚ) କୁହାଯାଏ । ପ୍ରତ୍ୟେକ ଗିର୍ଜାରେ ଜଣେ ଲେଖାଏଁ ବିଶପ ବା ପ୍ରଧାନ ଧର୍ମଯାଜକ ଥାନ୍ତି ଏବଂ ତାଙ୍କ ଅଧୀନରେ ଅନେକ ପ୍ରୀଷ୍ଟ୍ (ଧର୍ମ ପ୍ରଚାରକ) ଥାନ୍ତି । ପ୍ରତି ଗିର୍ଜାର କିଛି କିଛି ଭୂସମ୍ପତ୍ତି ଥାଏ । ରୋମର ବିଶପଙ୍କୁ ପୋପ କୁହାଯାଏ । ସେ ଇଉରୋପରେ ଥିବା ସବୁ ଗିର୍ଜାମାନଙ୍କ ଉପରେ ମାଲିକ । ତାଙ୍କର ଆଦେଶରେ ପ୍ରତ୍ୟେକ ଦେଶର ବିଶପମାନେ ଚାଳିତ ହୁଅନ୍ତି । ପୋପ ଖ୍ରୀଷ୍ଟିଆନ୍‌ମାନଙ୍କର ପ୍ରଧାନ ଧର୍ମଗୁରୁ ହୋଇଥିବାରୁ ଇଉରୋପର ରାଜା ପ୍ରଜା ସମସ୍ତଙ୍କ ଉପରେ ତାଙ୍କର ପ୍ରଭାବ ଥିଲା । ଏହିରୂପେ ପୋପ ଇଉରୋପରେ ଜଣେ ପ୍ରଧାନ ଲୋକ ଥିଲେ । ଧନ ସମ୍ପତ୍ତି ଓ କ୍ଷମତାର ମାଲିକ ହେବାରୁ ପୋପମାନେ କ୍ରମେ ବିଳାସୀ ହୋଇଗଲେ । ତାଙ୍କୁ ଅନୁକରଣ କରି ବିଶପ୍ ଓ ପ୍ରୀଷ୍ଟମାନେ ମଧ୍ୟ ବିଳାସୀ ହେଲେ । ଫଳରେ ଧର୍ମକାର୍ଯ୍ୟରେ ଅବହେଳା ଘଟିଲା । ଏହି ଅବସ୍ଥା ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲିଥିଲା । ପଞ୍ଚଦଶ ଶତାବ୍ଦୀ ପରେ ଚିନ୍ତାଶୀଳ ଶିକ୍ଷିତ ଲୋକମାନେ ପୋପ୍ ବିଷୟ

Digitized by srujanika@gmail.com

ଓ ଧର୍ମଯାଜକମାନଙ୍କୁ ନିନ୍ଦା କରିବାକୁ ଲାଗିଲେ ଏବଂ ଧର୍ମରେ ପରିବର୍ତ୍ତନ କରିବା ପାଇଁ ତୀବ୍ରମୂଳ ଆନ୍ଦୋଳନ କଲେ । ଯେଉଁ ଲୋକମାନେ ଧର୍ମ ସଂସ୍କାର ଆନ୍ଦୋଳନରେ ନେତୃତ୍ୱ ଗ୍ରହଣ କରି ଥିଲେ ସେମାନଙ୍କ ମଧ୍ୟରେ ଜନ୍ ଉଇକ୍ଲିଫ୍ ଓ ମାର୍ଟିନ ଲୁଥର ପ୍ରଧାନ ।

ଜନ୍ ଉଇକ୍ଲିଫ୍—ଜନ୍ ଉଇକ୍ଲିଫ୍ ଇଂଲଣ୍ଡର ଜଣେ ଲୋକ । ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବେଲିଅଲ୍ କଲେଜର ଅଧ୍ୟାପକ ଥିଲେ । ପରେ ସେ କାର୍ଯ୍ୟ ତ୍ୟାଗ କରି ଧର୍ମଯାଜକ ହୋଇଥିଲେ । ସେ ସମୟରେ ଧର୍ମଯାଜକମାନେ ବିଳାସରେ ସମୟ କଟାଉଥିବାରୁ ଏବଂ ଖ୍ରୀଷ୍ଟଧର୍ମରେ କୁସଂସ୍କାର ଓ ବ୍ୟଭିଚାର ପୂରି ରହିଥିବାରୁ ସେ ଚର୍ଚ୍ଚମାନଙ୍କର କାର୍ଯ୍ୟକଳାପ ବିରୁଦ୍ଧରେ ପ୍ରଚାର କରୁଥିଲେ । ଯେଉଁମାନେ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରୁଥିଲେ ସେମାନଙ୍କୁ ଲୋଲାର୍ଡ଼ କୁହାଯାଏ । ସେ ସମୟରେ ଖ୍ରୀଷ୍ଟିଆନ୍ ମାନଙ୍କର ଧର୍ମ ପୁସ୍ତକ ବାଇବଲ୍ ଲାଟିନ୍ ଭାଷାରେ ଲିଖିତ ହୋଇଥିଲା । ତେଣୁ ଶିକ୍ଷିତ ଲୋକମାନଙ୍କ ବ୍ୟତୀତ ଅନ୍ୟ କେହି ତାକୁ ପଢ଼ିପାରୁ ନଥିଲେ । ଉଇକ୍ଲିଫ୍ ବାଇବଲ୍‌କୁ ଇଂରେଜୀରେ ଅନୁବାଦ କରି ସାଧାରଣ ଲୋକମାନଙ୍କୁ ବାଇବଲ୍ ପଢ଼ିବା ପାଇଁ ସୁଯୋଗ ଦେଇଥିଲେ । ବାଇବଲ୍‌ରେ ଯିଶୁ ଖ୍ରୀଷ୍ଟଙ୍କର ମହତ ଉପଦେଶଗୁଡ଼ିକ ଲେଖାଅଛି । ସାଧାରଣ ଲୋକମାନେ ସେ ସବୁ ପଢ଼ିଲେ ଏବଂ ଧର୍ମଯାଜକ ମାନଙ୍କର କାର୍ଯ୍ୟକୁ

ଜନ୍ ଉଇକ୍ଲିଫ୍

ସମାଲୋଚନା କରିପାରିଲେ । କତେକ ବହୁତ ଲୋକ ଉଇକ୍ଲିଫଙ୍କ ଶିଷ୍ୟତ୍ୱ ଗ୍ରହଣ କଲେ ।

ଉଇକ୍ଲିଫ୍ ପ୍ରଚାର କରିଥିଲେ ଯେ ଈଶ୍ୱର ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖନ୍ତି । ପ୍ରତ୍ୟେକ ଲୋକ ନିଜର କାର୍ଯ୍ୟପାଇଁ ଈଶ୍ୱରଙ୍କ ଠାରେ ଦାୟୀ । କେହି ଲୋକ ଅନ୍ୟାୟ ଶାସନ କଲେ ତାଙ୍କୁ ଦମନ କରିବା ଉଚିତ । ଯେଉଁ ଆଇନ ଲୋକହିତକର ନୁହେଁ ସେପରି ଆଇନ ନମାନିଲେ ଭଗବାନ ଅସନ୍ତୁଷ୍ଟ ହୁଅନ୍ତି ନାହିଁ ।

ପୋପ, ଧର୍ମଯାଜକମାନେ ଓ ରାଜାମାନେ ଏପରି ପ୍ରଚାରରେ ଆତଙ୍କିତ ହେଲେ । ଆତ୍ମରକ୍ଷା ପାଇଁ ପୋପ ଉଇକ୍ଲିଫଙ୍କୁ ଧର୍ମ ଦ୍ରୋହୀ ବୋଲି ଘୋଷଣା କଲେ ଏବଂ ତାଙ୍କୁ ଦଣ୍ଡ ଦେବା ପାଇଁ ଇଂଲଣ୍ଡର ରାଜାଙ୍କୁ ଆଦେଶ ଦେଲେ । କିନ୍ତୁ ତାଙ୍କୁ କୌଣସି ଦଣ୍ଡ ଦିଆଯିବା ପୂର୍ବରୁ ସେ ୧୩୮୪ରେ ପ୍ରାଣତ୍ୟାଗ କରିଥିଲେ ।

ତାଙ୍କ ମୃତ୍ୟୁପରେ ଲୋଲାର୍ଡ଼ମାନେ ଧର୍ମଯାଜକମାନଙ୍କ ବିରୁଦ୍ଧରେ ପ୍ରଚାର ଚଳାଇଥିଲେ । ଧର୍ମଯାଜକମାନେ ମିଳିତ ହୋଇ ଲୋଲାର୍ଡ଼ମାନଙ୍କୁ ଦମନ କରିବା ପାଇଁ ଇଂଲଣ୍ଡର ରାଜା ୪ର୍ଥ ହେନ୍‌ରିଙ୍କୁ ଆବେଦନ କଲେ । ଚତୁର୍ଥ ହେନ୍‌ରି ଧର୍ମଯାଜକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଲୋଲାର୍ଡ଼ମାନଙ୍କ ବିରୁଦ୍ଧରେ ନୂତନ ଆଇନ ପ୍ରଣୟନ କଲେ । ଏହି ଆଇନ ଅନୁସାରେ ଲୋଲାର୍ଡ଼ମାନଙ୍କୁ ଜୀବନ୍ତ ଅବସ୍ଥାରେ ଅଗ୍ନିରେ ନିକ୍ଷେପକରି ମାରି ଦିଆଗଲା । ଅନେକ ଲୋଲାର୍ଡ଼ ଏପରି ମୃତ୍ୟୁ ବରଣ କରିବା ପରେ ଏହି ଆନ୍ଦୋଳନ ବନ୍ଦ ହୋଇ ଯାଇଥିଲା ।

ମାର୍ଟିନ ଲୁଥର୍—ଲୋଲାର୍ଡ଼ମାନଙ୍କ ପତନ ପରେ ପୋପ ଓ ଧର୍ମଯାଜକମାନେ ପୂର୍ବାପେକ୍ଷା ଅଧିକ ପ୍ରଶ୍ରୟ ପାଇ ବିଳାସରେ ସମୟ

Digitized by srujanika@gmail.com

କଟାଇଲେ । ସାଧାରଣ ଲୋକଙ୍କଠାରୁ ଅର୍ଥ ସଂଗ୍ରହ କରିବା ପାଇଁ ପୋପ ନାନାପ୍ରକାର ଅବୈଧ ଉପାୟ ଅବଲମ୍ବନ କଲେ । ପୂର୍ବେ କୌଣସି ଲୋକ ପାପ କଲେ ସେ ଯଦି ଚର୍ଚ୍ଚରେ ତାହା ସ୍ୱୀକାର କରୁଥିଲା ଏବଂ ସେଥିପାଇଁ ଯଥେଷ୍ଟ ଅନୁତାପ କରୁଥିଲା ତାହାହେଲେ ସେ ପାପରୁ ମୁକ୍ତ ହେଲା ବୋଲି ଚର୍ଚ୍ଚ ଘୋଷଣା କରୁଥିଲା । କାଳକ୍ରମେ ପୋପ ଏହିପରି ପାପୀ-ମାନଙ୍କଠାରୁ ଅର୍ଥ ଆଦାୟ କରିବାର ଉପାୟ କଲେ । ଅନୁତାପ

ମାର୍ଟିନ ଲୁଥର

କରିବା ପରିବର୍ତ୍ତେ ଯଦି କୌଣସି ପାପୀ ପୋପଙ୍କୁ ଟଙ୍କାଦେଲା ତେବେ ସେ ପାପରୁ ମୁକ୍ତ ହେଲା ବୋଲି ପୋପ ଘୋଷଣା କରି ତାକୁ ମୁକ୍ତିପତ୍ର ଦେଲେ । ଏହି ପ୍ରଥା 'ମୁକ୍ତି ପତ୍ର ବିକ୍ରୟ' (Sale of Indulgence) ନାମରେ ଅଭିହିତ । ଏହି ପ୍ରଥା ଷୋଡ଼ଶ ଶତାବ୍ଦୀ

Digitized by srujanika@gmail.com

ପର୍ଯ୍ୟନ୍ତ ଚାଲୁଥିଲା । ପୋପ ଏହି ଉପାୟରେ ଅଜସ୍ର ଅର୍ଥ ଆଦାୟ କଲେ । ଏପରି ହେବା ଦ୍ୱାରା ପାପରୁ ମୁକ୍ତ ହେବା କେବଳ ଅର୍ଥ ଉପରେ ନିର୍ଭର କଲା ଏବଂ ଧର୍ମର ମହତ୍ତ୍ୱ କ୍ରମେ ଲୋପ ପାଇଲା ।

ଜର୍ମାନୀରେ ମାର୍ଟିନ୍ ଲୁଥର ନାମରେ ଜଣେ ଲୋକ ୧୪୮୩ରେ ଜନ୍ମ ହୋଇଥିଲେ । ଅସାଧାରଣ ବୁଦ୍ଧିବଳରେ ସେ ଅଶେଷ ପାଣ୍ଡିତ୍ୟ ଲାଭ କରିଥିଲେ ଏବଂ ଗୋଟିଏ ଚର୍ଚ୍ଚର ଧର୍ମଯାଜକ ରୂପେ କାର୍ଯ୍ୟ କରୁଥିଲେ । ପୋପଙ୍କର ମୁକ୍ତିପତ୍ର ବିକ୍ରୟ ପ୍ରଥାକୁ ସେ ଆଦୌ ପସନ୍ଦ କରୁନଥିଲେ । ଏ ବିଷୟରେ ବହୁତ ଚିନ୍ତା କରିବା ପରେ ସେ ମୁକ୍ତିପତ୍ର ବିକ୍ରୟ ବିରୁଦ୍ଧରେ ପ୍ରକାଶ୍ୟରେ ପ୍ରଚାର କଲେ । ପୋପ ତାଙ୍କୁ ଧର୍ମଦ୍ରୋହୀ ବୋଲି ଘୋଷଣା କଲେ । ଲୁଥର ସେଥିପ୍ରତି ଭ୍ରୂକ୍ଷେପ ନକରି ପୋପଙ୍କ ବିରୁଦ୍ଧରେ ପ୍ରଚାର ଚଳାଇଲେ । ସେ ସମୟରେ ଖ୍ରୀଷ୍ଟଧର୍ମରେ ଅନେକ କୁସଂସ୍କାର ପ୍ରଚଳିତ ଥିଲା । ଲୁଥର ସେ ସବୁ କୁସଂସ୍କାର ଓ ଭ୍ରାନ୍ତଧାରଣା ସମ୍ବନ୍ଧରେ ଅନେକ ପ୍ରବନ୍ଧ ଲେଖିଥିଲେ । ତାଙ୍କର ପ୍ରବନ୍ଧସବୁ ପାଠ କରି ଅନେକ ଲୋକ ତାଙ୍କର ମତ ଗ୍ରହଣ କରିଥିଲେ । ଜର୍ମାନ୍ ସମ୍ରାଟ ପଞ୍ଚମ ଚାର୍ଲସ୍ ତାଙ୍କୁ ଦଣ୍ଡ ଦେବା ପାଇଁ ଆଦେଶ ଦେଇଥିଲେ । କିନ୍ତୁ ତାଙ୍କର ଅନେକ ଶିଷ୍ୟ ହୋଇଥିବାରୁ ଓ ଜର୍ମାନୀର ଅନେକ କରଦ ରାଜ୍ୟର ରାଜା ତାଙ୍କର ପକ୍ଷ ସମର୍ଥନ କରୁଥିବାରୁ ଜର୍ମାନ୍ ସମ୍ରାଟ ତାଙ୍କୁ ଦଣ୍ଡ ଦେଇ ପାରିନଥିଲେ । ଲୁଥରଙ୍କର ଶକ୍ତି କ୍ରମଶଃ ବଢ଼ିଲା । ତାଙ୍କ ପ୍ରଚାର ଫଳରେ ଇଉରୋପୀୟମାନେ ଦୁଇ ଭାଗରେ ବିଭକ୍ତ ହୋଇ ଯାଇଥିଲେ । ଯେଉଁମାନେ ଲୁଥରଙ୍କ ପକ୍ଷ ସମର୍ଥନ କରୁଥିଲେ ତାଙ୍କୁ ପ୍ରୋଟେଷ୍ଟାଣ୍ଟ କୁହାଯାଏ ଏବଂ ଯେଉଁମାନେ ପୋପଙ୍କୁ ସମର୍ଥନ କରୁଥିଲେ ସେମାନଙ୍କୁ କ୍ୟାଥଲିକ୍ କୁହାଯାଏ । ଲୁଥରଙ୍କ ମୃତ୍ୟୁ

Digitized by srujanika@gmail.com

ପରେ ମଧ୍ୟ ପ୍ରୋଟେଷ୍ଟାଣ୍ଟମାନଙ୍କର ସଂଖ୍ୟା ବଢ଼ିବାକୁ ଲାଗିଲା ଏବଂ ପୋପଙ୍କର କ୍ଷମତା କମିବାକୁ ଲାଗିଲା । ଏହାଫଳରେ ଇଉରୋପର ଲୋକମାନେ ସ୍ୱାଧୀନ ଭାବରେ ଧର୍ମ ବିଷୟରେ ଚିନ୍ତା କରିବାକୁ ସୁଯୋଗ ପାଇଲେ ।

ଆଧୁନିକ ଯୁଗ

ନବମ ଅଧ୍ୟାୟ

ଇଉରୋପର ବିସ୍ତାର

ଏସିଆରେ ଇଉରୋପର ପ୍ରଭାବ—ଭାରତକୁ ଜଳପଥ ଆବିଷ୍କାର ହେବାପରେ ପର୍ତ୍ତୁଗୀଜ୍ ମାନେ ଭାରତରେ ବାଣିଜ୍ୟ ଆରମ୍ଭ କରିଥିଲେ । ଭାସ୍କୋଡ଼ଗାମାଙ୍କ ସମୟରେ ପର୍ତ୍ତୁଗୀଜ୍‌ମାନେ ଭାରତରେ ଅନେକ ସ୍ଥାନରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ବହୁଦିନ ବାଣିଜ୍ୟ କରିବା ପରେ ଭାରତରେ ସାମ୍ରାଜ୍ୟ ସ୍ଥାପନ କରିବା ପାଇଁ ସେମାନଙ୍କର ଇଚ୍ଛା ହୋଇଥିଲା । ୧୫୧୦ ଖ୍ରୀଷ୍ଟାବ୍ଦରେ ଅଲଫାନ୍‌ସୋ ଅଲବୁକର୍କ ନାମକ ଜଣେ ପର୍ତ୍ତୁଗୀଜ୍ ନାବିକ ଏ ଦିଗରେ ପ୍ରବଳ ଚେଷ୍ଟା ଚଳାଇଥିଲେ । ସେ ବାହୁବଳରେ ଗୋଆ ବନ୍ଦର ଅଧିକାର କରିଥିଲେ । ପର୍ତ୍ତୁଗାଲ୍‌ର ରଜା ତାଙ୍କୁ ସେଠାରେ ଶାସନକର୍ତ୍ତା ନିଯୁକ୍ତ କରିଥିଲେ । ଅଲ୍‌ବୁକର୍କ ଜଣେ ବିଚକ୍ଷଣ ଲୋକ ଥିଲେ । ଭାରତରେ ସାମ୍ରାଜ୍ୟ ସ୍ଥାପନ କରିବା ପାଇଁ ତାଙ୍କର ଯଥେଷ୍ଟ ଶକ୍ତି ଥିଲା । ସେ ଦକ୍ଷତାର ସହିତ ଗୋଆର ଶାସନ ଚଳାଇଥିଲେ । କାଳକ୍ରମେ ପର୍ତ୍ତୁଗୀଜମାନେ ପାରସ୍ୟର ଉପକୂଳ, ଭାରତ, ବ୍ରହ୍ମଦେଶ, ମାଲୟ ଓ ଚୀନରେ ମଧ୍ୟ ବାଣିଜ୍ୟ କରିଥିଲେ ।

Digitized by srujanika@gmail.com

ଅଲ୍‌ବୁକର୍କଙ୍କ ମୃତ୍ୟୁପରେ ତାଙ୍କପରି ସୁଦକ୍ଷ ଲୋକ ଭାରତକୁ ଆସିନଥିଲେ । ତାଙ୍କ ପରେ ଯେଉଁ ଶାସନକର୍ତ୍ତାମାନେ ଆସିଲେ ସେମାନେ ବାଣିଜ୍ୟ ସହିତ ଧର୍ମ ପ୍ରଚାର ମଧ୍ୟ କଲେ । ଧର୍ମ ପ୍ରଚାର କାର୍ଯ୍ୟରେ ଲିପ୍ତ ରହିବାରୁ ସେମାନେ ହିନ୍ଦୁ ଓ ମୁସଲମାନ ଉଭୟ ସମ୍ପ୍ରଦାୟର ଶତ୍ରୁ ହୋଇ ପଡ଼ିଲେ । ଭାରତର ମୋଗଲ ସମ୍ରାଟ ଜାହାଙ୍ଗିର ଓ ଶାହଜାହାନ ସେମାନଙ୍କ ଉପରେ ତୀବ୍ର ଦୃଷ୍ଟି ପକାଇଥିଲେ । ଫଳରେ ସେମାନେ ତାଙ୍କର ଅନେକ ବାଣିଜ୍ୟ କୋଠି ହରାଇଲେ । ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ ଇଉରୋପର ଅନ୍ୟାନ୍ୟ ଦେଶର ଲୋକମାନେ ଆସି ଭାରତରେ ବାଣିଜ୍ୟ କଲେ । ପର୍ତ୍ତୁଗୀଜ୍‌ମାନେ ସେମାନଙ୍କ ସଙ୍ଗେ ବାଣିଜ୍ୟ ପ୍ରତିଯୋଗିତାରେ ପାରିଲେ ନାହିଁ । ଏହି ସବୁ କାରଣରୁ ପର୍ତ୍ତୁଗୀଜ୍‌ମାନେ ଭାରତରେ ସାମ୍ରାଜ୍ୟ ସ୍ଥାପନ କରିବା ଦୂରେ ଥାଉ ବାଣିଜ୍ୟ କରିବା ଆଶା ମଧ୍ୟ ତ୍ୟାଗ କଲେ । ତଥାପି ଗୋଆ, ଡାମନ୍ ଓ ଡିଉ ଏହି ତିନୋଟି ବନ୍ଦର ଏପର୍ଯ୍ୟନ୍ତ ପର୍ତ୍ତୁଗୀଜମାନଙ୍କ ଅଧୀନରେ ଅଛି ।

ମାଗେଲାନ୍‌ଙ୍କ ପରେ ଫିଲିପାଇନ୍ ଦ୍ୱୀପପୁଞ୍ଜ ସ୍ପେନୀୟମାନେ ଅଧିକାର କରିଥିଲେ । ସ୍ପେନୀୟମାନେ ଇଉରୋପର ଅନ୍ୟାନ୍ୟ ଦେଶର ଲୋକମାନଙ୍କ ପରି ବ୍ୟବସାୟୀ ଲୋକ ନୁହନ୍ତି । ବଡ଼ ଧରଣର ବାଣିଜ୍ୟ କରିବା ସ୍ପେନୀୟମାନଙ୍କର ଇଚ୍ଛା ନଥିଲା । ସେମାନେ ବର୍ଷ ମଧ୍ୟରେ କେବଳ ଗୋଟିଏ ମାତ୍ର ଜାହାଜ ଫିଲିପାଇନ୍‌କୁ ପଠାଉଥିଲେ । ସେହି ଜାହାଜଟି ବର୍ଷରେ ଥରେ ସ୍ପେନରୁ ଜିନିଷ ନେଇ ଫିଲିପାଇନ୍‌କୁ ଯାଉଥିଲା ଏବଂ ଫିଲିପାଇନ୍‌ରୁ ଜିନିଷ ନେଇ ସ୍ପେନକୁ ଫେରୁଥିଲା । ଅନ୍ୟାନ୍ୟ ଦେଶର ବାଣିଜ୍ୟ ତୁଳନାରେ ଏହା ଅତି ସାମାନ୍ୟ ଥିଲା ।

Digitized by srujanika@gmail.com

ଷୋଡ଼ଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ କେବଳ ସ୍ପେନ ଓ ପର୍ତ୍ତୁଗାଲ୍‌ର ଲୋକମାନେ ଏସିଆରେ ବାଣିଜ୍ୟ କରୁଥିଲେ । ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଇଉରୋପର ଅନ୍ୟାନ୍ୟ ଦେଶର ଲୋକମାନେ ମଧ୍ୟ ଏ ଦଗରେ ଦୃଷ୍ଟି ଦେଇଥିଲେ । ସେ ସମୟରେ ହଲଣ୍ଡର ନୌଶକ୍ତି ଇଉରୋପରେ ବଡ଼ ପ୍ରବଳ ଥିଲା । ହଲଣ୍ଡର ଲୋକ (ଡଚ୍) ମାନେ ଜଳ ପଥରେ ବାଣିଜ୍ୟ କରିବାରେ ବଡ଼ ଧୁରନ୍ଧର ଥିଲେ । ୧୬୦୨ ଖ୍ରୀଷ୍ଟାବ୍ଦରେ କେତେକ ଡଚ୍ ବଣିକ ଏକତ୍ର ମିଳିତ ହୋଇ ଗୋଟିଏ ବଣିକ ସଂଘ ଗଠନ କଲେ । ଡଚ୍ ବ୍ୟବସାୟୀମାନେ ଭାରତରେ ବାଣିଜ୍ୟ କରି ପର୍ତ୍ତୁଗୀଜ୍‌ମାନଙ୍କ ସହିତ ପ୍ରତିଯୋଗିତା ଚଳାଇଲେ । ଅଳ୍ପ ସମୟ ମଧ୍ୟରେ ଡଚ୍ ମାନେ ସେମାନଙ୍କୁ ପରାସ୍ତ କରି ସିଂହଳ ଦ୍ୱୀପ ଅଧିକାର କଲେ । ଡଚ୍‌ମାନେ ପ୍ରଧାନତଃ ଭାରତୀୟ ଦ୍ୱୀପ ପୁଞ୍ଜରେ ବାଣିଜ୍ୟ କରୁଥିଲେ । ଭାରତର ଉପକୂଳରେ ମଧ୍ୟ ସେମାନଙ୍କର ଅନେକ ବନ୍ଦର ଥିଲା ।

୧୬୦୦ ଖ୍ରୀଷ୍ଟାବ୍ଦରେ କେତେକ ଇଂରେଜ ବଣିକ ଏକତ୍ର ମିଳିତ ହୋଇ ଗୋଟିଏ ବଣିକ ସଂଘ ଗଠନ କରିଥିଲେ । ଏହାର ନାମ 'ଇଷ୍ଟ ଇଣ୍ଡିଆ କମ୍ପାନୀ' । ପର୍ତ୍ତୁଗୀଜ୍ ଓ ଡଚ୍‌ମାନେ ଭାରତରେ ବାଣିଜ୍ୟ କରି ବିଶେଷ ଲାଭବାନ ହେଉଥିବାରୁ ଇଂରେଜ 'ଇଷ୍ଟ ଇଣ୍ଡିଆ କମ୍ପାନୀ' ମଧ୍ୟ ଭାରତରେ ବାଣିଜ୍ୟ କରିବାକୁ ଇଚ୍ଛା କରିଥିଲେ । ପ୍ରଥମେ ପର୍ତ୍ତୁଗୀଜ୍ ଓ ଡଚ୍‌ମାନେ ଇଂରେଜମାନଙ୍କୁ ବାଧା ଦେଇଥିଲେ । ପର୍ତ୍ତୁଗୀଜମାନେ ବାଣିଜ୍ୟ ପ୍ରତିଯୋଗିତାରେ ହାରିଯାଇ ପ୍ରାଚ୍ୟ ବାଣିଜ୍ୟ କ୍ଷେତ୍ର ତ୍ୟାଗକରିବା ପରେ ଡଚ୍‌ମାନେ ଇଂରେଜମାନଙ୍କୁ ଭାରତରୁ ତଡ଼ିବା ପାଇଁ ପ୍ରବଳ ଆୟୋଜନ କଲେ । ସେମାନେ ଇଂରେଜମାନଙ୍କ ବିରୁଦ୍ଧରେ ଅନେକ ମିଥ୍ୟା

Digitized by srujanika@gmail.com

ଅଭିଯୋଗ ଅଣିଥିଲେ ଏବଂ ୧୬୨୩ ରେ ଅମ୍ବୋୟ୍ନା ଦ୍ୱୀପରେ ଅନେକ ଇଂରେଜଙ୍କୁ ହତ୍ୟାକଲେ । ଏ ସବୁ ବାଧା ବିଘ୍ନ ସତ୍ତ୍ୱେ ଇଂରେଜମାନେ ସେମାନଙ୍କୁ ବାଣିଜ୍ୟ ପ୍ରତିଯୋଗିତାରେ ହଟାଇ ଦେଇଥିଲେ । ଡଚ୍‌ମାନଙ୍କର ସବୁ ବାଣିଜ୍ୟ କୋଠି ଓ ଉପନିବେଶ ଗୁଡ଼ିକୁ ଇଂରେଜମାନେ ଦଖଲ କରନେଲେ । କେବଳ ଜାଭା ଓ ଅନ୍ୟ କେତେକ ଦ୍ୱୀପ ହଲାଣ୍ଡ ଅଧୀନରେ ରହିଲା । ବର୍ତ୍ତମାନ ଜାଭାର ଲୋକମାନେ ହଲାଣ୍ଡ ବିରୁଦ୍ଧରେ ଯୁଦ୍ଧକରି ସ୍ୱାଧୀନତା ଲାଭ କରିଅଛନ୍ତି ।

ପ୍ରଥମେ ଇଂରେଜମାନେ ସୁରଟଠାରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ପର୍ତ୍ତୁଗୀଜ୍ ଓ ଡଚ୍‌ମାନେ ବାଣିଜ୍ୟ ପ୍ରତି-ଯୋଗିତାରେ ହାରିଯାଇ ପ୍ରାଚ୍ୟ ବାଣିଜ୍ୟ କ୍ଷେତ୍ରରୁ ଅଲଗା ହୋଇ-ଯିବା ପରେ ଇଂରେଜମାନେ କ୍ରମଶଃ ଉନ୍ନତି କଲେ । ସେମାନେ କଲିକତା, ମାନ୍ଦ୍ରାଜ ଓ ବମ୍ବେ ଠାରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ଗୋଟିଏ ଦେଶର ଲୋକ ଅନ୍ୟ ଗୋଟାଏ ଦେଶରେ ସୈନ୍ୟ ରଖିବା ଆପତ୍ତିଜନକ କଥା । କିନ୍ତୁ ସେତେବେଳେ ଭାରତର ମୋଗଲ ସମ୍ରାଟମାନେ ଦୁର୍ବଳ ଥିବାରୁ ଏଥିରେ ଆପତ୍ତି କରିପାରିନଥିଲେ । ଭାରତୀୟମାନଙ୍କର ଦୁର୍ବଳତାର ଅଶ୍ରୟ ନେଇ ଇଂରେଜମାନେ ଉତ୍ତରୋତ୍ତର ଉନ୍ନତି କଲେ ଏବଂ ଭାରତରେ ସାମ୍ରାଜ୍ୟ ସ୍ଥାପନ କରିବାକୁ ଇଚ୍ଛା କଲେ ।

ଇଂରେଜମାନେ 'ଇଷ୍ଟ ଇଣ୍ଡିଆ କମ୍ପାନୀ' ଗଠନ କରି ଭାରତରେ ବାଣିଜ୍ୟ କରିବାରୁ ଫ୍ରାନ୍ସର ଲୋକମାନେ ମଧ୍ୟ ତାଙ୍କୁ ଅନୁକରଣ କରିଥିଲେ । ଫ୍ରାନ୍ସର ରଜା ଚତୁର୍ଦ୍ଦଶ ଲୁଇ ଭାରତରେ ସାମ୍ରାଜ୍ୟ ସ୍ଥାପନ କରିବା ଉଦ୍ଦେଶ୍ୟରେ ଗୋଟିଏ ବଣିକ ସଂଘ

Digitized by srujanika@gmail.com

ଗଠନ କରିଥିଲେ । ତାହାର ନାମ ଥିଲା 'ଫ୍ରେଞ୍ଚ ଇଷ୍ଟଇଣ୍ଡିଆ କମ୍ପାନୀ'। ସେମାନେ ଭାରତରେ ବେତେକ ବାଣିଜ୍ୟଗତ ସୁବିଧା ପାଇଥିଲେ ଓ ସୁରଟ ଓ ମସଲିପଟ୍ଟନଠାରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ଏମାନେ କିଛିକାଳ ବାଣିଜ୍ୟ କରିବା ପରେ ଫ୍ରାନ୍ସର ରାଜା ଏହି କମ୍ପାନୀକୁ ଆଉ ସାହାଯ୍ୟ ଦେଇନଥିଲେ । ତଥାପି ଫରାସୀ ବଣିକମାନେ ନିଜ ଚେଷ୍ଟା ଛାଡ଼ିନଥିଲେ । ସେମାନେ ଦକ୍ଷିଣ ଭାରତରେ ପଣ୍ଡିଚେରୀ ଓ ଉତ୍ତର ଭାରତରେ ଚନ୍ଦନନଗର ନାମକ ଦୁଇଟି ସ୍ଥାନ କ୍ରୟକରି ସେଠାରେ ବାଣିଜ୍ୟ କୋଠି ନିର୍ମାଣ କରିଥିଲେ । ସେହି ସମୟରେ ଇଂରେଜମାନେ ଭାରତରେ ସାମ୍ରାଜ୍ୟ ସ୍ଥାପନ କରିବାକୁ ଚେଷ୍ଟା କରୁଥିଲେ । ଏହା ଦେଖି ଫରାସୀମାନେ ମଧ୍ୟ ସାମ୍ରାଜ୍ୟ ସ୍ଥାପନ କରିବାକୁ ଚେଷ୍ଟା କଲେ । ତେଣୁ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ଶତ୍ରୁତା ଲାଗିଥିଲା ।

ଆମେରିକାରେ ଇଉରୋପର ପ୍ରଭାବ—ଆମେରିକା ଆବିଷ୍କୃତ ହେବାପରେ ସ୍ପେନର ଲୋକମାନେ ଆମେରିକାରେ ଉପନିବେଶ ସ୍ଥାପନ କରିବାକୁ ଚେଷ୍ଟା କରିଥିଲେ । କୋର୍ଟେସ୍ ନାମକ ଜଣେ ସ୍ପେନୀୟ ଉତ୍ତର ଆମେରିକାର ଦକ୍ଷିଣାଞ୍ଚଳରେ ଥିବା ମେକ୍ସିକୋ ଅଧିକାର କରିଥିଲେ ଏବଂ ଆଉ ଜଣେ ସ୍ପେନୀୟ ପିଜାରୋ ଦକ୍ଷିଣ ଆମେରିକାର ଉତ୍ତରାଞ୍ଚଳରେ ଥିବା ପେରୁ ରାଜ୍ୟ ଅଧିକାର କରିଥିଲେ । ଏହି ବିସ୍ତୃତ ଭୂଭାଗରେ ସ୍ପେନୀୟମାନେ ରହି ସେଠାରେ ଥିବା ଖଣିମାନଙ୍କରୁ ପ୍ରଚୁର ସୁନା ଓ ରୁପା ସ୍ପେନକୁ ନେଇ ଯାଇଥିଲେ । କ୍ରମେ ସ୍ପେନ୍ ପୃଥିବୀରେ ସବୁଠାରୁ ଅଧିକ ଧନଶାଳୀ ଦେଶ ହୋଇଥିଲା ।

ସ୍ପେନର ବିଭବ ଦେଖି ଇଉରୋପର ଅନ୍ୟାନ୍ୟ ଦେଶର ଲୋକମାନେ ମଧ୍ୟ ଆମେରିକାରେ ଉପନିବେଶ ସ୍ଥାପନ କରିବାକୁ

Digitized by srujanika@gmail.com

ଇଚ୍ଛା କରୁଥିଲେ । ଷୋଡ଼ଶ ଶତାବ୍ଦୀରେ ଇଂଲଣ୍ଡ ଓ ସ୍ପେନ ମଧ୍ୟରେ ଶତ୍ରୁତା ଥିଲା । ସ୍ପେନର ଲୋକମାନେ ଆମେରିକାରୁ ସୁନା ରୁପା ନେଇ ସ୍ପେନକୁ ଯାଉଥିବା ବେଳେ ଇଂଲଣ୍ଡର ନାବିକମାନେ ସ୍ପେନୀୟ ଜାହାଜ ଗୁଡ଼ିକୁ ଲୁଣ୍ଠନ କରି ସେଥିରେ ଥିବା ସୁନା ରୁପା ସବୁ ନେଇଯାଉଥିଲେ । କ୍ରମାଗତ ଏହିପରି ଚାଲିବା ଫଳରେ ସ୍ପେନ ଓ ଇଂଲଣ୍ଡ ମଧ୍ୟରେ ଯୁଦ୍ଧ ଲାଗିଲା । ଯୁଦ୍ଧରେ ଇଂରେଜମାନେ ଜୟଲାଭ କଲେ ଏବଂ ସ୍ପେନର ନୌବଳ ଧ୍ୱଂସପ୍ରାପ୍ତ ହେଲା । ସ୍ପେନର ନୌଶକ୍ତି କମିଯିବାରୁ ସ୍ପେନୀୟମାନେ ଆମେରିକାରେ ଆଉ ଅଧିକ ଉପନିବେଶ ସ୍ଥାପନ କରି ପାରିନଥିଲେ ।

ସପ୍ତଦଶ ଶତାବ୍ଦୀରେ ଇଂଲଣ୍ଡର ରାଜାମାନେ କ୍ୟାଥଲିକ୍ ଧର୍ମ ପ୍ରତି ବିଶେଷ ଆଦର ପ୍ରଦର୍ଶନ କରୁଥିଲେ । କିନ୍ତୁ ଇଂଲଣ୍ଡର ବହୁସଂଖ୍ୟକ ଲୋକ ପ୍ରୋଟେଷ୍ଟାଣ୍ଟ ଧର୍ମ ଗ୍ରହଣ କରିଥିବାରୁ ସେମାନେ ରାଜାମାନଙ୍କ ଧର୍ମନୀତିରେ ଅସନ୍ତୁଷ୍ଟ ହୋଇଥିଲେ । କ୍ରମେ ଧର୍ମ ଯୁଦ୍ଧ ଅତି ତୀବ୍ର ହୋଇ ଉଠିବାରୁ ନୈଷ୍ଠିକ ପ୍ରୋଟେ-ଷ୍ଟାଣ୍ଟମାନେ ଇଂଲଣ୍ଡ ତ୍ୟାଗ କରି ଆମେରିକାରେ ଉପନିବେଶ ସ୍ଥାପନ କରିବାକୁ ବାହାରିଲେ । ସେତେବେଳକୁ ସ୍ପେନର ନୌଶକ୍ତି ଚୂର୍ଣ୍ଣ ହୋଇଥିବାରୁ ସ୍ପେନୀୟମାନେ ଇଂରେଜମାନଙ୍କୁ ବାଧା ଦେଇ ପାରିନଥିଲେ । ଇଂଲଣ୍ଡର ପ୍ରୋଟେଷ୍ଟାଣ୍ଟମାନେ ଦଳ ଦଳ ହୋଇ ଆମେରିକାକୁ ଯାଇଥିଲେ । ପ୍ରତ୍ୟେକ ଦଳ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ସ୍ଥାପନ କରୁଥିଲେ । ଅଳ୍ପ କେତେ ବର୍ଷ ମଧ୍ୟରେ ସେମାନେ ଫ୍ଲୋରିଡାଠାରୁ ସେଣ୍ଟ ଲରେନ୍ସ ନଦୀ ମଧ୍ୟରେ ଥିବା ବିସ୍ତୃତ ଅଞ୍ଚଳରେ ୧୩ଟି ସ୍ୱାଧୀନ ଉପନିବେଶ ସ୍ଥାପନ କରିଥିଲେ । ନିଉଫାଉଣ୍ଡଲାଣ୍ଡ ଓ ହଡ୍‌ସନ୍ ଉପସାଗର କୂଳବର୍ତ୍ତୀ ଅଞ୍ଚଳ ମଧ୍ୟ ସେମାନଙ୍କର ହସ୍ତଗତ ହୋଇଥିଲା ଏବଂ ଜାମାଇକା ଓ

Digitized by srujanika@gmail.com

ବାହାମା ଦ୍ୱୀପପୁଞ୍ଜ ପ୍ରଭୃତି କେତେକ ଦ୍ୱୀପ ସେମାନେ ସ୍ପେନଠାରୁ ପାଇଥିଲେ ।



Digitized by srujanika@gmail.com

ଇଂଲଣ୍ଡର ଲୋକମାନେ ଉତ୍ତର ଆମେରିକାରେ ଉପନିବେଶ ସ୍ଥାପନ କରୁଥିବା ସମୟରେ ଫ୍ରାନ୍ସର ଲୋକମାନେ ମଧ୍ୟ ଏହି ମହାଦେଶରେ ଉପନିବେଶ ସ୍ଥାପନ କରିବା ପାଇଁ ଚେଷ୍ଟା କରିଥିଲେ । ଫରାସୀମାନେ କାନାଡ଼ା ଓ ନୋଭାସ୍କୋଟିଆରେ ଉପନିବେଶ ସ୍ଥାପନ କରିଥିଲେ ଏବଂ ଦକ୍ଷିଣରେ ସେଣ୍ଟ ଲରେନ୍ସ ନଦୀ କୂଳରେ କ୍ୱିବେକ୍ ନଗର ସ୍ଥାପନ କରିଥିଲେ । ଫରାସୀମାନେ ଆମେରିକାର ଆଦିମ ଅଧିବାସୀ ଲୋହିତ ଭାରତୀୟମାନଙ୍କ ସହିତ ସଦ୍ଭାବ ସ୍ଥାପନ କରିଥିଲେ ଏବଂ ସେମାନଙ୍କ ସହିତ ବୈବାହିକ ସମ୍ପର୍କ ରଖିଥିଲେ । ତେଣୁ ସେମାନଙ୍କ ମଧ୍ୟରେ ଏକତା ଥିଲା । ଫରାସୀ ଔପନିବେଶିକ ଓ ଲୋହିତ ଭାରତୀୟ (Red Indians) ମାନେ ଏକତ୍ର ମିଳି ଇଂରେଜ ଔପନିବେଶିକମାନଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ବାଧା ଦେଉଥିଲେ ।

ଇଂରେଜ ଔପନିବେଶିକମାନଙ୍କୁ ଫରାସୀ ଓ ଲୋହିତ ଭାରତୀୟମାନଙ୍କ ସହିତ ବାରମ୍ବାର ଯୁଦ୍ଧ କରିବାକୁ ପଡ଼ୁଥିଲା । ଏହାଛଡ଼ା ସେମାନଙ୍କୁ ଅନ୍ୟାନ୍ୟ ଅସୁବିଧା ମଧ୍ୟ ଭୋଗ କରିବାକୁ ହେଉଥିଲା । ସେ ସମୟରେ ଆମେରିକାରେ ଗୁଡ଼ିଆଡ଼େ ଜଙ୍ଗଲ ପୂରି ରହିଥିଲା । ଏହି ଜଙ୍ଗଲ ମଧ୍ୟରେ ରହିବାକୁ ପଡ଼ୁଥିବାରୁ ଇଂରେଜମାନେ ଭୀଷଣ ରୋଗଗ୍ରସ୍ତ ହେଉଥିଲେ । ଜଙ୍ଗଲ କାଟି ଯଥେଷ୍ଟ ଚାଷ ଜମି ପ୍ରସ୍ତୁତ କରିବା ପର୍ଯ୍ୟନ୍ତ ସେମାନଙ୍କୁ ଖାଦ୍ୟାଭାବ ମଧ୍ୟ ଭୋଗିବାକୁ ପଡ଼ୁଥିଲା । ତାହା ଛଡ଼ା ହିଂସ୍ର ଜନ୍ତୁମାନଙ୍କର ପ୍ରଭାବ ମଧ୍ୟ କମ୍ ନଥିଲା । ଏତେ ଦୁଃଖ କଷ୍ଟ ସହି ମଧ୍ୟ ସେମାନେ କଠିନ ପରିଶ୍ରମ କରି, ଧୈର୍ଯ୍ୟର ସହିତ ସବୁ କଷ୍ଟ ସହି ସେଠାରେ ରହିଥିଲେ ଏବଂ ଅଧିକ ଅଧିକ ଉପନିବେଶ ସ୍ଥାପନ କରିବାକୁ

Digitized by srujanika@gmail.com

ଚେଷ୍ଟା କରିଥିଲେ । ଫରାସୀମାନେ ଇଂରେଜମାନଙ୍କୁ ଅଧିକ ଅଧିକ ଉପନିବେଶ ସ୍ଥାପନ କରିବାରେ ବାଧା ଦେବାରୁ ଉଭୟ ଜାତି ମଧ୍ୟରେ ଯୁଦ୍ଧ ଲାଗିଥିଲା ।

ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ଯୁଦ୍ଧ—ଏସିଆ ଓ ଆମେରିକାରେ ବାଣିଜ୍ୟ କରିବା ପାଇଁ ଓ ଉପନିବେଶ ସ୍ଥାପନ କରିବା ପାଇଁ ଇଂରେଜ ଓ ଫରାସୀମାନେ ପରସ୍ପର ସହିତ ପ୍ରତିଯୋଗିତା ଚଳାଇଥିଲେ । ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ଏହି ପ୍ରତିଯୋଗିତା କ୍ରମେ ତୀବ୍ର ହୋଇ ଉଠିଲା ଏବଂ ଏହି ଦୁଇ ଜାତି ମଧ୍ୟରେ ବହୁବାର ଯୁଦ୍ଧ ହୋଇଥିଲା । ଇଂରେଜ ଓ ଫରାସୀମାନେ ପୃଥିବୀର ବିଭିନ୍ନ ଅଞ୍ଚଳରେ ବିକ୍ଷିପ୍ତ ହୋଇ ଯାଇ-ଥିବାରୁ ଏହି ଯୁଦ୍ଧ ସବୁ ଇଉରୋପରେ ଆବଦ୍ଧ ନରହି ଏସିଆ ଓ ଆମେରିକା ପର୍ଯ୍ୟନ୍ତ ବ୍ୟାପିଗଲା । ୧୭୫୬ ଖ୍ରୀଷ୍ଟାବ୍ଦରେ ଏହି ଦୁଇ ଜାତି ମଧ୍ୟରେ ଭୀଷଣ ଯୁଦ୍ଧ ଲାଗିଥିଲା । ଏହି ଯୁଦ୍ଧ ୧୭୬୩ ପର୍ଯ୍ୟନ୍ତ ସ୍ଥାୟୀ ହୋଇଥିଲା । ଏହାକୁ 'ସପ୍ତବର୍ଷ ବ୍ୟାପୀ' ଯୁଦ୍ଧ (Seven Years' War) କୁହାଯାଏ । ଏହି ସମୟ ମଧ୍ୟରେ ଇଂରେଜ ଓ ଫରାସୀମାନେ ଇଉରୋପ, ଆମେରିକା ଓ ଭାରତରେ ପରସ୍ପର ସହିତ ଯୁଦ୍ଧ କରିଥିଲେ ।

ଇଉରୋପୀୟ ଯୁଦ୍ଧରେ ପ୍ରଥମ ବର୍ଷ ଇଂରେଜମାନେ ପରାସ୍ତ ହୋଇଥିଲେ । ପରେ ଇଂଲଣ୍ଡର ସୁଦକ୍ଷ ମନ୍ତ୍ରୀ ଉଇଲିଅମ୍ ପିଟ୍ ଯୁଦ୍ଧ ବିଭାଗର ଭାର ନେଇ ଦକ୍ଷତାର ସହିତ ଯୁଦ୍ଧ ଚଳାଇଲେ । ଇଂରେଜମାନେ ସ୍ଥଳ ଯୁଦ୍ଧ ଓ ଜଳ ଯୁଦ୍ଧ ପ୍ରତ୍ୟେକ କ୍ଷେତ୍ରରେ ଫରାସୀମାନଙ୍କୁ ପରାସ୍ତ କଲେ (୧୭୫୯) । ଏହି ସମୟରେ ଇଂରେଜ ଓ ଫରାସୀମାନେ ଉତ୍ତର ଆମେରିକାରେ ମଧ୍ୟ ଯୁଦ୍ଧ କରୁଥିଲେ ।

Digitized by srujanika@gmail.com

ଇଂରେଜ ସେନାପତି ଉଲଫ୍ ଫରାସୀ ଅଧିକୃତ କାନାଡ଼ାର ରାଜଧାନୀ କୁଇବେକ୍ ଆକ୍ରମଣ କଲେ । କୁଇବେକ୍‌ର ଦୁର୍ଗ ସେତେବେଳେ ଅଭେଦ୍ୟ ଥିଲା । ଉଲଫ୍ ଯଥେଷ୍ଟ କୌଶଳ ଓ ଦୃଢ଼ତା ଅବଲମ୍ବନ କରି କୁଇବେକ୍ ଆକ୍ରମଣ କଲେ । ସେଠାରେ ଥିବା ଫରାସୀମାନେ ପ୍ରାଣପଣେ କୁଇବେକ୍ ଦୁର୍ଗ ରକ୍ଷା କରିବାକୁ ଚେଷ୍ଟା କଲେ । ଯୁଦ୍ଧ ଶେଷରେ ଇଂରେଜମାନେ ଜୟ ଲାଭ କଲେ କିନ୍ତୁ ଜୟ ଲାଭ କରିବା ଆଗରୁ ଉଲଫ୍ ଆହତ ହୋଇ ଯୁଦ୍ଧକ୍ଷେତ୍ରରେ ପ୍ରାଣତ୍ୟାଗ କରି ଥିଲେ । ଏହାପରେ ଇଂରେଜମାନେ ସମସ୍ତ କାନାଡ଼ା ଅଧିକାର କରିଥିଲେ । ଏହି ଘଟଣା ପରେ ଫରାସୀମାନଙ୍କ ପ୍ରଭୁତ୍ୱ ଆମେରିକାରୁ କମିବାକୁ ଲାଗିଲା ଏବଂ ଇଂରେଜମାନେ କ୍ରମେ ଅଧିକ ଉତ୍ସାହିତ ହୋଇ ଆମେରିକାରେ ପ୍ରଭୁତ୍ୱ ବିସ୍ତାର କରିବାକୁ ଲାଗିଲେ ।

ଉଲଫ୍

ଇଂରେଜ ଓ ଫରାସୀମାନେ ଇଉରୋପ ଓ ଆମେରିକାରେ ଯୁଦ୍ଧ କରୁଥିବା ସମୟରେ ଭାରତରେ ମୋଗଲ ସାମ୍ରାଜ୍ୟ ପତନୋନ୍ମୁଖ ଅବସ୍ଥାରେ ଥିଲା । ଶିଖ, ମରହଟ୍ଟା ଓ ରାଜପୁତ ଶକ୍ତିମାନେ ମୋଗଲ ଶକ୍ତି ଚୂର୍ଣ୍ଣ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରୁଥିଲେ । ଇଂରେଜ ଓ ଫରାସୀମାନେ ସେତେବେଳେ ଭାରତରେ ବାଣିଜ୍ୟ କରୁଥିଲେ । ବାଣିଜ୍ୟ କରିବା ସଙ୍ଗେ ସଙ୍ଗେ ଭାରତର ଲଢିଥିବା

Digitized by srujanika@gmail.com

ଅନ୍ତର୍ବିବାଦର ସୁଯୋଗ ନେଇ ସେମାନେ ପ୍ରତ୍ୟେକ ବାଣିଜ୍ୟ କୋଠିରେ ସୈନ୍ୟ ରଖିଲେ । ସେତେବେଳେ କେନ୍ଦ୍ର ଶକ୍ତି ଦୁର୍ବଳ ଥିବାରୁ ସେମାନଙ୍କୁ ଭାରତରେ ସୈନ୍ୟ ରଖିବାକୁ କୌଣସି ମୋଗଲ ସମ୍ରାଟ ମନା କରି ପାରି ନଥିଲେ । ଇଂରେଜ ଓ ଫରାସୀମାନେ ମୋଗଲ ସମ୍ରାଟଙ୍କର ଦୁର୍ବଳତାର ସୁଯୋଗ ନେଇ ଭାରତରେ ନିଜ ନିଜର ସାମ୍ରାଜ୍ୟ ସ୍ଥାପନ କରିବା ପାଇଁ ଚେଷ୍ଟା କଲେ । ତେଣୁ ସେମାନେ ପରସ୍ପରର ପ୍ରତିଦ୍ୱନ୍ଦୀ ଥିଲେ । ଇଙ୍ଗଲେଣ୍ଡ ଓ ଅମେରିକାରେ ଏହି ଦୁଇ ଜାତି ମଧ୍ୟରେ ଯୁଦ୍ଧ ଲାଗିଥିବା ପରେ ଭାରତରେ ଥିବା ଇଂରେଜ ଓ ଫରାସୀମାନେ ମଧ୍ୟ ନିଜ ନିଜ ମଧ୍ୟରେ ଯୁଦ୍ଧ କରିଥିଲେ । ଇଂରେଜମାନଙ୍କ ପକ୍ଷରୁ ରବର୍ଟ କ୍ଲାଇବ୍ ଓ ଫରାସୀମାନଙ୍କ ପକ୍ଷରୁ ଡୁପ୍ଲେ ସୈନ୍ୟ ଚାଳନା କରୁଥିଲେ । ଅନେକ ରକ୍ତାକ୍ତ ଯୁଦ୍ଧ ପରେ ଇଂରେଜମାନେ ଫରାସୀମାନଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରି ୧୭୬୧ରେ ଦାକ୍ଷିଣାତ୍ୟରେ ପ୍ରତିପତ୍ତି ବିସ୍ତାର କରିଥିଲେ । ଇତ୍ୟବସରରେ କ୍ଲାଇବ ବଙ୍ଗଳାର ନବାବ ସିରାଜଉଦ୍ଦୌଲାଙ୍କୁ ୧୭୫୭ ରେ ପଲାସି ଯୁଦ୍ଧରେ ପରାସ୍ତ କରି ବଙ୍ଗ ଦେଶରେ ମଧ୍ୟ ପ୍ରତିପତ୍ତି ବିସ୍ତାର କରିଥିଲେ । ୧୭୬୪ ରେ ବକ୍ସାର ଯୁଦ୍ଧରେ ବଙ୍ଗ ଓ ଅଯୋଧ୍ୟାର ମିଳିତ ଶକ୍ତିକୁ ପରାସ୍ତ କରି କ୍ଲାଇବ୍ ମୋଗଲ ସମ୍ରାଟ ଶାହାଅଲମ୍‌ଙ୍କ ଠାରୁ ବଙ୍ଗ, ବିହାର ଓ

ଲର୍ଡ଼ କ୍ଲାଇବ୍

Digitized by srujanika@gmail.com

ଓଡ଼ିଶାର ଦେବାନୀ ବା ରାଜସ୍ୱ ଅଦାୟ କରିବାର କ୍ଷମତା ଏବଂ ଉତ୍ତର ସରକାର ପ୍ରଦେଶ ପାଇ ଭାରତରେ ଶାସନ କରିବାକୁ ଲାଗିଲେ ।

ଡୁପ୍ଲେ

୧୭୬୩ ରେ ପାରିସ୍‌ଠାରେ ଇଂରେଜ ଓ ଫରାସୀମାନଙ୍କ ମଧ୍ୟରେ ସନ୍ଧି ହୋଇଥିଲା । ଏହି ସନ୍ଧି ଅନୁସାରେ ଇଂରେଜମାନେ କାନାଡ଼ା ପାଇଲେ ଓ ଫରାସୀ ମାନେ ଭାରତରେ ଚନ୍ଦନନଗର ଓ ପଣ୍ଡିଚେରୀ ଫେରି ପାଇଲେ । ଫରାସୀମାନେ ଭାରତରେ ସୈନ୍ୟ ରଖି ପାରିବେ ନାହିଁ ବୋଲି ଏହି ସନ୍ଧିରେ ସ୍ଥିର ହୋଇଥିଲା । ଫରାସୀମାନେ ଇଉରୋପ, ଆମେରିକା ଓ ଭାରତ ପ୍ରତ୍ୟେକ କ୍ଷେତ୍ରରେ ପରାସ୍ତ ହୋଇ ଭାରତ ଓ ଆମେରିକାରେ ସାମ୍ରାଜ୍ୟ ସ୍ଥାପନ କରିବାକୁ ବିରତ ହେଲେ ଏବଂ ଇଂରେଜମାନେ ପ୍ରତ୍ୟେକ କ୍ଷେତ୍ରରେ ଜୟ ଲାଭ କରି ପୃଥିବୀରେ ସର୍ବ ଶ୍ରେଷ୍ଠ ଶକ୍ତି ହୋଇ ଉଠିଲେ ।

ଅଷ୍ଟ୍ରେଲିଆରେ ଇଉରୋପର ପ୍ରଭାବ—ଅଷ୍ଟ୍ରେଲିଆ ସର୍ବପ୍ରଥମେ ୧୬୧୦ ରେ ଡଚ୍ ନାବିକମାନଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା । ସେତେବେଳେ ଅଷ୍ଟ୍ରେଲିଆରେ ଅସଭ୍ୟ ମର୍କଟ ଶ୍ରେଣୀୟ ମାନବ ବାସ କରୁଥିଲେ । ସେମାନଙ୍କର ସଂଖ୍ୟା ମଧ୍ୟ ଅତି ଅଳ୍ପ ଥିଲା । ଡଚ୍ ନାବିକମାନେ ସେଠାରେ ବାଣିଜ୍ୟ କରିବାର କୌଣସି ସୁବିଧା ପାଉନଥିଲେ । କାରଣ ସେ ଦେଶର ଲୋକମାନେ

Digitized by srujanika@gmail.com

ପଶୁ ପରି ବଣ ଜଙ୍ଗଲରେ ବାସ କରୁଥିଲେ । ଉପନିବେଶ ସ୍ଥାପନ କରିବା ଅପେକ୍ଷା ବାଣିଜ୍ୟ କରିବା ଡଚ୍‌ମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିବାରୁ ଡଚ୍‌ମାନେ ଅଷ୍ଟ୍ରେଲିଆ ପ୍ରତି କୌଣସି ଗୁରୁତ୍ୱ ଦେଇନଥିଲେ । ପରେ ୧୭୭୦ ରେ ଇଂରେଜ ନାବିକ ଜେମସ୍ କୁକ୍ ଏହି ମହାଦେଶର ପୂର୍ବାଞ୍ଚଳ ଆବିଷ୍କାର କରିଥିଲେ । ଏହି ଆବିଷ୍କାର ପରେ ଇଂରେଜମାନେ ଅଷ୍ଟ୍ରେଲିଆରେ ଉପନିବେଶ ସ୍ଥାପନ କରିବା ପାଇଁ ଚେଷ୍ଟା କରିଥିଲେ । ପ୍ରଥମେ ଇଂଲଣ୍ଡର ଭଦ୍ରଲୋକମାନେ ଏହି ମହାଦେଶକୁ ଆସିବା ପାଇଁ ଇଚ୍ଛା କରିନଥିଲେ । ତେଣୁ ବ୍ରିଟିଶ ସରକାର ଇଂଲଣ୍ଡର ଚୋର, ଡକାୟତ, ନରହନ୍ତା ଓ ଅନ୍ୟାନ୍ୟ ଅପରାଧୀମାନଙ୍କୁ ଅଷ୍ଟ୍ରେଲିଆକୁ ପଠାଇଥିଲେ । ଏହି

କୁକ୍

ଅପରାଧୀମାନେ ଅଷ୍ଟ୍ରେଲିଆରେ ସ୍ଥାୟୀ ବାସିନ୍ଦା ରୂପେ ରହିଥିଲେ । ଅଷ୍ଟ୍ରେଲିଆର ଜଳବାୟୁ ଇଉରୋପୀୟମାନଙ୍କ ପକ୍ଷରେ ଉପଯୋଗୀ ଥିବାରୁ ଓ ମୃତ୍ତିକା ଉର୍ବର ଥିବାରୁ ଏହି ଅପରାଧୀମାମାନେ ସ୍ୱଚ୍ଛନ୍ଦରେ ସେଠାରେ ବାସ କରିଥିଲେ । ପରେ ସେଠାରେ ସୁନା ଖଣି ଥିବାର ପ୍ରମାଣ ମିଳିବାରୁ ଇଂଲଣ୍ଡର ଧନୀ ବ୍ୟବସାୟୀମାନେ ଅଷ୍ଟ୍ରେଲିଆକୁ ଆସି ସେଠାରେ ଘର ଦ୍ୱାର କରି ରହିଲେ । ଏହି ରୂପେ ଅଷ୍ଟ୍ରେଲିଆରେ ଇଂରେଜ ଜନସଂଖ୍ୟା କ୍ରମେ ବଢିବାକୁ ଲାଗିଲା । ସେଠାର ଆଦିମ ଲୋକମାନେ ପୂର୍ବପରି ବଣ ଜଙ୍ଗଲରେ ରହିଲେ ।

Digitized by srujanika@gmail.com



ପୃଥିବୀର ଅନ୍ୟାନ୍ୟ ଅଞ୍ଚଳ—ଇଉରୋପୀୟମାନେ ପୃଥିବୀର ବିଭିନ୍ନ ସ୍ଥାନରେ ପ୍ରତିପତ୍ତି ବିସ୍ତାର କରିବାକୁ ଚେଷ୍ଟା କରୁଥିବା ସମୟରେ ରୁଷିୟା ପୂର୍ବଆଡ଼େ ରାଜ୍ୟ ବିସ୍ତାର କରିବାକୁ ଚେଷ୍ଟା କରୁଥିଲା । ସେତେବେଳେ ମଙ୍ଗୋଲମାନେ ଦୁର୍ବଳ ହୋଇ

Digitized by srujanika@gmail.com

ପଡ଼ିଥିଲେ । ରୁଷିଆର ଜାର୍ (ସମ୍ରାଟ) ମଙ୍ଗୋଲମାନଙ୍କୁ ପରାସ୍ତ କରି ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ ।

ଏହି ସମୟରେ ଚୀନରେ ମାଞ୍ଚୁ ବଂଶୀୟ ସମ୍ରାଟମାନେ ରାଜତ୍ୱ କରୁଥିଲେ । ମାଞ୍ଚୁ ବଂଶର ଦ୍ୱିତୀୟ ସମ୍ରାଟ କାଙ୍ଗ୍ ଜଣେ ପ୍ରବୀଣ ଲୋକ ଥିଲେ । ସେ ସବୁ ଧର୍ମକୁ ସମାନ ଚକ୍ଷୁରେ ଦେଖୁଥିଲେ । କେବଳ ଖ୍ରୀଷ୍ଟିଆନ୍‌ମାନେ ଧର୍ମ ପ୍ରଚାର ସହିତ ବାଣିଜ୍ୟ ଓ ସାମ୍ରାଜ୍ୟ ସ୍ଥାପନ କରୁଥିବାରୁ ସେ ଖ୍ରୀଷ୍ଟିୟାନ୍‌ମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖୁଥିଲେ । ତାଙ୍କ ସମୟରେ ଚୀନରେ ଶିକ୍ଷା, ସାହିତ୍ୟ, କଳା ଓ ଶିଳ୍ପ ପ୍ରଭୃତିର ଉନ୍ନତି ହୋଇଥିଲା ଏବଂ ସାମ୍ରାଜ୍ୟର ଆୟତନ ମଧ୍ୟ ଯଥେଷ୍ଟ ବଢ଼ିଥିଲା । ସେ ମଙ୍ଗୋଲିଆ ଜୟ କରି ଚୀନ ସହିତ ମିଶାଇଥିଲେ । ତାଙ୍କ ପରେ ତାଙ୍କର ବଂଶଧରମାନେ ମଧ୍ୟ ରାଜ୍ୟ ବିସ୍ତାର କରିଥିଲେ । ଏହି ବଂଶର ରାଜାମାନଙ୍କ ସମୟରେ ମାଞ୍ଚୁରିଆ, ମଙ୍ଗୋଲିଆ, ତିବ୍ବତ ଓ ତୁର୍କିସ୍ଥାନ ଚୀନ ସାମ୍ରାଜ୍ୟଭୁକ୍ତ ହୋଇଥିଲା ଏବଂ ଅନାମ, କୋରିଆ, ଶାମ ଓ ବର୍ମା, ଚୀନ ସମ୍ରାଟଙ୍କ ଅଧୀନତା ସ୍ୱୀକାର କରିଥିଲା ।

ଏସିଆ ଓ ଅମେରିକାରେ ବାଣିଜ୍ୟ ଓ ଉପନିବେଶ ସ୍ଥାପନ କରିବା ପାଇଁ ଇଉରୋପୀୟମାନେ ଚେଷ୍ଟା କରୁଥିବା ସମୟରେ ଜର୍ମାନୀ ଓ ଇଟାଲୀ ଅନେକ ଗୁଡ଼ିଏ ଛୋଟ ଛୋଟ ରାଜ୍ୟରେ ବିଭକ୍ତ ଥିଲେ । ସେହି ଛୋଟ ରାଜ୍ୟଗୁଡ଼ିକ ମଧ୍ୟରେ ନାନା କାରଣରୁ ସର୍ବଦା ଯୁଦ୍ଧ ଲାଗି ରହିଥିଲା । ସେମାନଙ୍କ ମଧ୍ୟରେ ଏକତା ନଥିବାରୁ ଏହି ଦୁଇ ରାଜ୍ୟର ଲୋକମାନେ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳରେ ବାଣିଜ୍ୟ ଓ ଉପନିବେଶ ସ୍ଥାପନ କରିବା ପାଇଁ କୌଣସି

Digitized by srujanika@gmail.com

ଚେଷ୍ଟା କରି ପାରିନଥିଲେ । ସେତେବେଳେ ପ୍ରୁସିଆ ଓ ଅଷ୍ଟ୍ରିଆ ପୋଲାଣ୍ଡକୁ ପରାସ୍ତ କରି ଉକ୍ତ ରାଜ୍ୟକୁ ନିଜ ନିଜ ମଧ୍ୟରେ ବିଭକ୍ତ କରିବା ପାଇଁ ଧାରାବାହିକ ଯୁଦ୍ଧ ଚଳାଇଥିଲେ । ତେଣୁ ପ୍ରୁସିଆ ଓ ଅଷ୍ଟ୍ରିଆର ଲୋକମାନେ ମଧ୍ୟ ଏ ଦିଗରେ କୌଣସି ଚେଷ୍ଟା କରି ପାରିନଥିଲେ ।

ଦଶମ ଅଧ୍ୟାୟ

(କ) ଶିଳ୍ପ ବିପ୍ଳବ

କୁଟୀର ଶିଳ୍ପ—ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଇଂଲଣ୍ଡର ଶିଳ୍ପୀମାନେ ନିଜ ନିଜର ଚେଷ୍ଟାରେ ନିଜ ନିଜର ବ୍ୟବସାୟ ଚଳାଉଥିଲେ । ପ୍ରତ୍ୟେକ ଶିଳ୍ପୀ ନିଜ ଘରେ ନିଜର ଶକ୍ତି ଅନୁସାରେ ଅର୍ଥନିୟୋଗ କରି ଶିଳ୍ପଜାତ ଦ୍ରବ୍ୟ ପ୍ରସ୍ତୁତ କରୁଥିଲେ । ସେମାନେ ସାଧାରଣତଃ ଗରିବ ଲୋକ ଥିବାରୁ ବ୍ୟବସାୟରେ ବହୁତ ଅର୍ଥ ଖଟାଇ ପାରୁନଥିଲେ । ସ୍ଥାନେ ସ୍ଥାନେ କେତେକ ସମ ବ୍ୟବସାୟୀ ଏକତ୍ର ମିଳି ଗୋଟିଏ ଗୋଟିଏ ସଂଘ ସ୍ଥାପନ କରିଥିଲେ । କିନ୍ତୁ ଏଗୁଡ଼ିକର ସଂଖ୍ୟା ଅଳ୍ପ ଥିଲା । ପାରିସ ସନ୍ଧି ପରେ ଇଂଲଣ୍ଡ ଅନ୍ୟାନ୍ୟ ଇଉରୋପୀୟମାନଙ୍କୁ ପରାସ୍ତ କରି ଭାରତ ଓ ଆମେରିକାରେ ପ୍ରତିପତ୍ତି ଲାଭ କରିଥିଲା । ଏହା ପରେ ଇଂଲଣ୍ଡର ବ୍ୟବସାୟୀମାନେ ଇଂଲଣ୍ଡର ଶିଳ୍ପ ଜାତ ଦ୍ରବ୍ୟ ସବୁ ନେଇ ଭାରତ ଓ ଆମେରିକାରେ ଅବାଧରେ ବିକ୍ରୟ କଲେ । ଇଂରେଜ ବ୍ୟବସାୟୀମାନେ ତାଙ୍କର ଜିନିଷ ବିକ୍ରୟ କରିବା ପାଇଁ ପ୍ରଶସ୍ତ ବଜାର ପାଇଲେ ସତ; କିନ୍ତୁ

Digitized by srujanika@gmail.com

ଏତେ ଲୋକଙ୍କୁ ଜିନିଷ ଯୋଗାଇବା ପାଇଁ ଇଂଲଣ୍ଡର ଶିଳ୍ପୀମାନେ ଯଥେଷ୍ଟ ଶିଳ୍ପଜାତ ଦ୍ରବ୍ୟ ପ୍ରସ୍ତୁତ କରିପାରିଲେ ନାହିଁ । ଏହି ଅବସ୍ଥାର ସମ୍ମୁଖୀନ ହେବାପାଇଁ ଇଂଲଣ୍ଡର ଲକ୍ଷପତିମାନେ ବିଭିନ୍ନ ଶିଳ୍ପୀମାନଙ୍କୁ ଏକାଠି କରି ବଡ଼ ବଡ଼ କାରଖାନାମାନ ଗଠନ କଲେ । ଅର୍ଥର ଅଭାବ ଦୂର ହେବାରୁ ଏହି କାରଖାନାମାନଙ୍କରେ ଅପେକ୍ଷାକୃତ ଅଧିକ ପରିମାଣରେ ଶିଳ୍ପଜାତ ଦ୍ରବ୍ୟ ପ୍ରସ୍ତୁତ ହୋଇ ପାରିଲା ତଥାପି ଶିଳ୍ପୀମାନେ ହାତରେ କାମ କରୁଥିବାରୁ ଶିଳ୍ପଜାତ ଦ୍ରବ୍ୟ ବିଦେଶକୁ ଯେତେ ପରିମାଣରେ ରପ୍ତାନି ହେବା ଆବଶ୍ୟକ ଥିଲା ତାହା ସେମାନେ ଯୋଗାଇବାକୁ ସମ୍ପୂର୍ଣ୍ଣ ଅସମର୍ଥ ଥିଲେ ।

ନୂତନ ଉଦ୍ଭାବନ—ଇଂଲଣ୍ଡର ଶିଳ୍ପୀମାନେ ଓ କାରଖାନା ମାଲିକମାନେ ଅଧିକ ଶିଳ୍ପଜାତ ଦ୍ରବ୍ୟ ପ୍ରସ୍ତୁତ କରିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ **ଆବଶ୍ୟକ** ମତେ ଜିନିଷ ଯୋଗାଇ ପାରିଲେ ନାହିଁ । ଏହି ଅସୁବିଧା ଦୂର କରିବା ପାଇଁ ସେମାନେ ନାନା ପ୍ରକାର ଚିନ୍ତା କରିଥିଲେ । ପ୍ରଗାଢ଼ ଅଧ୍ୟବସାୟ କରିବା ଫଳରେ ଏହି ଯୁଗରେ ଅନେକ ଗୁଡ଼ିଏ ନୂତନ ଯନ୍ତ୍ର ଉଦ୍ଭାବିତ ହୋଇଥିଲା । ଏହା ପରେ ଇଂରେଜ ଶିଳ୍ପୀମାନେ ସୂତାକଟା ଓ ଲୁଗା ବୁଣା ପ୍ରଭୃତି ହାତରେ ନକରି ଯନ୍ତ୍ର ସାହାଯ୍ୟରେ କଲେ । ଯନ୍ତ୍ର ସାହାଯ୍ୟରେ ଏ ସବୁ କାର୍ଯ୍ୟ ଅପେକ୍ଷାକୃତ ଅଧିକ ଚଞ୍ଚଳ ହୋଇ ପାରିଲା । ପ୍ରଥମେ ଏ ସବୁ ଯନ୍ତ୍ରରେ ଜଳ ଶକ୍ତି ବ୍ୟବହୃତ ହେଉଥିଲା ଏବଂ ତୁଳା ଓ ପଶମରେ ନାନା ପ୍ରକାର ବସ୍ତ୍ର ପ୍ରସ୍ତୁତ ହେଉଥିଲା । ଜେମସ୍ ୱାଟ୍ ନାମକ ଜଣେ ଲୋକ ବାଷ୍ପୀୟ କଳ ଉଦ୍ଭାବନ କଲେ । ଏହା ପରେ କାରଖାନାମାନଙ୍କରେ ଥିବା ଯନ୍ତ୍ର ସବୁ ବାଷ୍ପ ଶକ୍ତି ସାହାଯ୍ୟରେ ଚାଲିଲା ।

Digitized by srujanika@gmail.com

ବାଷ୍ପଶକ୍ତି ସାହାଯ୍ୟରେ ଯନ୍ତ୍ର ଚାଳନା କରିବା ଅଧିକ ସୁଗମ ହେବାରୁ ଶିଳ୍ପଜାତ ଦ୍ରବ୍ୟର ପରିମାଣ ଆଶାତୀତ ଭାବରେ ବଢ଼ିବାକୁ ଲାଗିଲା ଏବଂ ଶିଳ୍ପ ଜଗତରେ ମହା ବିପ୍ଳବ ସୃଷ୍ଟି ହେଲା ।

ଶିଳ୍ପ ବିପ୍ଳବର ଫଳାଫଳ—କାରଖାନାମାନଙ୍କର ସଂଖ୍ୟା ବଢ଼ିବା ଫଳରେ ଇଂଲଣ୍ଡର କୃଷିଜୀବୀମାନେ ବଡ଼ ଅସୁବିଧା ଭୋଗ କରିଥିଲେ । କୃଷି ଅପେକ୍ଷା ଶିଳ୍ପରେ ବିଶେଷ ଲାଭ ହେବାରୁ ମଫସଲର ଲୋକମାନେ କୃଷି ତ୍ୟାଗ କରି କାରଖାନା ମାନଙ୍କରେ କାର୍ଯ୍ୟ କରିବା ପାଇଁ ପ୍ରଲୋଭିତ ହେଲେ । ଫଳରେ ମଫସଲର ମୂଲିଆମାନେ ସହରକୁ ଟାଣିହୋଇ ଆସିଲେ । ଏହିପରି କେତେବର୍ଷ ଭିତରେ ଗ୍ରାମ ଗୁଡ଼ିକ ଜନଶୂନ୍ୟ ହେଲା ଏବଂ ସହରମାନଙ୍କର ସଂଖ୍ୟା ବଢ଼ି ଯାଇଥିଲା । କାରଖାନାମାନଙ୍କରେ ବାଷ୍ପଶକ୍ତି ବ୍ୟବହୃତ ହେବା ପରେ ଅବସ୍ଥା ପୁଣି ବଦଳିଗଲା । ଯନ୍ତ୍ର ସବୁ ବାଷ୍ପଶକ୍ତି ଦ୍ୱାରା ଚାଳିତ ହେବାରୁ କାରଖାନା ମାଲିକ ମାନେ ବେଶୀ ମୂଲିଆ ଆବଶ୍ୟକ କଲେ ନାହିଁ । ତେଣୁ ଯେଉଁ ମୂଲିଆମାନେ ମଫସଲ ଛାଡ଼ି ସହରକୁ ଚାଲି ଆସିଥିଲେ ସେମାନେ ସହରରେ କାମ ପାଇଲେ ନାହିଁ । ଏହି ଶ୍ରେଣୀର ମୂଲିଆମାନେ ଅର୍ଥାଭାବ ହେତୁ ମହା କଷ୍ଟ ଅନୁଭବ କଲେ ।

ଶିଳ୍ପ ବିପ୍ଳବ ଫଳରେ ଦରିଦ୍ର ମୂଲିଆମାନଙ୍କର ସଂଖ୍ୟା ବଢ଼ିଲା । କାରଖାନା ମାଲିକମାନେ ବହୁ ପରିମାଣରେ ଶିଳ୍ପଜାତ ଦ୍ରବ୍ୟ ପ୍ରସ୍ତୁତ କରି ଅତି ଧନୀ ହୋଇଗଲେ । ଇଂରେଜ ସମାଜରେ ଧନୀ ଓ ଦରିଦ୍ର ଏପରି ଦୁଇଟି ବିଭିନ୍ନ ସଂପ୍ରଦାୟ ଗଠିତ ହେଲା । ଧନୀ ଲୋକମାନେ ଗରିବ ମୂଲିଆମାନଙ୍କ ଦୁଃଖ ଦୂର

Digitized by srujanika@gmail.com

କରିବା ପାଇଁ କୌଣସି ଚେଷ୍ଟା କଲେ ନାହିଁ । ଗରିବ ଶ୍ରମିକମାନେ ନିଜ ନିଜର ଅବସ୍ଥା ପରିବର୍ତ୍ତନ କରିବା ପାଇଁ ଘୋର ଆନ୍ଦୋଳନ କଲେ । ଏହି ଆନ୍ଦୋଳନ ଏ ପର୍ଯ୍ୟନ୍ତ ଚାଲିଛି । ଊନବିଂଶ ଶତାବ୍ଦୀରୁ ସେମାନେ କେତେକ ପରିମାଣରେ ସଫଳତା ଲାଭ କରି ଆସୁଅଛନ୍ତି ।

ଇଂଲଣ୍ଡରେ ବହୁ ପରିମାଣରେ ଶିଳ୍ପଜାତ ଦ୍ରବ୍ୟ ପ୍ରସ୍ତୁତ ହେବାରୁ ଇଂଲଣ୍ଡର ଲୋକମାନେ ଉପଯୁକ୍ତ ବଜାର ପାଇବା ପାଇଁ ନୂତନ ରାଜ୍ୟ ଜୟ କରିବାକୁ ଚେଷ୍ଟା କଲେ । ଇଉରୋପର ଅନ୍ୟାନ୍ୟ ଦେଶର ଲୋକମାନେ ମଧ୍ୟ ଏ ଦିଗରେ ଇଂଲଣ୍ଡକୁ ଅନୁକରଣ କଲେ । ସେମାନେ ମଧ୍ୟ ନିଜ ନିଜ ରାଜ୍ୟରେ କଳ-କାରଖାନାମାନ ସ୍ଥାପନ କଲେ ଏବଂ ଶିଳ୍ପଜାତ ଦ୍ରବ୍ୟ ବିଦେଶରେ ବିକ୍ରୟ କରିବା ପାଇଁ ନୂତନ ରାଜ୍ୟ ଜୟ କରିବାକୁ ବାହାରିଲେ । ଫଳରେ ପୁନର୍ବାର ସାମ୍ରାଜ୍ୟବାଦର ଉତ୍ପତ୍ତି ହେଲା ଏବଂ ଇଉରୋପୀୟମାନଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ଲାଗିବାର ସୂତ୍ରପାତ ହେଲା । ଭାରତ ଓ ଆମେରିକାରେ ଇଂରେଜମାନେ ଅଗରୁ ପ୍ରତିପତ୍ତି ବିସ୍ତାର କରୁଥିବାରୁ ଅନ୍ୟାନ୍ୟ ଇଉରୋପୀୟମାନେ ଏଥର ଅଫ୍ରିକା ଉପରେ ବିଶେଷ ଦୃଷ୍ଟି ଦେଇଥିଲେ ।

(ଗ) ଆମେରିକାର ସ୍ୱାଧୀନତା ସଂଗ୍ରାମ

ଯୁଦ୍ଧର କାରଣ—'ସପ୍ତବର୍ଷ' ବ୍ୟାପୀ ଯୁଦ୍ଧ ସମୟରେ ଫରାସୀମାନେ ଉତ୍ତର ଆମେରିକାରେ ଥିବା ଇଂରେଜ ଉପନିବେଶଗୁଡ଼ିକୁ ଆକ୍ରମଣ କରିଥିଲେ । ଇଂରେଜ ଉପନିବେଶଗୁଡ଼ିକୁ ଫରାସୀ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଇଂଲଣ୍ଡର ସରକାର

Digitized by srujanika@gmail.com

ବହୁ ଅର୍ଥ ବ୍ୟୟକର ଫରାସୀମାନଙ୍କ ସହିତ ଯୁଦ୍ଧ କରିଥିଲେ । ତେଣୁ ଇଂଲଣ୍ଡର ରାଜା ତୃତୀୟ ଜର୍ଜ ଏହି ଉପନିବେଶ ଗୁଡ଼ିକ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ପ୍ରତିଷ୍ଠା କରିବା ପାଇଁ ଇଚ୍ଛା କରିଥିଲେ । ସେ ଔପନିବେଶିକମାନଙ୍କ ଉପରେ ନାନା ପ୍ରକାର କର ଧାର୍ଯ୍ୟ କରିଥିଲେ । ସ୍ୱାଧୀନ ଉପନିବେଶ ଉପରେ କର ଧାର୍ଯ୍ୟ କରିବାରୁ ଔପନିବେଶିକମାନେ ଆପତ୍ତି କଲେ । ସେମାନଙ୍କର ଇଚ୍ଛା ବିରୁଦ୍ଧରେ ଏହି କର ସବୁ ଧାର୍ଯ୍ୟ କରା ଯାଇଥିବାରୁ ସେମାନେ ଘୋର ଆନ୍ଦୋଳନ କଲେ । ଔପନିବେଶିକମାନଙ୍କ ମଧ୍ୟରେ ଥିବା ଚିନ୍ତାଶୀଳ ଶିକ୍ଷିତ ଲୋକମାନେ ଇଂରେଜ ଶାସନ ନୀତି ବିରୁଦ୍ଧରେ ପ୍ରଚାର କଲେ । ଇଂରେଜ ସରକାର ପ୍ରଥମେ ଦମନ ନୀତି ପ୍ରୟୋଗ କରିଥିଲେ । ତାହା କୃତକାର୍ଯ୍ୟ ନହେବାରୁ ଇଂଲଣ୍ଡର ମନ୍ତ୍ରୀ ଲର୍ଡ ନର୍ଥ ଚା' ବ୍ୟତୀତ ଅନ୍ୟ ସମସ୍ତ ଜିନିଷ ଉପରୁ ଶୁଳ୍କ ଉଠାଇ ଦେଇଥିଲେ । ଔପନିବେଶିକମାନେ ଏଥିରେ ମଧ୍ୟ ସନ୍ତୁଷ୍ଟ ହୋଇନଥିଲେ । ଔପନିବେଶିକମାନଙ୍କର ଆପତ୍ତିକୁ ଯୁକ୍ତିଯୁକ୍ତ ମନେ ନକରି ଇଂରେଜ ସରକାର ଆମେରିକାକୁ ଚା ଜାହାଜ ପଠାଇବାକୁ ସ୍ଥିରକଲେ । ଇଷ୍ଟ ଇଣ୍ଡିଆ କମ୍ପାନୀ ଚା ଜାହାଜ ନେଇ ଉତ୍ତର ଆମେରିକାର ବୋଷ୍ଟନ୍ ବନ୍ଦରରେ ପହଞ୍ଚିଲା । ଔପନିବେଶିକମାନେ ଇଂଲଣ୍ଡ ଚା ଗ୍ରହଣ କରିବାକୁ ଇଚ୍ଛା କରୁନଥିଲେ । ତେଣୁ ଉକ୍ତ ଚା ଜାହାଜ ବୋଷ୍ଟନ୍ ବନ୍ଦରରେ ପହଞ୍ଚିବା ମାତ୍ରେ ଔପନିବେଶିକମାନଙ୍କ ମଧ୍ୟରୁ କେତେକଣ ଲୋହିତ ଭାରତୀୟ ବେଶ ଧାରଣ କରି ଜାହାଜ ମଧ୍ୟରେ ପ୍ରବେଶ କଲେ ଏବଂ ଜାହାଜରେ ଥିବା ଚା ଗୁଡ଼ିକୁ ସମୁଦ୍ର ମଧ୍ୟରେ ନିକ୍ଷେପ କଲେ । ଏଥିରେ ବ୍ରିଟିଶ ସରକାର ରାଗାନ୍ୱିତ ହୋଇ ଉତ୍ତର ଆମେରିକା ବିରୁଦ୍ଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ।

Digitized by srujanika@gmail.com

ଉପନିବେଶିକମାନେ ମଧ୍ୟ ଏହି ଅବସ୍ଥାର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ହେଲେ ।

ଯୁଦ୍ଧର ଘଟଣାବଳୀ—ପ୍ରତ୍ୟେକ ଉପନିବେଶର ପ୍ରତିନିଧିମାନେ ଫିଲାଡେଲଫିଆଠାରେ ସମବେତ ହୋଇ ଗୋଟିଏ କଂଗ୍ରେସ (ସଭା) ଗଠନ କରିଥିଲେ । ଏହି କଂଗ୍ରେସରେ ବ୍ରିଟିଶ ସରକାରଙ୍କର ଶାସନ ନୀତିକୁ ସମାଲୋଚନା କରଯାଇଥିଲା । ଏହି କଂଗ୍ରେସର ନିଷ୍ପତ୍ତି ଅନୁସାରେ ଉପନିବେଶିକମାନେ

ୱାସିଂଟନ୍

୧୭୭୬ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ସ୍ୱାଧୀନତା ଘୋଷଣା କରିଥିଲେ । ଇଂରେଜମାନେ ସେମାନଙ୍କୁ ପରାସ୍ତ କରିବା ପାଇଁ ଡନୋଷ୍ଟ ସୈନ୍ୟ ଦଳ ପଠାଇଥିଲେ । ଉପନିବେଶିକମାନଙ୍କର ସେନାପତି ଜର୍ଜ

Digitized by srujanika@gmail.com

ଉଆସିଙ୍ଗ୍‌ଟନ୍ ପ୍ରଥମ ଯୁଦ୍ଧରେ ପରାସ୍ତ ହୋଇଥିଲେ । ତତ୍ପର ବର୍ଷ ଔପନିବେଶିକମାନେ ଇଂରେଜମାନଙ୍କୁ ପରାସ୍ତ କରିଥିଲେ । ଏହା ପରେ ଫ୍ରାନ୍ସ ଓ ସ୍ପେନ ଔପନିବେଶିକମାନଙ୍କୁ ସାହାଯ୍ୟ କରିଥିଲେ । ଇଂରେଜ ସେନାପତି ଲର୍ଡ଼ କର୍ଣ୍ଣୱାଲିସ୍ ସାହସର ସହିତ ଯୁଦ୍ଧ କରି ଉତ୍ତର ଓ ଦକ୍ଷିଣ କାରୋଲିନା ଦଖଲ କରିଥିଲେ । ପରେ ଫରାସୀମାନଙ୍କ ଦ୍ୱାରା ପରାସ୍ତ ହୋଇ ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇଥିଲେ । ଏହାପରେ ଇଂରେଜମାନେ ଆଉ ଯୁଦ୍ଧ କରିବାକୁ ଉଚିତ ମନେ କଲେ ନାହିଁ । ପାରିସଠାରେ ୧୭୮୩ ରେ ସନ୍ଧି ହୋଇଥିଲା । ଏହି ସନ୍ଧି ଅନୁସାରେ ଇଂରେଜ-ମାନେ ଔପନିବେଶିକମାନଙ୍କର ସ୍ୱାଧୀନତା ସ୍ୱୀକାର କଲେ । କାନଡ଼ା, ନିଉଫାଉଣ୍ଡଲ୍ୟାଣ୍ଡ, ନୋଭାସ୍କୋଟିଆ ଓ ହଡ଼ସନ୍ ଉପସାଗର ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ଇଂଲଣ୍ଡ ଅଧୀନରେ ରହିଲା । ସେଣ୍ଟ ଲୁଇସିଆ ଓ ସିନିଗାଲ ଫ୍ରାନ୍ସ ଅଧୀନରେ ରହିଲା ଏବଂ ଫ୍ଲୋରିଡ଼ା ଓ ମିନର୍କା ସ୍ପେନ ଅଧୀନରେ ରହିଲା ।

ଯୁକ୍ତରାଜ୍ୟ ଗଠନ— ଯୁଦ୍ଧରେ ଜୟ ଲାଭ କରିବା ପରେ ୧୭୮୭ ରେ କଂଗ୍ରେସର ଗୋଟିଏ ଅଧିବେଶନ ହୋଇଥିଲା । ଏହି ସଭାରେ ଉପନିବେଶ ଗୁଡ଼ିକର ସମାବେଶରେ ଯୁକ୍ତ ରାଜ୍ୟ ଗଠିତ ହୋଇଥିଲା ଏବଂ ତାହାର ପରିଚାଳନା ନିମିତ୍ତ ଆଇନ ପ୍ରଣୀତ ହୋଇଥିଲା । ଏହି ଆଇନ ଅନୁସାରେ ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ବ୍ୟବସ୍ଥାପକ ସଭା ରହିଲା । ପ୍ରତ୍ୟେକ ରାଜ୍ୟ ନିଜ ନିଜର ବ୍ୟବସ୍ଥାପକ ସଭା ସାହାଯ୍ୟରେ ସ୍ଥାନୀୟ ଅଭାବ ଓ ଅସୁବିଧା ଦୂର କରିବାର ବ୍ୟବସ୍ଥା ହୋଇଥିଲା । କେନ୍ଦ୍ର ଶାସନର ପରିଚାଳନା ପାଇଁ ପ୍ରତ୍ୟେକ ରାଜ୍ୟରେ ପ୍ରତିନିଧି ମାନଙ୍କୁ ନେଇ ଗୋଟିଏ କଂଗ୍ରେସ ଗଠିତ ହୋଇଥିଲା । ଏହି

Digitized by srujanika@gmail.com

କଂଗ୍ରେସରେ ନିର୍ବାଚନ ପୂର୍ବରେ ଜଣେ ସଭାପତି ରହିବାର ସ୍ଥିର ହୋଇଥିଲା ଏବଂ ସେ ଗୃହବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାର ଅଧିକାର ପାଇଥିଲେ । ପ୍ରତ୍ୟେକ ଚାରିବର୍ଷରେ ସଭାପତି ନିର୍ବାଚନ ହେବାର ସ୍ଥିର ହୋଇଥିଲା । ଏହି ନୂତନ କଂଗ୍ରେସର ପ୍ରଥମ ଅଧିବେଶନ ୧୭୮୮ ରେ ହୋଇଥିଲା । ଜର୍ଜ ୱାସିଙ୍ଗଟନ୍ ଏହାର ପ୍ରଥମ ସଭାପତି ହୋଇଥିଲେ । ପୋଟୋମାକ୍ ଠାରେ ୱାସିଙ୍ଗଟନ୍‌ଙ୍କ ନାମ ଅନୁସାରେ ଗୋଟିଏ ସହର ସ୍ଥାପିତ ହୋଇଥିଲା ଏବଂ ତାହା ଯୁକ୍ତରାଜ୍ୟର ରାଜଧାନୀ ହୋଇଥିଲା । ୱାସିଙ୍ଗଟନ୍ ଯୁକ୍ତ ରାଜ୍ୟରେ ସୁଶାସନ ଚଳାଇବା ପାଇଁ ଅନେକ ନୂତନ ଆଇନ ପ୍ରଣୟନ କରିଥିଲେ । ତାଙ୍କର କାର୍ଯ୍ୟକାଳ ଶେଷ ହେବା ପରେ ସେ ଇଉରୋପୀୟମାନଙ୍କର ସାମ୍ରାଜ୍ୟ ସ୍ଥାପନ କରିବା ନୀତି ଓ ସେହି ସମ୍ପର୍କରେ ହେଉଥିବା ଯୁଦ୍ଧରେ ଯୋଗ ଦାନ ନକରିବା ପାଇଁ ତାଙ୍କ ଦେଶବାସୀଙ୍କୁ ଉପଦେଶ ଦେଇ ଯାଇଥିଲେ । ବହୁଦିନ ପର୍ଯ୍ୟନ୍ତ ଯୁକ୍ତରାଜ୍ୟର ସରକାର ତାଙ୍କ ଉପଦେଶ ମାନି ଚଳି ଆସୁଥିଲେ; କିନ୍ତୁ ବର୍ତ୍ତମାନ ସେଥିରେ ବ୍ୟତିକ୍ରମ ଦେଖା ଗଲାଣି ।

ଏକାଦଶ ଅଧ୍ୟାୟ

ଫରାସୀ ବିପ୍ଳବ

ବିପ୍ଳବ ପୂର୍ବେ ଫ୍ରାନସ୍‌ର ଅବସ୍ଥା—ଅଷ୍ଟାଦଶ ଶତାବ୍ଦୀରେ ଫ୍ରାନସ୍‌ର ରାଜନୈତିକ ଓ ସାମାଜିକ ଅବସ୍ଥା ଘୋର ଅସନ୍ତୋଷ-ଜନକ ଥିଲା । ରାଜା ବିଳାସରେ ବହୁ ଅର୍ଥ ବ୍ୟୟ କରୁଥିଲେ । ବେରନ୍ ଓ ଧର୍ମଯାଜକ ସମ୍ପ୍ରଦାୟର ଲୋକମାନେ ଅଦୌ କର

Digitized by srujanika@gmail.com

ଦେଉନଥିଲେ । କେବଳ ଗରିବ କୃଷକମାନଙ୍କ ଉପରେ ରାଜ୍ୟର ସମସ୍ତ କର ଭାର ପଡୁଥିଲା । ପ୍ରତ୍ୟେକ କୃଷକ ତାହାର ଆୟର ଶତକରା ୮୦ ଭାଗ କର ସ୍ୱରୂପ ଦେଉଥିଲା । ଆଇନ ଦୃଷ୍ଟିରେ ମଧ୍ୟ ଗରିବ କୃଷକମାନେ ଧନୀ ଉଚ୍ଚପଦସ୍ଥ ଲୋକ-ମାନଙ୍କ ସହିତ ସମାନ ବିବେଚିତ ହେଉନଥିଲେ । ଏକ ଅପରାଧ ପାଇଁ ଧନୀ ଓ ଗରିବ ଲୋକମାନେ ଭିନ୍ନ ଭିନ୍ନ ପ୍ରକାର ଦଣ୍ଡ ପାଉଥିଲେ । ଗରିବ କୃଷକମାନଙ୍କୁ ଯେ କୌଣସି ସମୟରେ ବିନା ବିଚାରରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ କାରାଦଣ୍ଡ ଭୋଗିବାକୁ ପଡୁଥିଲା । ସେମାନେ ସଭା ସମିତି କରି ପାରୁ ନଥିଲେ, କୌଣସି ସଙ୍ଘ ଗଠନ କରି ପାରୁ ନଥିଲେ କିମ୍ବା ଭୋଟ ଦେବାର ଅଧିକାର ସେମାନଙ୍କର ନଥିଲା ।

ଷୋଡ଼ଶ ଲୁଇ

ଫ୍ରାନ୍ସର ଅବସ୍ଥା ଏପରି ଥିବା ସମୟରେ ଆମେରିକାରେ ସ୍ୱାଧୀନତା ସଂଗ୍ରାମ ଲାଗିଥିଲା । ଆମେରିକାର ସ୍ୱାଧୀନଚେତା ଲୋକମାନଙ୍କର ଯୁକ୍ତିଯୁକ୍ତ ଲେଖା ଗୁଡ଼ିକ ଫ୍ରାନ୍ସରେ ପ୍ରଚାରିତ ହୋଇଥିଲା । ଏହି ଲେଖାମାନଙ୍କରେ ବ୍ରିଟିଶ ସରକାରଙ୍କ ଶାସନ ନୀତିକୁ ତୀବ୍ର ସମାଲୋଚନା କରାଯାଇ-ଥିଲା ଏବଂ ପ୍ରତ୍ୟେକ ମନୁଷ୍ୟର ଜନ୍ମଗତ ଅଧିକାର କଣ ତାହା ବର୍ଣ୍ଣନା କରାଯାଇଥିଲା । ଏହି ଲେଖା ଦ୍ୱାରା ଅନୁପ୍ରାଣିତ ହୋଇ ଫ୍ରାନ୍ସର ମଣ୍ଟେସ୍କ୍ୟୁ

Digitized by srujanika@gmail.com

ଭଲଟେୟାର ଓ ରୁଷୋ ପ୍ରଭୃତି ଚିନ୍ତାଶୀଳ ଲୋକମାନେ ନିଜ ଦେଶର ଗରିବ କୃଷକମାନଙ୍କର ଅବସ୍ଥା ବଦଳାଇବା ପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ । ସେମାନେ ସଭା ସମିତି କରି ଓ ଶକ୍ତିଶାଳୀ ଲେଖାମାନ ପ୍ରକାଶ କରି ଫ୍ରାନ୍‌ସର ତତ୍‌କାଳୀନ ଶାସନ ତନ୍ତ୍ର ଓ ଶାସନ ନୀତି ବିରୁଦ୍ଧରେ ଲୋକମତ ସଂଗଠନ କରିଥିଲେ । ଫ୍ରାନ୍‌ସର ରାଜା ଷୋଡ଼ଶ ଲୁଇ ଲୋକମାନଙ୍କ ମତି ଗତି ପ୍ରତି ଦୃଷ୍ଟିପାତ ନକରି ପୂର୍ବପରି ବିଳାସରେ ଅର୍ଥବ୍ୟୟ କରିବାକୁ ଲାଗିଲେ । ତାଙ୍କର ବିଳାସ ପାଇଁ ଅର୍ଥର ଅଭାବ ହେବାରୁ ସେ ନୂତନ କର ଧାର୍ଯ୍ୟ କରିବା ଉଦ୍ଦେଶ୍ୟରେ ୧୭୮୯ ଖ୍ରୀଷ୍ଟାବ୍ଦ ମେ ମାସ ୪ ତାରିଖରେ ଫ୍ରାନ୍‌ସର ବ୍ୟବସ୍ଥାପକ ସଭା (States General) ଆହ୍ୱାନ କଲେ । ଗରିବ କୃଷକମାନଙ୍କ ଉପରେ ନୂତନ କର ଧାର୍ଯ୍ୟ କଲେ ବିପ୍ଳବ ହେବ ବୋଲି ମନ୍ତ୍ରୀମାନେ ମତ ଦେଇଥିଲେ ମଧ୍ୟ ଲୁଇ ତାଙ୍କ ଚେଷ୍ଟା ଛାଡ଼ି ନଥିଲେ ।

ବିପ୍ଳବ ଆରମ୍ଭ—ଫ୍ରାନ୍‌ସର ବ୍ୟବସ୍ଥାପକ ସଭା କେବଳ ନାମକୁ ମାତ୍ର ଗୋଟିଏ ଅନୁଷ୍ଠାନ ଥିଲା । ରାଜାମାନେ କେବେ ହେଲେ ବ୍ୟବସ୍ଥାପକ ସଭାର ପରାମର୍ଶ ଅନୁସାରେ ଶାସନ କରୁନଥିଲେ । ୧୬୧୪ ଖ୍ରୀଷ୍ଟାବ୍ଦଠାରୁ ଏହି ସଭାର ଆଦୌ କୌଣସି ଅଧିବେଶନ ହୋଇନଥିଲା । ଏତେ ଦୀର୍ଘକାଳ ପର୍ଯ୍ୟନ୍ତ ଏହି ସଭାର କୌଣସି ଅଧିବେଶନ ହୋଇ ନଥିବାରୁ ଲୋକମାନେ ବଡ଼ ଉତ୍ସୁକ ଥିଲେ । ଲୁଇ ଏହି ବ୍ୟବସ୍ଥାପକ ସଭାରେ ନୂତନ କର ଧାର୍ଯ୍ୟ କରିବା ବିଷୟ ଉତ୍ଥାପିତ କରିବା ସଙ୍ଗେ ସଙ୍ଗେ ସାଧାରଣ ଲୋକଙ୍କର ପ୍ରତିନିଧିମାନେ ଏହି ପ୍ରସ୍ତାବ ବିରୁଦ୍ଧରେ ଘୋର ଆପତ୍ତି କଲେ । ପ୍ରଜାମାନଙ୍କ ପକ୍ଷରୁ ରାଜାଙ୍କ

Digitized by srujanika@gmail.com

ପ୍ରସ୍ତାବ ଫରାସୀରେ ଏପରି ଅପତ୍ତି ହେବା ଫ୍ରାନ୍ସର ଇତିହାସରେ ସେତେବେଳେ ସମ୍ପୂର୍ଣ୍ଣ ନୂତନ କଥା ଥିଲା । ରାଜା ଏପରି ଅପତ୍ତିରେ ବିଚଳିତ ହୋଇ ସଭ୍ୟମାନଙ୍କୁ ସଭାଗୃହରୁ ବଳ ପୂର୍ବକ ତଡ଼ି ଦେଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ଗୋଟିଏ ଟେନିସ୍ ପଡ଼ିଆରେ ଏକତ୍ରିତ ହୋଇ ଫ୍ରାନ୍ସର ଶାସନ ପାଇଁ ନୂତନ ଆଇନ ପ୍ରଣୟନ ନ କରିବା ପର୍ଯ୍ୟନ୍ତ ସେଠାରୁ ଯିବେ ନାହିଁ ବୋଲି ପ୍ରତିଜ୍ଞା କଲେ । ଏହି ସଭାକୁ ସେମାନେ 'ଜାତୀୟ ସଭା' (National Assembly) ନାମ ଦେଇଥିଲେ । ସେମାନଙ୍କୁ ସେଠାରୁ ମଧ୍ୟ ତଡ଼ି ଦେବା ପାଇଁ ଲୁଇ ସୈନ୍ୟମାନଙ୍କୁ ଅଦେଶ ଦେଇଥିଲେ । ସୈନ୍ୟମାନେ ଏପରି ଅଦେଶ ଅମାନ୍ୟ କରିବାରୁ ରାଜା ବ୍ୟଥିତ ହୋଇଥିଲେ କିନ୍ତୁ ସେଥିରୁ କିଛି ଶିକ୍ଷା କରି ନଥିଲେ । ଲୁଇ ବର୍ତ୍ତମାନ ବିଦେଶୀ ସୈନ୍ୟ ପ୍ରୟୋଗ କରି ଜାତୀୟ ସଭାର ସଭ୍ୟମାନଙ୍କୁ ବନ୍ଦୀ କରିବାକୁ ଚେଷ୍ଟା କରିଥିଲେ । ଏଥିରେ ଅଧିକ ଉତ୍ତ୍ୟକ୍ତ ହୋଇ ଏହି ଲୋକମାନେ ବାଷ୍ଟିଲ ଜେଲଖାନା ଆକ୍ରମଣ କଲେ ଏବଂ ଜେଲ ଖାନା ଭିତରେ ପଡ଼ି ବନ୍ଦୀମାନଙ୍କୁ ଖଲାସ କରିଦେଲେ । ପ୍ୟାରିସ୍‌ର ଲୋକମାନେ ବିଦ୍ରୋହୀମାନଙ୍କ ପ୍ରତି ସହାନୁଭୂତି ଦେଖାଇ ତାଙ୍କ ସହିତ ଯୋଗଦାନ କଲେ । କ୍ରମେ ବିଦ୍ରୋହୀମାନଙ୍କର ସଂଖ୍ୟା ବଢ଼ିଲା । ଲାଫାଇଟ୍ ବିଦ୍ରୋହୀମାନଙ୍କର ସେନାପତି ଥିଲେ ଏବଂ ମିରାବୁ 'ଜାତୀୟ ସଭା'ର ଅଗ୍ରଣୀ ଥିଲେ । ଜାତୀୟ ସଭାର ଆଦେଶ ଅନୁସାରେ ବିଦ୍ରୋହୀମାନେ ଲଫାଇଟ୍‌ଙ୍କ ନେତୃତ୍ୱରେ ସହର ଓ ମଫସଲରେ ଥିବା ବେରନ୍‌ମାନଙ୍କର ଗୃହରେ ପ୍ରବେଶ କରି ଲୁଣ୍ଠନ କରିଥିଲେ ଓ କାଗଜ ପତ୍ର ସବୁ ନଷ୍ଟ କରି ଦେଇଥିଲେ । ଅନ୍ୟ ସମସ୍ୟା ଦୂର କରିବା

Digitized by srujanika@gmail.com

ପାଇଁ ବିଦ୍ରୋହୀମାନେ ଭର୍ସେଲ୍ସର ରାଜପ୍ରାସାଦ ଆକ୍ରମଣ କରି-ଥିଲେ ଏବଂ ରାଜା ଓ ରାଣୀଙ୍କୁ ବଳ ପୂର୍ବକ ଧରି ନେଇ ଗୋଟିଏ ଗାଡ଼ିରେ ବସାଇ ପାରିସକୁ ଘେନିଗଲେ । ବିଦ୍ରୋହୀମାନେ ରାଜପ୍ରାସାଦ ଲୁଣ୍ଠନ କରି ସେଠାରେ ଥିବା ସମସ୍ତ ଖାଦ୍ୟ ଦ୍ରବ୍ୟ ପାରିସକୁ ନେଇ ଯାଇଥିଲେ । ପାରିସଠାରେ ରାଜାଙ୍କୁ ନଜରବନ୍ଦୀରେ ରଖାଗଲା ଏବଂ ରାଜା 'ଜାତୀୟ ସଭାର ନିର୍ଦ୍ଦେଶ ମତେ ଶାସନ କାର୍ଯ୍ୟ ଚଳାଇବେ' ବୋଲି ସ୍ୱୀକାର କଲେ ।

କିଛିଦିନ ପରେ ରାଜା ପାରିସରୁ ପଳାଇ ଯିବା ପାଇଁ ଚେଷ୍ଟା କଲେ । କିନ୍ତୁ ଧରାପଡ଼ି ପୁନର୍ବାର ପାରିସକୁ ଆସିଥିଲେ । ବିଦ୍ରୋହୀମାନେ ରାଜାଙ୍କୁ ସନ୍ଦେହ କରି ତାଙ୍କଠାରୁ ସମସ୍ତ କ୍ଷମତା କାଢ଼ି ନେଲେ ଏବଂ ତାଙ୍କୁ ପ୍ରାଣଦଣ୍ଡ ଦେବେ ବୋଲି ସ୍ଥିରକଲେ । 'ଜାତୀୟ ସଭା'ର କେତେକ ସଭ୍ୟ ଏଥିରେ ଆପତ୍ତି କରିବାରୁ ରାଜାଙ୍କୁ ପ୍ରାଣଦଣ୍ଡ ଦିଆ ନଯାଇ ତାଙ୍କୁ ସିଂହାସନ ଚ୍ୟୁତ ଓ ବନ୍ଦୀ କରାଗଲା (ଅଗଷ୍ଟ ୧୭୯୨) । ଯେଉଁମାନେ ଜାତୀୟ ସଭାର ଏପରି କାର୍ଯ୍ୟରେ ଅସନ୍ତୁଷ୍ଟ ହେଲେ ସେମାନଙ୍କୁ ହତ୍ୟା କରାଗଲା । ଏହାପରେ କିଛି ଦିନ ଯିବାପରେ ବିଦ୍ରୋହୀ-ମାନେ ରାଜା ଓ ରାଣୀ ଉଭୟଙ୍କୁ ମଧ୍ୟ ପ୍ରାଣଦଣ୍ଡ ଦେଲେ । ଫ୍ରାନ୍ସରେ ଏପରି ହତ୍ୟାକାଣ୍ଡ ଚାଲିଥିବା ସମୟରେ ଇଉରୋପର ଅନ୍ୟାନ୍ୟ ରାଜାମାନଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଥିଲା । ଫ୍ରାନ୍ସର ବିଦ୍ରୋହୀମାନଙ୍କୁ ଦମନ କରିବା ପାଇଁ ଇଂଲଣ୍ଡର ସରକାର ଅଷ୍ଟ୍ରିଆ, ପ୍ରୁସିଆ, ରୁଷିଆ ଓ ସ୍ପେନ ସହିତ ଏକତ୍ର ମିଳି ଯୁଦ୍ଧର ଆୟୋଜନ କଲେ । ଫରାସୀ ସୈନ୍ୟମାନେ ଅଷ୍ଟ୍ରିଆ ସହିତ ଯୁଦ୍ଧ କରି ଅଷ୍ଟ୍ରିଆକୁ ପରାସ୍ତ କଲେ ଏବଂ

Digitized by srujanika@gmail.com

ଇଂଲଣ୍ଡ ଆକ୍ରମଣ କରିବାକୁ ଉଦ୍ୟମ କଲେ । କିନ୍ତୁ ଜଳ ଯୁଦ୍ଧରେ ଇଂରେଜମାନଙ୍କ ଦ୍ୱାରା ପରାସ୍ତ ହେବାରୁ ଇଂଲଣ୍ଡ ଜୟ କରିବା ଆଶା ତ୍ୟାଗ କଲେ ।

ନେପୋଲିଅନ୍ ବୋନାପାର୍ଟ—ନେପୋଲିଅନ୍ ଫରାସୀ ଅଧିକୃତ କର୍ସିକା ଦ୍ୱୀପରେ ଗୋଟିଏ ଇଟାଲୀୟ ପରିବାରରେ ୧୭୬୯ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ପିଲା ଦିନେ ସେ ସମର ବିଦ୍ୟା ଶିକ୍ଷା କରିଥିଲେ । ଦଶ ବର୍ଷ ବୟସ ବେଳେ ସେ ଫ୍ରାନ୍ସର ଗୋଟିଏ ସମର ଶିକ୍ଷା ଅନୁଷ୍ଠାନରେ ଯୋଗ ଦେଇଥିଲେ । ୧୭୯୬ ଖ୍ରୀଷ୍ଟାବ୍ଦରେ ଫ୍ରାନ୍ସ ଅଷ୍ଟ୍ରିଆ ବିରୁଦ୍ଧରେ ତିନୋଟି ସୈନ୍ୟ ଦଳ ପ୍ରେରଣ କରିଥିଲା । ସେଥି ମଧ୍ୟରୁ ଦୁଇଟି ଅଷ୍ଟ୍ରିଆକୁ ଓ ତୃତୀୟଟି ଅଷ୍ଟ୍ରିଆ ଅଧିକୃତ ଇଟାଲୀକୁ ପ୍ରେରିତ ହୋଇଥିଲା । ନେପୋଲିଅନ୍ ଏହି ତୃତୀୟ ସୈନ୍ୟ ଦଳର ସେନାପତି ରୂପେ ପ୍ରେରିତ ହୋଇଥିଲେ । ଏହି ଯୁଦ୍ଧରେ ସେ କୃତିତ୍ୱ ସହିତ ଜୟ ଲାଭ କରିବାରୁ ଫ୍ରାନ୍ସରେ ତାଙ୍କର ଖ୍ୟାତି ବହୁଗୁଣରେ ବଢ଼ି ଯାଇଥିଲା ।

ପ୍ରାଚ୍ୟ ଅଭିଯାନ—ଫ୍ରାନ୍ସର ବିଦ୍ରୋହୀମାନଙ୍କୁ ଦମନ କରି ଫ୍ରାନ୍ସରେ ପୁନର୍ବାର ରାଜତନ୍ତ୍ର ଶାସନ ପ୍ରତିଷ୍ଠା କରିବା ପାଇଁ ଇଉରୋପର ଯେଉଁ ରାଜ୍ୟ ସବୁ ଚେଷ୍ଟା କରୁଥିଲେ ସେମାନଙ୍କ ମଧ୍ୟରେ ଇଂଲଣ୍ଡ ଥିଲା ଅଗ୍ରଣୀ । ତେଣୁ ଇଂଲଣ୍ଡକୁ ପରାସ୍ତ କରିବା ପାଇଁ ଫରାସୀମାନେ ସମସ୍ତ ଶକ୍ତି ପ୍ରୟୋଗ କରିଥିଲେ । ଜଳ ଭାଗରେ ଇଂରେଜମାନଙ୍କୁ ପରାସ୍ତ କରିବା ଅସାଧ ମନେ କରି ନେପୋଲିଅନ୍ ଫରାସୀ ସେନାପତିଙ୍କ ଅନୁମତି କ୍ରମେ ଇଜିପ୍ଟ ଓ ଭାରତ ଜୟ କରିବା ପାଇଁ ବାହାରିଲେ । ଇଜିପ୍ଟରେ

Digitized by srujanika@gmail.com

ନେପୋଲିୟନ୍

Digitized by srujanika@gmail.com

ସେ କେତେକ ସଫଳତା ଲାଭ କରିଥିଲେ, କିନ୍ତୁ ଇଜିପ୍ଟରୁ ଭାରତ ଅଭିମୁଖେ ଯାଇଥିବା ସମୟରେ ବାଟରେ ଏକର ଠାରେ ଇଂରେଜ ସେନାପତି ସିଡ୍‌ନି ସ୍ମିଥ୍‌ଙ୍କ ଦ୍ୱାରା ପରାସ୍ତ ହୋଇ ସେଠାରୁ ଫେରିବାକୁ ବାଧ୍ୟ ହୋଇଥିଲେ । ଇତ୍ୟବସରରେ ଇଂଲଣ୍ଡର ସୁଦକ୍ଷ ନୌ ସେନାପତି ହୋରେସିଓ ନେଲସନ୍ ଫରାସୀ ରଣତରୀ ଗୁଡ଼ିକୁ ଅବୁକିର୍ ଉପସାଗରରେ ଧ୍ୱଂସ କରିଥିଲେ । ତତ୍ପରେ ନେପୋଲିଅନ୍ ବାଧ୍ୟ ହୋଇ ଫ୍ରାନ୍ସ ଫେରି ଫ୍ରାନ୍‌ସକୁ ଚାଲି ଯାଇଥିଲେ ।

ନେପୋଲିଅନ୍‌ଙ୍କର ଉତ୍‌ଥାନ ଓ ପତନ—ଇଜିପ୍ଟରୁ ଫେରି ନେପୋଲିଅନ୍ ନିଜର ବୁଦ୍ଧି ଓ କୌଶଳରେ ଫ୍ରାନ୍‌ସରେ ନୂତନ ଶାସନତନ୍ତ୍ର ଗଠନ କରିଥିଲେ । ଏହି ଶାସନ ତନ୍ତ୍ରକୁ 'କନ୍‌ସୁଲେଟ୍' କୁହାଯାଏ । ଏଥିରେ ତିନିଜଣ କନ୍‌ସଲ୍ (Consul) ବା ପ୍ରତିନିଧି ଥିଲେ । ସେମାନଙ୍କ ମଧ୍ୟରେ ନେପୋଲିଅନ୍ ପ୍ରଧାନ କନ୍‌ସଲ୍ ଥିଲେ । ଫ୍ରାନସର ଶାସନ ଭାର ଗ୍ରହଣ କରି ନେପୋଲିଅନ୍ ଗୋଟିଏ ଆଇନ ଗ୍ରନ୍ଥ ପ୍ରଣୟନ କରିଥିଲେ । ଏହାର ନାମ କୋଡ଼ ନେପୋଲିଅନ୍ (Code Napoleon) । ଏହି ଆଇନ ଦ୍ୱାରା ଫ୍ରାନ୍‌ସର ଅଭ୍ୟନ୍ତରୀଣ ଶାସନ ଶୃଙ୍ଖଳିତ ହୋଇଥିଲା । ଏହି ଆଇନ ଗ୍ରନ୍ଥ ନେପୋଲିଅନ୍‌ଙ୍କର ବହୁମୁଖୀ ପ୍ରତିଭାର ପରିଚୟ ଦିଏ । ନେପୋଲିଅନ୍‌ଙ୍କର ଆକାଂକ୍ଷା କ୍ରମେ ବଢ଼ିବାକୁ ଲାଗିଲା । କନ୍‌ସଲ୍ ଉପାଧିରେ ସନ୍ତୁଷ୍ଟ ନ ହୋଇ ସେ ଫ୍ରାନ୍‌ସର ସମ୍ରାଟ ହେବା ପାଇଁ ଇଚ୍ଛା କରିଥିଲେ । ଏହି ଇଚ୍ଛା ପୂରଣ କରିବା ପାଇଁ ସେ ୧୮୦୪ ରେ ରାଜମୁକୁଟ ପରିଧାନ କରି ନିଜକୁ ସମ୍ରାଟ ବୋଲି ଘୋଷଣା କଲେ ।

Digitized by srujanika@gmail.com

ଇଂଲଣ୍ଡ ନେପୋଲିଅନ୍‌ଙ୍କର ପ୍ରଧାନ ଶତ୍ରୁ ଥିଲା । ନେପୋଲିଅନ୍‌ଙ୍କୁ ପରାସ୍ତ କରିବା ପାଇଁ ଇଂଲଣ୍ଡ ଅନ୍ୟାନ୍ୟ ରାଜ୍ୟମାନଙ୍କ ସହିତ ମିଳିତ ହୋଇ ତାଙ୍କ ବିରୁଦ୍ଧରେ ବହୁବାର ଯୁଦ୍ଧ କରିଥିଲା । ନେପୋଲିଅନ୍ ବହୁ ଯୁଦ୍ଧରେ ଜୟଲାଭ କରି ଇଉରୋପର ସବୁ ରାଜ୍ୟକୁ ନିଜର ଅଯତ୍ତାଧୀନ କରି ପାରିଥିଲେ । କିନ୍ତୁ ଫ୍ରାନ୍‌ସର ନୌଶକ୍ତି ଇଂଲଣ୍ଡର ନୌଶକ୍ତି ଅପେକ୍ଷା ଦୁର୍ବଳ ଥିବାରୁ ନେପୋଲିଅନ୍ ଇଂଲଣ୍ଡକୁ ଜୟ କରି ପାରିନଥିଲେ । ଇଂଲଣ୍ଡକୁ ଦୁର୍ବଳ କରିବା ପାଇଁ ନେପୋଲିଅନ୍ ଇଂଲଣ୍ଡର ବ୍ୟବସାୟ ବାଣିଜ୍ୟ ବନ୍ଦ କରିବା ପାଇଁ ଇଚ୍ଛା କରିଥିଲେ । ଏଥିପାଇଁ ସେ ତାଙ୍କ ଅଧୀନରେଥିବା ଇଉରୋପୀୟରାଜ୍ୟ ଗୁଡ଼ିକୁ ଇଂଲଣ୍ଡ ସହିତ ବାଣିଜ୍ୟ ନକରିବାକୁ ଆଦେଶ ଦେଲେ । ଏତଦ୍ୱାରା ସେମାନଙ୍କର ବଡ଼ ଅସୁବିଧା ହୋଇଥିଲା । ସେମାନେ ନେପୋଲିଅନ୍‌ଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ଏହି ବିଦ୍ରୋହ ଫଳରେ ନେପୋଲିଅନ୍ ୧୮୧୩ ରେ ଲିପ୍‌ଜିଗ୍ ଯୁଦ୍ଧରେ ଇଂଲଣ୍ଡ ଓ ତାହାର ମିତ୍ର ଶକ୍ତିମାନଙ୍କ ଦ୍ୱାରା ପରାସ୍ତ ହେଲେ ଏବଂ ଏଲ୍‌ବା ନାମକ ଗୋଟିଏ କ୍ଷୁଦ୍ର ଦ୍ୱୀପରେ ବନ୍ଦୀ ହେଲେ । କିଛିଦିନ ପରେ ସେ ବନ୍ଦୀଶାଳାରୁ ପଳାଇ ଆସି ପୁନର୍ବାର ଫ୍ରାନ୍‌ସର ସମ୍ରାଟ ହେଲେ ଏବଂ ମିତ୍ର ଶକ୍ତିମାନଙ୍କ ବିରୁଦ୍ଧରେ ଯୁଦ୍ଧ ଚଳାଇଲେ । ଏଥର ମଧ୍ୟ ସେ ୱାଟରଲୁ ଯୁଦ୍ଧ କ୍ଷେତ୍ରରେ ପରାସ୍ତ ହେଲେ ଏବଂ ସେଣ୍ଟ ହେଲେନା ଦ୍ୱୀପରେ ବନ୍ଦୀ ହେଲେ । ସେହିଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

ପାରିସ୍ ସନ୍ଧି—ନେପୋଲିଅନ୍‌ଙ୍କର ପତନ ପରେ ମିତ୍ର ଶକ୍ତିମାନେ ପାରିସ୍‌ଠାରେ ସମବେତ ହୋଇ ଗୋଟିଏ ସନ୍ଧି

Digitized by srujanika@gmail.com

କରିଥିଲେ । ଏହି ସନ୍ଧି ଅନୁସାରେ ଅଷ୍ଟାଦଶ ଲୁଇ ଫ୍ରାନ୍ସର ରାଜା ବୋଲି ସ୍ୱୀକୃତ ହେଲେ । ଇଂଲଣ୍ଡ ହଲାଣ୍ଡଠାରୁ ସିଂହଳ ଦ୍ୱୀପ, ଉତ୍ତମାଶା ଅନ୍ତରୀପ, ଗିନି ପ୍ରଦେଶ; ଫ୍ରାନ୍ସଠାରୁ ମରିସସ୍ ଓ ମାଲ୍ଟା ଏବଂ ଡେନ୍‌ମାର୍କଠାରୁ ହେଲିଗୋଲାଣ୍ଡ ପାଇ ପୂର୍ବାପେକ୍ଷା ଅଧିକ ଶକ୍ତିଶାଳୀ ହୋଇଥିଲା । ଏହା ପରେ ମିତ୍ର ଶକ୍ତିମାନେ ଇଉରୋପର ରାଜ୍ୟମାନଙ୍କର ପୁନର୍ଗଠନ କରିବା ପାଇଁ ଅଷ୍ଟ୍ରିଆର ରାଜଧାନୀ ଭିଏନାଠାରେ ସମବେତ ହୋଇଥିଲେ ।

ଭିଏନା କଂଗ୍ରେସ—ଫରାସୀ ବିପ୍ଳବ ଦୀର୍ଘ ୨୬ ବର୍ଷ କାଳ ସ୍ଥାୟୀ ହୋଇଥିଲା । ଏହି ସମୟ ମଧ୍ୟରେ ଇଉରୋପରେ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଜାତନ୍ତ୍ର ଶାସନ ଓ ଜାତୀୟତାଭାବ ବିଶେଷ ଆଦର ଲାଭ କରିଥିଲା କିନ୍ତୁ ଇଉରୋପର ରାଜାମାନେ ପ୍ରଜାତନ୍ତ୍ର ଶାସନର ଘୋର ବିରୋଧୀ ଥିଲେ । ତେଣୁ ଭିଏନାଠାରେ ସମବେତ ହୋଇଥିବା ରାଜା ଓ ରାଜ ପ୍ରତିନିଧିମାନେ ଇଉରୋପର ଜନମତ ପ୍ରତି ଭ୍ରୂକ୍ଷେପ ନକରି ଇଉରୋପର ମାନଚିତ୍ରରେ ଘୋର ପରିବର୍ତ୍ତନ କରିଥିଲେ । ବଡ଼ ବଡ଼ ରାଜ୍ୟକୁ ଛୋଟ ଛୋଟ କରି ଜାତୀୟ ଜାଗରଣକୁ ଲୋପ କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା । ଏହି କଂଗ୍ରେସର ବ୍ୟବସ୍ଥା ଅନୁସାରେ ଜର୍ମାନୀ ଓ ଇଟାଲୀକୁ ଅନେକ ଗୁଡ଼ିଏ ଛୋଟ ରାଜ୍ୟରେ ବିଭକ୍ତ କରାଯାଇଥିଲା । ଇଉରୋପରେ ଆହୁରି ଅନେକ ଛୋଟ ସ୍ୱାଧୀନ ରାଜ୍ୟ ମଧ୍ୟ ଗଠିତ ହୋଇଥିଲା । ଏତଦ୍ୱାରା ଇଂଲଣ୍ଡ, ଫ୍ରାନ୍ସ ଓ ରୁଷିଆ ଛଡ଼ା ଇଉରୋପର ଅନ୍ୟାନ୍ୟ ଦେଶର ଲୋକେ ଘୋର ଅସନ୍ତୁଷ୍ଟ ହୋଇଥିଲେ । ତେଣୁ କଂଗ୍ରେସର ବ୍ୟବସ୍ଥା କେବଳ ଭବିଷ୍ୟତ ବିବାଦ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲା ।

Digitized by srujanika@gmail.com

ଦ୍ୱାଦଶ ଅଧ୍ୟାୟ

ଆଧୁନିକ ପୃଥିବୀ

ବୈଜ୍ଞାନିକ ଉଦ୍ଭାବନ—ଫରାସୀ ବିପ୍ଳବ ପୂର୍ବେ ବୈଜ୍ଞାନିକମାନଙ୍କର ନୂତନ ଉଦ୍ଭାବନ ଫଳରେ ଶିଳ୍ପ ଜଗତରେ ଘୋର ବିପ୍ଳବ ଉପସ୍ଥିତ ହୋଇଥିଲା । ଶିଳ୍ପର ଉନ୍ନତି ହେବା ପରେ ଇଂରେଜମାନେ ଇଂଲଣ୍ଡର ଶିଳ୍ପଜାତ ଦ୍ରବ୍ୟଗୁଡ଼ିକୁ ଆମେରିକାରେ ବିକ୍ରୟ କରିବା ପାଇଁ କିପରି ଚେଷ୍ଟା କଲେ ଏବଂ ପରିଣାମରେ ଆମେରିକା କିପରି ସ୍ୱାଧୀନ ହେଲା ତାହା ବର୍ଣ୍ଣନା କରାଯାଇଅଛି । ଆମେରିକା ସ୍ୱାଧୀନ ହେବା ପରେ ଫ୍ରାନ୍ସରେ ମଧ୍ୟ ସ୍ୱାଧୀନ ହେବାର ଇଚ୍ଛା ଖେଳି ଯାଇଥିଲା । ଫରାସୀ ବିପ୍ଳବ ପରେ ଏହି ଭାବ ଇଉରୋପର ପ୍ରାୟ ପ୍ରତ୍ୟେକ ଦେଶରେ ଖେଳି ଯାଇଥିଲା । କ୍ରମେ ଏହି ଆନ୍ଦୋଳନ ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶରେ ଚାଲିଲା ଏବଂ ଏ ପର୍ଯ୍ୟନ୍ତ ମଧ୍ୟ ଚାଲିଅଛି । ଏହି ଆନ୍ଦୋଳନ ଫଳରେ ପୃଥିବୀରେ ବର୍ତ୍ତମାନ ପ୍ରଜାତନ୍ତ୍ର ଶାସନର ଆଦର ବିଶେଷ ବଢ଼ି ଯାଉଛି ଓ ରାଜତନ୍ତ୍ର ଶାସନ ପ୍ରତି ଆଦର କମି ଯାଇଅଛି ।

ନେପୋଲିଅନ୍‌ଙ୍କ ପତନ ପରେ ବୈଜ୍ଞାନିକମାନେ ଆହୁରି ଅନେକ ନୂତନ ଉଦ୍ଭାବନ କରିବା ଫଳରେ ଶିଳ୍ପ ଜଗତରେ ଆହୁରି ଅଧିକ ପରିବର୍ତ୍ତନ ହୋଇଥିଲା । ଊନବିଂଶ ଶତାବ୍ଦୀରେ ବାଷ୍ପଶକ୍ତିକୁ ଅଧିକତର ଉପଯୋଗୀ କରିବା ପାଇଁ ବୈଜ୍ଞାନିକ-ମାନେ ଯଥାସାଧ୍ୟ ଚେଷ୍ଟା କଲେ । ଇଂଲଣ୍ଡର ଜର୍ଜ ଷ୍ଟିଫେନ୍‌ସନ୍ ଏ ଦିଗରେ ବିଶେଷ କୃତକାର୍ଯ୍ୟ ହୋଇଥିଲେ । ସେ ୧୮୧୪ ରେ

Digitized by srujanika@gmail.com

ବାଷ୍ପ ଚାଳିତ ଇଞ୍ଜିନ୍ ଉଦ୍ଭାବନ କଲେ ଏବଂ ତାହାର ସାହାଯ୍ୟରେ ରେଲଗାଡ଼ି ଚଳାଇଲେ । ପ୍ରଥମ ଅବସ୍ଥାରେ ରେଲଗାଡ଼ି ଲୋକଙ୍କ ମନରେ ଭୟ ଓ ଆଶଙ୍କା ଜନ୍ମାଇଥିଲା । କିଛିଦିନ ପରେ ଲୋକମାନେ ଏହି ଗାଡ଼ିରେ ଯିବା ଆସିବା କରିବାରେ ଅଭ୍ୟସ୍ତ ହୋଇ ଯିବାରୁ ଲୋକମାନଙ୍କ ମନରୁ ଭୟ ଦୂର ହୋଇଗଲା । କ୍ରମେ ରେଲଗାଡ଼ିର ଆଦର ବଢ଼ିଲା ଏବଂ ଇଂଲଣ୍ଡ ଓ ଇଉରୋପର ଅନ୍ୟାନ୍ୟ ଦେଶରେ ଶତ ଶତ ରେଲ୍ ଲାଇନ୍



ବାଷ୍ପଚାଳିତ ଇଞ୍ଜିନ୍

ସ୍ଥାପିତ ହୋଇ ଓ ଅସଂଖ୍ୟ ରେଲଗାଡ଼ି ଯିବା ଆସିବା କରି ଇଉରୋପୀୟମାନଙ୍କର ଦୈନନ୍ଦିନ ଜୀବନରେ ଘୋର ପରିବର୍ତ୍ତନ ଆଣିଦେଲା ।

ବାଷ୍ପଶକ୍ତି କ୍ରମେ ସର୍ବତ୍ର ବ୍ୟବହୃତ ହେଲା । ବାଷ୍ପୀୟ ଶକଟ ପରେ ବାଷ୍ପୀୟ ପୋତ ଉଦ୍ଭାବିତ ହୋଇ ସାଗର-

Digitized by srujanika@gmail.com

ବକ୍ଷରେ ଅବସ୍ଥାନ ଗତି କରିବାକୁ ଲାଗିଲା ଏବଂ କାରଖାନା-ମାନଙ୍କରେ ପ୍ରତ୍ୟେକ କଳ ବାଷ୍ପଶକ୍ତି ସାହାଯ୍ୟରେ ଚାଳିତ ହୋଇ ଅଦ୍ଭୁତ ପରିବର୍ତ୍ତନ ଘଟାଇଥିଲା । ଏହି ଶତାବ୍ଦୀର ଶେଷଅଡ଼କୁ ବୈଜ୍ଞାନିକମାନେ ମଟରଗାଡ଼ି, ବ୍ୟୋମଯାନ ପ୍ରଭୃତି ଉଦ୍ଭାବନ କରି ସମୟ ଓ ଦୂରତା ଉପରେ ବିରାଟ ବିଜୟ ଲାଭ କଲେ । ଏହି ଯୁଗରେ ବୈଦ୍ୟୁତିକ ଶକ୍ତି ଦ୍ୱାରା ଚାଳିତ ଟେଲିଗ୍ରାଫ୍, ଟେଲିଫୋନ୍ ଓ କେବଲ୍ ପ୍ରଭୃତି ବ୍ୟବହାର କରି ଲୋକମାନେ ଅନାୟାସରେ ଦୂର ବିଦେଶର ଖବର ଜାଣି ପାରିଲେ । ଏହି ଶତାବ୍ଦୀର ଶେଷ ଭାଗରେ ବୈଜ୍ଞାନିକ ମାର୍କୋନି ବେତାର ଯନ୍ତ୍ର ଉଦ୍ଭାବନ କରିଥିଲେ । ଏହି ଯୁଗରେ ଟର୍ପେଡୋ, ମାଇନ୍, ସବ୍ ମେରାଇନ୍, ଟ୍ୟାଙ୍କ୍, ମେସିନଗାନ୍ ଓ ବିଷାକ୍ତ ବାଷ୍ପ ପ୍ରଭୃତି ଉଦ୍ଭାବିତ ହୋଇ ଯୁଦ୍ଧ ପ୍ରଣାଳୀକୁ ସମ୍ପୂର୍ଣ୍ଣ ବଦଳାଇଦେଲା ଓ ନାନା ଔଷଧ, ଇଞ୍ଜେକ୍‌ସନ୍ ଓ ରଞ୍ଜନ ରଶ୍ମି (X—Ray) ପ୍ରଭୃତି ଉଦ୍ଭାବିତ ହୋଇ ଦୁଃସାଧ୍ୟ ରୋଗମାନଙ୍କର ଚିକିତ୍ସା କରିବା ସହଜସାଧ୍ୟ ହେଲା ।

ସାମ୍ରାଜ୍ୟବାଦ—ପ୍ରଥମେ ଇଂଲଣ୍ଡ ଓ ଫ୍ରାନ୍ସର ବୈଜ୍ଞାନିକ-ମାନେ ନାନା ପ୍ରକାର ନୂତନ ଯନ୍ତ୍ର ଉଦ୍ଭାବନ କରି ଶିଳ୍ପ ଓ ବାଣିଜ୍ୟରେ ବିଶେଷ ଉନ୍ନତି କରିଥିଲେ । ଏହି ନୂତନ ଯନ୍ତ୍ରମାନଙ୍କ ସାହାଯ୍ୟରେ ଅଳ୍ପ ସମୟରେ ବହୁ ପରିମାଣରେ ଶିଳ୍ପଜାତ ଦ୍ରବ୍ୟ ପ୍ରସ୍ତୁତ ହୋଇ ପାରୁଥିବାରୁ ଇଂରେଜ ଓ ଫରାସୀମାନେ ସେମାନଙ୍କର ବିରାଟ କଳକାରଖାନା ଗୁଡ଼ିକୁ ଆବଶ୍ୟକ ମତେ କଞ୍ଚାମାଲ ଯୋଗାଇ ପାରୁନଥିଲେ । ଯଥେଷ୍ଟ କଞ୍ଚାମାଲ ପାଇବା ଉଦ୍ଦେଶ୍ୟରେ ଏବଂ ଶିଳ୍ପଜାତ ଦ୍ରବ୍ୟ ବିକ୍ରୟ

Digitized by srujanika@gmail.com

କରିବା ପାଇଁ ଉପଯୁକ୍ତ ବଜାର ପାଇବା ଉଦ୍ଦେଶ୍ୟରେ, ଇଂରେଜ ଓ ଫରାସୀମାନେ ଏସିଆ ଓ ଅଫ୍ରିକାରେ ନୂତନ ରାଜ୍ୟ ଜୟ କରି ସାମ୍ରାଜ୍ୟ ସ୍ଥାପନ କରିବାକୁ ପୂର୍ବାପେକ୍ଷା ଅଧିକତର ମନୋନିବେଶ କଲେ । ସେମାନଙ୍କୁ ଅନୁକରଣ କରି ଇଉରୋପର ଅନ୍ୟାନ୍ୟ ଦେଶର ଲୋକେ ମଧ୍ୟ ଏ ଦିଗରେ ଚେଷ୍ଟା ଆରମ୍ଭ କଲେ । ଏହିରୂପେ ସାମ୍ରାଜ୍ୟବାଦ ଇଉରୋପୀୟ ରାଜନୀତିରେ ପ୍ରଧାନ ସ୍ଥାନ ଅଧିକାର କଲା । ଇଂରେଜ, ଫରାସୀ ଓ ଡଚ୍‌ମାନେ ଅଫ୍ରିକା, ଏସିଆ ଓ ଅଷ୍ଟ୍ରେଲିଆରେ ନାନା ସ୍ଥାନ ଜୟ କରି ବଡ଼ ବଡ଼ ସାମ୍ରାଜ୍ୟ ସ୍ଥାପନ କଲେ । ଯୁକ୍ତ ରାଜ୍ୟ (U.S.A.) ଓ ରୁଷିଆ ମଧ୍ୟ ଗୋଟିଏ ଗୋଟିଏ ସାମ୍ରାଜ୍ୟ ସ୍ଥାପନ କଲେ । କେବଳ ଜର୍ମାନୀ ଓ ଇଟାଲୀ ପୂର୍ବପରି ଅନେକ ଗୁଡ଼ିଏ କ୍ଷୁଦ୍ର ରାଜ୍ୟରେ ବିଭକ୍ତ ଥିବାରୁ ଏ ଦିଗରେ କୌଣସି ଚେଷ୍ଟା କରି ପାରିନଥିଲେ । ଇଉରୋପୀୟମାନଙ୍କର ସାମ୍ରାଜ୍ୟ ସ୍ଥାପନ ନୀତିରେ ଅସନ୍ତୁଷ୍ଟ ହୋଇ ଜାପାନ ସରକାର ୧୬୩୭ ରେ ବିଦେଶୀ ରାଜ୍ୟମାନଙ୍କ ଠାରୁ ସମସ୍ତ ସମ୍ପର୍କ ତୁଟାଇ ଦେଇଥିଲେ । ସେହି ସମୟଠାରୁ ୧୮୫୧ ପର୍ଯ୍ୟନ୍ତ ଜାପାନୀମାନେ ନିଜଦେଶରେ ଆବଦ୍ଧ ଥିଲେ । ତେଣୁ ଜାପାନ ମଧ୍ୟ କୌଣସି ସାମ୍ରାଜ୍ୟ ସ୍ଥାପନ କରିପାରି ନଥିଲା ।

ଊନବିଂଶ ଶତାବ୍ଦୀ ମଧ୍ୟ ଭାଗରେ ଇଟାଲୀର ଗାରିବାଲ୍‌ଡ଼ି ନାମକ ଜଣେ ସ୍ୱେଚ୍ଛାସେବକ ଅଦମ୍ୟ ଚେଷ୍ଟା କରି ଇଟାଲୀର କ୍ଷୁଦ୍ର ରାଜ୍ୟ ଗୁଡ଼ିକୁ ଏକତ୍ର କରି ଇଟାଲୀକୁ ଗୋଟିଏ ରାଜ୍ୟରେ ପରିଣତ କଲେ । ଏହି ସମୟରେ ପ୍ରୁସିଆର ପ୍ରଧାନ ମନ୍ତ୍ରୀ ବିସ୍‌ମାର୍କ ଜର୍ମାନୀରେ ଏକତା ସ୍ଥାପନ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରିଥିଲେ । ଅସ୍ତ୍ର ଶସ୍ତ୍ର ଓ ରକ୍ତପାତ

Digitized by srujanika@gmail.com

ଦ୍ୱାରା ଜର୍ମାନୀର ଶକ୍ତି ବଢ଼ାଇବା ପାଇଁ ସେ କୃତସଂକଳ୍ପ ହୋଇଥିଲେ । ଏହି ଉଦ୍ଦେଶ୍ୟରେ ସେ ପ୍ରୁସିଆର ସୈନ୍ୟମାନଙ୍କ ନୂତନ ଆଦର୍ଶରେ ସଂଗଠିତ କରିଥିଲେ । ତାଙ୍କର ଚେଷ୍ଟାରେ ୧୮୭୧ ଖ୍ରୀଷ୍ଟାବ୍ଦରେ ଜର୍ମାନୀର ସବୁ ରାଜ୍ୟ ଗୁଡ଼ିକ ଏକତ୍ରିତ ହୋଇ ଯାଇଥିଲେ ଏବଂ ଜର୍ମାନୀ ଗୋଟିଏ ରାଜ୍ୟରେ ପରିଣତ ହୋଇଥିଲା । ପ୍ରଥମ ଉଇଲହେଲମ୍ ଜର୍ମାନୀର ପ୍ରଥମ କାଇଜର (ସମ୍ରାଟ) ହେଲେ । ଏହାପରେ ଜର୍ମାନୀ ଓ ଇଟାଲୀ ମଧ୍ୟ ଆଫ୍ରିକା ଓ ଏସିଆରେ ଅନ୍ୟ ରାଜ୍ୟ ଜୟ କରି ସାମ୍ରାଜ୍ୟ ସ୍ଥାପନ କରିବାକୁ ଚେଷ୍ଟା କଲେ । ଏ ସମୟରୁ ଜାପାନ ବିଦେଶୀ ରାଜ୍ୟମାନଙ୍କ ସହିତ ସମ୍ପର୍କ ନ ରଖିବା ନୀତି ତ୍ୟାଗ କରି ଇଉରୋପୀୟମାନଙ୍କ ସହିତ ବିଜ୍ଞାନ ଚର୍ଚ୍ଚାରେ ସମକକ୍ଷ ହେବା ପାଇଁ ଚେଷ୍ଟା ଆରମ୍ଭ କରିଥିଲା । ଅଳ୍ପଦିନ ପରେ

ବିସ୍‌ମାର୍କ

ଗାରିବାଲ୍‌ଡି

Digitized by srujanika@gmail.com

ଜାପାନ ବୈଜ୍ଞାନିକ ଚର୍ଚ୍ଚା କରି ପୃଥିବୀରେ ଗୋଟିଏ ବଡ଼ ଶକ୍ତି ହୋଇ ପାରିଲା ଏବଂ ଜର୍ମାନୀ ଓ ଇଟାଲୀ ପରି ସାମ୍ରାଜ୍ୟ ସ୍ଥାପନ କରିବା ଦିଗରେ ଚେଷ୍ଟା ଆରମ୍ଭ କଲା ।

ପ୍ରଥମ ମହାସମର (୧୯୧୪—୧୮)—ସାମ୍ରାଜ୍ୟ ସ୍ଥାପନ କରିବାକୁ ହେଲେ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ସହିତ ଯୁଦ୍ଧ କରିବା ନିତାନ୍ତ ଅବଶ୍ୟକ ମନେ କରି ଜର୍ମାନୀ ଯୁଦ୍ଧ ପାଇଁ ବିରାଟ ଆୟୋଜନ କଲା । ଜର୍ମାନୀର ରଣ ସଜ୍ଜା ଦେଖି ଇଉରୋପର ଅନ୍ୟାନ୍ୟ ଦେଶର ଲୋକମାନେ ବାଧ୍ୟ ହୋଇ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ । ଜର୍ମାନୀ ଅଷ୍ଟ୍ରିଆ ଓ ଇଟାଲୀ ସହିତ ଏକତ୍ର ମିଳି ଗୋଟିଏ ତ୍ରିଶକ୍ତି ସମ୍ମିଳନୀ ଗଠନ କରିବାରୁ ଇଂଲଣ୍ଡ, ଫ୍ରାନସ୍ ଓ ରୁଷିଆ ମିଳି ଜର୍ମାନୀ ସହିତ ଯୁଦ୍ଧ କରିବେ ବୋଲି ସ୍ଥିର କଲେ । ଇଉରୋପୀୟମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଅଷ୍ଟ୍ରିଆର ଯୁବରାଜା ଫର୍ଡିନାଣ୍ଡ ବୋସ୍ନିଆର ରାଜଧାନୀ ସେରାଜେଭୋଠାରେ ସର୍ବିଆର କେତେକ ଲୋକଙ୍କ ଦ୍ୱାରା (୧୯୧୪ ଜୁନ ମାସରେ) ନିହତ ହୋଇଥିଲେ । ଏହି ଘଟଣା ପରେ ଅଷ୍ଟ୍ରିଆର ରାଜା ଉତ୍ତେଜିତ ହୋଇ ସର୍ବିଆ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଅଷ୍ଟ୍ରିଆର ଆକ୍ରମଣରୁ ରକ୍ଷା ପାଇବା ପାଇଁ ସର୍ବିଆ ରୁଷିଆର ଶରଣାପନ୍ନ ହେଲା । ରୁଷିଆ ସର୍ବିଆର ପକ୍ଷ ନେବାରୁ ଜର୍ମାନୀ ଅଷ୍ଟ୍ରିଆକୁ ସାହାଯ୍ୟ ଦେଲା ଏବଂ ରୁଷିଆ ଓ ଫ୍ରାନ୍ସ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ଜର୍ମାନୀ ଫ୍ରାନ୍ସକୁ ଆକ୍ରମଣ କରିବା ପାଇଁ ପ୍ରଥମେ ବେଲଜିଅମ୍ ଆକ୍ରମଣ କଲା । ଏଥିପୂର୍ବେ ଇଉରୋପୀୟ ଶକ୍ତିମାନେ ଯୁଦ୍ଧ ସମୟରେ ବେଲ୍‌ଜିଅମ୍‌କୁ ନିରପେକ୍ଷ ରାଜ୍ୟ ରୂପେ ବିବେଚନା କରିବେ ବୋଲି ଗୋଟିଏ ଚୁକ୍ତି ପତ୍ରରେ ସ୍ୱାକ୍ଷର

Digitized by srujanika@gmail.com

କରିଥିଲେ । ଜର୍ମାନୀ ଏହି ଚୁକ୍ତି ଅମାନ୍ୟ କରି ବେଲଜିଅମକୁ ଆକ୍ରମଣ କରିବାରୁ ଇଂଲଣ୍ଡ ବାଧ୍ୟ ହୋଇ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ଏହି ଯୁଦ୍ଧରେ ଜର୍ମାନୀ ଓ ତାହାର ବନ୍ଧୁ ରାଜ୍ୟମାନଙ୍କୁ 'କେନ୍ଦ୍ରଶକ୍ତି' (Central Powers) ଓ ଇଂଲଣ୍ଡ ଓ ତାହାର ବନ୍ଧୁ ରାଜ୍ୟମାନଙ୍କୁ 'ମିତ୍ରଶକ୍ତି' (The Allies) କୁହାଯାଉଥିଲା ।

ଯୁଦ୍ଧ ଆରମ୍ଭ ହେବା ପରେ ଜର୍ମାନୀକୁ ପୂର୍ବ ଓ ପଶ୍ଚିମ ଉଭୟ ପଟେ ଯୁଦ୍ଧ କରିବାକୁ ପଡ଼ିଥିଲା । ଜର୍ମାନୀ ରୁଷିଆକୁ ବହୁବାର ପରାସ୍ତ କରିଥିଲା । ଇଂଲଣ୍ଡ ଓ ଫ୍ରାନ୍ସର ମିଳିତ ସୈନ୍ୟମାନେ ମାର୍ଣ୍ଣେଠାରେ ଜର୍ମାନ୍ ସୈନ୍ୟମାନଙ୍କର ଗତିରୋଧ କରିଥିଲେ । କିନ୍ତୁ ଜର୍ମାନ୍‌ମାନଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ଏହାପରେ ଜର୍ମାନ୍‌ମାନେ ପାରିସ୍ ଆକ୍ରମଣ କରିବା ପାଇଁ ଅଗ୍ରସର ହେଲେ । ମିତ୍ର ପକ୍ଷର ସୈନ୍ୟମାନେ ବାଧା ଦେବାରୁ ସେମାନେ ଅଧିକ ଅଗ୍ରସର ହୋଇ ପାରିଲେ ନାହିଁ । ଉଭୟ ପକ୍ଷ ସମାନ ଭାବରେ ଯୁଦ୍ଧ କରିବାରୁ ପଶ୍ଚିମ ରଣକ୍ଷେତ୍ରରେ ଦୁଇ ବର୍ଷ ପର୍ଯ୍ୟନ୍ତ କୌଣସି ପକ୍ଷ ଜୟୀ ହୋଇ ପାରିନଥିଲେ । ଇତ୍ୟବସରରେ ଇଟାଲୀ ଓ ଜାପାନ ମିତ୍ରପକ୍ଷରେ ଯୋଗ ଦେଇଥିଲେ ଏବଂ ତୁରସ୍କ କେନ୍ଦ୍ରଶକ୍ତି ସହିତ ଯୋଗଦାନ କରିଥିଲା । ତୁରସ୍କକୁ ପରାସ୍ତ କରିବା ପାଇଁ ମିତ୍ରପକ୍ଷ ସୈନ୍ୟମାନେ କନ୍‌ଷ୍ଟାଣ୍ଟିନୋପଲ୍ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ତୁରସ୍କ ଆଗରୁ ସତର୍କ ଥିବାରୁ ମିତ୍ରପକ୍ଷ ସୈନ୍ୟମାନଙ୍କର ଅଭିଯାନ ବ୍ୟର୍ଥ ହେଲା (୧୯୧୫) । କିନ୍ତୁ ଜଳ ଯୁଦ୍ଧରେ ମିତ୍ରପକ୍ଷ ସୈନ୍ୟମାନେ ଜୁଟ୍‌ଲଣ୍ଡ ଠାରେ ଜର୍ମାନ୍‌ମାନଙ୍କୁ ସମ୍ପୂର୍ଣ୍ଣ ରୂପେ ପରାସ୍ତ କରି

Digitized by srujanika@gmail.com

ଜର୍ମାନ୍ ନୌବାହିନୀକୁ ଧ୍ୱଂସ କରିଥିଲେ ଏବଂ ସମୁଦ୍ରରେ ଏକାଧିପତ୍ୟ ବିସ୍ତାର କରିଥିଲେ (୧୯୧୬)।

ତତ୍ପର ବର୍ଷ (୧୯୧୭) ରୁଷିଆରେ ବିପ୍ଳବ ଉପସ୍ଥିତ ହୋଇଥିଲା। ରୁଷିଆର ବିପ୍ଳବୀମାନେ ରୁଷିଆର ଜାରଙ୍କୁ ହତ୍ୟାକରି ସାଧାରଣ ତନ୍ତ୍ର ପ୍ରତିଷ୍ଠା କରିଥିଲେ। ଏହି ସାଧାରଣ ତନ୍ତ୍ରର ସରକାର ଜର୍ମାନୀ ସହିତ ସନ୍ଧି କରିଥିଲା। ପୂର୍ବପାର୍ଶ୍ୱ ଯୁଦ୍ଧ ଶେଷ ହେବାରୁ ଜର୍ମାନୀ ପଶ୍ଚିମ ରଣ କ୍ଷେତ୍ରରେ ଅଧିକ ସୈନ୍ୟ ପ୍ରୟୋଗ କରି ମିତ୍ରପକ୍ଷ ସୈନ୍ୟମାନଙ୍କୁ କିଛିଦୂର ହଟାଇ ନେଇଥିଲା। ଏ ସମୟକୁ ଯୁକ୍ତରାଜ୍ୟ, ଶ୍ୟାମ, ଚୀନ ଓ ଗ୍ରୀସ୍ ମଧ୍ୟ ମିତ୍ରପକ୍ଷ ସହିତ ଯୋଗଦାନ କରିଥିଲେ। ଇଂରେଜ, ଫରାସୀ ଓ ଯୁକ୍ତରାଜ୍ୟର ସୈନ୍ୟମାନଙ୍କୁ ଚଳାଇବା ପାଇଁ ମାର୍ଶାଲ୍ ଫୋଚ୍‌ଙ୍କୁ ସେନାପତି ନିଯୁକ୍ତ କରାଗଲା। ମାର୍ଶାଲ୍ ଫୋଚ୍ ବିଚକ୍ଷଣତାର ସହିତ ସୈନ୍ୟ ଚାଳନା କରି ଦ୍ୱିତୀୟ ମାର୍ଣ୍ଣେ ଯୁଦ୍ଧରେ (୧୯୧୮) ଜର୍ମାନ୍‌ମାନଙ୍କୁ ସମ୍ପୂର୍ଣ୍ଣ ରୂପେ ପରାସ୍ତ କଲେ। ଏହି ଯୁଦ୍ଧରେ ହାରିଯାଇ ଜର୍ମାନୀ ବଡ଼ ଦୁର୍ବଳ ହୋଇ ପଡ଼ିଥିଲା। ଏହାପରେ ମଧ୍ୟ ଜର୍ମାନମାନେ ମିତ୍ରପକ୍ଷ ସୈନ୍ୟମାନଙ୍କ ଦ୍ୱାରା ବାରମ୍ବାର ପରାସ୍ତ ହେଲେ। ସେହିବର୍ଷ ନଭେମ୍ବର ମାସରେ ଜର୍ମାନୀରେ ଦୁର୍ଭିକ୍ଷ ଉପସ୍ଥିତ ହେଲା। କାଇଜର ସିଂହାସନ ତ୍ୟାଗ କରି ହଲାଣ୍ଡକୁ ପଳାଇ ଗଲେ। ଜର୍ମାନୀରେ ସାଧାରଣ ତନ୍ତ୍ର ପ୍ରତିଷ୍ଠିତ ହେଲା। ଏହି ସାଧାରଣ ତନ୍ତ୍ର ସରକାର ୧୯୧୮ ନଭେମ୍ବର ତା ୧୧ ରିଖରେ ଯୁଦ୍ଧ ବିରତି ପତ୍ରରେ (Armistice) ସ୍ୱାକ୍ଷର କଲା। ଏହି ଯୁଦ୍ଧ ଦୀର୍ଘ ଚାରିବର୍ଷ କାଳ ଲାଗିରହି ଘୋର କ୍ଷତି କରିଥିବାରୁ ଯୁଦ୍ଧ ବନ୍ଦ ବାର୍ତ୍ତା ସମଗ୍ର ପୃଥିବୀ ପକ୍ଷରେ ବିଶେଷ ଆନନ୍ଦକର ହୋଇଥିଲା।

Digitized by srujanika@gmail.com

ସେହି ଦିନଠାରୁ ପ୍ରତିବର୍ଷ ନବେମ୍ବର ୧୧ ତାରିଖ ଦିନ ଗୋଟିଏ ଉତ୍ସବ ରୂପେ ପାଳିତ ହୋଇ ଆସୁଅଛି ।

ଯୁଦ୍ଧ ଶେଷ ହେବା ପରେ ଭର୍ସେଲ୍ସ୍‌ଠାରେ ସନ୍ଧି ହୋଇଥିଲା । ଏହି ସନ୍ଧି ଅନୁସାରେ ଜର୍ମାନୀ ତାହାର ଉପନିବେଶ ଗୁଡ଼ିକ ହରାଇଥିଲା । ଜର୍ମାନୀର ଆୟତନ ପୂର୍ବାପେକ୍ଷା କମି ଯାଇଥିଲା । ଜର୍ମାନୀର କେତେକ ଅଞ୍ଚଳ ନେଇ ଇଉରୋପରେ କେତେକ ନୂତନ ରାଜ୍ୟ ଗଠିତ ହୋଇଥିଲା । ଜର୍ମାନୀର ସୈନ୍ୟ ଓ ଜାହାଜ ସଂଖ୍ୟା କମ କରି ଦିଆ ଯାଇଥିଲା । ଏବଂ ଜର୍ମାନୀକୁ ବହୁତ ଅର୍ଥ ଯୁଦ୍ଧର କ୍ଷତି-ପୂରଣ ସ୍ୱରୂପ ଦେବାକୁ ପଡ଼ିଥିଲା ।

ଭର୍ସେଲ୍ସ୍ ସନ୍ଧି ପରେ ଯୁକ୍ତରାଜ୍ୟର ସଭାପତି ଉଇଲ୍‌ସନ୍‌ଙ୍କ ଚେଷ୍ଟାରେ ଜେନେଭା ନଗରରେ ବିଶ୍ୱ-ଜାତି-ସଂଘ (League of Nations) ଗଠିତ ହୋଇଥିଲା । ଏଥିରେ ମିତ୍ରପକ୍ଷର ସମସ୍ତ ରାଜ୍ୟ ଯୋଗଦାନ କରିଥିଲେ । ଜାତି-ସଂଘର ବ୍ୟବସ୍ଥା ଅନୁସାରେ ଜର୍ମାନୀ ଓ ତୁରସ୍କର ବିଚ୍ଛିନ୍ନ ଅଞ୍ଚଳ ଗୁଡ଼ିକର ଶାସନ ଭାର ଇଂଲଣ୍ଡ ଓ ଫ୍ରାନ୍ସକୁ ଦିଆ ଯାଇଥିଲା । ପୃଥିବୀରେ ଚିର ଶାନ୍ତି ପ୍ରତିଷ୍ଠା କରିବା ବିଶ୍ୱ-ଜାତି-ସଂଘର ଚରମ ଲକ୍ଷ୍ୟ ଥିଲା । ଏହି ଲକ୍ଷ୍ୟ ଲାଭ କରିବା ପାଇଁ ଜେନେଭାଠାରେ ଗୋଟିଏ ସ୍ଥାୟୀ ସମିତି ଗଠିତ ହୋଇଥିଲା । ଦେଶ ଦେଶ ମଧ୍ୟରେ ବିବାଦ ନିଷ୍ପତ୍ତି କରିବା ଏହି ସମିତିର ପ୍ରଧାନ କାର୍ଯ୍ୟ ଥିଲା ।

ରୁଷ ବିପ୍ଳବ—ଊନବିଂଶ ଶତାବ୍ଦୀର ଶେଷ ଭାଗ ପର୍ଯ୍ୟନ୍ତ ରୁଷିଅର ଜାର (ସମ୍ରାଟ) ବଡ଼ ଅତ୍ୟାଚାର କରୁଥିଲେ । ଲେକ-

Digitized by srujanika@gmail.com

ମାନେ ନାନା ପ୍ରକାର କର ଦେଉଥିବାରୁ ବହୁ ଦୁଃଖ ଭୋଗ କରୁଥିଲେ । ଲୋକମାନେ ଯଥେଷ୍ଟ ପରିଶ୍ରମ କରି ମଧ୍ୟ ଦୁଇ ବେଳା ଖାଇବାକୁ ପାଉନଥିଲେ । ରୁଷିଆର ଅବସ୍ଥା ଏହିପରି ଥିବା ସମୟରେ ୧୯୦୫ ରେ ରୁଷ ଓ ଜାପାନ ମଧ୍ୟରେ ଯୁଦ୍ଧ ଲାଗିଲା । ଏହି ଯୁଦ୍ଧରେ ରୁଷିଆ ପରାସ୍ତ ହେବାରୁ ଦେଶରେ ଅର୍ଥ ସଙ୍କଟ ଉପସ୍ଥିତ ହେଲା । ଏଥିରୁ ଉଦ୍ଧାର ପାଇବା ପାଇଁ ଲକ୍ଷ ଲକ୍ଷ ଲୋକ ଏକତ୍ର ମିଳି ଜାରଙ୍କୁ ପ୍ରାର୍ଥନା କରିଥିଲେ । ଜାର ଏହାକୁ ବିଦ୍ରୋହ ମନେ କରି ସେମାନଙ୍କ ଉପରେ ଗୁଳି ଚଳାଇଲେ । ଅନ୍ୟ କିଛି ଉପାୟ ନଦେଖି ସେହି ଲୋକମାନେ ଫେରି ଯାଇ ସ୍ଥାନେ ସ୍ଥାନେ ଗୁପ୍ତ ସମିତିମାନ ଗଠନ କଲେ । ଏହି ସମିତି ଗୁଡ଼ିକୁ ସୋଭିଏଟ୍ କୁହା-ଯାଉଥିଲା । ଦରକାର ବେଳେ ଧର୍ମଘଟ କରିବା ଏହି ସୋଭିଏଟ୍ ଗୁଡ଼ିକର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଲେନିନ୍ ଓ ଟ୍ରଟ୍‌ସ୍କି ଏହି ସୋଭିଏଟ୍ ଗୁଡ଼ିକର ନେତା ଥିଲେ । କିଛି ସମୟ ପରେ ଏହି ଦୁଇ ନେତାଙ୍କ ମଧ୍ୟରେ ମତ ଦ୍ୱୈଧ ଘଟିଲା ଏବଂ ସୋଭିଏଟ୍ ଗୁଡ଼ିକ ଦୁଇ ଦଳରେ ବିଭକ୍ତ ହୋଇ ଯାଇଥିଲେ । ଲେନିନ୍‌ଙ୍କ ଦଳରେ ବହୁତ ଲୋକ ଥିବାରୁ ତାଙ୍କ ଦଳକୁ ସଂଖ୍ୟା ଗରିଷ୍ଠ ଦଳ (ବଲ୍‌ସେଭିକ୍) ଓ ଟ୍ରଟ୍‌ସ୍କିଙ୍କ ଦଳରେ ଅଳ୍ପ ଲୋକ ଥିବାରୁ ତାଙ୍କ ଦଳକୁ ସଂଖ୍ୟା ଲଘିଷ୍ଠ ଦଳ (ମେନ୍‌ସେଭିକ୍) କୁହାଯାଉଥିଲା । ଜାର୍ କଠୋର ଆଇନ୍ ପ୍ରୟୋଗ କରି ସୋଭିଏଟ୍ ଗୁଡ଼ିକୁ ଭାଙ୍ଗି ଦେଇଥିଲେ । ଏହାପରେ ଲେନିନ୍ ଓ ଟ୍ରଟ୍‌ସ୍କି ଯଥାକ୍ରମେ ସୁଇଜରଲାଣ୍ଡ ଓ ନିଉୟର୍କରେ ଆଶ୍ରୟ ଗ୍ରହଣ କରି ରୁଷିଆରେ ବିରାଟ ଧରଣର ବିଦ୍ରୋହ କରିବା ପାଇଁ ଆୟୋଜନ କଲେ ।

Digitized by srujanika@gmail.com

ପ୍ରଥମ ମହାସମର ୧୯୧୪ରେ ଆରମ୍ଭ ହେଲା । ଏହି ଯୁଦ୍ଧରେ ରୁଷିଆ ଯୋଗଦାନ କଲା । ଜାର୍ ବହୁ ସଂଖ୍ୟକ ସୈନ୍ୟ ପୂର୍ବ ରଣକ୍ଷେତ୍ରକୁ ପଠାଇଲେ । ଏହି ସୈନ୍ୟମାନଙ୍କୁ ଉପଯୁକ୍ତ ଯୁଦ୍ଧୋପକରଣ ଯୋଗାଇ ନ ପାରିବାରୁ ରୁଷ ସୈନ୍ୟମାନେ ବହୁ ସଂଖ୍ୟାରେ ନିହତ ହେଲେ । ରୁଷ ସୈନ୍ୟମାନେ ଏପରି ଅବସ୍ଥାରେ ଯୁଦ୍ଧ କରିବାକୁ ଅସମ୍ମତ ହୋଇ ଜାରଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ଜାର ଏହି ବିଦ୍ରୋହକୁ ଦମନ କରି ନପାରି ସିଂହାସନ ତ୍ୟାଗ କରି ପଳାଇ ଗଲେ । ଏହି ସମୟରେ ଲେନିନ୍ ଓ ଟ୍ରଟ୍‌ସ୍କି ରୁଷିଆକୁ ଫେରି ଆସି ବିଦ୍ରୋହୀମାନଙ୍କର ନେତୃତ୍ୱ ଗ୍ରହଣ କଲେ । ଏହାପରେ ଲେନିନ୍ ଜର୍ମାନୀ ସହିତ ସନ୍ଧି ସ୍ଥାପନ କଲେ ଏବଂ ରୁଷିଆରେ ଶାନ୍ତି ଓ ଶୃଙ୍ଖଳା ସ୍ଥାପନ କରି ରୁଷିଆର ସାମାଜିକ ଓ ରାଜନୈତିକ ଜୀବନରେ ଘୋର ପରିବର୍ତ୍ତନ ଆଣିଥିଲେ । ତାଙ୍କର ବ୍ୟବସ୍ଥା ଅନୁସାରେ ରୁଷିଆରୁ ବ୍ୟକ୍ତିଗତ ସମ୍ପତ୍ତି ଲୋପ ପାଇଥିଲା ଓ ଦେଶର ସମସ୍ତ ସମ୍ପତ୍ତିରେ ଜନସାଧାରଣ ସମ୍ମିଳିତଭାବରେ ମାଲିକ ହେଲେ ।

ପ୍ରଥମ ମହାସମର ପରେ ପୃଥିବୀର ଅବସ୍ଥା—ଏହି ମହାସମରରେ ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶ ସଂପୃକ୍ତ ଥିବାରୁ ପ୍ରତ୍ୟେକ ଦେଶକୁ ଯୁଦ୍ଧର ବ୍ୟୟ ଭାର ବହନ କରିବାକୁ ପଡ଼ିଥିଲା । ଏହି ସମୟ ମଧ୍ୟରେ ଅନେକ ସହର, କାରଖାନା, ରାସ୍ତାଘାଟ ପ୍ରଭୃତି ନଷ୍ଟ ହୋଇ ଥିବାରୁ ଯୁଦ୍ଧ ପରେ ମଧ୍ୟ ଶିଳ୍ପ ଓ ବ୍ୟବସାୟ ବାଣିଜ୍ୟକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବା ସହଜ ହୋଇ ନଥିଲା । ତେଣୁ ପ୍ରତ୍ୟେକ ଦେଶର ଅର୍ଥନୈତିକ ଅବନତି ଘଟିଲା । ପ୍ରତ୍ୟେକ ଜିନିଷର ଦାମ ବଢ଼ି ଯିବାରୁ ଶ୍ରମିକ ଓ ଅଳ୍ପ ବେତନ ଭୋଗୀ କର୍ମଚାରୀମାନେ ଅନାହାର

Digitized by srujanika@gmail.com

ବା ଅଲ୍ଲାହାର ମଧ୍ୟଦେଇ ଯିବାକୁ ବାଧ୍ୟ ହେଲେ । ଏପରି ହେବାରୁ ପ୍ରାୟ ପ୍ରତ୍ୟେକ ଦେଶରେ ଅଶାନ୍ତି ଉପସ୍ଥିତ ହେଲା; ବିଶେଷତଃ ପରାଧୀନ ଦେଶର ଅଶାନ୍ତି ଅତି ତୀବ୍ର ହୋଇ ପଡ଼ିଲା । ତେଣୁ ଏହି ଯୁଦ୍ଧ ପରେ ଇଜିପ୍ଟ, ଆରବ, ତୁର୍କି, ଭାରତ ଓ ଚୀନ ପ୍ରଭୃତି ଦେଶର ଲୋକମାନେ ଇଉରୋପୀୟ-ମାନଙ୍କର ଆଧିପତ୍ୟ ଲୋପ କରି ସ୍ୱାଧୀନ ହେବା ପାଇଁ ଆନ୍ଦୋଳନ ଚଳାଇଲେ । ମହାସମର ପୂର୍ବରୁ ଇଜିପ୍ଟ, ତୁରସ୍କ ସାମ୍ରାଜ୍ୟର ଗୋଟିଏ ଅଂଶ ଥିଲା । ଯୁଦ୍ଧ ସମୟ ମଧ୍ୟରେ ଇଂରେଜ-ମାନେ ଇଜିପ୍ଟକୁ ତୁରସ୍କଠାରୁ ବିଚ୍ଛିନ୍ନ କରି ଇଜିପ୍ଟ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ରଖିଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ଇଜିପ୍ଟର ଲୋକମାନେ ଜଗଲୁଲ୍ ପାଶାଙ୍କ ନେତୃତ୍ୱରେ ଆନ୍ଦୋଳନ ଚଳାଇଲେ । ଏହି ଆନ୍ଦୋଳନ ଫଳରେ ୧୯୨୨ ରେ ଇଂରେଜ ମାନେ ଫୁଆଦ ନାମକ ଜଣେ ଲୋକଙ୍କୁ ଇଜିପ୍ଟର ରାଜା କଲେ । ତାଙ୍କ ଅଧୀନରେ ଗୋଟିଏ ବ୍ୟବସ୍ଥାପକ ସଭା ରହିଲା, କିନ୍ତୁ ଇଜିପ୍ଟର ସ୍ତ୍ରା ଘାଟ ଉପରେ ଇଂରେଜମାନଙ୍କର ପୂର୍ଣ୍ଣ କର୍ତ୍ତୃତ୍ୱ ରହିଲା ଏବଂ ସଂଖ୍ୟା ଲଘିଷ୍ଠ ଦଳର ଭାର ଓ ଇଜିପ୍ଟକୁ ବୈଦେଶିକ ଆକ୍ରମଣରୁ ରକ୍ଷା କରିବା ଭାର ଇଂରେଜମାନଙ୍କର ସ୍ୱତନ୍ତ୍ର ଦାୟିତ୍ୱ ରୂପେ ରହିଲା । ଇଜିପ୍ଟର ଲୋକମାନେ ଏଥିରେ ଅସନ୍ତୁଷ୍ଟ ହୋଇ ପୁନର୍ବାର ଆନ୍ଦୋଳନ ଚଳାଇଲେ ।

ମହାସମର ପୂର୍ବେ ସିରିୟା, ପାଲେଷ୍ଟାଇନ୍, ଆରବ ଓ ଇରାକ୍ ପ୍ରଭୃତି ରାଜ୍ୟ ଗୁଡ଼ିକ ତୁରସ୍କ ଅଧୀନରେ ଥିଲା । ମହାସମର ପରେ ମିତ୍ରପକ୍ଷ ଏହି ରାଜ୍ୟ ଗୁଡ଼ିକୁ ତୁରସ୍କଠାରୁ ବିଚ୍ଛିନ୍ନ କରିଥିଲେ ଏବଂ ପାଲେଷ୍ଟାଇନ୍‌ର ପୂର୍ବକୁ ଟ୍ରାନ୍ସ

Digitized by srujanika@gmail.com

ଟ୍ରାନ୍ସଜୋର୍ଡାନ୍ ନାମକ ଆଉ ଗୋଟିଏ ନୂତନ ରାଜ୍ୟ ଗଠନ କରିଥିଲେ । ଏହି ରାଜ୍ୟ ଗୁଡ଼ିକୁ ସ୍ୱାଧୀନତା ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆ ଯାଇଥିଲା କିନ୍ତୁ ତାହା ନ ହୋଇ ଫ୍ରାନସ୍ ସିରିୟାକୁ ଅଧିକାର କଲା ଏବଂ ଇଂଲଣ୍ଡ, ପାଲେଷ୍ଟାଇନ୍ ଟ୍ରାନ୍ସ୍-ଜୋର୍ଡାନ୍ ଓ ଇରାକ୍‌କୁ ଅଧିକାର କଲା । ତେଣୁ ଏ ସବୁ ରାଜ୍ୟର ଲୋକମାନେ ଅସନ୍ତୁଷ୍ଟ ହୋଇ ସ୍ୱାଧୀନତା ପାଇଁ ଆନ୍ଦୋଳନ ଚଳାଇଲେ । କେବଳ ଆରବ ଇବନ୍-ସାଦ୍‌ଙ୍କ ନେତୃତ୍ୱରେ ଗୋଟିଏ ସ୍ୱାଧୀନ ରାଜ୍ୟ ରୂପେ ଗଠିତ ହୋଇ ପାରିଅଛି । ବହୁଦିନ ଆନ୍ଦୋଳନ ଚଳାଇବା ପରେ ଇରାକ୍ ଓ ସିରିୟା ସ୍ୱାଧୀନତା ଲାଭ କରି ଅଛନ୍ତି କିନ୍ତୁ ପାଲେଷ୍ଟାଇନ୍ ଓ ଟ୍ରାନ୍ସ୍-ଜୋର୍ଡାନ୍‌ର ସ୍ୱାଧୀନତା ସଂଗ୍ରାମ ଏପର୍ଯ୍ୟନ୍ତ ଚାଲିଅଛି ।

ତୁରସ୍କର ସୁଲତାନ କେନ୍ଦ୍ର ଶକ୍ତିମାନଙ୍କ ସହିତ ଯୋଗ-ଦେଇଥିଲେ । ଯୁଦ୍ଧ ପରେ ମିତ୍ରପକ୍ଷ ସୈନ୍ୟମାନେ ତୁରସ୍କକୁ ଦଣ୍ଡ ଦେବା ପାଇଁ ତୁରସ୍କର ଅଧୀନସ୍ଥ ରାଜ୍ୟ ଗୁଡ଼ିକୁ ଛଡ଼ାଇ ନେଇଥିଲେ ଏବଂ ତୁରସ୍କର ରାଜଧାନୀ କନ୍‌ଷ୍ଟାଣ୍ଟିନୋପଲ୍ (ଇଷ୍ଟାନ୍‌ବୁଲ୍) ରେ ସୈନ୍ୟ ରଖି ସୁଲତାନଙ୍କ ଉପରେ କ୍ଷମତା ବିସ୍ତାର କଲେ । ଏଥିରେ ଅସନ୍ତୁଷ୍ଟ ହୋଇ ତୁରସ୍କର ଲୋକମାନେ କେମାଲପାଶାଙ୍କ ନେତୃତ୍ୱରେ ସଶସ୍ତ୍ର ଆନ୍ଦୋଳନ କଲେ । ମିତ୍ରପକ୍ଷ କେମାଲଙ୍କ ଶକ୍ତି ବୁଝିପାରି ତାଙ୍କ ସହିତ ସନ୍ଧି କଲେ । ଏହାପରେ କେମାଲ ପାଶା ତୁରସ୍କରୁ ରାଜତନ୍ତ୍ର ଶାସନ ଲୋପକରି ଗଣତନ୍ତ୍ର ଶାସନ ପ୍ରତିଷ୍ଠା କଲେ ଏବଂ ନିଜେ ଗଣତନ୍ତ୍ରର ସଭାପତି ହୋଇ ଦେଶର ବହୁବିଧ ଉନ୍ନତି କରିଥିଲେ ।

Digitized by srujanika@gmail.com

ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତରେ ମଧ୍ୟ ଜାତୀୟ ଜାଗରଣ ଉପସ୍ଥିତ ହୋଇଥିଲା । ଇଂରେଜ ଶାସନରେ ସନ୍ତୁଷ୍ଟ ନ ହୋଇ ଭାରତୀୟମାନେ 'ଜାତୀୟ ମହାସଭା' ଗଠନ କରିଥିଲେ । ମହାସମର ସମୟରେ ଭାରତୀୟମାନେ ପୂର୍ଣ୍ଣ ପ୍ରାଣରେ ଇଂରେଜମାନଙ୍କୁ ସାହାଯ୍ୟ ଦେଇଥିଲେ । ଏହାର ପ୍ରତିଦାନସ୍ୱରୂପ ବ୍ରିଟିଶ ସରକାର ଭାରତକୁ ସ୍ୱାୟତ୍ତ ଶାସନ

ମହାତ୍ମା ଗାନ୍ଧି

ଦେବେ ବୋଲି ସ୍ୱୀକାର କରିଥିଲେ । କିନ୍ତୁ ଯୁଦ୍ଧ ଶେଷ ହେବା ପରେ ଯେଉଁ ଶାସନ ସଂସ୍କାର ହେଲା ସେଥିରେ ଭାରତୀୟମାନେ ଆଦୌ ସନ୍ତୁଷ୍ଟ ନହୋଇ ଆନ୍ଦୋଳନ ଚଳାଇଲେ । ବ୍ରିଟିଶ

Digitized by srujanika@gmail.com

ଇଂରେଜ ସରକାର ଏହି ଅନ୍ଦୋଳନକୁ ଦମନ କରିବା ପାଇଁ ଚେଷ୍ଟା କଲେ । ପରିଣାମରେ ଏହି ଅନ୍ଦୋଳନ ତୀବ୍ର ହୋଇ ଉଠିଲା । ମହାତ୍ମା ଗାନ୍ଧି 'ଜାତୀୟ ସଭା'ର (Indian National Congress) ନେତୃତ୍ୱ ଗ୍ରହଣ କରି ଅସହଯୋଗ ଅନ୍ଦୋଳନ ଚଳାଇଲେ । ଏହି ଅନ୍ଦୋଳନ ଅନେକ ବର୍ଷ ଚାଲିବା ପରେ ବ୍ରିଟିଶ ସରକାର ୧୯୩୫ ରେ ନୂତନ ଭାରତ ଶାସନ ଆଇନ ପ୍ରଣୟନ କଲେ । ଏଥିରେ ଭାରତୀୟଙ୍କ ହାତକୁ କେତେକ କ୍ଷମତା ଦିଆ ଯାଇଥିଲା; କିନ୍ତୁ ତାହା ଭାରତୀୟମାନଙ୍କର ଦାବୀ ତୁଳନାରେ ଅତି ସାମାନ୍ୟ । ତେଣୁ ଭାରତର ଅଧିକାଂଶ ପ୍ରଦେଶରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ପ୍ରତିଷ୍ଠିତ ହେଲେ ମଧ୍ୟ ଭାରତୀୟ ଗଣଅନ୍ଦୋଳନ ପୂର୍ବ ପରି ଚାଲିଲା ।

ମାଞ୍ଚୁ ସମ୍ରାଟମାନଙ୍କର ଶାସନରେ ଅସନ୍ତୁଷ୍ଟ ହୋଇ ଚୀନର ଲୋକମାନେ ବିଦ୍ରୋହ କରିଥିଲେ । ଚୀନାମାନଙ୍କର ନେତା ସନ୍-ୟାତ୍-ସେନ ୧୯୧୨ରେ ଚୀନରେ ଗଣତନ୍ତ୍ର ସ୍ଥାପନ କରିଥିଲେ । ୧୯୨୪ ପର୍ଯ୍ୟନ୍ତ ସେ ପ୍ରାଣପଣ ଚେଷ୍ଟା କରି ଦେଶରେ ଏକତା ଆଣିବାକୁ ସକ୍ଷମ ହୋଇଥିଲେ । କିନ୍ତୁ ମାଞ୍ଚୁ ସମ୍ରାଟ-ମାନଙ୍କ ପକ୍ଷରେ ଥିବା ଲୋକମାନେ ଅନ୍ତରସ୍ଥ ହେବାରୁ ସେ ଦୃଢ଼ କେନ୍ଦ୍ର ଶାସନ ପ୍ରତିଷ୍ଠା କରି ପାରିନଥିଲେ । ୧୯୨୪ରେ ସନ୍-ୟାତ୍-ସେନ୍ ଚୀନ ଶାସନ ପାଇଁ ଗୋଟିଏ ଶାସନ ଖସଡ଼ା ପ୍ରସ୍ତୁତ କଲେ । ସେହି ବର୍ଷ ଚୀନର ପ୍ରଥମ ଜାତୀୟ କଂଗ୍ରେସ ବସିଲା । ସନ୍-ୟାତ୍-ସେନଙ୍କ ଶାସନ ଖସଡ଼ା କଂଗ୍ରେସରେ ବିଚାର କରାଗଲା ଏବଂ ସର୍ବସମ୍ମତ କ୍ରମେ ଗୃହୀତ ହେଲା । ଏହାପରେ କିଛି ସମୟ ପାଇଁ ଚୀନରେ ଶାନ୍ତି ସ୍ଥାପିତ ହୋଇଥିଲା । ତା'ପର ବର୍ଷ ସନ୍-ୟାତ୍-ସେନ୍‌ଙ୍କର ମୃତ୍ୟୁ ଘଟିଥିଲା ।

Digitized by srujanika@gmail.com

ମହାସମର ପରେ ଇଉରୋପର ଅନ୍ୟାନ୍ୟ ଦେଶମାନଙ୍କ ପରି ଇଟାଲୀ ଓ ଜର୍ମାନୀରେ ମଧ୍ୟ ଅର୍ଥ ସଙ୍କଟ ଉପସ୍ଥିତ ହୋଇ ଥିଲା । ଏହି ଦୁଇ ଦେଶର ସରକାର ଗରିବ ଲୋକମାନଙ୍କର ଅବସ୍ଥା ପରିବର୍ତ୍ତନ କରିବା ପାଇଁ ଅନେକ ବ୍ୟବସ୍ଥା କରିଥିଲେ । କିନ୍ତୁ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କର ଅବସ୍ଥାରେ କୌଣସି ପରିବର୍ତ୍ତନ ହୋଇ ନଥିବାରୁ ସେମାନେ ଘୋର ଅସନ୍ତୁଷ୍ଟ ଥିଲେ । ଏହି ସମୟରେ ଇଟାଲୀରେ ବେନିଟୋ ମୁସୋଲିନି ନାମକ ଜଣେ ଲୋକ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କର ସ୍ୱାର୍ଥରକ୍ଷା କରିବା ପାଇଁ ଆନ୍ଦୋଳନ କଲେ । ଏହି ଆନ୍ଦୋଳନକୁ ଫାସିଷ୍ଟ ଆନ୍ଦୋଳନ କୁହାଯାଏ । ଜର୍ମାନୀରେ ମଧ୍ୟ ସେହି ସମୟରେ ହେର୍ ହିଟ୍‌ଲର ନାମକ ଜଣେ ଲୋକ ସେହି ଉଦ୍ଦେଶ୍ୟରେ ଆନ୍ଦୋଳନ କରିଥିଲେ । ହିଟ୍‌ଲରଙ୍କ ଆନ୍ଦୋଳନକୁ ନାଜି ଆନ୍ଦୋଳନ କୁହାଯାଏ । ଅଳ୍ପ ସମୟ ମଧ୍ୟରେ ମୁସୋଲିନି ଓ ହିଟ୍‌ଲର ନିଜ ନିଜ ଦେଶରେ ଅଧିକରୁ ଅଧିକ ଶକ୍ତି ସଞ୍ଚୟ କରି ସର୍ବେସର୍ବା ହୋଇଗଲେ । ଏହାପରେ ଭର୍ସେଲ୍‌ସ ସନ୍ଧିରେ ମିତ୍ରପକ୍ଷ ଜର୍ମାନୀ ପ୍ରତି ଯେ ଅନ୍ୟାୟ କରିଥିଲେ ତାହାର ପ୍ରତିକାର କରିବା ପାଇଁ ହିଟ୍‌ଲର ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ଏବଂ ଗୋପନରେ ଅନେକ ଯୁଦ୍ଧୋପକରଣ ପ୍ରସ୍ତୁତ କରାଇଲେ ।

ଦ୍ୱିତୀୟ ମହାସମର (୧୯୩୯-୪୫)—ଭର୍ସେଲ୍‌ସ ସନ୍ଧି ଅନୁସାରେ ଜର୍ମାନୀରୁ ଅନେକ ଅଞ୍ଚଳ କାଢ଼ି ନିଆ ଯାଇ ସ୍ୱତନ୍ତ୍ର ରାଜ୍ୟ ସବୁ ଗଢ଼ା ଯାଇଥିଲା । ସେଥି ମଧ୍ୟରୁ ଡାନ୍‌ଜିଗ୍ ଗୋଟିଏ । ଡାନ୍‌ଜିଗ୍ ଓ ପୋଲାଣ୍ଡ ମଧ୍ୟରେ ଥିବା ଅଞ୍ଚଳକୁ ପୋଲାଣ୍ଡ ସରକାରଙ୍କ ଅଧୀନରେ ରଖା ଯାଇଥିଲା । ଏସବୁ ଅଞ୍ଚଳରେ ବହୁସଂଖ୍ୟକ ଜର୍ମାନ୍ ବାସ କରନ୍ତି । ଏସବୁ ଅଞ୍ଚଳକୁ ଜର୍ମାନୀ ସହିତ ମିଶାଇବା ପାଇଁ ହିଟ୍‌ଲର ପୋଲାଣ୍ଡ ସରକାରଙ୍କ ସହିତ

Digitized by srujanika@gmail.com

କଥାବାର୍ତ୍ତା ଚଳାଇଲେ । କୌଣସି ନିଷ୍ପତ୍ତି ହୋଇ ନ ପାରିବାରୁ ହିଟ୍‌ଲର ୧୯୩୯ ଅଗଷ୍ଟ ୩୦ ତାରିଖରେ ଡାନ୍‌ଜିଗ୍ ଅକ୍ରମଣ କଲେ ଏବଂ ପୋଲାଣ୍ଡ ସରକାରଙ୍କ ନିକଟକୁ ୧୬ଟି ସର୍ତ୍ତ ବିଶିଷ୍ଟ ଗୋଟିଏ ଚରମପତ୍ର ପ୍ରେରଣ କଲେ । ତାହାର କୌଣସି ଉତ୍ତର ନ ପାଇବାରୁ ହିଟ୍‌ଲର ସେପ୍‌ଟେମ୍ବର ପହିଲା ତାରିଖରେ ପୋଲାଣ୍ଡ ଆକ୍ରମଣ କଲେ । ଏହା ପରେ ଇଂଲଣ୍ଡ ଓ ଫ୍ରାନ୍‌ସ ସରକାର ପୋଲାଣ୍ଡରୁ ସୈନ୍ୟ ଫେରାଇ ଆଣିବା ପାଇଁ ହିଟ୍‌ଲର ନିକଟକୁ ଚରମପତ୍ର ଦେଲେ । ହିଟ୍‌ଲର କୌଣସି ଉତ୍ତର ନଦେବାରୁ ଇଂଲଣ୍ଡ ଓ ଫ୍ରାନ୍‌ସ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ଏହିରୂପେ ଦ୍ୱିତୀୟ ମହାସମର ଆରମ୍ଭ ହେଲା । ଏ ଯୁଦ୍ଧରେ ଇଂଲଣ୍ଡ ଓ ତାହାର ମିତ୍ର ରାଜ୍ୟମାନଙ୍କୁ ମିତ୍ରଶକ୍ତି ଏବଂ ଜର୍ମାନୀ ଓ ତାହାର ମିତ୍ର ରାଜ୍ୟମାନଙ୍କୁ ଚକ୍ରଶକ୍ତି କୁହାଯାଏ ।

ଅଳ୍ପ କେତେ ମାସ ମଧ୍ୟରେ ହିଟ୍‌ଲର ପୋଲାଣ୍ଡ, ନରୱେ, ଡେନ୍‌ମାର୍କ, ହଲାଣ୍ଡ, ବେଲଜିଅମ୍, ଫ୍ରାନସ୍, ଗ୍ରୀସ୍ ଓ ଯୁଗୋସ୍ଲାଭିଆ ଦଖଲ କରି ୧୯୪୧ ବେଳକୁ ଇଂଲଣ୍ଡ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଲେ । ୧୯୪୦ରେ ଇଟାଲୀ ଜର୍ମାନୀ ସହିତ ଯୋଗଦାନ କରିଥିଲା । ୧୯୪୧ର ଶେଷ ଭାଗରେ ଜାପାନ ମଧ୍ୟ ଜର୍ମାନୀ ସହିତ ଯୋଗଦାନ କରି ଇଂଲଣ୍ଡ ଓ ଯୁକ୍ତରାଜ୍ୟ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ତେଣୁ ଯୁକ୍ତରାଜ୍ୟ ଇଂଲଣ୍ଡ ସହିତ ଯୋଗଦେଇ ଚକ୍ରଶକ୍ତି-ମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ଇଂଲଣ୍ଡ ଆକ୍ରମଣ କରିବା ସୁବିଧା ନ ହେବାରୁ ହିଟ୍‌ଲର ୧୯୪୧ରେ ରୁଷିଆକୁ ଆକ୍ରମଣ କଲେ । ୧୯୪୨ ପର୍ଯ୍ୟନ୍ତ ରୁଷିଆରେ ସେ ବିରାଟ

Digitized by srujanika@gmail.com

ଛକସ୍ତ ଲାଭ କରିଥିଲେ । କିନ୍ତୁ ତହିଁର ବର୍ଷେ ରୁଷିଆର ବର୍ତ୍ତମାନ ଶାସନକର୍ତ୍ତା ଷ୍ଟାଲିନ୍‌ଙ୍କ ଅଦମ୍ୟ ଚେଷ୍ଟା ଫଳରେ ରୁଷ ସୈନ୍ୟମାନେ ଜର୍ମାନ୍‌ମାନଙ୍କୁ ପଛକୁ ହଟାଇ ଦେଲେ । ସେହି ବର୍ଷ ଇଟାଲୀ ମିତ୍ରପକ୍ଷଠାରେ ଆତ୍ମସମର୍ପଣ କଲା । ଏହା ପରେ ଜର୍ମାନୀକୁ ପୂର୍ବରେ ରୁଷସୈନ୍ୟ ଓ ପଶ୍ଚିମରେ ମିତ୍ର ସୈନ୍ୟମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ପଡ଼ିଲା । ଶେଷରେ ୧୯୪୫ ମେ ମାସରେ ଜର୍ମାନୀ ମିତ୍ରପକ୍ଷଠାରେ ବିନା ସର୍ତ୍ତରେ ଆତ୍ମସମର୍ପଣ କଲା । ତାହାର ଛଅ ଦିନ ପୂର୍ବରୁ ହିଟ୍‌ଲର ପରାଜୟର ସୂଚନା ପାଇ ଯୁଦ୍ଧ ଭୂମିରେ ଆତ୍ମହତ୍ୟା କରିଥିଲେ ।

ପୂର୍ବ ପଟେ ଜାପାନ ଯୁକ୍ତରାଜ୍ୟର ଅଧୀନସ୍ଥ ପାର୍ଲ ବନ୍ଦର ଧ୍ୱଂସକରି ଫିଲିପାଇନ, ହଙ୍ଗ୍‌କଙ୍ଗ, ବର୍ମା, ମାଲୟ, ସିଙ୍ଗାପୁର ପ୍ରଭୃତି ଅଧିକାର କରି ଭାରତ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇଥିଲା । ଜର୍ମାନୀ ପରାସ୍ତ ହେବା ପରେ ମଧ୍ୟ ଜାପାନ ଏକାକୀ ଯୁଦ୍ଧ ଚଳାଇବାକୁ ପ୍ରସ୍ତୁତ ଥିଲା । କିନ୍ତୁ ମିତ୍ରପକ୍ଷ ପରମାଣୁ ବୋମା ସାହାଯ୍ୟରେ ଯୁଦ୍ଧ କରିବାରୁ ଜାପାନ ବାଧ୍ୟ ହୋଇ ୧୯୪୫ ଅଗଷ୍ଟ ମାସରେ ବିନା ସର୍ତ୍ତରେ ଆତ୍ମସମର୍ପଣ କଲା । ଯୁଦ୍ଧ ଶେଷ ହେବା ପରେ ମିତ୍ରପକ୍ଷ ବର୍ତ୍ତମାନ ଜର୍ମାନୀ ଓ ଜାପାନ ଶାସନ ନିୟନ୍ତ୍ରଣ କରୁଅଛନ୍ତି । ୧୯୪୪-୪୫ରେ ଶ୍ରୀଯୁକ୍ତ ସୁଭାଷ ବୋଷ ଭାରତରୁ ଯାଇ ବର୍ମାରେ ଏକ ଭାରତୀୟ ଜାତୀୟ ବାହିନୀ ଗଠନ କରିଥିଲେ । ଏହା ସାହାଯ୍ୟରେ ଭାରତ ଆକ୍ରମଣ କରି ବ୍ରିଟିଶମାନଙ୍କୁ ଘଉଡ଼ାଇ ଦେବା ତାଙ୍କ ଲକ୍ଷ୍ୟ ଥିଲା । କିନ୍ତୁ ଜାପାନର ପତନ ପରେ ଏହି ବାହିନୀ ସିଙ୍ଗାପୁରଠାରେ ଆତ୍ମସମର୍ପଣ

Digitized by srujanika@gmail.com

କରିଥିଲେ । ଶ୍ରୀଯୁକ୍ତ ବୋଷ ଉଡ଼ାଜାହାଜ ଦୁର୍ଘଟଣାରେ ନିହତ ହେଲେ ।

ଯୁଦ୍ଧୋତ୍ତର ପୃଥିବୀ—ପ୍ରଥମ ମହାସମର ପୃଥିବୀ ଉପରେ ଯେଉଁ ଦାରୁଣ ଦୁଃଖ ଲଦି ଦେଇଥିଲା ତାହା ଅପସାରିତ ହୋଇ ନ ହେଉଣୁ ଦ୍ୱିତୀୟ ମହାସମର ଲାଗିଗଲା । ଦ୍ୱିତୀୟ ମହାସମର ଦୀର୍ଘ ଛଅ ବର୍ଷ କାଳ ସ୍ଥାୟୀ ହୋଇ ସାରା ପୃଥିବୀରେ ଭୀଷଣ ଅର୍ଥନୈତିକ ଅବନତି ଘଟାଉଛି । ପ୍ରତ୍ୟେକ ଦେଶ ବର୍ତ୍ତମାନ ଦୁର୍ଭିକ୍ଷ ଓ ଅନ୍ୟାନ୍ୟ ଅନେକ ପ୍ରକାର ଅଭାବ ଓ ଅସୁବିଧା ମଧ୍ୟ ଦେଇ ଗତିକରୁଛନ୍ତି । ଏ ବିପଦରୁ ରକ୍ଷା ପାଇବା ପାଇଁ ପରାଧୀନ ଦେଶର ଲୋକମାନେ ସ୍ୱାଧୀନତା ପାଇଁ ତୀବ୍ର ଆନ୍ଦୋଳନ ଚଳାଇଲେଣି । ସ୍ୱାଧୀନତା ଓ ଗଣତନ୍ତ୍ର ଶାସନ ପ୍ରତି ଆଦର ଏସବୁ ଦେଶରେ ବିଶେଷ ଭାବରେ ବଢ଼ି ଯାଇଅଛି । ଏହାର ପରିଣାମରେ ସାମ୍ରାଜ୍ୟବାଦ ଓ ପୁଞ୍ଜିପତି ମାନଙ୍କର ପ୍ରଭାବ ପୃଥିବୀରୁ ଅଚିରେ ଲୋପ ପାଇବାର ଯଥେଷ୍ଟ ସମ୍ଭାବନା ଅଛି ।

ଏ ସବୁ ଗଣ ଅନ୍ଦୋଳନ ମଧ୍ୟରେ ଭାରତୀୟ ଗଣ-ଅନ୍ଦୋଳନ ବିଶେଷ ଉଲ୍ଲେଖଯୋଗ୍ୟ, କାରଣ ଏହି ଅନ୍ଦୋଳନର ଫଳାଫଳ ଉପରେ ପୃଥିବୀର ଶାନ୍ତି ଅନେକ ପରିମାଣରେ ନିର୍ଭର କରେ । ୧୯୩୫ ମସିହାର ଭାରତ ଶାସନ ଆଇନରେ ଅସନ୍ତୁଷ୍ଟ ହୋଇ ଭାରତୀୟ 'ଜାତୀୟ ମହାସଭା' ପୂର୍ବପରି ଅନ୍ଦୋଳନ ଚଳାଇଥିଲେ । ଦ୍ୱିତୀୟ ମହାସମର ପରେ ବ୍ରିଟିଶ ସରକାର ଭାରତକୁ ପରାଧୀନ କରି ରଖିବା ଅସମ୍ଭବ ମନେ କରି ଭାରତକୁ ସ୍ୱାଧୀନତା ଦେବାପାଇଁ ଆୟୋଜନ କଲେ । କେନ୍ଦ୍ରରେ ଅସ୍ଥାୟୀ ଜାତୀୟ ସରକାର ଗଢ଼ାଯାଇ ଭାରତର ଭବିଷ୍ୟତ ଶାସନ

Digitized by srujanika@gmail.com

ପାଇଁ ଗୋଟିଏ ନୂତନ ଶାସନ ଖସଡ଼ା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ କନ୍‌ଷ୍ଟିଚିଉଏଣ୍ଟ୍ ଅସେମ୍ବ୍ଲି ବସିଲା । ଭାରତର ଅଧିକାଂଶ ମୁସଲମାନମାନଙ୍କ ଦ୍ୱାରା ଗଠିତ ମୁସ୍‌ଲିମ୍ ଲୀଗ୍ ମୁସଲମାନମାନଙ୍କ ପାଇଁ ସ୍ୱତନ୍ତ୍ର ରାଜ୍ୟ (ପାକିସ୍ଥାନ) ଗଠନ

ପଣ୍ଡିତ ନେହୃରୁ

କରିବା ପାଇଁ ଆନ୍ଦୋଳନ କଲେ । ଫଳରେ ଭାରତର ପଶ୍ଚିମ ପଞ୍ଜାବ, ଉତ୍ତର ସୀମାନ୍ତ ପ୍ରଦେଶ, ସିନ୍ଧୁ, ପୂର୍ବବଙ୍ଗକୁ ଅଲଗା କରି-ଯାଇ ପାକିସ୍ଥାନ ଗଠିତ ହେଲା ଏବଂ ଉଦ୍‌ବୃତ୍ତ ପ୍ରଦେଶ ଗୁଡ଼ିକୁ ଭାରତ ଇଉନିଅନ୍ କୁହାଗଲା । ଲର୍ଡ଼ ୱାଭେଲ ଗଭର୍ଣ୍ଣର ଜେନେରେଲଙ୍କ ସ୍ଥାନରେ ଲର୍ଡ଼ ମାଉଣ୍ଟବ୍ୟାଟେନ୍ ନୂତନ ଗଭର୍ଣ୍ଣର ଜେନେରେଲ୍ ହୋଇ ଆସିଲେ । ୧୯୪୭ ଅଗଷ୍ଟ ୧୫ ତାରିଖ ଠାରୁ ଭାରତ ଇଉନିଅନ୍ ପୂର୍ଣ୍ଣ ଔପନିବେଶିକ ସ୍ୱାୟତ୍ତ ଶାସନ ଲାଭକଲା । ପଣ୍ଡିତ ଜହରଲାଲ ନେହୃରୁ ସ୍ୱାଧୀନ ଭାରତର ପ୍ରଥମ ମନ୍ତ୍ରୀମଣ୍ଡଳ ଗଠନ କରିଛନ୍ତି । ସହକାରୀ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ପଟେଲ ଓ ଅନ୍ୟ ମନ୍ତ୍ରୀମାନେ ଭାରତର ସର୍ବବିଧ କଲ୍ୟାଣ ସାଧନ କରିବା ନିମନ୍ତେ ପ୍ରୟାସ କରୁଅଛନ୍ତି ।

Digitized by srujanika@gmail.com

ଇଂରେଜ ସରକାରଙ୍କ ୧୯୪୭ ଘୋଷଣା ଅନୁଯାୟୀ ଲର୍ଡ଼ ମାଉଣ୍ଟବ୍ୟାଟେନ୍ ୧୯୪୮ ଜୁନ୍ ୨୧ ତାରିଖରେ ଭାରତରୁ ବିଦାୟ ନେଲେ ଓ ତାଙ୍କ ସ୍ଥାନରେ ମହାମାନ୍ୟ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ ବଡ଼ଲାଟ ରୂପେ ନିଯୁକ୍ତ ହୋଇ ଅଛନ୍ତି ।

ଆନ୍ତର୍ଜାତିକ ସମସ୍ୟା—ପ୍ରସ୍ତର ଯୁଗରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ପୃଥିବୀରେ ଅନେକ ଯୁଦ୍ଧ ହୋଇଯାଇଛି । କିନ୍ତୁ ବିଂଶ ଶତାବ୍ଦୀର ଯୁଦ୍ଧ ସମସ୍ତ ମାନବ ଜାତି ପକ୍ଷରେ ଯେପରି ମାରାତ୍ମକ ହୋଇଅଛି ଆଉ କୌଣସି ଯୁଗରେ ସେପରି ହୋଇ ନଥିଲା । ତାହାର କାରଣ ମନୁଷ୍ୟ ବର୍ତ୍ତମାନ ବିଜ୍ଞାନ ବଳରେ ଯୁଦ୍ଧ କରୁଅଛି । ମାନବ ଜାତିକୁ ବଞ୍ଚାଇ ରଖିବାକୁ ହେଲେ ବିଜ୍ଞାନ ଚର୍ଚ୍ଚାକୁ ବିନାଶ ପାଇଁ ତ୍ୟାଗ କରିବାକୁ ହେବ କିମ୍ବା ଯୁଦ୍ଧର ମୂଳ କାରଣ ସାମ୍ରାଜ୍ୟବାଦକୁ ଲୋପକରି ଦେଶ ଦେଶ ମଧ୍ୟରେ କୌଣସି ପାର୍ଥକ୍ୟ ନରଖି ସାରା ପୃଥିବୀର ଲୋକମାନଙ୍କୁ ନେଇ ଗୋଟିଏ ମାତ୍ର ସମାଜ ଗଠନ କରିବାକୁ ହେବ ଏବଂ ଗୋଟିଏ ଦେଶର ଲୋକେ ଅନ୍ୟ ଦେଶର ଲୋକମାନଙ୍କୁ ଯେପରି ବନ୍ଧୁ ଭାବରେ ଦେଖନ୍ତି ତାହାର ବ୍ୟବସ୍ଥା କରିବାକୁ ହେବ । ଏହା ବର୍ତ୍ତମାନ ମନୁଷ୍ୟ ସମ୍ମୁଖରେ ପ୍ରଧାନ ସମସ୍ୟା ରୂପେ ବିଦ୍ୟମାନ । ପ୍ରଥମ ମହାସମର ପରେ ପୃଥିବୀରେ ଚିର ଶାନ୍ତି ପ୍ରତିଷ୍ଠା କରିବା ପାଇଁ ମିତ୍ର ଶକ୍ତିମାନଙ୍କ ଚେଷ୍ଟାରେ ବିଶ୍ୱ-ଜାତି-ସଂଘ ଗଠିତ ହୋଇଥିଲା । ଦେଶ ଦେଶ ମଧ୍ୟରେ ବିବାଦ ଲାଗିଲେ ତାହାର ଆପୋଷ ନିଷ୍ପତ୍ତି କରିବା ପାଇଁ ଜାତି-ସଂଘ ଗୋଟିଏ ଆନ୍ତର୍ଜାତିକ ବିଚାର ଅଦାଲତ ସ୍ଥାପନ କରିଥିଲା । କେତେ ବର୍ଷ ପର୍ଯ୍ୟନ୍ତ ଜାତି-ସଂଘ ସଫଳତାର ସହିତ କାର୍ଯ୍ୟକରି ପୃଥିବୀରେ ଶାନ୍ତି

Digitized by srujanika@gmail.com

ସ୍ଥାପନ କରି ପାରିଥିଲେ । କିନ୍ତୁ ପରେ ଏହି ଅନୁଷ୍ଠାନ ବିଭିନ୍ନ ଦେଶମାନଙ୍କ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ପ୍ରତିଷ୍ଠା କରି ନପାରିବାରୁ ପୃଥିବୀରେ ଆଉ ଗୋଟିଏ ମହାସମର ଲାଗିଗଲା । ଦ୍ୱିତୀୟ ମହାସମର ପରେ ମଧ୍ୟ ମାନବ ଜାତିକୁ ଯୁଦ୍ଧ ବିପଦରୁ ରକ୍ଷାକରିବା ପାଇଁ ପୃଥିବୀର ବିଭିନ୍ନ ଶକ୍ତିମାନଙ୍କର ସମବେତ ଚେଷ୍ଟାରେ ଶାନ୍ତି ସମ୍ମିଳନୀ ବସିଛି । କିନ୍ତୁ ସାମ୍ରାଜ୍ୟବାଦୀ ଶକ୍ତିମାନେ ସାମ୍ରାଜ୍ୟବାଦ ତ୍ୟାଗ ନକରିବା ପର୍ଯ୍ୟନ୍ତ ଶାନ୍ତି ପ୍ରତିଷ୍ଠିତ ହେବା ଅସମ୍ଭବ ହେବ ।

—:0:—

ସମାପ୍ତ

ବ୍ରହ୍ମପୁର ଓଡ଼ିଶା ପ୍ରିଣ୍ଟିଙ୍ଗ୍ ଓ୍ୱାର୍କସ୍‌ରେ ଶ୍ରୀ ହାଡ଼ୁ ରଘୁଗୁରୁଙ୍କ ଦ୍ୱାରା ମୁଦ୍ରିତ ।
୧୯୫୦ ।

Digitized by srujanika@gmail.com